DHARITRI
ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨/୨୦୨୩ (୨୦ ପୃଷ୍ଠା) | Bhubaneswar, Monday, January 2/2023 | Page 20 | ₹ 7.00
୪୯ଶ ଭାଗ ୪୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 40 | ମୂଲ୍ୟ₹୭/-










# ପୁଣି ବଢ଼ିଲା ରାତ୍ରି ତାପମାତ୍ରା, ୨ଦିନ ଘନ କୁହୁଡ଼ି

ଭୁବନେଶ୍ୱର, ୧୧(ବ୍ୟୁରୋ)

ସାମୁଦ୍ରିକ ବାୟୁର ପ୍ରଭାବ ଯୋଗୁ ରାଜ୍ୟରେ ଶୀତର ପ୍ରକୋପ କମିବା ସହ ରାତ୍ରି ତାପମାତ୍ରା ପୁଣିଥରେ ବଢ଼ିଛି। ଫଳରେ ରାତିରେ ଶୀତ ଉଭେଇ ଯାଇଥିବା ଅନୁଭବ ହେଉଛି। ସେପଟେ ସାମୁଦ୍ରିକ ବାୟୁ ପ୍ରଭାବରେ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ପରିମାଣ ବୃଦ୍ଧି ପାଇଥିବାବେଳେ ଗୁରୁଚାପ ବଳୟର ସକ୍ରିୟତା ଯୋଗୁ ବାୟୁମଣ୍ଡଳର ସ୍ଥିରତା ବଢ଼ିଛି। ଏଥିସହିତ ରାତ୍ରି ସମୟରେ ଆକାଶ ନିର୍ମଳ ରହୁଥିବାରୁ ଆସନ୍ତା ୨ଦିନ ରାଜ୍ୟର କିଛି ଅଞ୍ଚଳରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସୋମବାର ଅନୁଗୋଳ, ଢେଙ୍କାନାଳ, କଟକ, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ବୌଦ୍ଧ ଏବଂ ସୋନପୁର ଆଦି ୮ ଜିଲାରେ ଘନ କୁହୁଡ଼ି ହେବ। ତେଣୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିଭଳି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, କୋରାପୁଟ, ରାୟଗଡ଼ା, କେନ୍ଦୁଝର, ମୟୂରଭଞ୍ଜ ଏବଂ ବଲାଙ୍ଗୀରର କିଛି ସ୍ଥାନରେ କୁହୁଡ଼ି ହେବାର ଆଶଙ୍କା ରହିଛି। ମଙ୍ଗଳବାର ରାୟଗଡ଼ା, ଗଞ୍ଜାମ, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, କଟକ ଏବଂ ଢେଙ୍କାନାଳରେ କୁହୁଡ଼ି ହେବ। ସେପଟେ ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡ଼ା ୧୧.୨, ସୁନ୍ଦରଗଡ଼ ୧୧.୫, ଦାରିଙ୍ଗବାଡ଼ି ୧୨, ବୌଦ୍ଧ ୧୩, ନୟାଗଡ଼ ୧୩, କୋରାପୁଟ ୧୩ ଓ ହୀରାକୁଦର ସର୍ବନିମ୍ନ ତାପମାତ୍ରା ୧୩.୯ ଡିଗ୍ରୀ ରେକର୍ଡ କରାଯାଇଛି।





























































# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨/୨୦୨୩ | Bhubaneswar, Monday, January 2/2023 | ପୃଷ୍ଠା-୧




## ରୋହିତଙ୍କ ଉପରେ ଆସ୍ଥା

ଟେଷ୍ଟ ଓ ଦିନିକିଆ ପାଇଁ ରୋହିତ ଶର୍ମାଙ୍କ ନେତୃତ୍ୱ ଉପରେ ଆସ୍ଥା ସ୍ଥାପନ କରିଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ।

୧୮ | ୧୫

## ବିବାହ କରିବେ କିଆରା

ବଲିଉଡ୍ ଅଭିନେତ୍ରୀ କିଆରା ଆଡଭାନି ଅଭିନେତା ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ଫେବୃୟାରୀ ୬ରେ ବିବାହ କରିବାକୁ ଯାଉଥିବା ଖବର ଚର୍ଚ୍ଚା ହେଉଛି।





ନୂତନ ବର୍ଷର ପ୍ରଥମ ଦିନ ରବିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀ ମାର୍କେଟ ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ ନିର୍ମିତ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁଙ୍କ ଲମ୍ୱାଧାଡ଼ି। **(ଫଟୋ- ଯଜ୍ଞେଶ୍ୱର)**

# ବିଦେଶୀ ନାଗରିକଙ୍କୁ ଗଣ୍ଡେଇ ଦେଲା କିଏ

ରାୟଗଡ଼ା,୧।୧(ସ୍ୱ.ପ୍ର.)

**୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା**

- **ହୋଟେଲରେ ୨୦ କର୍ମଚାରୀଙ୍କୁ ଜେରା**
- **ପାଭେଲ ସହ ବିଦାନୋଭଙ୍କ ମୃତ୍ୟୁର ତଦନ୍ତ ଜାରି**
- **ଆବଶ୍ୟକ ହେଲେ ଇଣ୍ଟରପୋଲ ସହାୟତା ନିଆଯିବ: ଡିଜିପି**

ଓଡ଼ିଶା ଭ୍ରମଣରେ ଆସି ରୁଷୀୟ ପର୍ଯ୍ୟଟକ ତଥା ସେଠାକାର ଏମ୍‌ପି ଆଣ୍ଟୋଭ ପାଭେଲ ଏବଂ ଭ୍ଲାଡିମିର ବିଦାନୋଭଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ କ୍ରାଇମ ବ୍ରାଞ୍ଚ ପକ୍ଷରୁ ରାୟଗଡ଼ାରେ ତଦନ୍ତ ଜାରି ରହିଛି। ତଦନ୍ତ ବେଳେ ଗୋଟିଏ ପରେ ଗୋଟିଏ ରହସ୍ୟ ପଦାକୁ ଆସୁଛି। ତୃତୀୟ ଦିନ ରବିବାର କ୍ରାଇମ ବ୍ରାଞ୍ଚ ପକ୍ଷରୁ ଡିଏସ୍‌ପି ସରୋଜକାନ୍ତ ମହାନ୍ତ ଏବଂ ଇନ୍ସପେକ୍ଟର ମମତାରାଣୀ ପଣ୍ଡା ହୋଟେଲ ମାଲିକ ଏବଂ କର୍ମଚାରୀଙ୍କୁ ପୃଥକ ଭାବେ ଡକାଇ ଜେରା କରିଛନ୍ତି। ସେମାନଙ୍କ ବୟାନର ଭିଡିଓଗ୍ରାଫି କରାଯାଇଥିବା ଜଣାପଡ଼ିଛି। ହୋଟେଲ ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ସାହୁ, ମ୍ୟାନେଜର କୌଶିକ୍ ଠାକେରଙ୍କ ସମେତ ୩ ରିସେପ୍ସନିଷ୍ଟ, ସୁପରଭାଇଜର, ରେଷ୍ଟୋରାଁ କ୍ୟାପ୍‌ଟେନ, ହୋଟେଲ ବୟ, ରୁମ୍ ଆଟେଣ୍ଡାଣ୍ଟ ଏବଂ ହୋଟେଲର ଅନ୍ୟ କର୍ମଚାରୀଙ୍କୁ ଅଧିକାରୀମାନେ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ କରିଛନ୍ତି। ଟିମ୍ ସକାଳେ ରାୟଗଡ଼ା ଟାଉନ ଥାନାକୁ ଯାଇ ପୋଲିସ ସହ ଆଲୋଚନା କରି ବିଭିନ୍ନ ତଥ୍ୟ ମାଗିଥିଲା। ସେଠାରୁ ଡିଏସ୍‌ପି ମହାନ୍ତ, ଇନ୍ସପେକ୍ଟର ମମତାରାଣୀ ପଣ୍ଡା ଏବଂ ୩ ଅଫିସର ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଦ୍ୱିତୀୟ ଡଙ୍କା**

## ପୂର୍ଣ୍ଣ ଦର୍ଶକଙ୍କ କ୍ଷମତାରେ ହେବ ହକି ବିଶ୍ୱକପ୍

ଭୁବନେଶ୍ୱର,୧।୧(ବ୍ୟୁରୋ)

ଓଡ଼ିଶାରେ ହକି ବିଶ୍ୱକପ୍ ଆୟୋଜନରେ ଯେପରି ଟିକେ ବି ଭୁଲ୍ ନ ହୁଏ, ସେନେଇ ରାଜ୍ୟ ସରକାର ସମସ୍ତ ପ୍ରକାର ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛନ୍ତି। ଗତ ୨ ବର୍ଷ ହେଲା କୋଭିଡ୍ ଯୋଗୁ ସାରା ଦେଶରେ କରୋନା କଟକଣା ରହିଥିଲା। ତେବେ ଚଳିତ ଥର ରାଜ୍ୟ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଉଛି। ଚାଇନା ଏବଂ ଅନ୍ୟାନ୍ୟ ଦେଶରେ କରୋନା ବୃଦ୍ଧି ପାଉଥିବା ବେଳେ ଭାରତ ତଥା ଓଡ଼ିଶାରୁ ମଧ୍ୟ ନୂଆ ଭାରିଏଣ୍ଟର କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ତଥାପି ପୂର୍ଣ୍ଣ ଦର୍ଶକଙ୍କ କ୍ଷମତାରେ ଏଥର ହକି ବିଶ୍ୱକପ୍ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ବିଶ୍ୱକପ୍ ପାଇଁ କୌଣସି ବାଧ୍ୟତାମୂଳକ ଗାଇଡ୍ ଲାଇନ ରହିବ ନାହିଁ। ହକି ବିଶ୍ୱକପ୍ ରୂପରେଖ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ତାଙ୍କ ପ୍ରତିକ୍ରିୟାରେ ଏହା କହିଛନ୍ତି। ହକି ମହାକୁମ୍ଭ ପାଇଁ ରାଜ୍ୟ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବାବେଳେ ☞ପୃଷ୍ଠା-୨

# ନୂଆବର୍ଷରେ ସମ୍ପର୍କରେ ତିକ୍ତତା | ନେଇଗଲେ ୩ ଜୀବନ

**ଲୋକଙ୍କ ମଧ୍ୟରେ ହିଂସା ପ୍ରବଣତା ବଢ଼ିବାରେ ଲାଗିଛି। କ୍ରୋଧ ମାନୁନି ସମ୍ପର୍କ। ଫଳରେ କେତେବେଳେ ବାପ ପୁଅକୁ ମାରୁଛି ତ ଆଉ କେତେବେଳେ ପୁଅ ବାପାଙ୍କୁ, ଭାଇ ଭାଇଙ୍କୁ, ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ପଛାଉ ନାହାନ୍ତି। ଏପରି କି ସାମାନ୍ୟ କଳହକୁ ନେଇ ପ୍ରତିଦିନ ବିଭିନ୍ନ ସ୍ଥାନରେ ହତ୍ୟା ଭଳି ଘଟଣା ଘଟୁଛି। ରବିବାର ନୂଆ ବର୍ଷ-୨୦୨୩କୁ ସମସ୍ତେ ଖୁସି ଉଲ୍ଲାସର ସହ ସ୍ୱାଗତ କରୁଥିବାବେଳେ ଗଞ୍ଜାମ, ମାଲକାନାଗିରି ଏବଂ ଦେବଗଡ଼ରେ କିଛି ଅଭାବନୀୟ ଘଟଣା ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗଞ୍ଜାମରେ ପାରିବାରିକ କଳହରୁ ସ୍ତ୍ରୀଙ୍କୁ ତଣ୍ଟି ଚିପି ମାରିବା ପରେ ସ୍ୱାମୀ ଜିରୋ ନାଇଟ୍ ପାଳନ କରିଛନ୍ତି। ଦେବଗଡ଼ରେ ନୂଆବର୍ଷ ପାଳନ ପାଇଁ ବାପା ଟଙ୍କା ଦେବାକୁ ମନା କରିବାରୁ ଉତ୍‌କ୍ଷିପ୍ତ ହୋଇ ପୁଅ ବାପାଙ୍କୁ ଛୁରୀ ଭୁସି ହତ୍ୟା କରିଛନ୍ତି। ଅନୁରୂପ ଭାବେ ମାଲକାନଗିରିରେ ପାରିବାରିକ ସମ୍ପର୍କ ନ ହେଲେ ମଧ୍ୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସାମାନ୍ୟ ବଚସାକୁ କେନ୍ଦ୍ର କରି ଜଣେ ପିଅନ ଶିକ୍ଷକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ସମସ୍ତଙ୍କୁ ଚକିତ କରିଦେଇଛି।**

## ସ୍ତ୍ରୀଙ୍କୁ ହତ୍ୟାକରି ଜିରୋ ନାଇଟ୍ ପାଳିଲେ ସ୍ୱାମୀ

ଗଞ୍ଜାମ,୧।୧(ଡି.ଏନ.ଏ.)

ଗଞ୍ଜାମ ଜିଲା ରମ୍ଭା ଥାନା ଅଞ୍ଚଳରେ ବିଦାୟୀ ବର୍ଷର ଶେଷ ରାତିରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିବା ପରେ ଜିରୋ ନାଇଟ ପାଳନ କରିଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ହୁମ୍ମା ଫାଣ୍ଡି ଅନ୍ତର୍ଗତ ମୟୁରପଦା ଗ୍ରାମର ସି.ଏଚ. ଲକ୍ଷ୍ମଣ ରେଡ୍ଡୀ। ଶନିବାର ରାତିରେ ସ୍ତ୍ରୀ ଜାନକୀ ରେଡ୍ଡୀଙ୍କୁ ସେ ଶ୍ୱାସରୁଦ୍ଧ କରି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହୁମ୍ମା ଫାଣ୍ଡି ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଛତ୍ରପୁର ମେଡିକାଲକୁ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି।

ମୟୂରପଦା ଗ୍ରାମର ଲକ୍ଷ୍ମଣ ୧୭ ବର୍ଷ ପୂର୍ବେ ବେଣୀଗୌରୀ ଗ୍ରାମର ରଘୁନାଥ ରେଡ୍ଡୀଙ୍କ ଝିଅ ଜାନକୀଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ବିବାହ ପରଠାରୁ ଅଧିକ ଯୌତୁକ ଦାବିରେ ସ୍ତ୍ରୀ ଜାନକୀଙ୍କୁ ସେ ଅଧିକାଂଶ ସମୟରେ ମାରଧର କରୁଥିଲେ। ଲକ୍ଷ୍ମଣ ପେସାରେ ଜଣେ ଡ୍ରାଇଭର। ସେ ବାହାର ରାଜ୍ୟରେ ଗାଡ଼ି ଚଳାଉଥିବାବେଳେ ଆଠ ଦିନ ତଳେ ଗାଁକୁ ଆସିଥିଲେ। ସବୁବେଳେ ସ୍ତ୍ରୀସ୍ୱାମୀଙ୍କ ମଧ୍ୟରେ ଝଗଡ଼ା ☞ପୃଷ୍ଠା-୨

## ହାତଖର୍ଚ୍ଚ ଦେଲେନି ବୋଲି ବାପାଙ୍କୁ ହତ୍ୟାକଲେ ପୁଅ

ଦେବଗଡ,୧।୧(ଡି.ଏନ୍.ଏ.)

ନୂଆବର୍ଷ ଖର୍ଚ୍ଚ ନ ଦେବାରୁ ବାପାଙ୍କୁ ଛୁରି ଭୁସି ହତ୍ୟାକରିଛନ୍ତି ପୁଅ। ଦେବଗଡ ଥାନା ତଥା ବାରକୋଟ ବ୍ଲକ ଅନ୍ତର୍ଗତ କାଉଁଶିବାହାଲ ଗ୍ରାମର ରତ୍ନାକର ପ୍ରଧାନ(୭୦)ଙ୍କୁ ପୁଅ ଦୁର୍ଯ୍ୟୋଧନ(୪୨) ହତ୍ୟା କରିବା ପରେ ପୋଲିସ ତାଙ୍କୁ ଗିରଫ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଛୁରି ଜବତ କରିଛି।



ଗିରଫ ଦୁର୍ଯ୍ୟୋଧନ ପ୍ରଧାନ

ମିଳିଥିବା ସୂଚନା ଅନୁସାରେ ରବିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ରତ୍ନାକର ଘର ଅଗଣାରେ ଶୋଇଥିଲେ। ଏହି ସମୟରେ ଦୁର୍ଯ୍ୟୋଧନ ସେଠାକୁ ଆସି ବାପାଙ୍କୁ ନୂଆବର୍ଷ ପାଇଁ ହାତଖର୍ଚ୍ଚ ବାବଦକୁ କିଛି ଟଙ୍କା ମାଗିଥିଲେ। ☞ପୃଷ୍ଠା-୨

## ଶିକ୍ଷକଙ୍କୁ ଟାଙ୍ଗିଆଚୋଟରେ ହାଣିଲେ ପିଅନ

ମାଲକାନଗିରି,୧।୧ (ଡି.ଏନ୍.ଏ.)

ବର୍ଷର ପ୍ରଥମ ଦିନରେ ମାଲକାନଗିରିର ଏକ ଶିକ୍ଷାନୁଷ୍ଠାନରେ ହତ୍ୟାକାଣ୍ଡ ଘଟିଛି। ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ (ପିଅନ)ଙ୍କ ଟାଙ୍ଗିଆ ଚୋଟରେ ଶିକ୍ଷକଙ୍କ ମୃତ୍ୟୁ ହୋଇଛି। ମୃତ ଶିକ୍ଷକଙ୍କ ନାମ ନିରାକାର ସେଠୀ। ପୋଲିସ ଅଭିଯୁକ୍ତ ପିଅନ ନରେଶ କ୍ଷତିୟଙ୍କୁ ଗିରଫ କରିଛି। ମିଳିଥିବା ସୂଚନା ଅନୁସାରେ ସ୍ଥାନୀୟ ଶିଶୁ ବିଦ୍ୟାମନ୍ଦିରରେ ନିରାକାର ଦୀର୍ଘବର୍ଷ ହେଲା ଶିକ୍ଷାଦାନ କରୁଥିଲେ। ରବିବାର ସକାଳେ କୌଣସି କାର୍ଯ୍ୟରେ ସେ ଶିଶୁବିଦ୍ୟାମନ୍ଦିରକୁ ଯାଇଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ୪ର୍ଥ ଶ୍ରେଣୀ କର୍ମଚାରୀ ନରେଶଙ୍କ ସହ ତାଙ୍କର କୌଣସି କଥାକୁ ନେଇ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନରେଶ ଏକ ଟାଙ୍ଗିଆ ଆଣି ନିରାକାରଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ଫଳରେ ସେ ଗୁରୁତର ଅବସ୍ଥାରେ ସେଠାରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ନିରାକାରଙ୍କୁ ସଙ୍ଗେସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ମାଲକାନଗିରି ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ☞ପୃଷ୍ଠା-୨

## ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ୨୫ ଟଙ୍କା ବଢ଼ିଲା

ନୂଆଦିଲ୍ଲୀ,୧।୧



ନୂଆବର୍ଷ ଆରମ୍ଭରେ ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ପିଛା ଦର ୨୫ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଦିଲ୍ଲୀରେ ୧୯ କିଲୋଗ୍ରାମ ସିଲିଣ୍ଡର ଦାମ୍ ୧,୭୬୭ ଟଙ୍କାରେ ପହଞ୍ଚିଥିବାବେଳେ ମୁମ୍ବାଇରେ ୧,୭୨୧, କୋଲକାତାରେ ୧,୮୭୦ ଏବଂ ଚେନ୍ନାଇରେ ୧,୯୭୧ ଟଙ୍କା ହୋଇଛି। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ଏହା ନୂଆବର୍ଷ ଭେଟି ବୋଲି ବିରୋଧୀ ଦଳ କଂଗ୍ରେସ ତାଚ୍ଛଲ୍ୟ କରିବା ସହ ଏହା ଆରମ୍ଭ ମାତ୍ର ବୋଲି ଟୁଇଟ୍ କରିଛି। ତୈଳ ବିପଣନ କମ୍ପାନୀମାନେ ପୂର୍ବରୁ କ୍ରମାଗତ ୩ ଥର ବ୍ୟବସାୟିକ ଏଲ୍‌ପିଜି ସିଲିଣ୍ଡର ଦର କମାଇବା ପରେ ଜାନୁୟାରୀ ୧ରେ ୨୫ ଟଙ୍କା ବଢ଼ାଇଛନ୍ତି। ତେବେ ଘରୋଇ ଏଲ୍‌ପିଜି ଦର ଅପରିବର୍ତ୍ତିତ ରହିଛି। ଗତବର୍ଷ ୪ ଥର ଘରୋଇ ଏଲ୍‌ପିଜି ଦର ବୃଦ୍ଧି ପାଇଥିଲା। ଜୁଲାଇ ୬ରେ ଶେଷ ଥର ପାଇଁ ଘରୋଇ ରନ୍ଧନ ଗ୍ୟାସ୍ ଦର ୫୦ ଟଙ୍କା ବଢ଼ିଥିଲା।

## କ୍ୟାନ୍‌ସର ସେଲ୍ ନାଶ କରିବ କୃତ୍ରିମ ଡିଏନ୍‌ଏ

ଟୋକିଓ,୧।୧

ସଦ୍ୟଶିଶୁଠାରୁ ଆରମ୍ଭ କରି ବୟସ୍କ, ପ୍ରତ୍ୟେକ ବୟସ ବର୍ଗର ଲୋକେ ବର୍ତ୍ତମାନ କ୍ୟାନ୍‌ସରରେ ଆକ୍ରାନ୍ତ ହେବାରେ ଲାଗିଛନ୍ତି। ଏହି ରୋଗ ଭଲ କରିବା ଲାଗି ଉପଲବ୍ଧ ଥିବା ଚିକିତ୍ସା ପଦ୍ଧତି ବ୍ୟୟବହୁଳ ହୋଇଥିବାବେଳେ ଏହା ରୋଗୀ ଶରୀରରେ ବହୁ ପାର୍ଶ୍ୱ ପ୍ରତିକ୍ରିୟା ପକାଉଥିବା ଦେଖାଯାଉଛି। ଏ ପ୍ରକାର ସମସ୍ୟାରୁ ରୋଗୀଙ୍କୁ ଲାଘବ କରିବା ଲାଗି ଟୋକିଓ ବିଶେଷଜ୍ଞମାନେ କର୍କଟ ରୋଗ ଲାଗି ନୂଆ ଚିକିତ୍ସା ପଦ୍ଧତି ଆବିଷ୍କାର କରିଛନ୍ତି। ଔଷଧ ଛଡ଼ା ଏବେ ଡିଏନ୍‌ଏ ସାହାଯ୍ୟରେ କର୍କଟ ରୋଗର ଚିକିତ୍ସା କରାଯାଇପାରିବ। ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ କୃତ୍ରିମ ଡିଏନ୍‌ଏ ଆବିଷ୍କାର କରିଛନ୍ତି, ଯାହା କ୍ୟାନ୍‌ସର ସେଲ୍‌ର ବିନାଶ କରିବ। ଅଧ୍ୟୟନ ସମ୍ପର୍କିତ ବିସ୍ତୃତ ତଥ୍ୟ ଆମେରିକା କେମିକାଲ ସୋସାଇଟିରେ ପ୍ରକାଶ ପାଇଛି।



କ୍ୟାନ୍‌ସରର ଚିକିତ୍ସା ପାଇଁ ସାଧାରଣ ଭାବେ ଡିଏନ୍‌ଏ କିମ୍ବା ଆର୍‌ଏନ୍‌ଏ ପ୍ରୋଟିନ୍‌ର ବ୍ୟବହାର ହୋଇ ନ ଥାଏ। ଏଥିଲାଗି ଡିଏନ୍‌ଏକୁ ନେଇ ବିଶେଷଜ୍ଞଙ୍କ ତରଫରୁ କରାଯାଇଥିବା ଗବେଷଣା ଚ୍ୟାଲେଞ୍ଜିଙ୍ଗ ଥିବା ଟୋକିଓ ୟୁନିଭର୍ସିଟି ପ୍ରଫେସର ଓକାମୋଟୋ କହିଛନ୍ତି। ମେଡିସିନ୍ ମନୁଷ୍ୟ ଶରୀରରେ କ୍ୟାନ୍‌ସର ପ୍ରଭାବକୁ କମାଇଥାଏ, କିନ୍ତୁ କ୍ୟାନ୍‌ସର ସେଲ୍‌କୁ ବିନାଶ ଲାଗି ବିଶେଷଜ୍ଞ ଡିଏନ୍‌ଏ ପଦ୍ଧତିକୁ ଖୋଜି ବାହାର କରିଛନ୍ତି। ବିଶେଷଜ୍ଞଙ୍କ ଦ୍ୱାରା ବିକଶିତ ହେୟାର୍ ପିନ୍ ଆକୃତିର ଡିଏନ୍‌ଏ ଷ୍ଟ୍ରାଣ୍ଡ ଶରୀରରେ ପ୍ରାକୃତିକ ରୋଗପ୍ରତିରୋଧକ ☞ପୃଷ୍ଠା-୨

# ସହରାଞ୍ଚଳରେ ବଢୁଛି ବେରୋଜଗାରୀ

**ସିଏମ୍‌ଆଇଇ ତଥ୍ୟ**

- **୨୦୨୨ ଡିସେମ୍ବରରେ ୮.୩୦%କୁ ବୃଦ୍ଧି**
- **ଦେଶରେ ୧୬ ମାସରେ ସର୍ବାଧିକ ୮.୩%**
- **ଓଡ଼ିଶାରେ ସର୍ବନିମ୍ନ ୦.୯%**

ନୂଆଦିଲ୍ଲୀ,୧।୧

୨୦୨୨ ନଭେମ୍ବରରେ ଦେଶରେ ବେକାରି ହାର ୮% ଥିବାବେଳେ ଡିସେମ୍ବର ମାସରେ ଏହା ୮.୩୦%କୁ ବୃଦ୍ଧି ପାଇଛି। ବେରୋଜଗାରୀ ବୃଦ୍ଧିରେ ଏହା ଗତ ୧୬ ମାସରେ ସର୍ବାଧିକ ବୋଲି ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି (ସିଏମ୍‌ଆଇଇ) ତଥ୍ୟରୁ ରବିବାର ସ୍ପଷ୍ଟ ହୋଇଛି। ଭାଜପା ଶାସିତ ହରିୟାଣାରେ ସର୍ବାଧିକ ୩୭.୪% ଥିବାବେଳେ ଓଡ଼ିଶାରେ ଏହା ୦.୯% ରହିଥିବା କେତେକ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି।

ମୁମ୍ବାଇରେ ମୁଖ୍ୟାଳୟ ଥିବା ଇକୋନୋମିକ୍ ଥିଙ୍କଟ୍ୟାଙ୍କ ସିଏମ୍‌ଆଇଇ ଡେଟା ଅନୁସାରେ ଡିସେମ୍ବରରେ ସହରାଞ୍ଚଳରେ ବେରୋଜଗାରୀ ହାର ୧୦.୯% ଥିବାବେଳେ ପୂର୍ବ ମାସରେ ୮.୯୬% ରହିଥିଲା। ଅନ୍ୟପକ୍ଷେ ଗ୍ରାମାଞ୍ଚଳରେ ଏହା ୭.୫୫%ରୁ ୭.୪୪%କୁ ଖସିଥିଲା। ସିଏମ୍‌ଆଇଇ ପରିଚାଳନା ନିର୍ଦ୍ଦେଶକ ମହେଶ ବ୍ୟାସ କହିଛନ୍ତି, ଦେଶରେ ବଢୁଥିବା ବେରୋଜଗାରୀ ହାର ବୃଦ୍ଧି ଯେତେ ଚିନ୍ତାଜନକ ମନେହେଉଛି, ସେତିକି ଖରାପ ନୁହେଁ। ଡିସେମ୍ବରରେ ଶ୍ରମ ଯୋଗଦାନ ହାର ୪୦.୪୮%କୁ ବଢ଼ିଛି, ଯାହାକି ଗତ ବର୍ଷକ ମଧ୍ୟରେ ସର୍ବାଧିକ। ଏଥିଯୋଗୁ ବେରୋଜଗାରୀ ଏତେ ଉପରକୁ ଚଢ଼ିଯାଇଛି। ଡିସେମ୍ବରରେ ବେରୋଜଗାରୀ ୩୭.୧% ବଢ଼ିଛି, ଯାହାକି ୨୦୨୨ ଜାନୁୟାରୀ ପରଠାରୁ ସର୍ବାଧିକ ବୋଲି ସେ ସୂଚନା ଦେଇଛନ୍ତି।



ଉଚ୍ଚ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ଓ ନିଯୁକ୍ତି ବଜାରରେ ପ୍ରବେଶ କରୁଥିବା ଅନେକ ନିୟୁତ ଆଶାୟୀଙ୍କୁ ଚାକିରି ଯୋଗାଇଦେବା ୨୦୨୪ ଜାତୀୟ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରଶାସନ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ହୋଇ ରହିଛି। ମୁଖ୍ୟ ବିରୋଧୀ ଦଳ କଂଗ୍ରେସ କନ୍ୟାକୁମାରୀରୁ ଜମ୍ମୁ-କଶ୍ମୀର ପର୍ଯ୍ୟନ୍ତ 'ଭାରତ ଯୋଡ଼ୋ ଯାତ୍ରା' ଚଳାଇଛି। ଦରଦାମ୍ ବୃଦ୍ଧି, ବେରୋଜଗାରୀ ଏବଂ ମୋଦିଙ୍କ ଭାଜପାର ବିଭାଜନବାଦୀ ରାଜନୀତି ବିରୋଧରେ ଲୋକଙ୍କୁ ଏକାଠି କରିବା ଏହି ୩,୫୦୦ କି.ମି. ପଦଯାତ୍ରାର ଉଦ୍ଦେଶ୍ୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୨

| ରାଜ୍ୟ | ବେରୋଜଗାରୀ ହାର |
|---|---|
| ବିହାର | ୧୯.୧% |
| ଆସାମ | ୪.୭% |
| ହରିୟାଣା | ୩୭.୪% |
| ହିମାଚଳ | ୭.୬% |
| ଜମ୍ମୁ-କଶ୍ମୀର | ୧୪.୮% |
| ଝାଡ଼ଖଣ୍ଡ | ୧୮.୦% |
| ରାଜସ୍ଥାନ | ୨୮.୫% |
| ତେଲଙ୍ଗାନା | ୪.୧% |
| ଉତ୍ତର ପ୍ରଦେଶ | ୪.୩% |
| ଦିଲ୍ଲୀ | ୨୦.୮% |
| ଉତ୍ତରାଖଣ୍ଡ | ୪.୩% |
| ଛତିଶଗଡ଼ | ୩.୪% |
| ଗୋଆ | ୯.୯% |
| ଗୁଜରାଟ | ୨.୩% |
| ମେଘାଳୟ | ୨.୭% |
| ପଶ୍ଚିମବଙ୍ଗ | ୫.୫% |
| ମଧ୍ୟପ୍ରଦେଶ | ୩.୨% |
| ତ୍ରିପୁରା | ୧୪.୩% |
| ଓଡ଼ିଶା | ୦.୯% |

**ଆଜିର ମନ୍ତବ୍ୟ**

" ଆର୍‌ଏସ୍‌ଏସ୍‌କୁ ଏକ ନିର୍ଦ୍ଦିଷ୍ଟ ବଳ ରୋକିପାରିବ ନାହିଁ। ତେଣୁ ଏହାର ବିଭାଜନବାଦୀ ରାଜନୀତି ବିରୋଧରେ ଦେଶର ସମସ୍ତ ଧର୍ମ ନିରପେକ୍ଷ ଶକ୍ତି ଏକାଠି ହେବା ଜରୁରୀ।
-ପିନାରାୟି ବିଜୟନ, କେରଳ ମୁଖ୍ୟମନ୍ତ୍ରୀ

ଅଭିନନ୍ଦନ ୨୦୨୩
ନୂତନ ବର୍ଷ ଉପଲକ୍ଷେ ରା.ଉଦୟଗିରି ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ଶୁଭକାମନା ଜଣାଇବା ସହିତ ଏହି ନବବର୍ଷଟି ସମସ୍ତଙ୍କର ଚଲାପଥ ସୁଖମୟ ପାଇଁ ପ୍ରଭୁ ଯିଶୁଙ୍କ ଠାରେ ମୋର ପ୍ରାର୍ଥନା ।
ଦୀପକ ପାଣି
ବିଜେଡି ଛାତ୍ର ସଭାପତି, ଆର.ଉଦୟଗିରି, ଗଜପତି

ଅଭିନନ୍ଦନ ୨୦୨୩
ନୂଆବର୍ଷ ଉପଲକ୍ଷେ ରା.ଉଦୟଗିରି ବ୍ଲକର ସମସ୍ତ କର୍ମଚାରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ସହ ଶୁଭକାମନା ଜଣାଉଛି ।
ଯୁଧିଷ୍ଠିର ବେହେରା
ଏବିଓ, ଆର.ଉଦୟଗିରି, ଗଜପତି

ଅଭିନନ୍ଦନ ୨୦୨୩
ନୂତନବର୍ଷ ଉପଲକ୍ଷେ ରା.ଉଦୟଗିରି ବ୍ଲକର ସମସ୍ତ ସରକାରୀ କର୍ମଚାରୀ, ରା.ଉଦୟଗିରି ପଞ୍ଚାୟତର ସମିତିସଭ୍ୟା, ୱାର୍ଡ ସଭ୍ୟ/ସଭ୍ୟା, ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ଶୁଭକାମନା ଏବଂ ଏହି ନବବର୍ଷ ମୋ ପଞ୍ଚାୟତର ସମସ୍ତ ଲୋକଙ୍କ ଲାଗି ସୁଖମୟ ହେବା ପାଇଁ ପ୍ରଭୁ ଯିଶୁଙ୍କ ଠାରେ ମୋର ପ୍ରାର୍ଥନା ।
ଜାମେଶ ରାଇକା
ସରପଞ୍ଚ,ଆର.ଉଦୟଗିରି ପଞ୍ଚାୟତ,ଗଜପତି

ନୂତନ ବର୍ଷର ଅଭିନନ୍ଦନ
ଇଂରାଜୀ ନବବର୍ଷ ୨୦୨୩ ଉପଲକ୍ଷେ
ମୋର ସମସ୍ତ କାଶୀନଗରବାସୀ, କର୍ମଚାରୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଚଳିତବର୍ଷ ଆପଣମାନଙ୍କୁ ଜଗନ୍ନାଥ ମଙ୍ଗଳରେ ରଖନ୍ତୁ, ଭଗବାନଙ୍କଠାରେ ପ୍ରାର୍ଥନା
ଶ୍ରୀମତୀ ଏମ୍ ସୁଧାରାଣୀ
ଅଧ୍ୟକ୍ଷ, କାଶୀନଗର ଏନ୍.ଏ.ସି., ଗଜପତି

SBI KASHINAGAR BRANCH WISHES
Happy New Year
2023
to All Customers
Yours
Ravi Kumar
(Branch Manager)

ନୂତନ ବର୍ଷର ଅଭିନନ୍ଦନ
ଇଂରାଜୀ ନବବର୍ଷ ୨୦୨୩
ମୋର ସମସ୍ତ କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।
ଆପଣଙ୍କର ଜଗତର ନାଥ ଜଗନ୍ନାଥ ମଙ୍ଗଳ କରନ୍ତୁ ଭଗବାନଙ୍କଠାରେ ପ୍ରାର୍ଥନା ।
ଶ୍ରୀ ରଘୁରାମ ସାହୁ
ଉପାଧ୍ୟକ୍ଷ, କାଶୀନଗର ଏନ୍.ଏ.ସି. (ଗଜପତି)

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳିଆ ବାରି**
**ମା' ଝିଅ ପାଣି ପିଇ ପିଇ ମରି ।**

ଅଦିନ ବର୍ଷାରେ ଫସଲ ନଷ୍ଟ ହୋଇଯାଉଥିବାରୁ ଦୁର୍ଭିକ୍ଷ ପଡ଼ିଥାଏ । ଫଳସ୍ୱରୂପ ଦୁଃଖ ଦୁର୍ଦ୍ଦଶା ଭୋଗୁଥିବା ଲୋକଙ୍କ ଅବସ୍ଥା ଆହୁରି ଶୋଚନୀୟ ହୋଇଯାଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଅଘଟଣ କଥା ଶୁଣ ମାଇପେ**
**ଧାନ ଶୁଖୁଥିଲା ବିଛଣା ଟାକେ ।**

ଖଳାରେ ଧାନ ଶୁଖାଯାଇଥାଏ । ବିଛଣାରେ ଶୁଖାଯିବା କଥା କହିବା ଅନେକଙ୍କ ଆଖିରେ ଭ୍ରୂକୁଞ୍ଚନ ସୃଷ୍ଟି କରିଥାଏ । ଅନେକେ ଏହାକୁ ସହଜରେ ଗ୍ରହଣ କରିପାରି ନ ଥାନ୍ତି । ନିହାତି ଅମୂଳକ ବା ଅବାନ୍ତର କଥା କହୁଥିବା ବାହାପିଆ ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ଡିସେମ୍ବରରେ ରେକର୍ଡ ୧୨.୬ ଏମ୍‌ଏମ୍‌ଟି ପଣ୍ୟ କାରବାର

**ପାରାଦୀପ ବନ୍ଦର**

ପାରାଦୀପ,୧।୧(ସ୍ୱ.ପ୍ର.): ପାରାଦୀପ ବନ୍ଦର ୨୦୨୨ ଡିସେମ୍ବରରେ ରେକର୍ଡ ୧୨.୬ ଏମ୍‌ଏମ୍‌ଟି (ମିଲିୟନ ମେଟ୍ରିକ୍ ଟନ୍)ପଣ୍ୟ କାରବାର କରିଛି। ଏହା ଦେଶର ସମସ୍ତ ବୃହତ୍ ବନ୍ଦର କ୍ଷେତ୍ରରେ ସର୍ବାଧିକ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏହାକୁ ମିଶାଇ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ମୋଟ୍ ୯୬.୮୧ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଛି। ଗତବର୍ଷ ଏହି ସମୟ ସୁଦ୍ଧା ୮୩.୬ ଏମ୍‌ଏମ୍‌ଟି ପଣ୍ୟ କାରବାର କରିଥିଲା। ଏହି ଧାରା ବଜାୟ ରହିଲେ ପୂର୍ବ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୧୨୫ ଏମ୍‌ଏମ୍‌ଟିରୁ ଅଧିକ ପଣ୍ୟ କାରବାର ହେବ ବୋଲି ବନ୍ଦର ଅଧକ୍ଷ ପି.ଏଲ୍.ହାରାନ୍ଧ ଆଶାବାଦୀ ଅଛନ୍ତି। ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ଗତ ୭ ବର୍ଷ ହେଲା ରେକର୍ଡ ୧୦୦ ଏମ୍‌ଏମ୍‌ଟିରୁ ଅଧିକ ପଣ୍ୟ କାରବାର କରୁଛି। ଏବେ ପାରାଦୀପ ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ଭାବେ ପରିଗଣିତ ହେଉଛି। ଡିସେମ୍ବରରେ ସଫଳ ଭାବେ ରେକର୍ଡ ପଣ୍ୟ କାରବାର ହୋଇଥିବାରୁ ଅଧକ୍ଷ ହାରାନ୍ଧ ସମସ୍ତ ବ୍ୟବହାରକାରୀ ସଂସ୍ଥା, କର୍ମଚାରୀ ଓ ଶ୍ରମିକଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟତମ ପ୍ରମୁଖ ବିଷୟ ହେଲା, ପାରାଦୀପ ବନ୍ଦର ଚଳିତବର୍ଷ ଉପକୂଳ ପଣ୍ୟ କାରବାର(କୋଷ୍ଟାଲ ଶିପିଙ୍ଗ) ୫୮.୧୧ ପ୍ରତିଶତ କରିଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ହରିୟାଣା ରାଜ୍ୟରେ ଥିବା ପାୱାର ପ୍ଲାଣ୍ଟ ପାଇଁ ଏହି ବନ୍ଦର ବାଟେ କୋଇଲା ରପ୍ତାନି ହୋଇଛି।

# କଂସଙ୍କ ପ୍ରଶ୍ନବାଣରେ ଅଧିକାରୀ ଘାଇଲା

## ଧନୁଯାତ୍ରାରେ ରଙ୍ଗସଭା

ମଥୁରାନଗରୀ/ଗୋପପୁର,୧।୧

ବରଗଡ଼ ଧନୁଯାତ୍ରା ମହୋତ୍ସବର ରବିବାର ଷଷ୍ଠ ଦିବସରେ ମଥୁରାନଗରୀ ରାଜ ଦରବାରରେ କଂସ ମହାରାଜଙ୍କ ରଙ୍ଗସଭା ଏବଂ ଗୋପପୁରରେ ବସ୍ତ୍ରହରଣ ଦୃଶ୍ୟାଭିନୟ ହୋଇଥିଲା। ଏହାକୁ ଦେଖିବା ପାଇଁ ଉଭୟ ମଥୁରା ଏବଂ ଗୋପପୁରରେ ଦର୍ଶକଙ୍କ ପ୍ରବଳ ସମାଗମ ହୋଇଥିଲା। ଅପରାହ୍ନରେ କଂସ ମହାରାଜ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ ଏବଂ ଭ୍ରମଣ ସାରି ଲୋକମଣ୍ଡପ ପଡ଼ିଆସ୍ଥିତ ରଙ୍ଗମହଲକୁ ଯାଇଥିଲେ। ସେଠାରେ ନାଚଗୀତରେ ମସଗୁଲ୍ ହେବା ସହିତ ଚିତ୍ରକଳା ପ୍ରଦର୍ଶନୀରେ ସାମିଲ ହୋଇଥିବା ଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ ।

ଏହାପରେ ମହାରାଜ କଂସ ହାଟପଦାସ୍ଥିତ ରାଜଦରବାରକୁ ଯାଇଥିଲେ ଏବଂ ସେଠାରେ ଶ୍ରୀକୃଷ୍ଣଙ୍କୁ ମାରିବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଏହି କ୍ରମରେ ଯୁଦ୍ଧ ପରାକ୍ରମ ଦେଖାଇବା ପାଇଁ ସେ ସୈନ୍ୟ, ସାମନ୍ତଙ୍କୁ ଆଦେଶ ଦେଇଥିଲେ। ମଥୁରାନଗରୀରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଠିକ୍ ଭାବେ ଚାଲୁ ନ ଥିବା ନେଇ ବିଦୁଷକ କଂସ ମହାରାଜଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କଂସ ସମ୍ପୃକ୍ତ ଅଧିକାରୀଙ୍କୁ ତାଙ୍କ ସମ୍ମୁଖରେ ହାଜର କରି ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଥିଲେ ।

**ପ୍ରଥମ ପୃଷ୍ଠାରୁ...**

## ବିଦେଶୀ ନାଗରିକଙ୍କୁ ...

ହୋଟେଲକୁ ଆସିଥିଲେ। ଫରେନ୍‌ସିକ ଟିମ୍ ଏବଂ ସାଇଣ୍ଟିଫିକ୍ ଟିମ୍ ଅଧିକ ପ୍ରମାଣ ଖୋଜିବା ପାଇଁ ଅନ୍ୟତ୍ର ଯାଇଥିବା ଅନୁମାନ କରାଯାଉଛି। ତୃତୀୟ ଦିନର ଜେରା ପରେ ହୋଟେଲ ପରିଚାଳନା ନିର୍ଦ୍ଦେଶକ ସାହୁ କହିଛନ୍ତି ଯେ, କ୍ରାଇମ ବ୍ରାଞ୍ଚ ତଦନ୍ତରେ ସେ ଏବଂ କର୍ମଚାରୀ ସମ୍ପୂର୍ଣ୍ଣ ସହଯୋଗ କରିଛନ୍ତି। ଯାହାକୁ ଯାହା ପଚରାଯାଇଛି ତାହାର ଠିକ୍ ଉତ୍ତର ଦେଇଥିବା ସେ କହିଛନ୍ତି। ତେବେ ଜେରା ସମୟରେ ଅଧିକାରୀମାନେ କ'ଣ ପଚାରିଥିଲେ ସେ ବିଷୟରେ ସେ ସୂଚନା ଦେଇନାହାନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ପୋଲିସ ଡିଜି ସୁନୀଲ ବଂଶଲ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ବଛା ବଛା ଅଧିକାରୀ ତଦନ୍ତ ଦାୟିତ୍ୱରେ ଅଛନ୍ତି। ଆଗକୁ ଯେ କୌଣସି ତଦନ୍ତର ଆବଶ୍ୟକ ପଡ଼ିବ ତାହା କରାଯିବ ବୋଲି ସେ କହିଛନ୍ତି। ଏ ପର୍ଯ୍ୟନ୍ତ ତଦନ୍ତରେ କୌଣସି ତ୍ରୁଟି ଦେଖାଯାଇନାହିଁ। ଦରକାର ପଡ଼ିଲେ ଇଣ୍ଟରପୋଲ୍‌ର ସହାୟତା ମଧ୍ୟ ନିଆଯିବ ବୋଲି ଡିଜିପି ବଂଶଲ କହିଛନ୍ତି । ଅପରପକ୍ଷରେ ବିଦେଶୀ ନାଗରିକଙ୍କ ମୃତ୍ୟୁ ଘଟଣାରେ ବ୍ରହ୍ମପୁରର ଜଣେ ମାନବାଧିକାର କର୍ମୀଙ୍କ ଅଭିଯୋଗକୁ ଜାତୀୟ ମାନବଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁତର ସହ ନେଇଛନ୍ତି। ଅଭିଯୋଗକୁ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିକଟକୁ ପଠାଇବା ସହ ଏହି ଘଟଣାରେ ପୋଲିସ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ତାହାର ରିପୋର୍ଟ ୪ ସପ୍ତାହ ମଧ୍ୟରେ କମିଶନ ନିକଟରେ ଦାଖଲ କରିବାକୁ ଏସ୍‌ପିଙ୍କୁ ନିର୍ଦ୍ଦେଶ ହୋଇଛି। ସୂଚନା ଅନୁଯାୟୀ, ହୋଟେଲର ପ୍ରାୟ ୨୦ କର୍ମଚାରୀଙ୍କୁ ଜେରା କରାଯାଇଛି। ଏଥିସହ ଡିସେମ୍ବର ୧ରୁ ୨୭ ପର୍ଯ୍ୟନ୍ତ ହୋଟେଲକୁ ଆସିଥିବା ସମସ୍ତ ଅତିଥିଙ୍କ ରେକର୍ଡ ମଧ୍ୟ କ୍ରାଇମ ବ୍ରାଞ୍ଚ ସଂଗ୍ରହ କରିଛି। ଅନ୍ୟପକ୍ଷରେ ଭ୍ଲାଡିମିରଙ୍କ ବ୍ୟବଚ୍ଛେଦ ରିପୋର୍ଟ ଗଣମାଧ୍ୟମର ହସ୍ତଗତ ହୋଇଛି। ଏହି ରିପୋର୍ଟ ଅନୁଯାୟୀ ବିଦାନୋଭଙ୍କ ମୃତ୍ୟୁ ହୃଦ୍‌ଘାତ କାରଣରୁ ହୋଇଥିବା ଡାକ୍ତରୀ ଟିମ୍ ଅନୁମାନ କରୁଛନ୍ତି। ଏଥିସହ ତାଙ୍କ ଶରୀରରୁ ଅଫିମ କିମ୍ବା ଗଞ୍ଜେଇର ଦୁର୍ଗନ୍ଧ ବାହାରୁଥିବା ନେଇ ରିପୋର୍ଟରେ ଦର୍ଶାଯାଇଛି। ପ୍ରାୟ ୧ଶହ ମି.ଲି. ପରିମାଣର ଜଳୀୟ ଅଂଶ ଶରୀରରେ ରହିଥିବା ଜଣାପଡ଼ିଛି। ତେବେ ଡାକ୍ତରୀ ଦଳ ଭିସେରା ଟେଷ୍ଟ ପାଇଁ ସୁପାରିସ କରିବାକୁ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଭିସେରା ପରୀକ୍ଷଣ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ଏଥିରେ କୁହାଯାଇଛି। ଏବେ ବିଦାନୋଭଙ୍କ ବ୍ୟବଚ୍ଛେଦ ରିପୋର୍ଟକୁ ଆଧାର କରି ସେମାନଙ୍କୁ ଗଞ୍ଜେଇ କେମିତି ମିଳିଲା ଏବଂ କିଏ ସେମାନଙ୍କୁ ଯୋଗାଇଥିଲେ ସେ ନେଇ ମଧ୍ୟ ତଦନ୍ତ ଚାଲିଛି। ପ୍ରକାଶଯୋଗ୍ୟ, ପାଭେଲ ଏବଂ ବିଦାନୋଭଙ୍କ ସମେତ ୪ ପର୍ଯ୍ୟଟକ ଭୁବନେଶ୍ୱରରେ ପହଞ୍ଚି ପ୍ରଥମେ ଦାରିଙ୍ଗବାଡ଼ି ଏବଂ ସେଠାରୁ ରାୟଗଡ଼ା ଆସିଥିଲେ। ତେଣୁ ସେମାନ ଗଞ୍ଜେଇ କେମିତି ପାଇଲେ ସେ ନେଇ କ୍ରାଇମ ବ୍ରାଞ୍ଚ ଅଧିକ ଖୋଳତାଡ଼ କରୁଛି। ଅପରପକ୍ଷେ ଜିଲାରେ ଗଞ୍ଜେଇ ଚାଷକୁ ରୋକିବା ନିମନ୍ତେ ପୋଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସମୟରେ ଚଢ଼ାଉ କରି ଗଞ୍ଜେଇ ଜବତ କରାଯାଉଥିବା ଏବଂ ଗଞ୍ଜେଇ ଚାଷ ନଷ୍ଟ କରାଯାଉଥିବା କୁହାଯାଉଥିବାବେଳେ ଏବେ ଉଭୟ ଅବକାରୀ ବିଭାଗ ଏବଂ ପୋଲିସର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠିଛି।

ବିଦାନୋଭ ଏବଂ ପାଭେଲଙ୍କ ମୃତ୍ୟୁକୁ ଦେଖିଲେ ବିଭିନ୍ନ ଦିଗରୁ ସନ୍ଦେହ ସୃଷ୍ଟି ହେଉଛି। ଏହାମଧ୍ୟରେ ମୃତ୍ୟୁକୁ ୧୦ ଦିନ ବିତିଯାଇଥିବା ବେଳେ କ୍ରାଇମ ବ୍ରାଞ୍ଚ ତଦନ୍ତ ପରେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ଆଶା ରହିଛି। ଅପରପକ୍ଷେ ପାଭେଲ ରୁଷିଆର ରଷ୍ଟ୍ରପତି ପୁଟିନ୍‌ଙ୍କ କଡ଼ା ସମାଲୋଚକ ରହିଥିବାରୁ ଏହି ମୃତ୍ୟୁ ପଛରେ ଅନ୍ୟ କିଛି ରହସ୍ୟ ଥିବା ନେଇ ମଧ୍ୟ ସନ୍ଦେହ କରାଯାଉଛି। ଏମିତିକି ପାଭେଲ ପଡ଼ିଥିବା ସ୍ଥାନରେ ତାଙ୍କ ଶରୀର ପ୍ରକୃତ ସ୍ଥିତିକୁ ଅନୁଧ୍ୟାନ କଲେ ଅନେକ ରହସ୍ୟ ଖୋଲିଯିବ ବୋଲି ସହରବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି।

## ପୂର୍ଣ୍ଣ ଦର୍ଶକଙ୍କ କ୍ଷମତାରେ ...

ସମସ୍ତ ଚ୍ୟାଲେଞ୍ଜକୁ ସଫଳତାର ସହ ସାମ୍ନା କରି ଓଡ଼ିଶା ଇତିହାସ ରଚିବ ବୋଲି ସେ ସୂଚନା ଦେଇଛନ୍ତି। ଆସନ୍ତା ୧୩ ତାରିଖରୁ ଭୁବନେଶ୍ୱର ଏବଂ ରାଉରକେଲାରେ ହକି ବିଶ୍ୱକପ୍ ମ୍ୟାଚ୍‌ଗୁଡ଼ିକ ଅନୁଷ୍ଠିତ ହେବ। ରାଉରକେଲା ଷ୍ଟାଡିୟମରେ ୧୬ଟି ଅଂଶଗ୍ରହଣକାରୀ ଦଳ ରହିବେ। ତେବେ ହୋଟେଲ ତାଜ୍ ଗ୍ରୁପ୍ ସେଠାରେ ପରିଚାଳନାରେ ନିୟୋଜିତ ହେବ। ଖେଳାଳି, କୋଚ୍, ଅଫିସିଆଲଙ୍କ ଚାକଚକ୍ୟ ରହଣି ସାଙ୍ଗକୁ ଖାଦ୍ୟ ପରଷିବ ତାଜ୍ ହୋଟେଲ। ତେବେ ୭ ମାସ ତଳେ ରାଉରକେଲାରେ ଭଲ ହୋଟେଲ, ଏପରିକି ଅନ୍ୟ ଦେଶର ଖେଳାଳିମାନେ ରହିପାରିଲା ଭଳି ନ ଥିଲା। ହେଲେ ୭ ମାସ ମଧ୍ୟରେ ବହୁତ ଭଲ ହୋଟେଲ ପ୍ରସ୍ତୁତ କରାଗଲା। ଏହାର ପରିଚାଳନା ଦାୟିତ୍ୱ ତାଜ୍ ହୋଟେଲ ହାତରେ ଦିଆଯାଇଛି। ମୁଖ୍ୟତଃ ଛାତ୍ର, ଯୁବକ ଏବଂ ସ୍ଥାନୀୟ ଲୋକମାନେ ଯେପରି ଅଧିକ ମାତ୍ରାରେ ଏହି ବିଶ୍ୱକପ୍‌ରେ ମ୍ୟାଚ୍ ଦେଖିବା ଲାଗି ସାମିଲ ହେବେ, ସେନେଇ ଗୁରୁତ୍ୱ ଦିଆଯାଉଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଅନ୍ୟପକ୍ଷରେ ଭାରତ ଖେଳିବାକୁ ଥିବା ସମସ୍ତ ହକି ମ୍ୟାଚ୍‌ର ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍ ଟିକେଟ୍ ବିକ୍ରି ହୋଇଯାଇଛି। ତେଣୁ ହକି ବିଶ୍ୱକପ୍ ଦେଖିବାକୁ ଦର୍ଶକଙ୍କ ଭିତରେ ପ୍ରବଳ ଉତ୍କଣ୍ଠା ରହିଥିବା ଜଣାପଡ଼ିଛି।

## ଟ୍ରାଫିକ୍ ପରିଚାଳନା, ଖେଳାଳିଙ୍କ ସୁରକ୍ଷା ଚ୍ୟାଲେଞ୍ଜିଂ ରହିବ: ଡିଜି

ପୋଲିସ ଡିଜି ସୁନୀଲ ବଂଶଲ କହିଛନ୍ତି, ହକି ବିଶ୍ୱକପ୍ ପୋଲିସ ପାଇଁ ଚ୍ୟାଲେଞ୍ଜ ରହିବ। ଏହା ଏକ ଅନ୍ତର୍ଜାତୀୟ ମ୍ୟାଚ୍ ହୋଇଥିବାରୁ ରାଜ୍ୟ ନିମନ୍ତେ ପ୍ରତିଷ୍ଠାର ବିଷୟ। ଦେଶୀବିଦେଶୀ ହକିପ୍ରେମୀମାନେ ଖେଳ ଦେଖିବାକୁ ଆସିବେ। ତେଣୁ ବିଶ୍ୱକପ୍ ସୁପରିଚାଳନା ଯଥା ଖେଳାଳିଙ୍କ ସୁରକ୍ଷା ଓ ଟ୍ରାଫିକ ପରିଚାଳନା ପୋଲିସ ପାଇଁ ଚ୍ୟାଲେଞ୍ଜିଂ ରହିବ। ସେହିପରି ଚଳିତବର୍ଷ ସାଇବର କ୍ରାଇମ୍, ନକ୍ସଲ ଦମନ, ନିଶା ଚୋରାଚାଲାଣ ରୋକିବା, ଅପରାଧ ନିୟନ୍ତ୍ରଣ ପୋଲିସ ପାଇଁ ପ୍ରାଥମିକତା ରହିବ ବୋଲି କହିଛନ୍ତି ସୁନୀଲ ବଂଶଲ।

## ସ୍ତ୍ରୀଙ୍କୁ ହତ୍ୟାକରି ଜିରୋ ...

ଲାଗୁଥିଲା ବୋଲି ଗ୍ରାମବାସୀ କହିଛନ୍ତି। ଶନିବାର ଲକ୍ଷ୍ମଣ ରାତିରେ ଘରକୁ ଆସି ଜାନକୀଙ୍କ ସହ ଝଗଡ଼ା କରିଥିଲେ। ଏହାଦେଖି ଅଷ୍ଟମ ଶ୍ରେଣୀରେ ପଢୁଥିବା ଝିଅ ଜୟନ୍ତୀ ଓ ଚତୁର୍ଥ ଶ୍ରେଣୀରେ ପଢୁଥିବା ପୁଅ ନରସିଂହ ସେହି ଗ୍ରାମରେ ଥିବା ପିଉସୀଙ୍କ ଘରକୁ ଶୋଇବାକୁ ଚାଲି ଯାଇଥିଲେ। ଜାନକୀ ଘରେ ଏକା ଶୋଇଥିବାବେଳେ ଲକ୍ଷ୍ମଣ ଏକ ଲୁଗାରେ ଜାନକୀଙ୍କ ବେକକୁ ଚିପି ଶ୍ୱାସରୁଦ୍ଧ କରିଥିଲେ। ପରେ ଗାଁ ପିଲାଙ୍କ ସହ ଜିରୋନାଇଟ ପାଳନ କରିଥିଲେ। ରବିବାର ପାହାନ୍ତିଆରେ ଲକ୍ଷ୍ମଣ ଘରକୁ ଫେରି ମା'ଙ୍କ ସହ ମିଶି ଏକ ଅଟୋରେ ଜାନକୀଙ୍କୁ ଛତ୍ରପୁର ମେଡିକାଲକୁ ନେଇଥିଲେ। ତେବେ ପୂର୍ବରୁ ଜାନକୀଙ୍କ ମୃତ୍ୟୁ ଘଟି ସାରିଥିବା ଡାକ୍ତର ଜାଣିବା ପରେ ହୁମ୍ମା ଫାଣ୍ଡି ପୋଲିସକୁ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଦେବଦତ୍ତ ପ୍ରିୟଦର୍ଶୀ ମୟୁରପଦା ଗ୍ରାମକୁ ଯାଇ ତଦନ୍ତ କରିଥିଲେ। ସାଇଣ୍ଟିଫିକ ଟିମ ମଧ୍ୟ ଘଟଣାସ୍ଥଳକୁ ଆସି ବିଭିନ୍ନ ଦିଗକୁ ନେଇ ତଥ୍ୟ ହାସଲ କରିଛି। ଜାନକୀଙ୍କ ବେକରେ ଏକ ଚିହ୍ନ ଥିବା ଏବଂ ଆଖିପତା ନୀଳ ପଡିଥିବା ଦେଖାଯାଇଛି। ଏ ନେଇ ନଂ.୧/୨୩ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ହାତଖର୍ଚ୍ଚ ଦେଲେନି ....

ତାଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଦେଇପାରିବେ ନାହିଁ ବୋଲି କହିଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ଦୁର୍ଯ୍ୟୋଧନ ଏକ ଛୁରିରେ ରତ୍ନାକରଙ୍କ ମୁଣ୍ଡକୁ ଭୁସି ଦେଇଥିଲେ। ତାଙ୍କ ଚିତ୍କାର ଶୁଣି ଘର ଭିତରେ ଥିବା ରତ୍ନାକରଙ୍କ ଝିଅ ଏବଂ ପଡ଼ୋଶୀ ସେଠାରେ ପହଞ୍ଚିଥିଲେ। ଗ୍ରାମବାସୀଙ୍କଠାରୁ ଖବର ପାଇ ଦେବଗଡ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରତ୍ନାକରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ପୋଲିସ ମୃତଦେହ ଜବତ କରିଛି। ଅଧିକ ତଦନ୍ତ ପାଇଁ ସାଇଣ୍ଟିଫିକ ଟିମ୍‌କୁ ସୂଚନା ଦିଆଯାଇଛି। ଏ ନେଇ ଏକ ମାମଲା(୧/୨୩)ରୁଜୁ ହୋଇଛି। ଦୁର୍ଯ୍ୟୋଧନ ଅବିବାହିତ ଥିଲେ ଓ କୌଣସି କାମଧନ୍ଦା କରୁ ନ ଥିଲେ। ଏଥିପାଇଁ ବିଭିନ୍ନ ସମୟରେ ସେ ବୃଦ୍ଧ ବାପାଙ୍କ ସହ ଟଙ୍କା ପାଇଁ ପାଟିତୁଣ୍ଡ କରୁଥିବା ଗ୍ରାମବାସୀ କହିଛନ୍ତି।

## ଶିକ୍ଷକଙ୍କୁ ଟାଙ୍ଗିଆଚୋଟରେ...

ଜବତ କରିଥିଲା। ତେବେ କେଉଁ କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ନିରାକାରଙ୍କୁ ସେ କାହିଁକି ହତ୍ୟା କଲେ ତଦନ୍ତ ପରେ ଜଣାପଡିବ ବୋଲି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି।

## ସହରାଞ୍ଚଳରେ ବଢୁଛି ...

ଏହାର ନେତୃତ୍ୱ ନେଉଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶନିବାର ଗଣମାଧ୍ୟମକୁ କହିଥିଲେ, ଭାରତ କେବଳ ମୋଟ ଘରୋଇ ଉତ୍ପାଦ (ଜିଡିପି) ଉପରେ ଫୋକସ୍ ନ କରି ନିଯୁକ୍ତି ଅଭିବୃଦ୍ଧି, ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ଏବଂ ରପ୍ତାନି ଲକ୍ଷ୍ୟରେ ଉତ୍ପାଦନ କ୍ଷମତା ସୃଷ୍ଟି କରିବା ଉଚିତ। ପ୍ରକାଶ ଯେ, ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ବେକାରୀ ହାର ୭.୨%କୁ ଖସିଥିଲା, ଯାହାକି ପୂର୍ବ କ୍ୱାର୍ଟରରେ ୭.୬% ରହିଥିଲା। କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ସଂଗୃହୀତ ତଥ୍ୟାନୁସାରେ ନଭେମ୍ବରରେ ଏହି ଡେଟା ଜାରି କରାଯାଇଥିଲା। ଗତ ଡିସେମ୍ବରରେ ହରିୟାଣାରେ ବେରୋଜଗାରୀ ୩୭.୪%କୁ ବୃଦ୍ଧି ପାଇଥିଲା। ରାଜସ୍ଥାନରେ ଏହା ୨୮.୫% ଥିବାବେଳେ ଦିଲ୍ଲୀରେ ୨୦.୮% ରହିଛି। ଓଡ଼ିଶାରେ ସର୍ବନିମ୍ନ ୦.୯% ବେକାରୀ ହାର ରହିଥିବା ସିଏମ୍‌ଆଇଇ ତଥ୍ୟରୁ ଜଣାପଡ଼ିଛି।

## କ୍ୟାନ୍‌ସର ସେଲ୍ ନାଶ ...

ଶକ୍ତି ତିଆରି କରିଥାଏ, ଯାହା ବିଶେଷ ପ୍ରକାର କ୍ୟାନ୍‌ସର ସେଲ୍‌କୁ ଟାର୍ଗେଟ୍ କରି ତାହାକୁ ମାରିଥାଏ। ଜରାୟୁ ଏବଂ ସ୍ତନ କର୍କଟ ରୋଗୀଙ୍କ କ୍ଷେତ୍ରରେ କୃତ୍ରିମ ଡିଏନ୍‌ଏ ପଦ୍ଧତିର ଚିକିତ୍ସା ଲାଭଦାୟକ। କର୍କଟ ବ୍ୟତୀତ ଭୂତାଣୁଜନିତ ବହୁରୋଗ ଏବଂ ଜେନେଟିକ୍ ଡିଜିଜ୍‌ର ଚିକିତ୍ସା ଏହି ପଦ୍ଧତିରେ କରିବା ଲାଗି ଟୋକିଓ ୟୁନିଭର୍ସିଟି ପ୍ରଫେସରମାନଙ୍କ ପକ୍ଷରୁ ଅଧ୍ୟୟନ ଜାରି ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଦ୍ୱିଜା ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ଆପଣଙ୍କ କଥା ଓ ବ୍ୟବହାରରେ ହସ ଉକୁଟି ଉଠିବ। ସକାଳୁ ଯାତ୍ରା ପ୍ରୀତିପ୍ରଦ ରହିବ ଏବଂ ଯେଉଁ କାମରେ ବାହାରିଛନ୍ତି ତାହା ଅବଶ୍ୟ ଫଳପ୍ରଦ ହେବ। ବନ୍ଧୁ କିମ୍ବା ସହକର୍ମୀଙ୍କ ନିକଟରୁ ଆର୍ଥିକ ସାହାଯ୍ୟ ପାଇବେ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେବ।

**ବୃଷ**
ରାଶ୍ୟାଧିପ ଶୁକ୍ର ଚତୁର୍ଥାଧିପଙ୍କ ନକ୍ଷତ୍ରରେ ଥିବାରୁ ପାରିବାରିକ ସ୍ତରରେ ବିଭିନ୍ନ ଯୋଜନାକୁ ପ୍ରସ୍ତୁତ କରି ପାରନ୍ତି। ଧନସ୍ଥାନକୁ ଧନାଧିପତିଙ୍କ ଦୃଷ୍ଟି ଅର୍ଥନୈତିକ ଅଭିବୃଦ୍ଧିରେ ନୂତନ ଉତ୍ସାହ ପ୍ରଦାନ କରିବ। ପଡ଼ୋଶୀ, ସହକର୍ମୀ, ଭାଇ ବନ୍ଧୁଙ୍କ ସହ ଆତ୍ମୀୟତା ନିବିଡ଼ତର ହେବ।

**ମିଥୁନ**
ବୁଧ ତୃତୀୟାଧିପଙ୍କ ନକ୍ଷତ୍ରରେ ଥିବାରୁ ବନ୍ଧୁଙ୍କ ସହ ଫଳପ୍ରଦ ଆଲୋଚନା କରିପାରନ୍ତି। ଆନୁଷ୍ଠାନିକ କାମରେ, ସଭାସମିତିରେ କିମ୍ବା ମେଳା ମହୋତ୍ସବରେ ଯୋଗଦାନ କରି ଖୁସି ହେବେ। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଓ ଦୀର୍ଘଦିନର ଆଶା ଫଳବତୀ ହେବ।

**କର୍କଟ**
କର୍ମାଧିପତି ରାଶ୍ୟାଧିପତିଙ୍କ ନକ୍ଷତ୍ରରେ ରହିଥିବାରୁ ଉଦାରତା ଗୁଣରୁ ପ୍ରଶଂସିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ପରିବାରରେ ଅଶାନ୍ତି ସୃଷ୍ଟି ହୋଇପାରେ। ସାଙ୍ଗଠନିକ, ରାଜନୈତିକ, ପ୍ରଶାସନିକ ଓ କଳାତ୍ମକ କ୍ଷେତ୍ରରେ ସ୍ଥିତି ଭଲ ରହିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ଯାତ୍ରା, ପ୍ରତିଯୋଗିତା କ୍ଷେତ୍ରରେ ସମସ୍ୟା ସୁଧାରିବା ପ୍ରଯତ୍ନ କଲେ ଭଲ।

**ସିଂହ**
ଆଜିର ଗ୍ରହସ୍ଥିତି ଉତ୍ତମ ପାରିବାରିକ ସମ୍ପର୍କ ସାଙ୍ଗକୁ କାର୍ଯ୍ୟରେ ସଫଳତା ପ୍ରଦାନ କରିବ। ପ୍ରିୟଜନଙ୍କୁ ଆମୋଦିତ କଲା ଭଳି କଥା କହି ସମସ୍ୟାକୁ ସୁଧାରି ନେବେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ଯୋଗ ଦେଉଥିଲେ ନିଶ୍ଚିତ ସଫଳତା ହାସଲ କରିବେ। ଈର୍ଷାପରାୟଣ ଆତ୍ମୀୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି।

**କନ୍ୟା**
ଆଜି ରାହୁଙ୍କ ପ୍ରଭାବରୁ କୌଶଳରେ କାର୍ଯ୍ୟ ହାସଲ କରିପାରିବେ, କିନ୍ତୁ ବିବାଦୀୟ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ମାଲିମକଦ୍ଦମା, ପ୍ରତିଯୋଗିତା, ଧାର୍ମିକ କାର୍ଯ୍ୟ ସକାଶେ କୌଣସି ଅସୁବିଧା ହେବ ନାହିଁ। ଭୁଲ୍ ବୁଝାମଣା ହେତୁ କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିବାର ସୂଚନା ରହିଛି।

**ତୁଳା**
କେନ୍ଦ୍ରସ୍ଥ ଶୁକ୍ରଜନିତ ସମ୍ପର୍କୀୟଙ୍କ ଶୁଭେଚ୍ଛା ଲାଭ କରି ଆତ୍ମତୃପ୍ତି ଅନୁଭବ କରିବେ। ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରିବା ଠିକ୍ ହେବ ନାହିଁ। ପରିସ୍ଥିତିରେ ପଡ଼ି କେତେକ ବିବେକାନୁମୋଦିତ କାମ କରି ନ ପାରି ଅନୁସୋଚନା କରିବେ। ମିତ୍ରଭାବ ପୋଷଣ କରି ଜମା ଭଲ ପଡୁ ନ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଆକର୍ଷିତ କରିପାରନ୍ତି।

**ବିଛା**
ସମୟର ଅନୁକୂଳତା କାରଣରୁ ଦୀର୍ଘଦିନ ହେଲା ଯାହା ଚାହୁଁଥିଲେ ଆଜି ତାହା ପାଇ ଖୁସ୍ ହେବେ। ଅନୁରାଧା ନକ୍ଷତ୍ର ସକାଶେ ଅତୀତର କୌଣସି କଥା ମନକୁ ବାରମ୍ବାର ଆଲୋଡ଼ିତ କରିପାରେ। ପୂର୍ବ ପରିକଳ୍ପନାନୁଯାୟୀ ଆଜି ବନ୍ଧୁଙ୍କ ପ୍ରେରଣାରେ କୌଣସି ନୂତନ କାମରେ ପ୍ରବେଶ କରିବେ। ପାରିବାରିକ ସୁସ୍ଥତା ଫେରି ପାଇବେ।

**ଧନୁ**
ଭାଗ୍ୟକର୍ମାଧିପ ରାଶିସ୍ଥ ଯୋଗୁ କର୍ମକ୍ଷେତ୍ରରେ ପ୍ରତିଷ୍ଠାର୍ଜନ କରିବେ। ପାରିବାରିକ ସମସ୍ୟା ପଛକୁ ପକାଇ କର୍ତ୍ତବ୍ୟବୋଧକୁ ପ୍ରାଧାନ୍ୟ ଦେଇପାରନ୍ତି। ପରିବହନ, ପ୍ରଶାସନ, ପ୍ରକାଶନ, ସଂଗଠନ, ରାଜନୀତି, ସଭାସମିତି କ୍ଷେତ୍ରରେ ଶୁଭଫଳ ପାଇବେ। ସମ୍ପର୍କୀୟଙ୍କ ଦ୍ୱାରା ଆହୂତ ହୋଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ମକର**
କର୍ମକ୍ଷେତ୍ର ପାପଗ୍ରହ ପ୍ରଭାବଯୁକ୍ତ ଯୋଗୁ ମାନସିକ ସନ୍ତୁଳନ ହରାଇପାରନ୍ତି। ଅଭିଳାଷ ପୂରଣ କ୍ଷେତ୍ରରେ ଯେକୌଣସି ପନ୍ଥା ଅନୁସରଣ କରିପାରନ୍ତି। ବ୍ୟବସାୟୀମାନେ ଆଗକୁ ମାଡ଼ି ଚାଲିବେ। କଳା, ସାହିତ୍ୟ, ଗଣଯୋଗାଯୋଗ, ବିଜ୍ଞାନ ଓ କାରିଗରି ବିଦ୍ୟାରେ ପାରଦର୍ଶିତା ହାସଲ କରିବେ।

**କୁମ୍ଭ**
ଭାଗ୍ୟସ୍ଥାନକୁ ଗୁରୁଙ୍କ ଦୃଷ୍ଟିଜନିତ ପ୍ରତ୍ୟେକ କ୍ଷେତ୍ରରେ କାର୍ଯ୍ୟସିଦ୍ଧି ହେବ। ସ୍ଥଗିତ କାମକୁ ଆଜି ପୂରା ଦମରେ କରିବା ପାଇଁ ନିଷ୍ପତ୍ତି ନେବେ। ସାହିତ୍ୟ, ସାମ୍ବାଦିକତା, ସଭାସମିତି, ଏଜେନ୍ସିପ୍, କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଉଚ୍ଚ ପ୍ରଶଂସା ପାଇବେ। ତୀର୍ଥାଟନ, ବିଦେଶ ଯାତ୍ରା, ଗବେଷଣା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ମୀନ**
ଦ୍ୱିତୀୟସ୍ଥ ରାହୁ ଯୁକ୍ତ ଚନ୍ଦ୍ର ହେତୁ କଳେବଳେ କୌଶଳେ ଅର୍ଥଲାଭ ସହ କାର୍ଯ୍ୟସାଧନ କରିବେ। ପଡ଼ୋଶୀ, ସହକର୍ମୀମାନେ ଅସହଯୋଗ କଲେ ମଧ୍ୟ ଆପଣଙ୍କର କୌଣସି କାମ ଅଟକିବ ନାହିଁ। ଆମଦାନୀ କାରବାର ଓ ପରିବହନ ପ୍ରଭୃତି ବିଭିନ୍ନ ଦିଗରୁ ଲାଭବାନ ହେବେ। ପ୍ଲଟିଂ ବ୍ୟବସାୟ, କଚେରି ମାମଲା କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

ଆଜି ପୌଷ ଶୁକ୍ଳପକ୍ଷର ଶାସ୍ତ୍ରସମ୍ମତ ବୈକୁଣ୍ଠ /ଶମ୍ଭୁ ଏକାଦଶୀ ସୋମବାର, ଜାନୁୟାରୀ ୨ ତାରିଖ, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬/୨୫ଗତେ, ଘ.୦୭/୪୬ ମଧ୍ୟେ, ଘ.୦୯/୧୮ ଗତେ,ଘ.୧୧/୨୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଘ.୧୨/୧୨ ଗତେ, ଘ.୦୩/୦୬ ମଧ୍ୟେ, ଘ.୦୩/୪୯ ଗତେ, ଘ.୦୫/୧୬ ମଧ୍ୟେ ଅମୃତ ଏବଂ ଦିବା ଘ.୦୭/୪୭ ଗତେ, ଘ.୦୯/୦୫ ମଧ୍ୟେ ରାହୁକାଳ ॥

# ୨୦୨୩ ପୋଲିସ ପାଇଁ ଚ୍ୟାଲେଞ୍ଜ

## ସାଇବର, ଅର୍ଥନୈତିକ ଅପରାଧ ଉପରେ ଫୋକସ୍: ଡିଜିପି

ଭୁବନେଶ୍ୱର, ୧।୧ (ବ୍ୟୁରୋ)

ବର୍ଷ ୨୦୨୨ ଗଲାପରେ ୨୦୨୩ ଆସିଛି। ଏହି ବର୍ଷରେ ଓଡ଼ିଶା ପୋଲିସ ପାଇଁ ଏକାଧିକ ଚ୍ୟାଲେଞ୍ଜ ରହିଛି। ପୋଲସ ମହାନିର୍ଦ୍ଦେଶକ ସୁନିଲ ବଂଶଲ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହ ପୋଲିସର ଆଗାମୀ ଅଭିମୁଖ୍ୟ ନେଇ ରବିବାର ପ୍ରତିକ୍ରିୟା ରଖିଛନ୍ତି। ଡିଜିପି ବଂଶଲ କହିଛନ୍ତି, ୨୦୨୨ରେ କୋଭିଡ୍ ଥିଲେ ମଧ୍ୟ ଭଲ କାମ କରିଥିଲୁ। ୨୦୨୩ରେ ମଧ୍ୟ କୋଭିଡ୍ ସଂକ୍ରମଣ ବଢ଼ିପାରେ। ତେଣୁ ସେହି ଅନୁସାରେ ସତର୍କତା ଅବଲମ୍ବନ କରିବା ଦରକାର। ଆଇନକୁ ସମସ୍ତେ ମାନିବା ଦରକାର। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବ। ଅନେକ ଲୋକ ଟ୍ରାଫିକ୍ ନିୟମ ଭାଙ୍ଗୁଥିବା ଦେଖିବାକୁ ମିଳିଛୁ। ସେମାନେ ସମସ୍ତ ନିୟମ ମାନିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ପୋଲିସ ବିଭାଗ ଭଲ କାମ କରିଛି। ଏଥିସହ ନକ୍ସଲ ଦମନ କ୍ଷେତ୍ରରେ ନିୟନ୍ତ୍ରଣ ଆସିଛି। ୨୦୨୩ରେ ସମସ୍ତ ସାଢ଼େ ୪ କୋଟି ଲୋକଙ୍କ ସେବା କରିବାକୁ ଆମେ ପ୍ରତିଶ୍ରୁତିବଦ୍ଧ। ତେବେ ଓଡ଼ିଶାରେ ହେବାକୁ ଥିବା ହକି ବିଶ୍ୱକପ୍ ପୋଲିସ ପାଇଁ ବଡ଼ ଚ୍ୟାଲେଞ୍ଜ ରହିଛି। ହକି ବିଶ୍ୱକପ୍‌କୁ ସୂଚାରୁରୂପେ ସାରିବା ପରେ ଅନ୍ୟ ଏକାଧିକ ଦିଗ ପ୍ରତି ଫୋକସ୍ ରହିବ। ମାଓବାଦୀ ଦମନ, ସାଇବର କ୍ରାଇମ, ଅର୍ଥନୈତିକ ଅପରାଧ ଠକେଇ, ନିଶା କାରବାର ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ବିଶେଷ କରି ସାଇବର କ୍ରାଇମ ଚିନ୍ତାଜନକ ରହିଥିବାରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ଏଥିପାଇଁ ରାଜ୍ୟରେ ସାଇବର ଥାନା ପ୍ରତିଷ୍ଠା କରାଯାଇଛି। ପୋଲିସ ଅଧିକାରୀଙ୍କୁ ନୂଆ ଟେକ୍ନୋଲୋଜି ଯୋଗାଇ ଦେଉଛୁ। ଅନ୍‌ଲାଇନ କାରବାର ଅଧିକ ବଢ଼ିବାରୁ ଏହି ଅପରାଧ ଅଧିକ ହେଉଛି। ଲୋକମାନେ ଅଧିକ ସଚେତନ ହେଲେ ଏହି ଅପରାଧ କମିପାରିବ ବୋଲି ସେ କହିଛନ୍ତି।





















# ଦୁର୍ଘଟଣା ପରେ ଜାଳିଦେଲେ ବସ୍



ଜଳୁଥିବା ବସ୍।

## ଗୁରୁତର ଯୁବକ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି

ବାରିପଦା ଅଫିସ, ୧।୧

ମୟୂରଭଞ୍ଜ ଜିଲା ବାରିପଦାଠାରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ଗୋଡ଼ କଟିଯିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଉକ୍ତ ବସ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଯୁବକ ହେଲେ ଶୂଳିଆପଦା ଥାନା ଅଧୀନ ଫାନିଆ ଗ୍ରାମର ତୁଷାରକାନ୍ତି ସି(୨୧)। ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ବାରିପଦା ସହର ଦେଇ ଯାଇଥିବା ୧୮ନଂ. ଜାତୀୟ ରାଜପଥର ଜୁବୁଲି ପେଟ୍ରୋଲ ପମ୍ପ ନିକଟ ଡିଭାଇଡର ନିକଟରେ ରବିବାର ଅପରାହ୍ନରେ ତୁଷାରକାନ୍ତି ବାଇକ୍ ଧରି ସହର ମଧ୍ୟକୁ ଯିବା ପାଇଁ ଅଟକି ରହିଥିଲେ। ଏହି ସମୟରେ ରଞ୍ଜିତା ନାମକ ଏକ ବସ୍ ଦ୍ରୁତ ଗତିରେ ଆସି ପଛପଟୁ ତାଙ୍କୁ ଧକ୍କା ଦେଇ ଡିଭାଇଡର ଉପରକୁ ଚଢ଼ିଯାଇଥିଲା। ତୁଷାରକାନ୍ତିଙ୍କ ବାମ ଗୋଡ଼ଟି ଜଙ୍ଘଠାରୁ କଟି ୨ଖଣ୍ଡ ହୋଇଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ଉକ୍ତ ବସ୍‌ରେ ନିଆଁ ଲଗାଇ ଦେଇଥିଲେ। ଖବରପାଇ ଟାଉନଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ଉତ୍ତେଜନାକୁ ଲକ୍ଷ୍ୟ ରଖି ଘଟଣାସ୍ଥଳରେ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ବସ୍ ପୋଡ଼ି ଘଟଣାରେ ପୋଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଥିବା ବାରିପଦା ସଦର ଏସ୍‌ଡିପିଓ ପ୍ରକାଶ ଜେମ୍ସ ଟପ୍ପୋ କହିଛନ୍ତି। ତେବେ ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସ୍ଥାନୀୟ ଲୋକେ ଅଣ୍ଡରପାସ୍ ନିର୍ମାଣ ପାଇଁ ଦାବି କରିଆସୁଛନ୍ତି। ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ ବିଭାଗ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଉଲ୍ଲେଖଯୋଗ୍ୟ, ଦୁର୍ଘଟଣା ଘଟାଇଥିବା ବସ୍‌ରେ କୌଣସି ଯାତ୍ରୀ ନ ଥିଲେ। ଡ୍ରାଇଭର ବେପରୁଆ ଢଙ୍ଗରେ ଗାଡ଼ି ଚଲାଉଥିବାରୁ ଏଭଳି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

# ଛୁଟିଦିନରେ ଲୋକସେବା ଭବନ ଉଦ୍ୟାନ ବୁଲିପାରିବେ ଲୋକେ

ଭୁବନେଶ୍ୱର, ୧।୧ (ବ୍ୟୁରୋ)

- ଚତୁର୍ଥ ଶନିବାର ବ୍ୟତୀତ ସବୁ ଛୁଟିଦିନ ଖୋଲା ରହିବ
- ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ହେଉଛି ବୁଲିବାର ସମୟ
- ଜାନୁୟାରୀରେ ମୋଟ ୮ ଦିନ ଲୋକମାନେ ବୁଲିପାରିବେ
- ଆଜି ବି ବୁଲିଲେ ସାଧାରଣ ଲୋକ

ଏଣିକି ଲୋକସେବା ଭବନ ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଜାନୁୟାରୀ ୨୦୨୩ରେ ମାସର ଚତୁର୍ଥ ଶନିବାର ବ୍ୟତୀତ ସବୁ ସରକାରୀ ଛୁଟିରେ ଏହି ଉଦ୍ୟାନ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ। ଚଳିତ ମାସରେ ରବିବାର, ଦ୍ୱିତୀୟ ଶନିବାର ଓ ଅନ୍ୟ ଛୁଟିକୁ ମିଶାଇ ମୋଟ ୮ଟି ଛୁଟିରେ ଏହାକୁ ସର୍ବସାଧାରଣ ବୁଲିକି ଦେଖିପାରିବେ। ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ଜନସାଧାରଣ ଲୋକସେବା ଭବନ ପୁଷ୍ପ ଉଦ୍ୟାନ ବୁଲି ଦେଖିପାରିବେ। ରବିବାର ନୂଆବର୍ଷରେ ଜନସାଧାରଣ ଲୋକସେବା ଭବନ ଉଦ୍ୟାନ ବୁଲି ଦେଖିଛନ୍ତି। ଏହି ଉଦ୍ୟାନ ବର୍ତ୍ତମାନ ବିଭିନ୍ନ କିସମର ଫୁଲରେ ସଜେଇ ହୋଇ ଅତ୍ୟନ୍ତ ମନୋରମ ପରିବେଶ ସୃଷ୍ଟି କରିଥିବା ଦେଖିବାକୁ ମିଳିଛି।






# ବାଉଁଶବୁଦା ପାଖରୁ ମିଳିଲା ଅଧାପୋଡ଼ା ମୃତଦେହ



ବଲଙ୍ଗା, ୧।୧ (ଡି.ଏନ୍.ଏ.)

- ମୋବାଇଲ ଜବତ, ସନ୍ଦେହରେ ପୁଅ ଅଟକ
- ଖୋଳତାଡ଼ କରୁଛି ପୋଲିସ

ପୁରୀ ଜିଲା ବଲଙ୍ଗା ଥାନା ଅନ୍ତର୍ଗତ ଗୋପୀନାଥପୁର ରଙ୍ଗଣିସାହିର ଏକ ବାଉଁଶବୁଦା ନିକଟରୁ ରବିବାର ପୋଲିସ ଅଧାପୋଡ଼ା ମୃତଦେହ ଜବତ କରିଛି। ତେବେ ଶରୀରଟି ସମ୍ପୂର୍ଣ୍ଣ ପୋଡ଼ିଯାଇଥିବା ବେଳେ ଗୋଡ଼ ଦୁଇଟି କିଛି ଅଂଶ ପୋଡ଼ି ଚର୍ମ ଉଠିଯାଇଥିବା ଦେଖିବାକୁ ମିଳିଛି। ତେବେ ମୃତଦେହଟି ପୁରୁଷ କିମ୍ବା ମହିଳାଙ୍କର ତାହା ସ୍ପଷ୍ଟ ହୋଇପାରିନାହିଁ। ଏହା ହତ୍ୟା କି ଆତ୍ମହତ୍ୟା ଜଣାପଡ଼ିନାହିଁ। ଅନ୍ୟପକ୍ଷରେ ମୃତଦେହଟି ଜଣେ ମହିଳାଙ୍କ ଓ ତାଙ୍କ ପୁଅ ଏପରି କାଣ୍ଡ ଭିଆଇଥିବା ସାଧାରଣରେ ଆଲୋଚନା ହେଉଛି। ଏହି ଘଟଣାରେ ପୋଲିସ ସନ୍ଦେହରେ ତାଙ୍କ ପୁଅଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ପୋଲିସ ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ଗୋପୀନାଥପୁର ଗ୍ରାମରକ୍ଷୀ ପାଗଳ ମଲ୍ଲିକଙ୍କ ପରିବାର ଲୋକେ ଶୌଚ ପାଇଁ ଉଠିଥିଲେ। ପଡ଼ିଶା ଘର ବାରିପଟ ବାଉଁଶବୁଦା ନିକଟରେ କିଛି ଜଳୁଥିବା ବେଳେ କେତେଜଣ ଲୋକ ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ପାଗଳଙ୍କୁ ପରିବାର ଲୋକେ ଜଣାଇଥିଲେ। ଏହାପରେ ପାଗଳ ଓ ତାଙ୍କ ଭାଇ ଉକ୍ତ ସ୍ଥାନକୁ ଯିବାରୁ ସେଠାରେ ଥିବା ଲୋକେ ଦୌଡ଼ି ପଳାଇଥିଲେ। ଏ ନେଇ ସଙ୍ଗେସଙ୍ଗେ ପାଗଳ ବଲଙ୍ଗା ଥାନାକୁ ଜଣାଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଅଧାପୋଡ଼ା ମୃତଦେହ ସହ ଏକ ମୋବାଇଲ ଫୋନ୍, ଜରିଅଖା ଓ ପ୍ଲାଷ୍ଟିକ୍ ବୋତଲ ଠିପି ଜବତ କରିଥିଲା। ତେବେ ଉକ୍ତ ଗ୍ରାମର ଧଡ଼ିଆ ସେନାପତିଙ୍କ ମା' ସୁଲୋଚନା ଶନିବାରଠାରୁ ନିଖୋଜ ଥିବା ପୋଲିସ ତଦନ୍ତ ବେଳେ ଜାଣିବାକୁ ପାଇଥିଲା। ଏପରି କି ମୃତଦେହ ଜବତ ବେଳେ ମା' ନିଖୋଜ ଥିବା ଧଡ଼ିଆ ପୋଲିସ ଆଗରେ କହିଥିଲେ। ତେବେ ମୁହଁସହ ଶରୀର ସମ୍ପୂର୍ଣ୍ଣ ପୋଡ଼ିଯାଇଥିବାରୁ ମୃତଦେହ କାହାର ତାହା ଜଣାପଡ଼ିନାହିଁ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ଥାନା ଅଧିକାରୀ ରଶ୍ମିରଞ୍ଜନ ପୃଷ୍ଟି ଘଟଣାର ତଦନ୍ତ କରୁଛନ୍ତି। ଅନ୍ୟପକ୍ଷରେ ମୃତଦେହ କାହାର ଏବଂ ପୋଡ଼ାଯାଇଥିବା ସ୍ଥାନକୁ ସୁଲୋଚନାଙ୍କ ମୋବାଇଲ କିପରି ଆସିଲା ତାହା ଖୁବ୍‌ଶୀଘ୍ର ଜଣାପଡ଼ିବ ବୋଲି ଥାନା ଅଧିକାରୀ ପୃଷ୍ଟି କହିଛନ୍ତି।











# ମହିଳା ଡାକ୍ତରଙ୍କ ସନ୍ଦେହଜନକ ମୃତ୍ୟୁ

## କବାଟ ଭାଙ୍ଗି ମୃତଦେହ ଉଦ୍ଧାର କଲା ପୋଲିସ

ଯୋଡ଼ା, ୧।୧ (ଡି.ଏନ.ଏ)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୨ ନଂ. ୱାର୍ଡ ବନେଇକଳା ବସ୍ତିରେ ଏକ ବନ୍ଦଘରୁ ମହିଳା ଡାକ୍ତରଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ମହିଳା ଡାକ୍ତର ହେଲେ କଟକର ଶୁଭଶ୍ରୀ କର। ସେ ଯୋଡ଼ା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ଥିଲେ। ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବୀନ୍ଦ୍ର ନାଏକଙ୍କ ଘରେ ଭଡ଼ାସୂତ୍ରରେ ଚାଲୁଥିବା ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉପର ମହଲାରେ ଭଡ଼ାରେ ରହୁଥିଲେ।

ପୋଲିସ ସୂଚନା ମୁତାବକ, ଶନିବାର ରାତିରେ ସାଥୀମାନଙ୍କ ସହିତ ନୂଆବର୍ଷ ସେଲିବ୍ରେସନ କରି ସାରିବା ପରେ ରୁମ୍‌କୁ ଫେରିଥିଲେ। ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ କବାଟ ନ ଖୋଲିବାରୁ ତାଙ୍କ ସହାୟିକା ଏବଂ ପଡ଼ୋଶୀମାନେ ଯୋଡ଼ା ଥାନାକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବହୁଚେଷ୍ଟା ପରେ କବାଟ ନ ଖୋଲିବାରୁ କବାଟ ଭାଙ୍ଗିଥିଲେ। ଖଟ ଉପରେ ନିଶ୍ଚେତ ହୋଇ ପଡ଼ିଥିବା ମହିଳା ଡାକ୍ତରଙ୍କୁ ଉଦ୍ଧାର କରି ଯୋଡ଼ାସ୍ଥିତ ଟାଟାଷ୍ଟିଲ ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। କେମିତି ଓ କେଉଁ କାରଣ ପାଇଁ ତାଙ୍କର ମୃତ୍ୟୁ ହୋଇଛି ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ ବୋଲି ଯୋଡ଼ା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ କହିଛନ୍ତି।



ସ୍ୱର୍ଗଟିଏ ନିର୍ମାଣ କରିବା କେତେ ସହଜ ଭଗବାନଙ୍କ ପକ୍ଷରେ। ପୃଥିବୀ କିନ୍ତୁ ତାଙ୍କ ଲାଗି ନିଶ୍ଚୟ ଏକ କଠିନ ଆହ୍ୱାନ। କାରଣ– ଏଇ ପୃଥିବୀ ତ ଆଣିଦେଇଛି ତାଙ୍କୁ ସମସ୍ୟାଟିର ମହିମା ! ଆଣି ଦେଇଛି ପୁଣି ଦ୍ୱନ୍ଦ୍ୱ ଆଉ ସଂଘର୍ଷ। **–ଶ୍ରୀଅରବିନ୍ଦ**



# ଦ୍ୱିତୀୟ ଡଙ୍ଗା

କଂଗ୍ରେସ ୨୦୨୨ ମସିହାର ଶେଷଆଡ଼କୁ ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ' ଯାତ୍ରା ଦ୍ୱାରା ମଜଭୁତ ହୋଇଥିବା କୁହାଯାଉଛି। ଏଥିସହିତ ମଲିକାର୍ଜ୍ଜୁନ ଖାର୍ଗେ ଦଳର ଅଧ୍ୟକ୍ଷ ନିର୍ବାଚିତ ହେବା ଏକ ସକାରାତ୍ମକ ବାର୍ତ୍ତା ଦେଉଛି। ଅବଶ୍ୟ ସମସ୍ତେ ଜାଣନ୍ତି ଯେ, ଖାର୍ଗେଙ୍କ ମଙ୍ଗ ଧରିଛନ୍ତି ଗାନ୍ଧୀ ପରିବାର। ଏହା ଭାଜପା ପରିସ୍ଥିତି ସହିତ ଅନେକ ସାମଞ୍ଜସ୍ୟ ରଖିଛି। ସମସ୍ତେ ଏହା ମଧ୍ୟ ଭଲ ଭାବେ ଜାଣିଛନ୍ତି ଯେ, ଭାଜପାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରକାଶ ନଡ୍ଡାଙ୍କର କୌଣସି ରାଜନୈତିକ ଗୁରୁତ୍ୱ ନାହିଁ। ଏଭଳି ଏକ ସର୍ବୋଚ୍ଚ ଆସନ ପାଇବାର ସମ୍ଭାବନା କେବଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଅମିତ ଶାହାଙ୍କ ସହଯୋଗ ରହିଲେ ମିଳିପାରିବ। ଏଭଳି ସନ୍ଧିକ୍ଷଣରେ ହିମାଚଳ ପ୍ରଦେଶରେ କଂଗ୍ରେସ ଶାସନ ଅନେକାଂଶରେ ଦଳୀୟ ନେତା ଓ କର୍ମୀଙ୍କୁ ଉତ୍ସାହିତ କରିଛି। ସମସ୍ତେ ଭାବୁଛନ୍ତି କଂଗ୍ରେସ ତୁଳନାରେ ଭାଜପାର ପଲା ଭାରି । ଅନ୍ୟପକ୍ଷରେ ରାହୁଲ ଗାନ୍ଧୀ ତାଙ୍କ ଦୀର୍ଘ ପଦଯାତ୍ରା ସମୟରେ କହୁଛନ୍ତି ଯେ, ସାଧାରଣ ଭାରତୀୟ ନାଗରିକ ବ୍ୟସ୍ତ ହୋଇପଡ଼ିଲେଣି। ଏବକାର କେନ୍ଦ୍ର ଶାସନରେ ଅତିଷ୍ଠ। ନବବର୍ଷର ଅବ୍ୟବହିତ ପୂର୍ବରୁ ୩୧ ଡିସେମ୍ବର ୨୦୨୨ରେ ରାହୁଲ ଗାନ୍ଧୀ ନୂଆଦିଲ୍ଲୀଠାରେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ''ତାଙ୍କ ଭାରତ ଯୋଡ଼ୋ ଯାତ୍ରା ବେଳେ ସେ ଦେଖିବାକୁ ପାଇଛନ୍ତି ଯେ ଭାଜପା ବିରୋଧରେ ଦେଶବ୍ୟାପୀ ଗୋଟେ ଅଣ୍ଡରକରେଣ୍ଟ୍ ବା ଭିତିରି ସ୍ରୋତ ବୋହି ଚାଲିଛି। ଯଦି ବିରୋଧୀମାନେ ଫଳପ୍ରଦ ଭାବେ ମିଶି ଏକ ବିକଳ୍ପ ଶାସନ ଲାଗି ପଥ ଦେଖାଇପାରନ୍ତେ, ତେବେ ଭାଜପା ପକ୍ଷେ ୨୦୨୪ ଲୋକ ସଭା ନିର୍ବାଚନ ଜିତିବା କଷ୍ଟକର ହୋଇପଡ଼ିବ। ତେଣୁ ବିରୋଧୀ ଦଳଗୁଡ଼ିକ ଲୋକଙ୍କ ପାଖକୁ ଯିବା ଦରକାର'' ବୋଲି ରାହୁଲ ଆହ୍ୱାନ ଦେଇଛନ୍ତି।

**ଗୋଟିଏ ଡଙ୍ଗା ଭାସୁଛି। ଆଉ ଗୋଟିଏ ଡଙ୍ଗା ଭାସିଲେ ଭାରତୀୟ ଭୋଟରଙ୍କ ପାଖରେ ପସନ୍ଦ କରି ବାଛିବାର ସୁଯୋଗ ମିଳିପାରେ। ସେହି ଡଙ୍ଗାରେ ନାଉରିଆ ଗୁରୁତ୍ୱପୂର୍ଣ୍ଣ ହେବାଠାରୁ ଅଧିକ ଜରୁରୀ ହେଉଛି ଡଙ୍ଗାଟି ଦୃଢ଼ ଅର୍ଥନୈତିକ, ବୈଦେଶିକ ନୀତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବହିର୍ବ୍ୟାପାର ନିରାପତ୍ତା ଦୃଷ୍ଟିରୁ ସୁଦୃଢ଼ ହୋଇଥିବା ଦରକାର।**

ଇତିହାସ ପ୍ରମାଣ ଦେଇଛି, କୌଣସି ରାଜନୈତିକ ଦଳ କିମ୍ବା ରାଜନେତା ଶାସନ ମଙ୍ଗ ଧରିବାରେ ଚିରସ୍ଥାୟୀ ରହିନାହାନ୍ତି। ଶାସନରେ ତ୍ରୁଟିବିଚ୍ୟୁତି ଦେଖାଦେଲେ ଭୋଟର ସେମାନଙ୍କୁ ବଦଳାଇ ଦେଇଥାଆନ୍ତି। ୨୦୧୪ରେ ଭାଜପା ଶାସନ କ୍ଷମତାକୁ ଆସିବା ପଛରେ ଦଳର 'ବିକାଶ ମଡେଲ' ସ୍ଲୋଗାନ ଅପେକ୍ଷା କଂଗ୍ରେସର ଭ୍ରଷ୍ଟାଚାର ଓ କ୍ଷମତାଲିପ୍ସୁ ନେତାଙ୍କ ବ୍ୟବହାର ଦେଶବାସୀଙ୍କୁ ଅତିଷ୍ଠ କରିଥିଲା। ଅର୍ଥାତ୍ କୁହାଯାଇପାରେ ଯେ, ୨୦୧୪ରେ ମୁଖ୍ୟତଃ କଂଗ୍ରେସର ପରାଜୟ ଘଟିଥିଲା। ସେହି ସ୍ଥିତିରୁ ସର୍ବାଧିକ ଲାଭ ପାଇଥିବା ଭାଜପାର ଗୁଜରାଟ ମଡେଲ କେହି ଜାଣି ନ ଥିଲେ ମଧ୍ୟ କଂଗ୍ରେସ ବିରୋଧୀ ହାୱାରେ ଦେଶର ଅନେକ ଅଞ୍ଚଳ ଭାସିଯାଇଥିଲା। ୨୦୧୬ରେ ମୋଦି ସରକାରଙ୍କ ବିମୁଦ୍ରୀକରଣଠାରୁ ଆରମ୍ଭ କରି ଆଜିର ୮.୩୦% ବେକାରୀ ସମସ୍ୟାକୁ ଜନସାଧାରଣ ସାମ୍ନା କରିଆସୁଛନ୍ତି। କେବଳ ଭୟରେ ଏବଂ ସରକାରୀ ବିରୋଧୀ ବୋଲି ଗାଳି ଶୁଣିବାକୁ ଅରାଜି ହେଉଥିବାରୁ ଜନସାଧାରଣ ହୁଏତ ନିଜର ମତ ଖୋଲାଖୋଲି ରଖୁନାହାନ୍ତି। କିନ୍ତୁ କଂଗ୍ରେସ ମଧ୍ୟ ତାହାର ନୀତି ସ୍ପଷ୍ଟ କରୁନାହିଁ। ଉଦାହରଣ ସ୍ୱରୂପ, ମୋଦି ସରକାର କେବଳ ଦୁଇ ତିନୋଟି ଶିଳ୍ପପତିଙ୍କୁ ଆଖିବନ୍ଦ କରି ସମର୍ଥନ କରୁଥିବା ବେଳେ ଦେଶର ଅନେକ ବ୍ୟବସାୟ ବନ୍ଦ ହୋଇଗଲାଣି। ଏଭଳି ନୀତିକୁ ସ୍ପଷ୍ଟ ଭାବେ ବିରୋଧ କରି ବିକଳ୍ପ ନୀତି ଘୋଷଣା କରିବାର ଯଥେଷ୍ଟ ଗୁରୁତ୍ୱ ରହିଛି। କେବଳ କଥାକୁହା ବିରୋଧୀ ନେତାଙ୍କ ମୁହଁକୁ ଦେଖି ସମ୍ଭବତଃ ଭୋଟର ସମର୍ଥନ କରି ନ ପାରନ୍ତି। ଆଜି ମଧ୍ୟ ଭାରତୀୟ ରାଜନୀତିରେ ଧର୍ମର ପ୍ରାସଙ୍ଗିକତା ରହୁଛି। ସେଥିପାଇଁ ବିରୋଧୀମାନେ ସେହି ଧର୍ମକୁ ଧରି ନିଜର ଲକ୍ଷ୍ୟ ହାସଲ କରିପାରିବେ ବୋଲି ବିଶ୍ୱାସ ହେଉନାହିଁ। ଗୋଟିଏ ଡଙ୍ଗା ଭାସୁଛି। ଆଉ ଗୋଟିଏ ଡଙ୍ଗା ଭାସିଲେ ଭାରତୀୟ ଭୋଟରଙ୍କ ପାଖରେ ପସନ୍ଦ କରି ବାଛିବାର ସୁଯୋଗ ମିଳିପାରେ। ସେହି ଡଙ୍ଗାରେ ନାଉରିଆ ଗୁରୁତ୍ୱପୂର୍ଣ୍ଣ ହେବାଠାରୁ ଅଧିକ ଜରୁରୀ ହେଉଛି ଡଙ୍ଗାଟି ଦୃଢ଼ ଅର୍ଥନୈତିକ, ବୈଦେଶିକ ନୀତି, ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବହିର୍ବ୍ୟାପାର ନିରାପତ୍ତା ଦୃଷ୍ଟିରୁ ସୁଦୃଢ଼ ହୋଇଥିବା ଦରକାର। ତାହା ଭିତରେ ଯେମିତି ସୁବିଧାବାଦର ପାଣି ନ ପଶେ ସେ ଦିଗରେ ଖୋଲା ଆଲୋଚନା ହେବା ଦରକାର। କାରଣ ଭାରତ ବିଭିନ୍ନ ବିଶ୍ୱାସ ଏବଂ ଭିନ୍ନ ପ୍ରକାରର ଆଞ୍ଚଳିକ ରାଜନୀତିକୁ ନେଇ ଗଠିତ। ସେଥିରେ ଏକ ଭାଷା, ଏକ ନେତା, ଏକ ରାଜନୈତିକ ଦଳ ଭଳି ଧ୍ୱନିକୁ ସକ୍ରିୟ ଭାବେ ବିରୋଧ କରିବା ଅତ୍ୟନ୍ତ ଆବଶ୍ୟକ।

# ସାହିତ୍ୟର ସୁଧା ସଞ୍ଜୀବନୀ



ଉପେନ୍ଦ୍ର ବିଶ୍ୱାଳ

ଅବସରପ୍ରାପ୍ତ ଜଣେ ଓଏଏସ୍ ଅଧିକାରୀ, ରୁହନ୍ତି ଭୁବନେଶ୍ୱରସ୍ଥ ରବି ଟକିଜ ଛକ ନିକଟରେ। ବ୍ୟସ୍ତବହୁଳ କର୍ମମୟ ଜୀବନ-ଜଞ୍ଜାଳ ଭିତରେ ନ ଥିଲା ବିଶେଷ ସାମାଜିକ ସମ୍ପର୍କ। ପିଲା ମଧ୍ୟ ରୁହନ୍ତି ବାହାରେ। ଅବସର ନେଲା ପରେ ପରେ ନିଃସଙ୍ଗପଣିଆ ସହିତ ମନକୁ ଘାରିଛି ନାନାଦି ନକାରାତ୍ମକ ଭାବନା, ଦୁଶ୍ଚିନ୍ତା ସବୁ। ଅବସରର କେଇଟାବର୍ଷ ଭିତରେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛନ୍ତି ବାବୁଜଣଙ୍କ। ଆହୁରି ଅଧିକ ବିଗାଡ଼ିଦେଲା ଘାତକ କରୋନାଜନିତ ଦୁଃସ୍ଥିତି। ତାଙ୍କୁ ମନେହେଲା, ଯେମିତି କି ଦୁନିଆର ସବୁଠୁ ଦୁଃଖୀ-ମଣିଷ ହେଉଛନ୍ତି ସେ। ଉଦାସଭାବ, ହତାଶବୋଧରେ ଘାଣ୍ଟି ହେଉହେଉ ଜୀବନ ହାରିବାର ଚରମ ନିଷ୍ପତ୍ତି ନେବାର ସୁଯୋଗ ଅପେକ୍ଷାରେ ଥିଲେ ସେ। ହଠାତ୍ ଅଗଷ୍ଟ ୨୨, ୨୦୨୦ ସକାଳେ ତାଙ୍କର ଅତି ଘନିଷ୍ଠ ବନ୍ଧୁଙ୍କ ଫୋନ ଆସିଲା, ଯିଏକି ବାବୁଙ୍କ ଏପରି ଅସ୍ୱାଭାବିକ ହାବଭାବକୁ ଅତି ନିକଟରୁ ନିରୀକ୍ଷଣ କରୁଥିଲେ। ''ଆରେ, ଆଜିର ଅମୁକ କାଗଜ ଦେଖିଲୁଣି ? ତୋ ବିଷୟରେ ବାହାରିଛି। କାଗଜର ସମ୍ପାଦକୀୟ ପୃଷ୍ଠାର 'ମୁଁ ଆଶାର କିରଣ' ଲେଖାଟି ଶୀଘ୍ର ଦେଖ''– ଏହା କହି ବନ୍ଧୁ ଜଣଙ୍କ ଫୋନ କାଟିଦେଲେ। ବାବୁ ଜଣଙ୍କ କାଗଜଟିକୁ କିଣି ଆଣି ତରବରରେ ପଢ଼ି ଚାଲିଲେ ଲେଖାଟିକୁ। କେଉଁଠି ବି ପାଇଲେ ନାହିଁ ତାଙ୍କ ନାଁ। ଛାନିଆ ନ ହୋଇ ପୁଣି ଆଉଥରେ ପଢ଼ିବାକୁ ଲାଗିଲେ। ତାଙ୍କୁ ଟିକେଟିକେ ମନେହେଲା, ତାଙ୍କ ସମ୍ବନ୍ଧେ ଲେଖାଯାଇଛି ଯେମିତି। ତା'ପରେ ଖୁବ୍ ମନଧ୍ୟାନ ଦେଇ ଆଉଥରେ ପଢ଼ିବାକୁ ଲାଗିଲେ ସେହି ଲେଖାଟିକୁ। ହଠାତ୍ ଉଜ୍ଜ୍ୱଳ ହୋଇ ଉଠିଲା ମୁଖମଣ୍ଡଳ ତାଙ୍କର। ସତେଯେମିତି ପାଇଗଲେ ସେ ଅପହୃତ ଆତ୍ମବିଶ୍ୱାସ। ବଞ୍ଚିବା ପାଇଁ ବଳ, ଆଗକୁ ବଢ଼ିବା ପାଇଁ ବାଟ। ସଙ୍ଗେସଙ୍ଗେ ଲେଖକଙ୍କୁ ଫୋନ କରି କହିଲେ – ଆଜ୍ଞା, ମୋ ଜୀବନ ଆପଣ ବଞ୍ଚେଇଦେଲେ। ବଞ୍ଚିବା ପାଇଁ ରାହା ମିଳିଗଲା ମୋତେ। ନାଁ, ମୁଁ ଆଉ ହାରିବିନି ଜୀବନ। କେବଳ ଏତିକିରେ ଅଟକି ନ ଯାଇ ସମ୍ପୃକ୍ତ କାଗଜର ସମ୍ପାଦକଙ୍କୁ ବି ଫୋନ କରି କୃତଜ୍ଞତା ଜଣାଇଲେ, କାଗଜଟି ତାଙ୍କର ଜୀବନ ବଞ୍ଚେଇଦେଲା ବୋଲି। କେବେ ବି ଓଡ଼ିଆ କାଗଜ ମଗାଇ ପଢୁ ନ ଥିବା ବାବୁ ଜଣଙ୍କ ତା'ପରଠୁ ଓଡ଼ିଆ କାଗଜ ମଗାଉ ଥିବାର ଜଣାଯାଏ, ବିଶେଷକରି ସ୍ତମ୍ଭ ପଢ଼ିବା ପାଇଁ।

'ସ୍ତମ୍ଭ'ର ସୁରଭିରେ ଏମିତି କାହା ଜୀବନର ମୋଡ଼ ବଦଳି ଯାଇଛି ତ ଆଉ କାହାର ଗତିପଥ। ସ୍ତମ୍ଭ କେବଳ ସମାଜର ଦିଗବାରେଣି ସାଜେନାହିଁ, ସରକାରଙ୍କ ନୀତି ନିର୍ଦ୍ଧାରଣର ନିୟାମକ ବି ହୋଇଥାଏ, ଅନେକ କ୍ଷେତ୍ରରେ। ପିଲାଙ୍କ ଭିତରେ ବଢୁଥିବା ଆତ୍ମହତ୍ୟା ପ୍ରବଣତାକୁ ଦୃଷ୍ଟିରେ ରଖି, ଶିକ୍ଷକଙ୍କ ମାଧ୍ୟମରେ ଜୀବନର ସଂଜ୍ଞା ଟିକେ ଜଣାଇବା ସହିତ ବଞ୍ଚିବା ଓ ବଢ଼ିବାର କଳା-କୌଶଳ ସମ୍ବନ୍ଧେ ପିଲାଙ୍କୁ ସାମାନ୍ୟ ଜ୍ଞାନ ଦେବାକୁ 'ଶିକ୍ଷକଙ୍କୁ ଚିଠି' ଶୀର୍ଷକ ଲେଖାଟିଏ ପ୍ରକାଶ ପାଏ। ଆବେଗଭରା ଲେଖାଟି ଖୋରାକ ଯୋଗାଇଲା।



ଶିକ୍ଷା ବିଭାଗକୁ, ଏ ସମ୍ବନ୍ଧେ ଚିନ୍ତାକରି କିଛି ପଦକ୍ଷେପ ନେବାକୁ। ଏହିଭଳି ଅନେକ ସ୍ଥଳରେ ସ୍ତମ୍ଭ ହିଁ ସରକାରଙ୍କ ମାର୍ଗଦର୍ଶିକା ସାଜିଥାଏ। ସୁସ୍ଥ-ସୁନ୍ଦର ସମାଜଟିଏ ଗଢ଼ିବାରେ ସହାୟକ ହୋଇଥାଏ। ଯେଉଁଥିପାଇଁ କି ଦୁଇଦଶନ୍ଧି ପୂର୍ବରୁ ଯେଉଁ ଖବରକାଗଜରେ 'ସ୍ତମ୍ଭ' ପାଉ ନ ଥିଲା ବିଶେଷ ଗୁରୁତ୍ୱ, ସେଇଠି ତା'ର ଆଜି ବଢ଼ିଛି ଆଦର। ସ୍ତମ୍ଭ ସାହିତ୍ୟ ଓ ସ୍ତମ୍ଭକାରଙ୍କ ଉପରେ ଛାତ୍ରୀଛାତ୍ରମାନେ ବି ପିଏଚ୍ଡି କରିବାକୁ ଆଗେଇ ଆସିଲେଣି। ଯଦିଓ 'ସ୍ତମ୍ଭ'ର ପାଠକ ସଂଖ୍ୟା ଆଜି ବି ପ୍ରାୟ ୧୫ ଭାଗ ହେବ, ତଥାପି ତା'ର ପ୍ରଭାବ ସୁଦୁରପ୍ରସାରି ଏବଂ ଅନସ୍ୱୀକାର୍ଯ୍ୟ।

ସ୍ତମ୍ଭର ଲକ୍ଷ୍ୟ ହେଲା– To inform, to persuade, to entertain. ସ୍ତମ୍ଭ ସବୁବେଳେ ତଥ୍ୟଯୁକ୍ତ, ପ୍ରାସଙ୍ଗିକ ଏବଂ ସଦ୍ୟ ଘଟଣାବଳୀ ଉପରେ ପର୍ଯ୍ୟବସିତ ହେବା ଉଚିତ। ସମାଜରେ ଘଟୁଥିବା ସମସ୍ୟା ସମ୍ପର୍କରେ ସଂକ୍ଷିପ୍ତରେ ଆଲୋଚନା କରି, କୌଶଳ ପୂର୍ବକ ବିଶ୍ଳେଷଣ କରି, ଯୁକ୍ତିଯୁକ୍ତ ସମାଧାନର ରାସ୍ତା ଦେଖାଇଥାଏ। ଆହୁରି ଟିକେ ସରଳକରି କହିଲେ, ତିନୋଟି 'ଆଇ' (Information, Inspiration, Interest) ହିଁ ବଳିଷ୍ଠ କରିଥାଏ ସ୍ତମ୍ଭକୁ। ଅର୍ଥାତ୍ ତଥ୍ୟ ସହିତ ପ୍ରେରଣାଦାୟୀ ବାର୍ତ୍ତା ଏବଂ ପଠନର ରୁଚି ବଢ଼େଇପାରିବା ହେଉଛି ଗୋଟେ ସ୍ତମ୍ଭର ସାର୍ଥକତା। କୌଣସି ଅବାନ୍ତର ବା ଅଯୌକ୍ତିକ କଥା ଉଲ୍ଲେଖ ଥିଲେ କିମ୍ବା ବିଦ୍ୱେଷଭାବ ରଖି ଉଦ୍ଦେଶ୍ୟମୂଳକ ଭାବେ ବଦ ମିଜାଜଭିତ୍ତିକ (humouristic) କିଛି ଲେଖା ହୋଇଥିଲେ ତାହା ସ୍ତମ୍ଭ ପଦବାଚ୍ୟ ନୁହେଁ। ଶାସ୍ତ୍ର (ଶବ୍ଦ)କୁ ଶସ୍ତ୍ର ପରି ଉପଯୋଗ କରିବା ଉଚିତ ନୁହେଁ। କାରଣ ଶବ୍ଦକାର ବି ଜଣେ ଋଷି ପରି ଏବଂ ଲେଖା ହେଉଛି ତା'ର ଯଜ୍ଞ। ସତ୍ୟ, ନ୍ୟାୟ ଓ ଧର୍ମର ରକ୍ଷା ହେଉଛି ଲେଖକର ସ୍ୱରୂପ। ଦୋଷଦର୍ଶୀ ନ ହୋଇ ଦୁନିଆର ଦିଶା ଓ ଦଶା ବଦଳାଇବା ହିଁ ବାହାଦୁରିପଣ। ଏଣୁ ସ୍ତମ୍ଭ ସର୍ବଦା ସତ୍ୟଦର୍ଶୀ, ବାର୍ତ୍ତା ଓ ବାସ୍ତବଧର୍ମୀ ତଥା ଚେତନାଧର୍ମୀ ହେବା ତା'ର ମୌଳିକଧର୍ମ ।

ସାହିତ୍ୟ ହେଉଛି ମାନବିକ କଲ୍ୟାଣର ମାପକାଠି। ଲଳିତ ବୋଧର ଅମୃତ ଅଭିବ୍ୟକ୍ତି। ଏଭଳି ସ୍ଥିତିରେ ଆଜି ଯେଉଁଠି କବିତା ପ୍ରତି ପାଠକ ବୀତସ୍ପୃହ, କଳ୍ପନା ପ୍ରସୂତ ସାହିତ୍ୟ (ଗଳ୍ପ, ଉପନ୍ୟାସ ଆଦି) ପ୍ରତି କମିକମି ଆସୁଛି ପାଠକଙ୍କ ରୁଚି, ସେତେବେଳେ ସ୍ତମ୍ଭସାହିତ୍ୟ ହିଁ ସାହାରା, ସାହିତ୍ୟର ଦିଗ ବଳୟକୁ ଉଦ୍ଭାସିତ କରିବାକୁ। 'ସ୍ତମ୍ଭ' ବି ପତ୍ରପତ୍ରିକା ପ୍ରତି ପାଠକର ଆଗ୍ରହ ବଢ଼ାଇପାରେ, କମାଇ ବି ପାରେ। ପ୍ରସାରଣ ସଂଖ୍ୟା ବଢ଼ାଇପାରେ, କମାଇ ବି ପାରେ, ଯାହାକି ନିର୍ଭର କରେ ସ୍ତମ୍ଭର ମାନ ଉପରେ। ସ୍ତମ୍ଭ ବି ବଢ଼ାଇଥାଏ ପତ୍ରପତ୍ରିକାର 'ମାନ'କୁ ଏବଂ ବଢ଼ାଇଥାଏ ସମ୍ପାଦକଙ୍କ 'ମର୍ଯ୍ୟାଦା'କୁ। ଯେଉଁ କାଗଜର ସ୍ତମ୍ଭ ଯେତିକି ବଳିଷ୍ଠ,ସେହି କାଗଜର ସଚେତନ ଶ୍ରେଣୀୟ ପାଠକ, ଛାତ୍ରୀ-ଛାତ୍ର ଓ ବୁଦ୍ଧିଜୀବୀମାନଙ୍କ ସଂଖ୍ୟା ସେତେ ଅଧିକ। ଭୌତିକ ବିକାଶ ସହିତ ତାଳଦେଇ ବଢ଼ି ବଢ଼ି ଚାଲୁଛି ଅରାଜକତା ଓ ଅସାମାଜିକତା। ସେଥିପାଇଁ ସମସ୍ତେ ଉଦ୍‌ବିଗ୍ନ। ଏଭଳିସ୍ଥଳେ ସୁସ୍ଥ ଓ ସୁନ୍ଦର ଏକ ସମାଜ ପାଇଁ ସାହିତ୍ୟର ଲୋକପ୍ରିୟତା ବଢ଼ିବା ନିହାତି ଜରୁରୀ। ବିଶେଷକରି ସ୍ତମ୍ଭର ଚାହିଦା ବୃଦ୍ଧି, ଖୁବ୍ ଗୁରୁତ୍ୱ ରଖେ ଆଜିର ଦିନରେ। ଆଜି ଦିନରେ ଆଗଧାଡ଼ିର ଦୈନିକ ଖବରକାଗଜମାନଙ୍କରେ ଯେଉଁପ୍ରକାର ଉଚ୍ଚମାନର ସ୍ତମ୍ଭ ପ୍ରକାଶ ପାଉଛି, ସେ ସବୁକୁ ଯଦି ଛାତ୍ରୀଛାତ୍ରଙ୍କୁ ପଢ଼ିବାକୁ ବାଧ୍ୟତାମୂଳକ କରାଯା'ନ୍ତା, ସ୍କୁଲ କଲେଜରେ ସ୍ତମ୍ଭ ସାହିତ୍ୟ ଉପରେ ପ୍ରଶ୍ନପତ୍ର ତିଆରି ହୁଅନ୍ତା, ତେବେ ସମାଜରେ ଅନେକ ସୁଧାର ଆସିପାରନ୍ତା। ସ୍ତମ୍ଭ କେବଳ ଚେତନାର ସ୍ତରକୁ ପ୍ରସାରିତ କରି ନ ଥାଏ, ଇତିହାସର ଐତିହ୍ୟରୁ ପୁରାଣର ପେଡ଼ିଯାଏ ଆମ ଜ୍ଞାନଭଣ୍ଡାରକୁ ବୃଦ୍ଧି କରିଥାଏ। ସ୍ତମ୍ଭ କେବେ ପୁଣି ବିଜ୍ଞାନର ବିଭାକୁ ବିତରଣ କରେ ତ ଆଉ କେବେ ବଖାଣେ ଜୀବନ-ଦର୍ଶନ, ସମ୍ବିଧାନ, ମନୋବିଜ୍ଞାନ, ଶରୀର ବିଜ୍ଞାନର କଥା। ମୋଟ ଉପରେ ଛାତ୍ରୀଛାତ୍ରଙ୍କୁ ଚେତନଶୀଳ, ସୃଜନଶୀଳ, ବିଚାରଶୀଳ, ପରିପକ୍ୱ ମଣିଷରୂପେ ଗଢ଼ିବାର ସାମର୍ଥ୍ୟ ରଖେ ସ୍ତମ୍ଭ। ଅର୍ଥାତ୍ ସ୍ତମ୍ଭ ଭିତରେ ଲୁଚି ରହିଥାଏ, ପୂରା ପୃଥିବୀ। ତାକୁ କେବଳ ପଢ଼ିବାର ଅଛି, ବୁଝିବାର ଅଛି। ଏଣୁ ଆସନ୍ତୁ ଆହୁରି ଆଗ୍ରହର ସହିତ ସ୍ତମ୍ଭ ପଢ଼ିବା। କାରଣ ସେ ଆମକୁ ଅଧିକ ସୁଧ ସହିତ ମୂଳଧନର ବହୁଗୁଣା ଫେରାଇଥାଏ।

**ଫକୀରମୋହନ ନଗର, ଲଛମା କଲୋନୀ, ବାଲେଶ୍ୱର**
**ମୋ: ୯୪୩୭୪୩୬୦୭୩**

# ମନେପଡ଼େ ବୋଉ



ଛନ୍ଦା ମିଶ୍ର

ମୋ ବୋଉର ସ୍ୱରଟି ଭାରି ମିଠା, ଖୁବ୍ ସୁନ୍ଦର ଗୀତ ସେ ଗାଏ ହାରମୋନିୟମ ବଜେଇ। ଆଉ ସେ ଯେତେବେଳେ ଆମକୁ ଶୋଇ ପକାଇ ଧୋରେ ବାଇଆ ଧୋଠାରୁ ନେଇ ମନବୋଧ ଚଉତିଶା ପର୍ଯ୍ୟନ୍ତ ଗାଏ, ମତେ ଲାଗେ ସେ ଏମିତି ଗାଉ ଥାଉ.. । ଗାଇ ଗାଇ ତା' ଆଖି ମୁଜି ହୋଇଯାଏ, ହେଲେ ମୋ ମନ ପୂରେନା। ମୁଁ କହେ, ବୋଉ ଆଉ ଗାଉନୁ... । ବୋଉ ରାଗେ... ଜଲଦି ଶୁଅ, ଏତେ ଗୀତ ବୋଲିଲିଣି, ତଥାପି ଶୋଉନୁ...। ସବୁଥର ଭଳି ଏଥର ବି ବୋଉ ଆଗେ ଶୋଇପଡ଼େ। ତାରି ପାଖରେ ଶୋଇ ତାରି କାନି ଧରି ଖେଳୁ ଖେଳୁ କେତେବେଳେ ମତେ ନିଦ ହୋଇଯାଏ, ଜାଣେନା । ହେଲେ ସକାଳେ ଉଠିଲା ବେଳକୁ ବୋଉ ନ ଥାଏ ପାଖରେ। ଭୋରୁ ଉଠି ଦୁଆରେ ଗୋବର ପାଣି ପକେଇ, ଠାକୁରଙ୍କ ପାଇଁ ଫୁଲ ତୋଳି, ଜେଜେମା ପାଇଁ ଡାଳରେ ପାଣି ଓ ଦାନ୍ତକାଠି ସଜାଡି ରଖି, ଗାଧୋଇ ସାରି, ହାଣ୍ଡିଶାଳେ ଚୁଲିରେ ଚା' ବସେଇ ଥାଏ। ମୁଁ ଯାଇ ତା' ପାଖରେ ଖୁନ୍ଦିହୋଇ ବସେ । ବୋଉ ମତେ ଆଉଁଶି ଦିଏ, ଦାନ୍ତ ଘଷିବୁ ଯା.. କହିଲେ ଯାଇ ମୋ ନିଦ ଭାଙ୍ଗେ।

ସ୍କୁଲ ଗଲା ବେଳକୁ ସେମିତି ଜିଦି କରେ, ମତେ ଖୁଆଇ ଦେ...। ଭାତ ଡାଲି ଆଳୁଚକଟାକୁ ଗୋଳେଇ ସେ ଯେତେବେଳେ ଖୁଆଇ ଦିଏ ତା' ହାତର ତିନୋଟି ଗୁଣ୍ଡାରେ ମୋ ପେଟ ପୂରିଯାଏ। ମୁହଁ ଧୋଇ ତା' କାନିରେ ଓଦା ମୁହଁ ପୋଛି ଦେଲେ ମନ ପୂରି ଉଠେ। ପୁଣି ଦେହ ଖରାପ ଥାଉ କି ମନ ଉଦାସ ଥାଉ, ତା' କୋଳରେ ଟିକେ ମୁଣ୍ଡ ଗୁଞ୍ଜି ଦେଲେ, ଅଶାନ୍ତ ମନ ମୋର ପ୍ରଶାନ୍ତିରେ ଭରି ଉଠେ, ଲାଗେ ସବୁ ଠିକ୍ ଅଛି।

ହେଲେ ଯେବେ ମୁଁ ଜାଣିଲି ମୋ ବୋଉ ଭାରି ମିଛେଇ ବୋଲି ସେଦିନ ମୋ ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। ସାତ ଭାଇ ଭଉଣୀର ଘର। ତା' ସାଙ୍ଗରେ ନିଇତି ଘରେ କୁଣିଆ। ସେଦିନ ହଠାତ୍ ମାମୁ ତାଙ୍କ ଦୁଇ ସାଙ୍ଗଙ୍କ ସହ ଆସି ପହଞ୍ଚି ଥାନ୍ତି। ଶନିବାର ଯୋଗୁ ଅଧାଦିନ ସ୍କୁଲ ଛୁଟି। ମୁଁ କହି ଯାଇଥାଏ, ବୋଉଲୋ ମୁଁ ଫେରିଲେ ତୋ ସାଙ୍ଗରେ ଖାଇବି..। ସ୍କୁଲରୁ ଫେରିଲା ବେଳକୁ ସେ ମୋ ପାଇଁ ପଖାଳ ବାଢ଼ି ଆଳୁ ସିଝାଟିଏ ଚକଟୁ ଥାଏ। କହିଲି କେତେ କଥା ରାନ୍ଧିବୁ କହୁଥିଲୁ, ଆଉ.. ବୋଉ ମୋ ପାଟିରେ ହାତ ଦେଇ କହିଲା, କାଇଁ ଏଡ଼େ ପାଟିଟା କରୁଛୁ, କୁଣିଆ ଆସିଲେ ପରା... । ମୁଁ ଖାଇବାକୁ ବସି କହିଲି, ତୋର ବାଢୁନୁ.. ଉତ୍ତର ଦେଲା, ମୁଁ ଖାଇ ସାରିଛି । ଚକିତ ହେଲି... ମତେ ଛାଡ଼ି ତ ବୋଉ କେବେ ଖାଏନି, ବୋଧେ ବେଶି ଭୋକ କରିଥିବ! ଖାଇସାରି, ଜହ୍ନମାମୁଟିଏ ଧରି ଗଡୁ ଗଡୁ ରୋଷେଇ ଘରେ ଖଡ଼ଖାଡ଼ ଶୁଣି ଉଠି ଦେଖିଲି, ସେ ନିଜ ପାଇଁ ଚୁଡ଼ା ଚିନି ଗୋଳୋଉଛି। ଧୀରେ ଧୀରେ ଏମିତି



ତା'ର ଅନେକ ମିଛ ମୁଁ ଜାଣିପାରିଲି। ବାପା ଜାଣିଲେ ରାଗିବେ କହି ସେ କେତେ କଥା ମନେଇ ନିଏ। ହେଲେ ସବୁ ମିଛ ପଛରେ ଥାଏ ଆମ ପାଇଁ ମଙ୍ଗଳ କାମନା।

ବୋଉଠାରୁ ଅଧିକ ଦାନୀ ମୁଁ କାହାକୁ ଦେଖିନି। କେଉଁ ଉପାଦାନରେ ସେ ଗଢ଼ା କେଜାଣି, ଭୋକରେ ରହି ନିଜ ଖାଦ୍ୟରେ ଅନ୍ୟର ପେଟ ପୂରିଲେ ସେ ଭାରି ଖୁସି ହୁଏ। ସେଥିପାଇଁ ସକାଳୁ ସଞ୍ଜ ଯାଏ ଘର ଆଗରେ ଗାଈ ଗୋରୁଙ୍କଠାରୁ ନେଇ ସନ୍ନ୍ୟାସୀ, ଗରିବ ବ୍ରାହ୍ମଣ ଓ ଭିକାରିଙ୍କ ଭିଡ଼ ହୁଏ। ଲାଗୁଥିଲା ସତେ ଯେମିତି ସେ କେବଳ ଆମର ବୋଉ ନ ଥିଲା, ଥିଲା ଏ ସମସ୍ତଙ୍କର ବୋଉ। ଭିକାରି ଓ ସନ୍ନ୍ୟାସୀମାନେ ତାକୁ ମା' ବୋଲି ସମ୍ବୋଧନ କରୁଥିଲେ, କିନ୍ତୁ ସେ ସକାଳୁ ଉଠି ଦାଣ୍ଡ କବାଟ ଖୋଲିବା କ୍ଷଣି କାଉଠାରୁ ନେଇ ଗୁଣ୍ଡୁଚି ଯାକେ, ତାଙ୍କ ଅବୋଧ ଭାଷାରେ ଏମିତି କିଚିରି ମିଚିରି ହେଉଥିଲେ ଯେ ଲାଗୁଥିଲା ଯେମିତି ସେମାନେ କହୁଛନ୍ତି, ହେଇ ବୋଉ ଆସିଲାଣି...

କଥା କଥାକେ ଭାଗବତରୁ ଉଦ୍ଧୃତି ଦେଉଥିବା ମୋ ବୋଉ ଖୁବ୍ ଭଗବତ୍ ବିଶ୍ୱାସୀ ଥିଲା। ଜୀବନରେ ଆସିଥିବା ସମସ୍ତ ଜଞ୍ଜାଳକୁ ସେଇ ଈଶ୍ୱରଙ୍କ ଇଚ୍ଛା କହି ହସି ହସି ସହିଗଲା। ସେଇ ଭାଗବତଙ୍କୁ ପୁଞ୍ଜି କରି ବେଶ୍ ନିୟମ ନିଷ୍ଠାରେ ଜୀବନ କାଟିଥିଲା ସେ। ସେଇ ଭାଗବତ କହନ୍ତି, 'ପ୍ରାଣୀଙ୍କ ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି'। କାହା ଉପରେ ବୋଝ ନ ହେଇ, କାହାକୁ କଷ୍ଟ ନ ଦେଇ, ହଠାତ୍ ଚାଲିଗଲା ବଡ଼ ଏକାଦଶୀରେ । ଏମିତି ଶୋଇଥିଲା ଯେ ଦେଖିଲେ ଲାଗୁଥିଲା, ଏଇ ଉଠି ବସିବ... ପଚାରିବ, ମାଆ ଖାଇଚୁ.. ଝିଅ କେମିତି ଅଛନ୍ତି.. ଇତ୍ୟାଦି ଇତ୍ୟାଦି। ବିଶ୍ୱାସ କରି ହେଉ ନ ଥିଲା ଯେ ସେ ଚାଲିଯାଇଛି...

ଦୁଇ ବର୍ଷ ପରେ ବି ଲାଗେ ବୋଉ ଯେମିତି ଅଛି.. ଏଇଠି କୋଉଠି, ଏଇ ମତେ ଡାକିବ..। ଆଖିରୁ ଝରି ଯାଉଥିବା ଲୁହକୁ ତା' ପଣତ କାନିରେ ପୋଛିଦେଇ କହିବ, ସଂସାର ଭିତରେ ଥିଲେ ସମସ୍ୟା ତ ଆସିବ, ତାକୁ ଡରିଲେ କ'ଣ ଚଳିବ ଝିଅ । ଭରସା ରଖିବୁ, ଯୋଉ ଠାକୁର ସମସ୍ୟା ଦେଇଛନ୍ତି ସେଇ ପୁଣି ସମାଧାନ ବତେଇ ଦେବେ, ଧୈର୍ଯ୍ୟ କେବେ ହରାଇବୁ ନାହିଁ।

ତୋ କଥା ଭାରି ମନେପଡୁଛି ଲୋ ବୋଉ... ଆଜି ଆଉ କେହି ନାହିଁ ଯେ ପଚାରିବ... ଝିଅ ତୁ ଖାଇଲୁଣି! ଏଠି ସବୁ ସମ୍ପର୍କ, ସ୍ୱାର୍ଥରୁ ଆରମ୍ଭ ହୋଇ ସ୍ୱାର୍ଥରେ ସରେ । ତୋ ପରି ନିଃସ୍ୱାର୍ଥପର, ତୋ ପରି ମମତାମୟୀ, ତୋ ପରି ଉଦାର... ଆଉ କିଏ ହେବ! ତୋ ବିନା ଜୀବନକୁ ଜୀବନ ବୋଲି କହିବାକୁ ବି ସଙ୍କୋଚ ଲାଗୁଚି। ତୋ' ପଣତକାନିର ସେଇ ନିଆରା ମହକକୁ ଆଜି ବି ମନ ଝୁରୁଛି। ବୋଉ ଲୋ...ଏ ଅବୁଝା ଝିଅର ଅନେକ ଅଳି ଅଝଟ ତୁ ସହିଚୁ, ଏଇ ଶେଷ ଅଳିଟି ପୂରଣ କରିଦେ ଲୋ ବୋଉ... ଆର ଜନ୍ମକୁ ପୁଣି ତୋ' କୋଳରେ ମତେ ଆଶ୍ରୟ ନେବାର ସୌଭାଗ୍ୟ ଦେ... ।

**ମୋ–୯୪୩୭୪୫୩୬୧୦**

## ଏଇ ଭାରତରେ

କମ୍ ବୟସରେ ସ୍ୱାମୀଙ୍କୁ ହରାଇବା ପରେ ଧୈର୍ଯ୍ୟହରା ନ ହୋଇ ଜଣେ ଜୀବନରେ କିଭଳି ସଶକ୍ତ ହୋଇପାରନ୍ତି ତାହାର ବଳିଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ଗୁଣ୍ଟୁର ନିବାସୀ କୋଣ୍ଡା ଉଷାରାଣୀ। ନୁଟାକି ଗାଁରେ ଜନ୍ମିତ କୋଣ୍ଡା ୧୦ମ ଶ୍ରେଣୀରୁ ପାଠ ଛାଡ଼ି ଦେଇଥିଲେ ଓ ୧୭ ବର୍ଷ ବୟସରେ ବିବାହ କରିଥିଲେ। ବିବାହର ତିନି ବର୍ଷ ମଧ୍ୟରେ ସେ ଦୁଇ ପୁତ୍ର ସନ୍ତାନ ଜନନୀ ହେବା ପରେ ତାଙ୍କ ସ୍ୱାମୀଙ୍କର ଦୁର୍ଘଟଣାରେ ମୃତ୍ୟୁଘଟିଥିଲା। କୋଣ୍ଡା ଘର ଚଳାଇବା ଓ ଭବିଷ୍ୟତରେ ପିଲାଙ୍କୁ ପଢାଇବା ଲାଗି ସେ ଜୈବିକ ପଦ୍ଧତିରେ ପ୍ରଥମେ ହଳଦୀ ଚାଷ କରିଥିଲେ। ପରେ ବିଭିନ୍ନ ଚାଷ କରିବା ସହ ଜୈବିକ ଖତ ତିଆରି କଲେ। ଏବେ ସେ ଜୈବିକ ଖତ, ମଞ୍ଜି ଓ କୀଟନାଶକ ଚାଷୀମାନଙ୍କୁଳ କମ୍ ମୂଲ୍ୟରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ , ସେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୫୦୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ଜୈବିକ ଚାଷ ପ୍ରତି ଆକୃଷ୍ଟ କରିବା ସହ ସେମାନଙ୍କ ଜୈବିକ ଉତ୍ପାଦକୁ ବିକ୍ରି କରାଇବାରେ ସହଯୋଗ କରୁଛନ୍ତି।

## ଚିରନ୍ତନୀ

କଜଳପାତି ସେ ସ୍ୱାମୀ ସଙ୍ଗତେ
କଳହେ ରହିଛି ମଗନ
ତୁଟାଇବି ତାହା, ତୃଷିତ ଚାତକ-
ହାହାକାରେ ପୂରେ ଗଗନ।
–(ବିଶ୍ୱର ଆହ୍ୱାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 8 | 1 | | | | | | | |
| | | 2 | | | 5 | | | |
| | | | | 8 | | | | 9 |
| | | 6 | 2 | | 3 | 4 | | |
| | | | | 4 | | | | |
| | 2 | 7 | | | 1 | | | |
| 1 | 3 | | | | 6 | | 8 | 5 |
| | 4 | | | | 2 | 6 | | |
| | | 8 | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 1 | 7 | 2 | 8 | 9 | 4 | 5 |
| 2 | 4 | 5 | 9 | 1 | 6 | 8 | 3 | 7 |
| 7 | 9 | 8 | 3 | 5 | 4 | 2 | 6 | 1 |
| 5 | 7 | 2 | 1 | 4 | 9 | 3 | 8 | 6 |
| 4 | 3 | 6 | 5 | 8 | 2 | 7 | 1 | 9 |
| 1 | 8 | 9 | 6 | 7 | 3 | 4 | 5 | 2 |
| 6 | 2 | 3 | 4 | 9 | 1 | 5 | 7 | 8 |
| 9 | 5 | 4 | 8 | 6 | 7 | 1 | 2 | 3 |
| 8 | 1 | 7 | 2 | 3 | 5 | 6 | 9 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ସିସିଟିଭି ମାଳ ମାଳ, ଫଳାଫଳ ନିମ୍ନମାନର

ମହାଶୟ,

ଭୁବନେଶ୍ୱର ମହାନଗର ନିଗମରେ ଏବେ ଯୁଆଡ଼େ ଦେଖିବ ସିଆଡ଼େ ସିସିଟିଭି ଲଗାଇ ଦିଆଯାଇଛି। ଅପରାଧ ନିୟନ୍ତ୍ରଣ ଓ ଦୁର୍ଘଟଣା ହ୍ରାସ ଏହାର ମୁଖ୍ୟ ଉଦ୍ଦେଶ୍ୟ। କିନ୍ତୁ ସବୁଆଡ଼େ ସିସିଟିଭି ଲଗାଯାଇ ମଧ୍ୟ ରାଜରାସ୍ତାରେ ଦ୍ରୁତ ବେଗରେ ଗାଡ଼ିମୋଟର ଚଳାଚଳ କରି ଦୁର୍ଘଟଣା ଘଟାଇ ଫେରାର ହୋଇ ଯାଉଛନ୍ତି। କିନ୍ତୁ ପୋଲିସ ଏହାର ଟେର୍ ପାଉନି। ତେଣୁ ଅଜଣା ଗାଡ଼ି ଧକ୍କାରେ ମାସକରେ ଗଡ଼ିଗଲାଣି ୨୦ରୁ ଊର୍ଦ୍ଧ୍ୱ ମୁଣ୍ଡ। ଅନ୍ୟପଟେ ଡକାୟତି, ଲୁଟ୍‌ତରାଜ ସାଙ୍ଗକୁ ମହିଳାମାନଙ୍କ ପ୍ରତି ଅତ୍ୟାଚାର ବଢ଼ି ବଢ଼ି ଚାଲିଛି। ପ୍ରଶାସନ କିନ୍ତୁ କେବଳ ସିସିଟିଭି ଲଗାଇ ଦେଇ ଚୁପ୍ ହୋଇ ବସିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ସହରର ୧୪୭ଟି ସ୍ଥାନରେ ୫୫୨ଟି କ୍ୟାମେରା ଲଗାଗଲା। ଉଦ୍ଦେଶ୍ୟ ଥିଲା, ଏହି କ୍ୟାମେରା ଅପରାଧୀଙ୍କ ଗତିବିଧି ଉପରେ ନଜର ରଖିବ। କିନ୍ତୁ ସିସିଟିଭି ଫୁଟେଜକୁ ଆଧାର କରି ମଧ୍ୟ ପୋଲିସ ଅପରାଧ ନିୟନ୍ତ୍ରଣ କରିବାରେ ସଫଳ ହୋଇପାରୁ ନାହିଁ। ଅନ୍ୟପଟେ ସିସିଟିଭିଗୁଡ଼ିକର ରକ୍ଷଣାବେକ୍ଷଣା ମଧ ସଠିକ୍ ରୂପେ କରାଯାଉ ନାହିଁ। ତେଣୁ ସରକାରଙ୍କର କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ଏହି ଯୋଜନାଟି ମୋ ସାଇକେଲ ଯୋଜନା ପରି ଫେଲ୍ ମାରିଯିବନି ତ! ତେଣୁ ସରକାର ଏବଂ ପ୍ରଶାସନ ଏହାର ସଫଳ ରୂପାୟନ ପାଇଁ ଦୃଢ଼ ସଚେତନ ହେବା ନିହାତି ଆବଶ୍ୟକ।

**–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

## ଶିଶୁଙ୍କୁ ମାଣ୍ଡିଆ ଛତୁଆ ଦିଆଯାଉ

ରାଜ୍ୟରେ ଥିବା ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ମାଣ୍ଡିଆ ପ୍ରସ୍ତୁତ ଛତୁଆ ଖାଇବାକୁ ଦିଆଯାଉ। ଏଥିରେ ପୁଷ୍ଟିସାର, ଲୌହସାର ଓ ରୋଗ ପ୍ରତିରୋଧକ ଶକ୍ତି ରହିଛି। ମାନସିକ ସ୍ତରରେ ଯଥେଷ୍ଟ ବୃଦ୍ଧି ଘଟାଇପାରିବ। କେବଳ ମାଣ୍ଡିଆ, ଯଅ, କୋଦୁଅ, ସୁଆଁ ଏବଂ ବାଜରା ଭଳି କ୍ଷୁଦ୍ର ଶସ୍ୟଜାତୀୟ ଖାଦ୍ୟ ପରିପୁଷ୍ଟ। ଖାଦ୍ୟ ପ୍ରକ୍ରିୟାକରଣ କରି ଶିଶୁଙ୍କୁ ଦିଆଯାଉ। ବୌଦ୍ଧିକ ବିକାଶରେ ମଧ ଯଥେଷ୍ଟ ସହାୟକ ହେବ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ମିଲେଟ୍ ମିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନେତା, ଅଫିସରଙ୍କୁ ଶୁଭେଚ୍ଛା ଜଣାଇବାକୁ ପ୍ରବଳ ଭିଡ଼

ଭୁବନେଶ୍ୱର, ୧୧(ବ୍ୟୁରୋ)

ନୂଆବର୍ଷ ୨୦୨୩ର ଶୁଭେଚ୍ଛା ଜଣାଇବା ପାଇଁ ରାଜଧାନୀରେ ରବିବାର ପ୍ରବଳ ଭିଡ଼। ନେତା ଓ ମନ୍ତ୍ରୀଙ୍କ ଘରେ ନିର୍ବାଚନମଣ୍ଡଳୀର ମାଳମାଳ କର୍ମୀ ଫୁଲତୋଡା ଧରି ଅପେକ୍ଷା କରି ରହିଥିବାର ଦୃଶ୍ୟ ସରକାରୀ କ୍ୱାର୍ଟର୍ସ ସମ୍ମୁଖରେ ଦେଖିବାକୁ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ଅନେକ ନେତା ଓ ଅଫିସର ଶୁଭେଚ୍ଛା ଜଣାଇଛନ୍ତି। ଜଣେ ଦିବ୍ୟାଙ୍ଗ ବ୍ୟକ୍ତି ଫୁଲତୋଡା ଧରି ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଫୁଲତୋଡ଼ା କିଣିବାକୁ ରାସ୍ତାରେ କାହିଁରେ କେତେ ଦୋକାନ ଖୋଲିଥିଲା। ବଡ଼ ଅଫିସରମାନଙ୍କୁ ଶୁଭେଚ୍ଛା ଜଣାଇବା ଲାଗି କର୍ମଚାରୀମାନେ ଯାଉଥିବା ଦେଖିବାକୁ ମିଳିଛି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ ଜେନା ଏବଂ ୫-ଟି ସଚିବ ଭି.କେ ପାଣ୍ଡିଆନଙ୍କ ଘର ଆଗରେ ରାଜନୈତିକ ବ୍ୟକ୍ତିବିଶେଷ, ସରକାରୀ କର୍ମଚାରୀଙ୍କ ଭିଡ଼ ଜମିଥିଲା। ରବିବାର ଛୁଟି ଥିବାରୁ ଲୋକେ ସେମାନଙ୍କ ସରକାରୀ ଘରକୁ ଯାଇ ଭେଟିଛନ୍ତି। ଜଣେ ଜଣେ ବ୍ୟକ୍ତି ପ୍ରାୟ ୩୦ରୁ ୪୦ ଜଣ ନେତାଙ୍କୁ ଭେଟି ଫୁଲତୋଡ଼ା ଦେଇ ଶୁଭେଚ୍ଛା ଜଣାଇଥଲେ। କଂଗ୍ରେସ ଭବନରେ ବରିଷ୍ଠ ନେତାମାନେ ଏକାଠି ହୋଇ ଲୋକଙ୍କୁ ଭେଟିଛନ୍ତି।

# ସରକାରୀ ସ୍ୱୀକୃତିପ୍ରାପ୍ତ ସ୍କୁଲର ଯାଞ୍ଚ ହେବ

## ମାର୍ଚ୍ଚ ପୂର୍ବରୁ ଯାଞ୍ଚ ସରିବା ସହ କାର୍ଯ୍ୟାନୁଷ୍ଠାନ ନିଷ୍ପତ୍ତି

ଭୁବନେଶ୍ୱର, ୧୧(ବ୍ୟୁରୋ)

ରାଜ୍ୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ଲାଗି ଆରମ୍ଭ ହୋଇଥିବା ଯାଞ୍ଚ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯିବ। ରାଜ୍ୟର ସବୁ ସରକାରୀ ସ୍କୁଲର ଯାଞ୍ଚ କରାଯାଉଥିବା ବେଳେ ଏଣିକି ସରକାରୀ ସ୍ୱିକୃତୀପ୍ରାପ୍ତ ସ୍କୁଲଗୁଡ଼ିକର ମଧ୍ୟ ଯାଞ୍ଚ ହେବ। ସମ୍ପୃକ୍ତ ସ୍କୁଲର ପାଠ୍ୟଖସଡ଼ା ସାଙ୍ଗକୁ ଶ୍ରେଣୀଗୃହରେ ପିଲାଙ୍କୁ କିଭଳି ଭାବେ ପାଠପଢ଼ା ଯାଉଛି ତାହାର ତଦାରଖ କରାଯିବ। ଏନେଇ ରାଜ୍ୟର ସମସ୍ତ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯାଞ୍ଚ କମିଟିରେ ବ୍ଲକ ଶିକ୍ଷାଧିକାରୀ, ଜିଲା ଶିକ୍ଷାଧିକାରୀ, ସିଆର୍‌ସିସି ସାମିଲ ହେବେ। ସରକାରଙ୍କ ନିୟମ ଠିକ୍‌ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ସେ ସମ୍ପର୍କରେ ଛାତ୍ରୀଛାତ୍ର, ଅଭିଭାବକ ଓ ସ୍କୁଲ ଅଭିଭାବକ ସଂଘର ମତାମତ ନିଆଯିବ। ଉଲ୍ଲଂଘନ କରୁଥିବା ସ୍କୁଲର ଏନ୍‌ଓସିକୁ ବାତିଲ କରାଯିବ। ରାଜ୍ୟରେ ସ୍କୁଲ ତଦାରଖ ଲାଗି ସରକାର ଅଭିନବ ପ୍ରୟାସ ଆରମ୍ଭ କରିଥିବାବେଳେ ସରକାରୀ ସ୍କୁଲଗୁଡ଼ିକରେ ଏକାଡେମିକ୍ ପର୍‌ଫର୍‌ମାନ୍ସ, ଆକ୍‌ସେସ୍ ଆଣ୍ଡ୍ ଟ୍ରାଞ୍ଜିସନ୍, ଇକ୍ୱିଟି, ଗଭର୍ଣ୍ଣାନ୍ସ, ଭିତ୍ତିଭୂମି ଆଦି ସମ୍ପର୍କରେ ଅଧିକାରୀମାନେ ଯାଞ୍ଚ କରୁଥିଲେ। ମାତ୍ର ରାଜ୍ୟରେ ଏଭଳି କିଛି ସ୍କୁଲ ରହିଛି, ଯେଉଁସବୁ ରାଜ୍ୟ ସରକାରଙ୍କଠାରୁ ସ୍ୱୀକୃତି ପାଇଥିବା ବେଳେ ସମ୍ପୃକ୍ତ ସ୍କୁଲର ପରିଚାଳନା କମିଟିର ସୁପାରିସ ଅନୁଯାୟୀ ପ୍ରସ୍ତୁତ ହୋଇଥିବା ପାଠ୍ୟକ୍ରମ ଲାଗୁ ହୋଇଛି। ସେହି ସ୍କୁଲଗୁଡ଼ିକରେ ସରକାରୀ ପାଠ୍ୟପୁସ୍ତକ ପ୍ରଣୟନ ହୋଇ ନ ଥିବାବେଳେ ପିଲାଙ୍କୁ ଅଧିକ ମାତ୍ରାରେ ଚାପ ପକାଯାଉଛି। ସ୍କୁଲ କର୍ତ୍ତୃପକ୍ଷ ଓ ପରିଚାଳନା କମିଟି ମନମୁଖୀ କାର୍ଯ୍ୟ କରୁଛନ୍ତି। ରାଜ୍ୟର ୬ଟି ଜିଲାରେ ଏଭଳି ସମସ୍ୟା ଥିବା ଜଣାପଡ଼ିବା ପରେ ବର୍ତ୍ତମାନ ରାଜ୍ୟର ସବୁ ଜିଲାରେ ଥିବା ଏହି ସ୍କୁଲଗୁଡ଼ିକ ସମ୍ପର୍କରେ ଅନୁଧ୍ୟାନ ଲାଗି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ବିଭାଗୀୟ ଅଧିକାରୀଙ୍କ କହିବାନୁସାରେ, କେତେକ ସ୍କୁଲ ସରକାରଙ୍କଠାରୁ ସୁବିଧା ସୁଯୋଗ ପାଉଥିଲେ ମଧ୍ୟ ପିଲାଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବିଫଳ ହେଉଛନ୍ତି। ପିଲାଙ୍କ ଉପରେ କୌଣସି ମାନସିକ ଏବଂ ଶାରୀରିକ ଚାପ ନ ପକାଇବା ଲାଗି ନିର୍ଦ୍ଦେଶ ରହିଛି। କିନ୍ତୁ ଅଧିକାଂଶ ସ୍କୁଲରେ ରେଜଲ୍ଟ ଭଲ ପାଇଁ ପିଲାଙ୍କ ଉପରେ ଚାପ ପକାଯାଉଛି। ସରକାର ନିର୍ଦ୍ଧାରଣ କରିଥିବା ପାଠ୍ୟପୁସ୍ତକଠାରୁ ଭିନ୍ନ ପାଠ୍ୟ ଖସଡ଼ା ମଧ୍ୟ ଅନେକ ସ୍କୁଲରେ ପ୍ରଚଳନ ହେଉଛି। ତେଣୁ ରାଜ୍ୟରେ ପ୍ରାଥମିକ ଏବଂ ଉଚ୍ଚପ୍ରାଥମିକ ଶିକ୍ଷାରେ ଏକକ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ଏଥିସହିତ ଯେଉଁସବୁ ସ୍କୁଲ ନିୟମକୁ ଅବମାନନା କରୁଛନ୍ତି, ସେହି ସ୍କୁଲ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଆସନ୍ତା ମାର୍ଚ୍ଚ ପୂର୍ବରୁ ଏହି ଯାଞ୍ଚ ପ୍ରକ୍ରିୟା ଶେଷ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି।







































## ସଂକ୍ଷେପରେ

### ଯବାନଙ୍କଠାରୁ ବନ୍ଧୁକ ଛଡ଼ାଇନେଲେ ଆତଙ୍କବାଦୀ

**ଶ୍ରୀନଗର,୧।୧:** ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଆତଙ୍କବାଦୀମାନେ ପାଟ୍ରୋଲିଂ ଟିମ୍‌ର ଜଣେ ଅଫିସରଙ୍କଠାରୁ ବନ୍ଧୁକ ଛଡ଼ାଇ ନେଇଛନ୍ତି। ଆତଙ୍କବାଦୀମାନଙ୍କୁ ଧରିବା ପାଇଁ ପୋଲିସ, ସେନା ଏବଂ ସିଆର୍‌ପିଏଫ୍ ପକ୍ଷରୁ ମିଳିତ ତଲାସି ଅଭିଯାନ ଜାରି ରହିଛି। ପୁଲ୍‌ୱାମା ଜିଲାର ବିଲୋ ଅଞ୍ଚଳରେ ସିଆର୍‌ପିଏଫ୍ ପାଟ୍ରୋଲିଂ କରୁଥିବାବେଳେ ଏହାର ଜଣେ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟରଙ୍କଠାରୁ ଆତଙ୍କବାଦୀ ରାଇଫଲ ଛଡ଼ାଇ ନେଇ ପଳାଇଥିଲେ। ଉକ୍ତ ଅଞ୍ଚଳକୁ ସୁରକ୍ଷା ବଳ ଚାରିପଟୁ ଘେରିରହିଛି।

### ଏନ୍.ସି. ଦେବବର୍ମାଙ୍କ ପରଲୋକ

**ଅଗରତଲା,୧।୧:** ତ୍ରିପୁରାର ବରିଷ୍ଠ ମନ୍ତ୍ରୀ ତଥା ଇଣ୍ଡିଜେନସ୍ ପିପୁଲ୍ସ ଫ୍ରଣ୍ଟ ଅଫ୍ ତ୍ରିପୁରା (ଆଇପିଏଫ୍‌ଟି) ସଭାପତି ନରେନ୍ଦ୍ର ଚନ୍ଦ୍ର ଦେବବର୍ମାଙ୍କ ରବିବାର ପରଲୋକ ଘଟିଛି। ଶୁକ୍ରବାର ଦେବବର୍ମାଙ୍କୁ ବ୍ରେନ୍‌ଷ୍ଟ୍ରୋକ ହୋଇଥିବାବେଳେ ଚିକିତ୍ସା



ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତ୍ରିପୁରାର ଏହି ଆଦିବାସୀ ନେତାଙ୍କ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟାବସ୍ଥା ଭଲ ନ ଥିଲା। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ହୋଇଥିଲା।

### ନବବର୍ଷ ପାଳନ ବେଳେ ଦଳାଚକଟା: ୯ ମୃତ

**କାମପାଲା, ୧।୧:** ଦକ୍ଷିଣ ଆଫ୍ରିକା ଉଗାଣ୍ଡା ରାଜଧାନୀ କାମପାଲାରେ ଶନିବାର ମଧରାତ୍ରରେ ନୂଆବର୍ଷ ସେଲିବ୍ରେଶନ୍ ଅବସରରେ ଦଳାଚକଟା ହୋଇ ୯ ଜଣଙ୍କ ମୃତ୍ୟୁ ଘଟିଛି। ପୋଲିସ ସୂଚନା ମୁତାବକ, ନ୍ୟୁୟର ପାଳନ ପାଇଁ ଆୟୋଜିତ ଇଭେଣ୍ଟର ମୁଖ୍ୟ ଦର୍ଶକଙ୍କୁ ମଞ୍ଚରୁ ବାହାରକୁ ଯାଇ ଫାୟାରଓ୍ୱାର୍କସ୍ ଡିସ୍‌ପ୍ଲେ ଦେଖିବା ପାଇଁ କହିଥିଲେ। ଡିସ୍‌ପ୍ଲେ ଦେଖି ଫେରିବା ସମୟରେ ଲୋକଙ୍କ ଭିଡ଼ ବଢ଼ିଯାଇଥିଲା। ଦଳାଚକଟା ହେବା ଫଳରେ ଘଟଣାସ୍ଥଳରେ ୫ ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଏଥିରେ ଅନେକେ ଆହତ ମଧ ହୋଇଛନ୍ତି। ଘଟଣାସ୍ଥଳରେ ଅଗ୍ନିଶମ ବିଭାଗ ପହଞ୍ଚି ଭିଡ଼କୁ ଆୟତ୍ତ କରିବା ସହ ଗୁରୁତର ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

### କାବୁଲରେ ବିସ୍ଫୋରଣ: ୧୦ ମୃତ

**କାବୁଲ,୧।୧:** ଆଫଗାନିସ୍ତାନ ରାଜଧାନୀ କାବୁଲସ୍ଥିତ ସାମରିକ ଏୟାରଫିଲ୍ଡ ନିକଟରେ ରବିବାର ବଡ଼ ଧରଣର ବିସ୍ଫୋରଣ ହୋଇଛି। ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିବା କୁହାଯାଉଛି। ବିସ୍ଫୋରଣ ଘଟିବାର କାରଣ ଜଣାପଡ଼ି ନ ଥିବା ଗୃହ ବିଭାଗ ପକ୍ଷରୁ କୁହାଯାଇଛି। କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦର ପାଖରେ ସାମରିକ ଏୟାରଫିଲ୍ଡ ରହିଛି। ୨୦୨୧ରେ ତାଲିବାନ ଦେଶର ଶାସନ କ୍ଷମତା ଅକ୍ତିଆର କରିବା ପରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବାର ପ୍ରତିଶ୍ରୁତି ଦେଇଥିଲା। ଦେଢ଼ବର୍ଷ ମଧରେ ଅନେକ ବିସ୍ଫୋରଣ ଓ ଆକ୍ରମଣ ଘଟିଲାଣି। ଅଧିକାଂଶ ଆକ୍ରମଣ ଇସ୍‌ଲାମିକ୍ ଷ୍ଟେଟ୍ ଗ୍ରୁପ୍‌ର ସ୍ଥାନୀୟ ସଂଗଠନ ଘଟାଉଥିବା ଦାବି କରିଆସୁଛି। ଗତ ମାସରେ ବନ୍ଧୁକଧାରୀମାନେ କାବୁଲର ଏକ ହୋଟେଲରେ ପ୍ରବେଶ କରି ଗୁଳି ଚଳାଇବାରୁ ୫ ଚାଇନା ବ୍ୟବସାୟୀ ଆହତ ହୋଇଥିଲେ। ତାଲିବାନ କ୍ଷମତାକୁ ଫେରିବା ପରେ ଆକ୍ରମଣରେ ଆଫଗାନ୍ ସଂଖ୍ୟାଲଘୁଙ୍କ ସମେତ ଶତାଧିକ ଲୋକ ନିହତ ହେଲେଣି।

# ମୁକ୍ତି ପ୍ରତୀକ୍ଷାରେ ୪ ମାସ

## କାତାର ଜେଲରେ ୮ ନୌସେନା ଭେଟେରାନ୍



ଅବସରପ୍ରାପ୍ତ କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ

**ନୂଆଦିଲ୍ଲୀ,୧।୧**

ଦେଶ ପାଇଁ ସେବା ପ୍ରଦାନରେ ନିଷ୍କଳଙ୍କ କ୍ୟାରିୟର, ସର୍ଭିସ ରେକର୍ଡରେ ଟିକିଏ ବି ଦାଗ ନାହିଁ। ତଥାପି ଭାରତୀୟ ନୌସେନାର ୮ ଜଣ ଅବସରପ୍ରାପ୍ତ ଅଧିକାରୀ କାତାରସ୍ଥିତ ଦୋହା ଜେଲରେ ୪ ମାସ ହେଲା ବନ୍ଦୀ ଅଛନ୍ତି। ସେମାନଙ୍କୁ ଯଥାଶୀଘ୍ର ମୁକ୍ତ କରିବା ପାଇଁ କାତାର ସରକାରଙ୍କ ସହ ଆଲୋଚନା କରିବାକୁ ଭେଟେରାନ୍‌ଙ୍କ ପରିବାର ପକ୍ଷରୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଅନୁରୋଧ କରାଯାଇଛି।

ବିଶ୍ୱର ୮ ବିଲିୟନ୍ ଲୋକ ନୂଆବର୍ଷକୁ ସ୍ୱାଗତ କରିଛନ୍ତି। କିଏ ହର୍ଷୋଲ୍ଲାସରେ ଉତ୍ସବ ପାଳନ କରୁଛନ୍ତି ତ ପୁଣି କିଏ ଭବିଷ୍ୟତ ପାଇଁ ନୂଆ ଖସଡ଼ା ପ୍ରସ୍ତୁତ କରୁଛନ୍ତି। କିନ୍ତୁ ଭାରତୀୟ ନୌସେନାର ୮ ଜଣ ଅବସରପ୍ରାପ୍ତ ଅଫିସରଙ୍କ ପରିବାର ଲାଗି ଏହି ନବବର୍ଷ ପାଣିଚିଆ ହୋଇଯାଇଛି। ଗତ ଅଗଷ୍ଟରୁ ଏହି ଅଧିକାରୀମାନେ କାତାରରେ ବନ୍ଦୀ ଜୀବନ ବିତାଉଛନ୍ତି। ୨୦୨୩ରେ ସେମାନଙ୍କ ଦୀର୍ଘ ୪ ମାସ ଧରି ଯନ୍ତ୍ରଣାଦାୟକ ପ୍ରତୀକ୍ଷାର ଅନ୍ତ ଘଟୁ। ଏହା ହିଁ ସେମାନଙ୍କ ଏକମାତ୍ର ଆଶା। ନୌସେନା କମାଣ୍ଡର ପୂର୍ଣ୍ଣେନ୍ଦୁ ତିୱାରୀ, କ୍ୟାପଟେନ ନଭତେଜ ସିଂ ଗିଲ୍ ଓ ଅନ୍ୟ ୬ ଜଣ ଅଧିକାରୀ ଚାକିରିରୁ ଅବସର ନେବା ପରେ ଦୋହା ଗ୍ଲୋବାଲ୍ ଟେକ୍ନୋଲୋଜି ଆଣ୍ଡ୍ କନ୍‌ସଲ୍ଟିଙ୍ଗ୍ ସର୍ଭିସେସ୍‌ରେ କାର୍ଯ୍ୟ କରୁଥିଲେ। କାତାର ନୌସେନା କର୍ମଚାରୀମାନଙ୍କୁ ଏହି ପ୍ରାକ୍ତନ ଭାରତୀୟ ଅଧିକାରୀମାନେ ପ୍ରଶିକ୍ଷଣ ଦେଉଥିଲେ। କିନ୍ତୁ ଗତ ଅଗଷ୍ଟ ୩୦ରେ କାତାର ଗୋଇନ୍ଦା କର୍ତ୍ତୃପକ୍ଷ ହଠାତ୍ ସେମାନଙ୍କୁ ଉଠାଇ ନେଇଥିଲେ। ସେମାନଙ୍କୁ ଦୋହାସ୍ଥିତ ଏକ ଜେଲର ପୃଥକ୍ କୋଠରିରେ ନିଃସଙ୍ଗ ଜୀବନ ବିତାଇବାକୁ ବାଧ କରାଯାଇଛି। ବିନା କୌଣସି ଅପରାଧରେ କେଉଁ କାରଣରୁ ଜେଲରେ ରଖାଯାଇଛି ସେନେଇ ଦୋହା ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଥିବା ଜଣେ ଓମାନ୍ ନାଗରିକଙ୍କୁ ମଧ ଫିଫା ଫୁଟ୍‌ବଲ ବିଶ୍ୱକପ୍ ଆୟୋଜନ ପୂର୍ବରୁ ବେଆଇନ ଭାବେ ଗିରଫ କରି ଜେଲରେ ରଖାଯାଇଛି। ୨୦୦୨ରେ ନୌସେନାରୁ ଅବସର ନେଇଥିବା କମାଣ୍ଡର ପୂର୍ଣ୍ଣେନ୍ଦୁ ସେହି କମ୍ପାନୀରେ ମ୍ୟାନେଜିଂ ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ୨୦୧୯ରେ ତାଙ୍କୁ ଭାରତ ସରକାର ପ୍ରବାସୀ ଭାରତୀୟ ସମ୍ମାନ ଦେଇଥିଲେ। ପୂର୍ଣ୍ଣେନ୍ଦୁଙ୍କ ଭାଇ ଡ.ମିଟୁ ଭାର୍ଗବ କହିଛନ୍ତି, ୬୩ ବର୍ଷୀୟ ବଡ଼ଭାଇଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। ତାଙ୍କୁ ଜେଲରେ ଏକାନ୍ତବାସରେ



ରହିବାକୁ ପଡ଼ିଛି। ତାଙ୍କ ମାନସିକ ସ୍ଥିତି କ'ଣ ଥିବ କିଛି ଜାଣିହେଉ ନାହିଁ। ଭାଇଙ୍କୁ ତୁରନ୍ତ ମୁକ୍ତ କରି ଭାରତ ଫେରାଇ ଆଣିବା ଦିଗରେ କେନ୍ଦ୍ର ସରକାର ଉଦ୍ୟମ କରନ୍ତୁ ବୋଲି ସେ ଅନୁରୋଧ କରିଛନ୍ତି। ସେହିପରି ୫୭ ବର୍ଷୀୟ କ୍ୟାପଟେନ ନଭତେଜ ସିଂ ଗିଲ୍ (ସୋର୍ଡ ଅଫ୍ ଅନର ବିଜେତା ତଥା ଗୋଲ୍ଡ ମେଡାଲିଷ୍ଟ)ଙ୍କ ଭାଇ ନଭଦୀପ ଗିଲ୍ କହିଛନ୍ତି, ଭାଇ ୨୦୧୨ରେ ଅବସର ନେଇ ୨୦୧୬ରେ କାତାର ଯାଇଥିଲେ। କମ୍ପାନୀର ନିର୍ଦ୍ଦେଶକ ପଦରେ ଅବସ୍ଥାପିତ ଥିବାବେଳେ ତାଙ୍କୁ ଗିରଫ କରାଯାଇଥିଲା। ଏହି ଗିରଫଦାରି ଆମ ପରିବାର ପାଇଁ ଏକ ଶକ୍ତ ଝଟ୍‌କା। ପୂର୍ବରୁ ହ୍ୱାଟ୍ସଆପ୍‌ରେ ଆମେ ତାଙ୍କଠାରୁ ମେସେଜ୍ ପାଉଥିଲୁ। ଗତ ସେପ୍ଟେମ୍ବର ୬ରେ ଭାଇଙ୍କ ଜନ୍ମଦିନ ଅବସରରେ ତାଙ୍କୁ ଫୋନ୍ କରିବାରୁ ସୁଇଚ୍ ଅଫ୍ ଥିବା ଜାଣିବାକୁ ପାଇଥିଲୁ। କମ୍ପାନୀ ସହ ଯୋଗାଯୋଗ କରିବା ପରେ କାତାର

### ଦୋହା ସହ ଆଲୋଚନା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କଲେ ପରିବାର ଲୋକେ

ସିକ୍ୟୁରିଟି ସର୍ଭିସ୍ ପକ୍ଷରୁ ତାଙ୍କୁ ଗିରଫ କରାଯାଇଥିବା କୁହାଯାଇଥିଲା। ଭାଇଙ୍କୁ ଯଥାଶୀଘ୍ର ପ୍ରତ୍ୟର୍ପିତ କରି ସ୍ୱଦେଶ ଫେରାଇ ଆଣିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନୁରୋଧ କରିଛୁ। ଭାରତୀୟ ନୌସେନାର ଅନ୍ୟ ୬ ଅବସରପ୍ରାପ୍ତ ଅଧିକାରୀ ହେଲେ କମାଣ୍ଡର ବୀରେନ୍ଦ୍ର କୁମାର ବର୍ମା, କମାଣ୍ଡର ସୁଗୁନାକର କପଲା, କମାଣ୍ଡର ସଞ୍ଜୀବ ଗୁପ୍ତା, କମାଣ୍ଡର ଅମିତ ନାଗପାଲ, କ୍ୟାପ୍‌ଟେନ ସୌରଭ ବଶିଷ୍ଠ, ସେଲର ରାଗେଶ।

### କ'ଣ କହୁଛି କେନ୍ଦ୍ର

ଦୋହା ଜେଲରେ ଥିବା ସମସ୍ତ ୮ ଅଧିକାରୀଙ୍କୁ କୂଟନୈତିକ ଚ୍ୟାନେଲରେ ଆଇନଗତ ସହାୟତା ପ୍ରଦାନ କରାଯିବ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ନିକଟରେ ଏହି ପ୍ରସଙ୍ଗକୁ ସରକାର ପ୍ରାଥମିକତା ଦେଉଥିବା ପାର୍ଲାମେଣ୍ଟକୁ ଅବଗତ କରାଇଥିଲେ। ରାଜ୍ୟ ସଭାରେ ଜୟଶଙ୍କର କହିଥିଲେ, ଏହା ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ସେମାନଙ୍କ ହିତକୁ ଦୃଷ୍ଟିରେ ରଖାଯାଇଛି। ରାଷ୍ଟ୍ରଦୂତ ଓ ବରିଷ୍ଠ ଅଧିକାରୀମାନେ କାତାର ସରକାରଙ୍କ ସହ ଯୋଗାଯୋଗରେ ଅଛନ୍ତି। କିନ୍ତୁ ଏହି ଆଶ୍ୱାସନା ବଳରେ ଭାର୍ଗବ ଓ ନବଦୀପଙ୍କ ଭଳି ଅନ୍ୟ ଭେଟେରାନ୍ ପରିବାର ଆଉ କେତେ ଦିନ ଘଣ୍ଟା ଓ କ୍ୟାଲେଣ୍ଡର ଦେଖି ଅପେକ୍ଷା କରିଥିବେ, ତାହା ହେଉଛି ବଡ଼ ପ୍ରଶ୍ନ।

## ଆଜି ବିମୁଦ୍ରୀକରଣ ରାୟ

**ନୂଆଦିଲ୍ଲୀ,୧।୧(ପି.ଟି.)**

୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଦାଏର ହୋଇଥିବା ୫୮ଟି ପିଟିଶନ ଉପରେ ସୋମବାର ରାୟ ଘୋଷଣା କରାଯିବ। ୨୦୧୬ ନଭେମ୍ବର ୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରେ ପ୍ରଚଳିତ ୧୦୦୦ ଓ ୫୦୦ ଟଙ୍କିଆ ନୋଟ୍‌କୁ ଅଚଳ ଘୋଷଣା କରିଥିଲେ। ଏହାର ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ଶୀତ ଛୁଟି ପରେ ସୋମବାର କୋର୍ଟ ଖୋଲୁଥିବାବେଳେ ଜଷ୍ଟିସ ଏସ୍.ଏ. ନାଜିରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ରାୟ ଶୁଣାଇବାକୁ ଯାଉଛନ୍ତି। ସୂଚନା ଅନୁଯାୟୀ ଉକ୍ତ ମାମଲା ଉପରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ବି.ଭି. ନାଗରତ୍ନା ଦୁଇଟି ଅଲଗା ରାୟ ଘୋଷଣା କରିବେ। ତେବେ ଉଭୟ ରାୟ ସମାନ ହେବ କି ଅସହମତି ରହିବ ତାହା ଜଣାପଡ଼ି ନାହିଁ। ଜଷ୍ଟିସ୍ ନାଜିର, ଗଭାଇ, ନାଗରତ୍ନାଙ୍କ ବ୍ୟତୀତ ସାମ୍ବିଧାନିକ ପୀଠରେ ଜଷ୍ଟିସ ଏ.ଏସ୍. ବୋପନ୍ନା ଏବଂ ଭି. ରାମସୁବ୍ରମଣ୍ୟନ୍ ରହିଛନ୍ତି। ସରକାରଙ୍କ ୨୦୧୬ ନିଷ୍ପତ୍ତି ଉପରେ ଆନୁଷଙ୍ଗିକ ରେକର୍ଡ ଦାଖଲ କରିବା ଲାଗି ଗତ ମାସ ୭ ତାରିଖରେ ସର୍ବୋଚ୍ଚ ଅଦାଲତ କେନ୍ଦ୍ର ଏବଂ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)କୁ ନିର୍ଦ୍ଦେଶ ଦେବା ସହ ରାୟ ସଂରକ୍ଷିତ ରଖିଥିଲେ। ଅଦାଲତ ଆର୍‌ବିଆଇ ପକ୍ଷରୁ ଓକିଲ ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣୀ ଏବଂ ପିଟିଶନରମାନଙ୍କ ଓକିଲଙ୍କ ଯୁକ୍ତି ଶୁଣିଥିଲେ।

## ଭଡ଼ା ନ ଦେବାରୁ ଟୁଇଟର ନାଁରେ ମକଦ୍ଦମା

**ୱାଶିଂଟନ୍, ୧।୧**

ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ଥିବା ମାଇକ୍ରୋ-ବ୍ଲଗିଂ ଆପ୍ ଟୁଇଟରର ମୁଖ୍ୟ କାର୍ଯ୍ୟାଳୟ କରାଯାଇଥିବା ବିଲ୍ଡିଂର ଭଡ଼ା ନ ଦେବାରୁ ମାଲିକ ଟୁଇଟର ବିରୋଧରେ କୋର୍ଟରେ ମକଦ୍ଦମା କରିଛନ୍ତି। ବ୍ଲୁମ୍‌ବର୍ଗରେ ପ୍ରକାଶିତ ଖବର ଅନୁସାରେ ହାର୍ଟଫୋଡ ବିଲ୍ଡିଂର ୩୦ତମ ଫ୍ଲୋରକୁ ମସ୍କ ଟୁଇଟର ଲାଗି ଭଡ଼ାରେ ନେଇଛନ୍ତି। ଘର ଭଡ଼ା ଦେବାରେ ମସ୍କ ଅନିୟମିତତା କରୁଥିବାବେଳେ ଗୁରୁବାର ଘର ମାଲିକ କମ୍ପାନୀ ବିରୋଧରେ ସାନ୍ ଫ୍ରାନ୍‌ସିସ୍କୋର ଷ୍ଟେଟ୍ କୋର୍ଟରେ ମକଦ୍ଦମା ଦାଏର କରିଛନ୍ତି। କେବଳ ଟୁଇଟର କାର୍ଯ୍ୟାଳୟ ନୁହେଁ ଏଲନ ମସ୍କ ନିଜର ଅନ୍ୟ ଗ୍ଲୋବାସ୍ ଅଫିସର ଭଡ଼ା ଠିକ୍ ସମୟରେ ପୈଠ କରୁ ନ ଥିବା ଏକାଧିକ ଗଣମାଧମରେ ରିପୋର୍ଟ ପ୍ରକାଶ ପାଇଛି। ଟୁଇଟର ବିରୋଧରେ ମକଦ୍ଦମା ଦାଏର କରାଯିବା ପ୍ରଥମ ନୁହେଁ। ପୂର୍ବରୁ ୨ ଚାର୍ଟର ଫ୍ଲାଇଟ୍ ପାଇଁ ଅର୍ଥ ଦେବାକୁ ମନା କରିବାରୁ କମ୍ପାନୀ ବିରୋଧରେ କୋର୍ଟରେ ଅଭିଯୋଗ ହୋଇଥିଲା। ମସ୍କ ଟୁଇଟର ମାଲିକାନା ହାତେଇବା ପରେ ଏ ପ୍ରକାର ବ୍ୟତିକ୍ରମ ଅଧିକମାତ୍ରାରେ ଦେଖାଯାଉଛି।

## ବୌଦ୍ଧଧର୍ମ ଧ୍ୱଂସ ଲାଗି ଉଦ୍ୟମ କରୁଛି ଚାଇନା: ଦଲାଇ ଲାମା

**ଗୟା,୧।୧**

ଚାଇନାର କମ୍ୟୁନିଷ୍ଟ ଶାସକ କ୍ରମାଗତ ୩ ବର୍ଷ ହେଲା ପଦ୍ମସମ୍ଭବ ମୂର୍ତ୍ତି ଭାଙ୍ଗିଚାଲିଛି। ସେଠାରେ ନିର୍ମିତ ବୌଦ୍ଧବିହାରକୁ ମଧ ସରକାର ଭାଙ୍ଗିଦେଇଛନ୍ତି। ବୌଦ୍ଧ ଧର୍ମାବଲମ୍ବୀମାନଙ୍କୁ ବିଷ ଦିଆଯାଉଛି। ବୌଦ୍ଧଧର୍ମକୁ ଧ୍ୱଂସ କରିଦେବା ଲାଗି ଚାଇନା ଯୋଜନାବଦ୍ଧ ଉଦ୍ୟମ ଚଳାଇଛି। ତେବେ ବୁଦ୍ଧଙ୍କ ଉପରେ ଲୋକମାନଙ୍କର ଯେଉଁ ବିଶ୍ୱାସ ରହିଛି, ତାକୁ ବେଜିଂ ନଷ୍ଟ କରିପାରିବ ନାହିଁ ବୋଲି ଦଲାଇଲାମା ବୋଧଗୟାରେ ତାଙ୍କ ୩ ଦିନିଆ ଧର୍ମପ୍ରଚାର କାର୍ଯ୍ୟକ୍ରମର ଶେଷ ଦିନରେ କହିଛନ୍ତି। ବୌଦ୍ଧଧର୍ମକୁ



କ୍ଷତି ପହଞ୍ଚାଇବା ପାଇଁ ବେଜିଂର ସମସ୍ତ ଉଦ୍ୟମ ସତ୍ତ୍ୱେ ଏହା ନିଜ ସ୍ଥାନରେ ତିଷ୍ଠି ରହିଛି। ଚାଇନାର ଅନେକ ଲୋକ ବୌଦ୍ଧଧର୍ମରେ ବିଶ୍ୱାସ କରନ୍ତି। କେତେଜଣଙ୍କୁ କ୍ଷତି ଘଟାଇ ସମସ୍ତଙ୍କ ଧର୍ମକୁ ବିପଦରେ ପକାଯାଇପାରିବ ନାହିଁ ବୋଲି ତିବ୍ବତୀୟ ଧର୍ମଗୁରୁ କହିଛନ୍ତି।

## ସ୍କୁଟି ସହିତ ଯୁବତୀଙ୍କୁ ୧୨ କି.ମି. ଘୋଷାଡ଼ି ନେଲା କାର୍

**ନୂଆଦିଲ୍ଲୀ, ୧।୧:** ଦିଲ୍ଲୀ ସୁଲତାନପୁରି ଅଞ୍ଚଳରେ ରବିବାର ଭୋରୁ ଏକ ସଡ଼କ ଦୁର୍ଘଟଣାରେ ଯୁବତୀ ପ୍ରାଣ ହରାଇଛନ୍ତି। ଦିଲ୍ଲୀ ଅମନ ବିହାରର ୨୦ ବର୍ଷୀୟା ଅଞ୍ଜଳୀ ସ୍କୁଟିରେ ଯାଉଥିବାବେଳେ ସୁଲତାନପୁରଠାରେ ଏକ କାର୍ ଅଞ୍ଜଳିଙ୍କ ସ୍କୁଟି ସହିତ ପିଟି ହୋଇଥିଲା। ଅଞ୍ଜଳୀଙ୍କ ଡ୍ରେସ୍ କାର୍ ଚକରେ ଲାଗି ଯିବାରୁ କାର୍ ଚାଳକ ଅଜାଣତରେ ସ୍କୁଟି ସହିତ ଅଞ୍ଜଳିଙ୍କୁ ୧୨ କି.ମି. ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଯାଇଥିଲେ। ରବିବାର ଭୋର ସମୟରେ ପୋଲିସ



କଣ୍ଟ୍ରୋଲ ରୁମ୍‌କୁ କେହିଜଣେ ଫୋନ୍ କରି ଏ ନେଇ ଜଣାଇଥିଲେ। ରାସ୍ତାରେ ଅଜଣା ଯୁବତୀଙ୍କ ମୃତଦେହ ପଡ଼ିଥିବା ସୂଚନା ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସିସିଟିଭି ଫୁଟେଜ୍ ଆଧାରରେ କାର୍ ନମ୍ବରକୁ ଟ୍ରେସ୍ କରି ପୋଲିସ ୫ ଜଣଙ୍କୁ ଗିରଫ କରିଛି। କାର୍ ସ୍କୁଟି ସହିତ ଧକ୍କା ହୋଇଥିବାବେଳେ ଯୁବତୀ ଜଣକ କାର୍‌ରେ ଫସି ଘୋଷାଡ଼ି ହୋଇ ଯିବା ଅଭିଯୁକ୍ତମାନେ ଜାଣି ନ ଥିବା କହିଛନ୍ତି। ଦିଲ୍ଲୀ ପୋଲିସ ପକ୍ଷରୁ ସମ୍ପୂର୍ଣ୍ଣ ଘଟଣା ସୋସିଆଲ ମିଡିଆରେ ଶେୟାର କରାଯାଇଥିବାବେଳେ ଅନେକେ ୟୁଜର୍ସ ଏହାକୁ ମିଥ୍ୟା ଖବର ବୋଲି କହୁଛନ୍ତି। ଅଞ୍ଜଳିଙ୍କ ଘରେ ତାଙ୍କ ମା' ୪ ଭଉଣୀ, ୨ ଭାଇ ରୁହନ୍ତି। କିଛିବର୍ଷ ପୂର୍ବେ ତାଙ୍କ ବାପାଙ୍କ ଅକାଳ ବିୟୋଗ ଘଟିଥିବାବେଳେ ପରିବାର ଚଳାଇବା ଦାୟିତ୍ୱ ଅଞ୍ଜଳିଙ୍କ ଉପରେ ଥିଲା।

## ଇଣ୍ଡିଆ ଗେଟ୍‌ରେ ଜୈନଙ୍କ ବିଶାଳ ବିକ୍ଷୋଭ

**ନୂଆଦିଲ୍ଲୀ,୧।୧**

ଝାଡ଼ଖଣ୍ଡର ହେମନ୍ତ ସୋରେନ୍ ସରକାର ସାମ୍ମେଦ ଶିଖରଜୀକୁ ପର୍ଯ୍ୟଟନ ସ୍ଥଳ ଘୋଷଣା କରିବା ପରେ ଏହା ବିରୋଧରେ ଜୈନ ସମ୍ପ୍ରଦାୟର ସଦସ୍ୟମାନେ ବିଭିନ୍ନ ସହରରେ ବିକ୍ଷୋଭ କରିଆସୁଛନ୍ତି। ରବିବାର ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ଆଗରେ ଏହି ସମ୍ପ୍ରଦାୟର ହଜାର ହଜାର ସଦସ୍ୟ ଏକାଠି ହୋଇ ସାମ୍ମେଦ ଶିଖରଜୀ ନିଷ୍ପତ୍ତିର ପ୍ରତିବାଦ ଜଣାଇଥିଲେ।

ଝାଡ଼ଖଣ୍ଡର ପରଶନାଥ ପାହାଡ଼ରେ ଅବସ୍ଥିତ ସାମ୍ମେଦ ଶିଖରଜୀ ଜୈନମାନଙ୍କର ପବିତ୍ର ତୀର୍ଥସ୍ଥାନ। ଏହାକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରାଯାଇଥିବାରୁ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ସୋରେନଙ୍କ ନିଷ୍ପତ୍ତିବିରୋଧରେ ଜୈନ ସମ୍ପ୍ରଦାୟ ପକ୍ଷରୁ ସାରା ଦେଶରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପୂର୍ବରୁ ମଧ୍ୟପ୍ରଦେଶର ଜୈନ ସୋସାଇଟି ରାସ୍ତାକୁ ଓହ୍ଲାଇଥିଲା। ନିଷ୍ପତ୍ତିର ପୁନର୍ବିଚାର ଲାଗି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥ ପ୍ରଧାନମନ୍ତ୍ରୀ ଏବଂ ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପତ୍ର ଲେଖିଥିଲେ। ରାଜ୍ୟ ସରକାରଙ୍କ ନିଷ୍ପତ୍ତି ବିରୋଧରେ ବିଶ୍ୱ ହିନ୍ଦୁ ପରିଷଦ ଆପତ୍ତି ଉଠାଇବା ସହ ଭାରତର ସମସ୍ତ ତୀର୍ଥକ୍ଷେତ୍ରର ପବିତ୍ରତା ରକ୍ଷା ଲାଗି ସଂକଳ୍ପବଦ୍ଧ ବୋଲି କହିଛି।



ନୂଆଦିଲ୍ଲୀର ଇଣ୍ଡିଆ ଗେଟ୍ ସମ୍ମୁଖରେ ରବିବାର ଜୈନ ସମ୍ପ୍ରଦାୟର ସଦସ୍ୟମାନେ ବିକ୍ଷୋଭ କରୁଛନ୍ତି।

## ହରିୟାଣା ମନ୍ତ୍ରୀଙ୍କ ନାଁରେ ଯୌନ ନିର୍ଯାତନା ମାମଲା

**ଚଣ୍ଡିଗଡ଼,୧।୧**

ଜଣେ କୋଚ୍‌ଙ୍କ ଅଭିଯୋଗ ଆଧାରରେ ହରିୟାଣାର କ୍ରୀଡ଼ାମନ୍ତ୍ରୀ ସନ୍ଦୀପ ସିଂଙ୍କ ବିରୋଧରେ ଚଣ୍ଡିଗଡ଼ ପୋଲିସ ରବିବାର ଯୌନ ନିର୍ଯାତନା ମାମଲା ରୁଜୁ କରିଛି। ଫଳରେ ମନ୍ତ୍ରୀ ସିଂ ତାଙ୍କ ନିକଟରେ ଥିବା କ୍ରୀଡ଼ା ବିଭାଗକୁ ମୁଖ୍ୟମନ୍ତ୍ରୀଙ୍କୁ ହସ୍ତାନ୍ତର କରିଛନ୍ତି। ତାଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ମନ୍ତ୍ରୀ ଖଣ୍ଡନ କରିଛନ୍ତି। ତାଙ୍କ ଭାବମୂର୍ତ୍ତିକୁ ନଷ୍ଟ କରିବା ଲାଗି ଏଭଳି ମନଗଢ଼ା




ଓ ଭିତ୍ତିହୀନ ଅଭିଯୋଗ ଅଣାଯାଇଥିବା ସେ କହିବା ସହ ଉପଯୁକ୍ତ ତଦନ୍ତ ଦାବି କରିଛନ୍ତି।

ମହିଳା ଜଣକ ବିରୋଧୀ ଦଳ ଇଣ୍ଡିଆନ ନ୍ୟାଶନାଲ ଲୋକ ଦଳ (ଆଇଏନ୍‌ଏଲ୍‌ଡି)

### କ୍ରୀଡ଼ା ବିଭାଗ ଛାଡ଼ିଲେ

କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ମନ୍ତ୍ରୀଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣିଥିଲେ। ଗତବର୍ଷ ଫେବୃୟାରୀରୁ ନଭେମ୍ବର ପର୍ଯ୍ୟନ୍ତ ମନ୍ତ୍ରୀ ତାଙ୍କୁ ହଇରାଣ କରିବା ସହ ତାଙ୍କୁ ଧମକ ଦେଇଥିଲେ। ଏଥିରେ ଅତିଷ୍ଠ ହୋଇ ମହିଳା ଜଣକ ସୋସିଆଲ ମିଡିଆ ଛାଡ଼ିଲେ ବୋଲି କହିଥିଲେ।

## ଚନ୍ଦ୍ରାବାବୁଙ୍କ ସଭାରେ ପୁଣି ଦଳାଚକଟା: ୩ ମୃତ

**ନୂଆଦିଲ୍ଲୀ,୧।୧**

ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲାରେ ରବିବାର ସନ୍ଧ୍ୟାରେ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଚନ୍ଦ୍ରାବାବୁ ନାଇଡୁଙ୍କ ସଭାରେ ଦଳାଚକଟା ଘଟି ୩ ଜଣଙ୍କ ମୃତ୍ୟୁ ହେବା ସହ ଅନେକେ ଆହତ ହୋଇଛନ୍ତି। ଚନ୍ଦ୍ରାବାବୁ ସଭାସ୍ଥଳ ଛାଡ଼ିବା ପରେ ଦଳାଚକଟା ହୋଇଥିଲା। ୫ ଦିନ ମଧ୍ୟରେ ଚନ୍ଦ୍ରାବାବୁଙ୍କ ସଭାରେ ଏହା ଦ୍ୱିତୀୟ ଦୁର୍ଘଟଣା। ଗତ ବୁଧବାର ସନ୍ଧ୍ୟାରେ ନେଲୋର ଜିଲାର କନ୍ଦୁକୁରୁଠାରେ ଚନ୍ଦ୍ରାବାବୁଙ୍କ ରୋଡ୍ ଶୋ'ରେ ଦଳାଚକଟା ଘଟି ୮ ଜଣଙ୍କ ଜୀବନ ଯିବା ସହ ୫ ଜଣ ଆହତ ହୋଇଥିଲେ।

## ଫ୍ୟାକ୍ଟ୍ରିରେ ବିସ୍ଫୋରଣ ପରେ ଅଗ୍ନିକାଣ୍ଡ: ୨ ମୃତ

**ନାସିକ,୧।୧**

ମହାରାଷ୍ଟ୍ରର ନାସିକ୍‌ରେ ଥିବା ଏକ କାରଖାନାରେ ରବିବାର ବିସ୍ଫୋରଣ ପରେ ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୧୯ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। କାରଖାନା ଭିତରେ ଆଉ ୨ ଜଣ ଫସିରହିଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଭାରତୀୟ ବାୟୁସେନା



ହେଲିକପ୍ଟରକୁ ମଧ ଉଦ୍ଧାର କାର୍ଯ୍ୟରେ ଲଗାଯାଇଛି। ବିସ୍ଫୋରଣର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ପୂର୍ବାହ୍ନ ୧୧ଟା ୩୦ରେ ଜିନ୍ଦଲ ଗ୍ରୁପ୍‌ର ପଲିଥିନ୍ କାରଖାନା ମଧ୍ୟରେ ଥିବା ରାସାୟନିକ ପ୍ଲାଣ୍ଟ ବଏଲରରେ ପ୍ରଥମେ ନିଆଁ ଲାଗି ବିସ୍ଫୋରଣ ହେବା ପରେ ସମ୍ପୂର୍ଣ୍ଣ କାରଖାନାକୁ ନିଆଁ ବ୍ୟାପିଯାଇଥିଲା।

## ୨୦୨୨ରେ ୩୧ ହଜାର ମହିଳା ବିରୋଧୀ ଅପରାଧ

**ନୂଆଦିଲ୍ଲୀ,୧।୧(ପି.ଟି.)**

୨୦୨୨ରେ ଜାତୀୟ ମହିଳା କମିଶନ(ଏନ୍‌ସିଡବ୍ଲ୍ୟୁ)କୁ ପାଖାପାଖି ୩୧,୦୦୦ ମହିଳା ବିରୋଧୀ ଅପରାଧ ଅଭିଯୋଗ ମିଳିଛି। ୨୦୧୪ରୁ ଏପର୍ଯ୍ୟନ୍ତ ଏହା ସର୍ବାଧିକ ହିଂସା ଅଭିଯୋଗ। ୨୦୨୧ରେ ମହିଳା ବିରୋଧୀ ହିଂସା ଅଭିଯୋଗ ସଂଖ୍ୟା ୩୦,୮୬୪ ଥିବାବେଳେ ୨୦୨୨ରେ ୩୦,୯୫୭ ଅଭିଯୋଗ ଦାଏର ହୋଇଛି। ଏନ୍‌ସିଡବ୍ଲ୍ୟୁ ତଥ୍ୟ ଅନୁଯାୟୀ ମହିଳାମାନଙ୍କର



ମର୍ଯ୍ୟାଦାର ସହ ବଞ୍ଚିବା ଅଧିକାର କ୍ଷୁଣ୍ଣ ଓ ଭାବାତ୍ମକ ଶୋଷଣ ନେଇ ସର୍ବାଧିକ ୯,୭୧୦ ଅଭିଯୋଗ ରହିଛି। ଏହା ପଛକୁ ରହିଛି ୬,୯୭୦ ଘରୋଇ ହିଂସା ଏବଂ ୪,୬୦୦ ଯୌତୁକ ନିର୍ଯାତନା ଅଭିଯୋଗ। ଅସଦାଚରଣ ନେଇ ୨,୫୨୩ ଅଭିଯୋଗ ଆସିଥିବାବେଳେ ୧,୭୦୧ଟି ବଳାତ୍କାର ଓ ବଳାତ୍କାର ଉଦ୍ୟମ ଅଭିଯୋଗ ରହିଛି। ସେହିପରି ପୋଲିସ ଅବହେଳାକୁ ନେଇ ୧,୬୨୩

### ୨୦୧୪ରୁ ଅଦ୍ୟାବଧି ସର୍ବାଧିକ ହିଂସା ଅଭିଯୋଗ: ଏନ୍‌ସିଡବ୍ଲ୍ୟୁ

ଅଭିଯୋଗ ଥିବାବେଳେ ୯୨୪ଟି ସାଇବର ଅପରାଧ ଅଭିଯୋଗ ରହିଛି।

ମୋଟ ଅଭିଯୋଗ ମଧ୍ୟରୁ ୫୪.୫ ପ୍ରତିଶତ ବା ୧୬,୮୭୨ଟି ଅଭିଯୋଗ କେବଳ ଉତ୍ତରପ୍ରଦେଶରୁ ଆସିଛି। ଦିଲ୍ଲୀରୁ ୩,୦୦୪ଟି ଅଭିଯୋଗ ମିଳିଥିବାବେଳେ ମହାରାଷ୍ଟ୍ରରୁ ୧,୩୮୧, ବିହାରରୁ ୧,୩୬୮ ଏବଂ ହରିୟାଣାରୁ ୧,୩୬୨ ଅଭିଯୋଗ ମିଳିଛି। ୨୦୧୪ରେ ଦେଶରେ ମହିଳା ବିରୋଧୀ ଅପରାଧ ନେଇ ସର୍ବାଧିକ ୩୩,୯୦୬ଟି ଅଭିଯୋଗ ଜାତୀୟ ମହିଳା କମିଶନଙ୍କ ହସ୍ତଗତ ହୋଇଥିଲା।

# ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

## ଶ୍ରୀଦଧିବାମନଜୀଉ ମହାବିଦ୍ୟାଳୟ

ଧର୍ମଶାଳା,୧୧(ଡି.ଏନ.ଏ.): ଧର୍ମଶାଳା ବ୍ଲକ୍ ନରସିଂହପୁରସ୍ଥିତ ଶ୍ରୀଦଧିବାମନଜୀଉ ସଂସ୍କୃତ ମହାବିଦ୍ୟାଳୟର ରାଷ୍ଟ୍ରୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ସମ୍ମାନିତ ଅତିଥି ଜଳଧର ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଭାଗ୍ୟଧର ସେଠୀ, ସମିତିସଭ୍ୟା କ୍ଷିରାବ୍ଧି ତନୟା ମଲ୍ଲିକ, ଦେବବ୍ରତ ରାଉତ ଯୋଗଦେଇ ସେବା ମାଧ୍ୟମରେ ଉତ୍ତମ ନାଗରିକ ଓ ସୁସ୍ଥ ସମାଜ ଗଠନ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବରୁଆଁ ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦିଲୀପ ସାହୁ ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଭିମସେନ ତରାଇ, ଦାମୋଦର ପଣ୍ଡା, ନାଏବ ସରପଞ୍ଚ ବିଦ୍ୟୁତ୍‌ଲତା ଦାସ, ଅଧ୍ୟାପକ ଗିରିଧାରି ପଣ୍ଡା, ଗୌରୀଶଙ୍କର ମିଶ୍ର, ଅଧ୍ୟାପିକା ମନ୍ଦାକିନୀ ରାଉତ, କର୍ମଚାରୀ ପ୍ରଶାନ୍ତ ପଣ୍ଡା, ହେମନ୍ତ ଦାସ ଓ ଉଦୟ ତରାଇ ଉପସ୍ଥିତ ଥିଲେ। ସୁବାସ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପିକା ପ୍ରମିଳା ଦାସ ଧନ୍ୟବାଦ ଦେଇଥିଲେ।

# ଅବଧି ପରେ ବି କାମ ସରୁନାହିଁ

- ଭିକିପୁର-ପହଙ୍ଗା ରାସ୍ତା ନିର୍ମାଣରେ ଅନିୟମିତତା
- ଅଟକଳ ଅନୁଯାୟୀ ରାସ୍ତା ନିର୍ମାଣ ହେଉ ନ ଥିବା ଅଭିଯୋଗ

କଳିଙ୍ଗନଗର,୧୧(ଡି.ଏନ.ଏ.) ଯାଜପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନ ଯାଜପୁର ରୋଡ ଗ୍ରାମ୍ୟ ଉନ୍ନୟନ ସବ୍‌ଡିଭିଜନ ଅଧୀନରେ ଥିବା ଭିକିପୁର-ପହଙ୍ଗା ଗ୍ରାମ୍ୟ ଉନ୍ନୟନ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ଉପରେ ରସୁଲପୁର,କୋରେଇ ଏବଂ ଦାନଗଦୀ ବ୍ଲକର ଲୋକମାନେ ନିର୍ଭର କରିଥାନ୍ତି । ହେଲେ ଦୀର୍ଘଦିନ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଛି । ଏନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିବା ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା । ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା । ଏନେଇ ୮ ଲକ୍ଷ ୮୪ ହଜାର ୬ଶହ ୮୪ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା । ଇତିମଧ୍ୟରେ ଟେଣ୍ଡର ଅବଧି ଶେଷ ହୋଇଛି । ହେଲେ କାମ ଆରମ୍ଭ ହୋଇ ନ ଥିଲା । ଅବଧି ଶେଷର ପ୍ରାୟ ଦୁଇ ମାସ ପରେ ତରବରିଆଭାବେ ଜଣେ ଠିକାଦାର ନିଜ ଇଚ୍ଛା ମୁତାବକ କାମ କରୁଥିବା ଅଭିଯୋଗ ହୋଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା କାର୍ଯ୍ୟସ୍ଥଳରେ ବିଭାଗୀୟ ଯନ୍ତ୍ରୀ ଏବଂ ଏସ୍‌ଡିଓ କିମ୍ବା କର୍ମଚାରୀଙ୍କ ଉପସ୍ଥିତ ରହୁ ନାହାନ୍ତି । ଏହାକୁ ନେଇ ସ୍ଥାନୀୟ


ରାସ୍ତା କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡ଼ିରହିଛି ।

ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି ।

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଟକଳ ଅନୁଯାୟୀ, ଏହି ରାସ୍ତାର ଭଙ୍ଗା ପିଚୁ ଅଂଶକୁ ୫୦ ମିମି ଖୋଳି ୧୦୦୦ମିଟର ଦୂରତାରେ ପକାଇବାର ନିୟମ ରହିଛି । ହେଲେ ଠିକାଦାର ଅଟକଳ ଅନୁଯାୟୀ ନ ଖୋଳି ତାକୁ ରାସ୍ତା କଡ଼ରେ ପକାଇଦେଇଛନ୍ତି। ସେହିପରି ଭିକିପୁର ପଟୁ ଆରମ୍ଭ କରାଯାଇଥିବା କାର୍ଯ୍ୟସ୍ଥଳର କିଛି ଢଳାଇ ଅଂଶ ପାଇପ ବିଛା ବେଳେ ଭାଙ୍ଗିଯାଇଥିଲା । ତାକୁ ଅଣଦେଖା କରି ଠିକାଦାର ଏବଂ ବିଭାଗ କାର୍ଯ୍ୟ କରୁଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପିଚୁ କାର୍ଯ୍ୟ କରାଯିବା ପୂର୍ବରୁ ରାସ୍ତାରୁ ଧୂଳି ସଫା କରିବା ଓ ଇମୁଲେଶନ ପ୍ରେସର ଡିଷ୍ଟ୍ରିବ୍ୟୁଟର ମାଧ୍ୟମରେ ଟ୍ରାକ୍ କୋଟ ପକାଯିବାର ବିଭାଗୀୟ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଠିକାଦାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି । ସେହିପରି ପିଚୁ ରାସ୍ତାରେ ବିଛାଇବା ନିମନ୍ତେ ମେକାନିକାଲ ପେଭର ଫିନିସରର ବ୍ୟବହାର ଓ ରାସ୍ତା ମରାମତି ପାଇଁ ଅଟକଳରେ ସ୍ୱଷ୍ଟ ଭାବେ ଉଲ୍ଲେଖ ରହିଥିଲେ ମଧ୍ୟ ଠିକାଦାର ଟ୍ରଲି ମାଧ୍ୟମରେ ପରିବହନ କରି ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ସେହିପରି ରୋଲିଂ କାର୍ଯ୍ୟ ଠିକ୍ ଭାବେ ହେଉନାହିଁ । ରାସ୍ତାର ଦୁଇ ପାର୍ଶ୍ୱରେ ମୋଟା ଭାଗ ପିଚୁ ପକାଇ ସଠିକ କାର୍ଯ୍ୟ କରାଯାଉଥିବା ଭଳି ଲୋକଙ୍କ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ ପିଚୁ ବିଛା କାର୍ଯ୍ୟ ସମୟରେ ବିଭାଗୀୟ ଯନ୍ତ୍ରୀ କିମ୍ବା ଉପରିସ୍ଥ ଅଧିକାରୀଙ୍କ ଅନୁପସ୍ଥିତକୁ ନେଇ ସାଧାରଣରେ ବିରୋଧାଭାସ ସୃଷ୍ଟି ହୋଇଛି। ଠିକାଦାର ଯନ୍ତ୍ରୀ ମଧୁଚନ୍ଦ୍ରିକାରେ ଏହି କାର୍ଯ୍ୟ କରାଯାଉଥିବା ଆଲୋଚନା ଜୋର ଧରିଛି । ଗ୍ରାମ୍ୟ ଉନ୍ନୟନ ବିଭାଗ ଅଟକଳ ଅନୁଯାୟୀ ୦.୦୬ କ୍ୟୁ.ମି. ସିଲ ସହିତ ୬.୭ ମି.ମି.ର ଚିପ୍ସ ବ୍ୟବହାର କରି ରାସ୍ତା ନିର୍ମାଣ କରିବାର ଅଟକଳ ରହିଥିଲେ ମଧ୍ୟ ସମ୍ପୃକ୍ତ ଠିକାଦାର ମାତ୍ର ୨ ମି.ମି. ଅନୁସାରେ କାର୍ଯ୍ୟ କରି ବିଲ ହାତେଇନେବାକୁ ମସୁଧା ଚଳାଇଛି । ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ଏପରି କରାଯାଉଛି ଯେ ରାସ୍ତାର ସ୍ଥାୟିତ୍ୱକୁ ନେଇ ଆରମ୍ଭରୁ ପ୍ରଶ୍ନ ଉଠିଛି। ଏହି ରାସ୍ତାଟି ଏବର ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀଙ୍କ ପୂର୍ବ ନିର୍ବାଚନମଣ୍ଡଳୀର ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ବ୍ୟସ୍ତବହୁଳ ରାସ୍ତା ହୋଇଥିବାରୁ ସେ ଏ ଦିଗରେ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି । ଏନେଇ ଯାଜପୁର ଗ୍ରାମ୍ୟ ଉନ୍ନୟନ ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ଯୋଗାଯୋଗ କରାଯିବାରୁ ସେ ପ୍ରକାଶିତ ଖବରକୁ ମିଛ ବୋଲି କହିବା ସହ ଆମେ କାର୍ଯ୍ୟସ୍ଥଳରେ ରହିବାକୁ ବାଧ୍ୟ ନୁହଁ ବୋଲି କହିଥିଲେ ।

## କ୍ରୀଡ଼ା ଖବର

# ଚିଙ୍ଗୁଡ଼ିପାଳ ପ୍ରିମିୟର ଲିଗ୍ କ୍ରିକେଟ: ଅରଡ଼ାପାଳ ଚାମ୍ପିୟନ

କାଳିଆପାଣି,୧୧(ଡି.ଏନ.ଏ.): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡିପାଳ ପଞ୍ଚାୟତର ଟାଙ୍ଗରସାହିରେ ୩ଦିନ ଧରି ଚାଲିଥିବା ଚିଙ୍ଗୁଡ଼ିପାଳ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅରଡ଼ାପାଳ କ୍ରିକେଟ ଟିମ୍ ଚାମ୍ପିୟନ୍ ହୋଇଛି। ଅରଡ଼ାପାଳ କ୍ରିକେଟ ଟିମ ସହ ଟାଙ୍ଗରସାହି କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଟସ ଜିତି ଟାଙ୍ଗରସାହି ପ୍ରଥମେ ବ୍ୟାଟିଂ କରି ୧୨ ଓଭରରେ ୬୦ ରନ କରିଥିଲା। ଜବାବରେ ଅରଡ଼ାପାଳ କ୍ରିକେଟ ଟିମ୍ ୧୦ ଓଭର ୪ ବଲରେ ୧ ଉଇକେଟ ହରାଇ ୬୨ ରନ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ଜେମା ଚାଖି, ପୂର୍ବତନ ସୁକିନ୍ଦା ବ୍ଲକ୍ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସମିତିସଭ୍ୟା ରାନୀ ମାଝି, ବରିଷ୍ଠ ନାଗରିକ ଗଣେଶ୍ୱର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ସରୋଜ ମହାନ୍ତ, ଧୀରେନ୍ଦ୍ର ମହାନ୍ତ ଓ ଦୀପକ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ।


ଅତିଥିଙ୍କ ଗହଣରେ ଚାମ୍ପିୟନ ଓ ରନର୍ସ ଅପ୍ ଦଳର ଖେଳାଳିମାନେ ।

# ସଂଗ୍ରାମୀଙ୍କ ତୈଳଚିତ୍ର ସଂଗ୍ରହ କଲେ ବିଧାୟିକା

## ବରୀ ଅଞ୍ଚଳରେ ହେବ ସଂଗ୍ରାମୀ ଭବନ

ବରୀ,୧୧(ଡି.ଏନ.ଏ.): ଇଂଲିଶ ନବବର୍ଷ ୨୦୨୩ ଅବସରରେ ରବିବାର ବରୀ ବିଧାୟିକା ସୁନନ୍ଦା ଦାସ ବରୀ ଅଞ୍ଚଳରେ ଏକ ସଂଗ୍ରାମୀ ଭବନ ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେଣୁ ବିଧାୟିକା ଅଷ୍ଟଶମ୍ଭୁଙ୍କୁ ଦର୍ଶନ କରିବା ପରେ ଅଞ୍ଚଳର ୧୨୨ ଜଣ ସଂଗ୍ରାମୀଙ୍କ ଘରକୁ ଯାଇ ସେମାନଙ୍କ ପରିବାର ସଦସ୍ୟଙ୍କ ନିକଟରୁ ସଂଗ୍ରାମୀମାନଙ୍କ ତୈଳଚିତ୍ର ସଂଗ୍ରହ କରିଛନ୍ତି। ବରୀ ବ୍ଲକ୍‌ର ସେରପୁର ପଞ୍ଚାୟତ ଅଧୀନସ୍ଥ କୃଷ୍ଣନଗର ଗ୍ରାମରେ ସର୍ବାଧିକ ୨୨ ଜଣ ସଂଗ୍ରାମୀ ଥିବାରୁ ଏହି ମାଟି ସଂଗ୍ରାମ କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ସେ ପ୍ରକାଶ କରିଛନ୍ତି। ପରେ ମନ୍ଦାରୀ ପଞ୍ଚାୟତରେ ନୂଆ ବର୍ଷ ଉପଲକ୍ଷେ ନବର୍ଷର ଅଭିନନ୍ଦନ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟିକାଙ୍କ ସହ ବିଜେଡି ବ୍ଲକ୍ ସଭାପତି କେଦାର ସାମଲ, ବ୍ଲକ୍ ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ନାଥଶର୍ମା, ଜିଲାପରିଷଦ ସଭ୍ୟ ଅଶୋକ ସାମଲ, ବିନୋଦ ମାଝି, ସରପଞ୍ଚ ରଶ୍ମିତା ପରିଡ଼ା, ଜଗଦୀଶ ଜେନା, ଚପଳା ମଲ୍ଲ, ଶଙ୍କର୍ଷଣ ସ୍ୱାଇଁ, ସବିତା ବେହେରା, ସସ୍ମିତା କୁଣ୍ଡୁ, ସୁଶାନ୍ତ ଦାସ, ପ୍ରଜ୍ଞାପରମିତା ପରିଡ଼ା, କୈଳାସ ମଲ୍ଲିକ, ସରଳା ମଲ୍ଲିକ, ଶକୁନ୍ତଳା ମଲ୍ଲିକ, ସମିତିସଭ୍ୟ ଜ୍ୟୋତିର୍ମୟୀ ବେହେରା, ସ୍ୱପ୍ନାରାଣୀ ସେଠୀ, ରମେଶ ସାହୁ, ପ୍ରୀତିରଞ୍ଜନ ଯେନା, ପ୍ରାକ୍ତନ ସରପଞ୍ଚ ଗୋବିନ୍ଦ ଜେନା, ବିଜୟ ନାୟକ, ରମାକାନ୍ତ ମଲ୍ଲିକ, ସୁଲଭ ମଲ୍ଲିକ, ସାମାଜିକ କର୍ମୀ ଅରବିନ୍ଦ ମହାନ୍ତି, ଯୁବ ସାମାଜିକ କର୍ମୀ ହରିହର ପଣ୍ଡା, ବିରେନ ରାଉତଙ୍କ ସମେତ ବରୀ ଅଞ୍ଚଳର ଶତାଧିକ ଛାମୁଆ କର୍ମୀ ଯୋଗ ଦେଇଥିଲେ।


ବିଧାୟିକା ଏକ ପରିବାର ନିକଟରୁ ସଂଗ୍ରାମୀଙ୍କ ତୈଳଚିତ୍ର ସଂଗ୍ରହ କରୁଛନ୍ତି ।

# ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ


ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଚଣ୍ଡିଖୋଲ,୧୧(ଡି.ଏନ୍.ଏ.): ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରିରର ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ପକ୍ଷରୁ ଶୋଭନୀୟ ଉତ୍ସବ ଓ ଉଦୟଗିରି ଜାତୀୟ ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନର ନିର୍ଦ୍ଦେଶିକା ଡ. ଅରୁନ୍ଧତୀ ଦେବୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଉଦୟଗିରି ପାହାଡ଼ ଶୀର୍ଷ ସତ୍ୟଯୁଗସ୍ତମ୍ଭ ନିକଟରେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା, ମାନବିକ ପତାକା ଉତ୍ତୋଳନ, ଶୋଭନୀୟ ସମାଜ ନିମନ୍ତେ ଆଲୋଚନାଚକ୍ର, ଚକ୍ଷୁ ଚିକିତ୍ସା ଶିବିର, ସ୍ମାର୍ଟକ୍ଲାସ୍ ଦ୍ୱାରା ନୂତନ ଶିକ୍ଷା ପଦ୍ଧତି ପ୍ରଦର୍ଶନ, ଶିକ୍ଷାପ୍ରଦ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ସଭା ପ୍ରାରମ୍ଭରେ ଡ. ଏସ୍.ଏନ୍. ସୁବାରାଓ, ଶୋଭନୀୟ ଆନ୍ଦୋଳନର ପୂର୍ବତନ ନିର୍ଦ୍ଦେଶିକା ସତ୍ୟଭାମା ଦେବୀ, ପୂର୍ବତନ ଏମ୍‌ପି ମୋହନ ଜେନା ଓ ହୀରା ବେନ୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋଭନୀୟ ଉତ୍ସବକୁ ବୌଦ୍ଧଭିକ୍ଷୁ ଭେନ୍ ଧମ୍ମଗବେଷୁ ଭନ୍ତେ ଉଦ୍‌ଘାଟନ କରି ବୁଦ୍ଧଦେବ ଜଣେ ମନଚିକିତ୍ସକ ଥିଲେ ବୋଲି କହି ତାଙ୍କ ମାର୍ଗର ବାଖ୍ୟା କରିଥିଲେ।

ଅପରାହ୍ନ ଅଧିବେଶନକୁ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଗଲ୍ଫ ଦେଶ ସମୂହର ଓଡ଼ିଆ ସଂଗଠନର ସଭାପତି ଇଂ. ଅଜୟ କୁମାର ଦାସ, ଦିଲ୍ଲୀର ପ୍ରଖ୍ୟାତ ଚକ୍ଷୁ ଚିକିତ୍ସାବିତ୍ ଓ ଲେଖିକା ସମାଜର ସଭାପତି ଡା. ଅନିତା ପଣ୍ଡା, ସମ୍ମାନିତ ଅତିଥିଭାବେ ରୋଟାରିଆନ୍ ଆଲୋକ କୁମାର ସାହୁ, ଆମେରିକାର ସିଟିଏସ୍‌ର ନିର୍ଦ୍ଦେଶକ ଭାବେ କାର୍ଯ୍ୟକରିଥିବା ସମ୍ବିତ୍ କୁମାର ଦାସ, ପ୍ରଫେସର କାଳୀକିଙ୍କର ପଟ୍ଟନାୟକ, ପ୍ରଫେସର କାର୍ତ୍ତିକ ଚନ୍ଦ୍ର ବରାଳ, ବରିଷ୍ଠ ସ୍ତମ୍ଭକାର ଜିତେନ୍ଦ୍ର ପଟ୍ଟନାୟକ ଏବଂ ପଣ୍ଡିତ ପ୍ରଭାତ କର ପ୍ରମୁଖ ଯୋଗଦେଇ ଶୋଭନୀୟ ସମାଜ ନିର୍ମାଣ ନିମନ୍ତେ ଆହ୍ୱାନ ଦେବା ସହ କୁମାର ଭାଇଙ୍କଦ୍ୱାରା ପ୍ରତିଷ୍ଠିତ ଶୋଭନୀୟ ଶିକ୍ଷାଶ୍ରମ ମନଚିକିତ୍ସା ଓ ଚରିତ୍ର ଗଠନର କେନ୍ଦ୍ର ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ସଦସ୍ୟା ମିନତି ଦେବୀ ଧନ୍ୟବାଦ ଦେଇଥିଲେ।

# କ୍ରିକେଟ: ରାଇଜିଂ ଷ୍ଟାର୍ ଚାମ୍ପିୟନ

କାଳିଆପାଣି,୧୧(ଡି.ଏନ.ଏ.): ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ଅଧୀନ କୁହିକା ପଞ୍ଚାୟତର ରାଇଜିଂ ଷ୍ଟାର ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ୨୪ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଫାଇନାଲ ମ୍ୟାଚ୍‌ରେ ଆୟୋଜକ ରାଇଜିଂ ଷ୍ଟାର କୁହିକା କୁନିନ୍ଦା ଏକାଦଶକୁ ୭ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ସୁକିନ୍ଦା ପ୍ରେସ୍ କ୍ଲବ୍ ସଭାପତି ବିଶ୍ୱଜିତ ନାୟକ ଯୋଗ ଦେଇଥିଲେ। କୁହିକା ସରପଞ୍ଚ ଅଶ୍ୱିନୀ ପରିଡ଼ା, ସମିତିସଭ୍ୟ ରଞ୍ଜନ କୁମାର ନାୟକ, କ୍ଲବର ବରିଷ୍ଠ ସଭ୍ୟ ସୁଭଦ୍ରା ପ୍ରସାଦ ମିଶ୍ର, ସାମାଜିକ କର୍ମୀ ଦୁଃଖବନ୍ଧୁ ବାରିକ, ସାମ୍ବାଦିକ ଲମ୍ବୋଦର ଦଳବେହେରା ଓ ଅସିତ କୁମାର ମହାନ୍ତ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କାର ବିତରଣ କରିଥିଲେ। ସାମ୍ବାଦିକ ମନୋଜ ନାୟକ ମଞ୍ଚ ପରିଚାଳନା କରିଥିଲେ। ରାଇଜିଂ ଷ୍ଟାର୍ କ୍ଲବ୍‌ର ବିଜୟ ନାୟକ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଓ ସୁରଜ ବାରିକ ଫାଇନାଲ ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ। ଶିବାନନ୍ଦ ରାଉତ, ସୌମ୍ୟରଞ୍ଜନ ସାହୁ ପ୍ରମୁଖ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ। କୁମାର ଖଟୁଆ ସ୍କୋରର ଓ ସୁଧାଂଶୁ ଶେଖର ପ୍ରଧାନ ଧାରାବିବରଣୀ ପ୍ରଦାନ ଦାୟିତ୍ୱ ସମ୍ପାଦନ କରିଥିଲେ। କ୍ଲବ୍‌ର ସମସ୍ତ ସଭ୍ୟ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟଦଳର ଖେଳାଳିମାନେ ।

# ଶେଷଦେବ ବାସନ୍ତୀ ହାଇସ୍କୁଲ୍‌ରେ ଜ୍ଞାନ ବିକାଶ କାର୍ଯ୍ୟକ୍ରମ

ଯାଜପୁର ଟାଉନ,୧୧(ଡି.ଏନ.ଏ.): ଯାଜପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜ୍ଞାନ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଆମ ପାଠ ପଢ଼ା' ଆମ ଭବିଷ୍ୟତ ଶୀର୍ଷକ ଏକ ଆଲୋଚନାଚକ୍ର ସୁରେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ବୈଜ୍ଞାନିକ ପ୍ରଫେସର ଡ. ସଞ୍ଜୟ କୁମାର ନାୟକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ଶିକ୍ଷାନୀତି ୨୦୨୦ର ଉପଯୋଗିତା ସହିତ ଜ୍ଞାନର ବିକାଶରେ ନୁହେଁ, ଜ୍ଞାନ ସହିତ ଦକ୍ଷତାର ବିକାଶ ଜରୁରୀ ବୋଲି ସେ କହିଥିଲେ। ପରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଉତ୍ସାହୀ ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ସରଳ ଉତ୍ତର ପ୍ରଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ସହଯୋଗୀ ଅଧ୍ୟାପକ ଡ. ଶରତ କୁମାର ରାଉତ ଏମ.ଏଡ ଛାତ୍ରଙ୍କ ପାଇଁ ଉକ୍ତ ବିଦ୍ୟାଳୟକୁ ଏକ ପ୍ରୟୋଗାତ୍ମକ ବିଦ୍ୟାଳୟ ଭାବେ ଗ୍ରହଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଯାଜପୁର ବ୍ଲକ ଶିକ୍ଷାଧିକାରୀ ସ୍ମୃତିରେଖା ନାୟକ ଯୋଗଦେଇ ଉଚ୍ଚ ବିଦ୍ୟାଳୟର ଶିକ୍ଷା ଓ ଅନ୍ୟ ସମସ୍ତ ପରିବେଶ ତାଙ୍କୁ ଭଲ ଲାଗେ ବୋଲି ଏହାକୁ ସେ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି। ଏହାର ଉନ୍ନତି ହିଁ ତାଙ୍କର ସ୍ୱପ୍ନ ଓ ଏ ସ୍ୱପ୍ନକୁ ସେ ଅବଶ୍ୟ ପୂରଣ କରିପାରିବେ ବୋଲି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ସନ୍ତୋଷ ଦାସ ଯୋଗ ଦେଇ ବିଦ୍ୟାଳୟର ଉନ୍ନତି ପାଇଁ ଅତିଥିଙ୍କ ସହଯୋଗ ଲୋଡ଼ିଥିଲେ। ବିଦ୍ୟାଳୟ ପୂର୍ବତନ ପ୍ରଧାନଶିକ୍ଷକ ଶିକ୍ଷାବିତ ସୁରେନ୍ଦ୍ର କୁମାର ରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଗୀତାରାଣୀ ପଣ୍ଡା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷକ ରତିକାନ୍ତ ରାୟ, ଗଦାଧର ବିଶ୍ୱାଳ, ସୁରେନ୍ଦ୍ର ବେହେରା, ଅବିନାଶ ତରାଇ, ଲିପସିତା ସାହୁ, ସୁସ୍ମିତା ସେଠୀ, ମୁରସିଦ ଅଲ୍ଲୀ, ଦିଲୀପ ସାମଲ, ସୂଚିସ୍ମିତା ପାଣିଗ୍ରାହୀ, ସୁମିତ୍ରା ସାହୁ, ସ୍ମୃତି ଶିଖା ଦାସ, ରିଜୱାନା ଅଖତର, ପୂର୍ବତନ ଶିକ୍ଷକ ରବିନାରାୟଣ ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ।


ଜ୍ଞାନ ବିକାଶ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ।

# ଜୈବିକ ପରିବା ଚାଷ ପ୍ରତି ଆଗ୍ରହ ବଢ଼ିଛି

- ୮୪ ଗ୍ରାମର ୩୬୧୮ ହିତାଧିକାରୀ ସାମିଲ
- ଟିଏସ୍ଏଫ୍ ପକ୍ଷରୁ ସହାୟତା

ଯାଜପୁର ଅଫିସ,୧୧ ଯାଜପୁର ଜିଲ୍ଲା କଳିଙ୍ଗନଗର ଶିଳ୍ପାଞ୍ଚଳର ସୁକିନ୍ଦା ଓ ଦାନଗଦି ବ୍ଲକର ୨୪ ପଞ୍ଚାୟତର ୮୪ ଗ୍ରାମର ୩୬୧୮ ଜଣ ହିତାଧିକାରୀ ନିଜ ବଗିଚାରେ ଜୈବିକ ପ୍ରଣାଳୀରେ ଦେଶୀ ପରିବା ଚାଷ ପ୍ରତି ଆକୃଷ୍ଟ ହୋଇଛନ୍ତି। ଟାଟା ଷ୍ଟିଲ ଫାଉଣ୍ଡେଶନ୍ (ଟିଏସ୍ଏଫ୍) କଳିଙ୍ଗନଗର ପକ୍ଷରୁ କମ୍ପାନୀର କ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ମାଗଣାରେ ବିହନ, ଚାରା ଓ ଜୈବିକ ସାର ଯୋଗାଇ ଦିଆଯାଉଛି।

ଜିଲାରେ ଏକଦା ଦେଶୀ ପନିପରିବା ପ୍ରଚୁର ପରିମାଣରେ ଉତ୍ପାଦିତ ହେଉଥିବାବେଳେ ଦରଦାମ ମଧ୍ୟ କମ୍ ଥିଲା। ଏଣୁ ଏଠାରୁ ଅନ୍ୟ ଜିଲାକୁ ପରିବା ବିକ୍ରି ପାଇଁ ଯାଉଥିଲା। ତଟକା ଓ ଦେଶୀ ପରିବା ରାସ୍ତାକଡ଼ରେ, ହାଟବଜାରରେ ଉପଲବ୍ଧ ହେଉଥିଲା। ଶିଳ୍ପର ଅଭିବୃଦ୍ଧି ଯୋଗୁ କୃଷି କ୍ଷତିଗ୍ରସ୍ତ ହେବା ସହ ଗତ କିଛିବର୍ଷ ହେଲା ଜିଲାରେ ପରିବା ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଫଳରେ ରାଜ୍ୟ ତଥା ଜିଲା ବାହାରୁ ପରିବା ଅଣାଯାଇ ଆବଶ୍ୟକତା ମେଣ୍ଟାଉଛି। ବେପାରୀମାନେ ପଶ୍ଚିମବଙ୍ଗରୁ ଟ୍ରିପ୍ ଟ୍ରିପ୍ ଟମାଟୋ, ବାଇଗଣ, ଫୁଲକୋବି, ବନ୍ଧାକୋବି ଆଦି ପରିବା ଆଣି ଏଠାରେ ବିକ୍ରି କରୁଛନ୍ତି। ତେବେ ବର୍ତ୍ତମାନ ସମୟରେ ଯାଜପୁର ବଜାରରେ ଦେଶୀ ପୁଷ୍ଟିକର ପନିପରିବା ପ୍ରାୟତଃ ଆଉ ମିଳୁନାହିଁ। ଫଳରେ ଲୋକମାନେ ହାଇବ୍ରିଡ୍ ପନିପରିବା କିଣି ଖାଇବାକୁ ବାଧ ହେଉଛନ୍ତି। ଶିଳ୍ପ ତଥା ଅନ୍ୟ ବ୍ୟବସାୟିକ ସଂସ୍ଥାରେ କାମ କରୁଥିବା କିମ୍ବା ବ୍ୟବସାୟ କରୁଥିବା ସୀମିତ ଧନଶାଳୀ ଲୋକ ଚଢ଼ାଦରରେ ପରିବା କିଣୁପାରୁଥିବାବେଳେ ସାଧାରଣ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକେ ତାହା ପ୍ରାୟତଃ ସମ୍ଭବ ହୋଇପାରୁନାହିଁ।


ପୁଷ୍ଟିକର ପରିବା ଚାଷ କରାଯାଇଛି ।

ଏଭଳି ସ୍ଥିତିରେ ଟିଏସ୍ଏଫ୍ ପକ୍ଷରୁ ଘରର ବାରିପଟ ସହିତ ଅଳ୍ପ ଜମିରେ ସବୁଜ ପନି ପରିବାରେ ଭରପୂର ପୋଷଣ ବଗିଚାରେ ପରିବା ଚାଷ ପାଇଁ ପ୍ରୋତ୍ସାହିତ କରାଯାଉଛି। ଏଥିରେ ଘରର ବର୍ଜ୍ୟ ଜଳର ବ୍ୟବହାର ଏବଂ କୌଣସି ରାସାୟନିକ ସାରର ପ୍ରୟୋଗ ହେଉ ନ ଥିବାରୁ ଏହା ସ୍ଥାନୀୟ ଲୋକମାନଙ୍କୁ ଆବଶ୍ୟକ ପରିମାଣର ପୋଷକତତ୍ତ୍ୱ ବିଶିଷ୍ଟ ଖାଦ୍ୟ ଯୋଗାଇ ଦେବାରେ ସକ୍ଷମ ହୋଇପାରିଛି। ସ୍ଥାନୀୟ ମହିଳାମାନେ ପୋଷଣ ବଗିଚା ମାଧ୍ୟମରେ ଚାଷ କରିବାରେ ସକ୍ରିୟ ଯୋଗଦାନ କରିଛନ୍ତି। ସୁକିନ୍ଦାର ସନ୍‌ସାଇଲୋ ଗ୍ରାମର ଜୟନ୍ତୀ ମହାନ୍ତ କହିଛନ୍ତି, ଏଥିରେ ସାମିଲ ହେବା ପରେ ବର୍ତ୍ତମାନ ନିଜ ବାରି ପଟେ ତଟକା ପରିବା ଚାଷ କରି ୫ ପ୍ରାଣୀ କୁଟୁମ୍ବ ଆବଶ୍ୟକତାକୁ ପୂରଣ କରିବା ସହିତ ବଳକା ପରିବା ବିକ୍ରି କରିପାରୁଛୁ। ଆତ୍ମନିର୍ଭରଶୀଳ ହେବା ସହିତ ବଜାରରୁ ବିଭିନ୍ନ ରାସାୟନିକ ସାରଯୁକ୍ତ ପରିବା କିଣିବାରେ ଖର୍ଚ୍ଚ ହେଉଥିବା ଟଙ୍କା ମଧ୍ୟ ସଞ୍ଚୟ କରିପାରୁଛୁ। ପୁଷ୍ଟିକର ପରିବା ମାଧ୍ୟମରେ ଆମକୁ ଏକ ସୁସ୍ଥଜୀବନ ମିଳିପାରିଛି ବୋଲି କହିଛନ୍ତି। ପୋଷଣ ଖାଦ୍ୟ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ନିୟମିତ ଭାବେ ସେମାନଙ୍କ ଘରକୁ ଯିବା ସହିତ ଶସ୍ୟଚାଷ, ଏହାର ଯତ୍ନ ଏବଂ ରକ୍ଷଣାବେକ୍ଷଣ ମାଧ୍ୟମରେ ଟିଏସ୍ଏଫ୍ ସ୍ଥାନୀୟ ଲୋକମାନଙ୍କ ସହିତ ନିୟମିତ ଭାବେ ସମ୍ପର୍କ ସ୍ଥାପନ କରୁଛି। ଏଥିପାଇଁ ୧୨ କିସମର ବିହନ, ସବୁଜ ନେଟ୍ ଏବଂ ଜୈବିକ ଖତ ଯୋଗାଇ ଦେବାକୁ ଯୋଜନା ପ୍ରସ୍ତୁତ କରାଯାଇଛି।

**୬ ବର୍ଷର ଶିଶୁକୁ ବଳାତ୍କାର, ଜଣେ ଅଟକ**

ଆଳି,(ଡି.ଏନ.ଏ.): ଆଳି ଥାନା ଅଞ୍ଚଳର ଜଣେ ଶିଶୁକୁ ବଳାତ୍କାର ଅଭିଯୋଗରେ ରବିବାର ଜଣେ ବ୍ୟକ୍ତିଙ୍କୁ ପୋଲିସ ଅଟକ ରଖିଛି। ଅଭିଯୋଗ ଅନୁଯାୟୀ, ବ୍ୟକ୍ତି ଜଣକ ନିଜ ପଡୋଶୀ ଘରର ଜଣେ ୬ ବର୍ଷର ଶିଶୁ କନ୍ୟାକୁ ଘରକୁ ଡ଼ାକି ନେଇ ବଳାତ୍କାର କରିଥିଲେ। ଶିଶୁଙ୍କ ମା' ତାକୁ ଖୋଜା ଖୋଜି କରିବା ପରେ ଅପରାହ୍ନ ୩ ଟାବେଳେ ଶିଶୁ ଅଭିଯୁକ୍ତଙ୍କ ଘରୁ ବାହାରିବା ଦେଖିଥିଲେ। ତାକୁ ଦାଣ୍ଡରୁ ଡ଼ାକି ନେଇ ତା' ସହ ଯାହା କରାଯାଇଛି ସେ କାନ୍ଦି କାନ୍ଦି ସମସ୍ତଙ୍କୁ କହିଥିଲେ। ଏହା ଜାଣିବା ପରେ ପୀଡିତାଙ୍କ ମା' ଅଭିଯୁକ୍ତଙ୍କୁ ପଚାରିବାରୁ ସେ ଗାଳିଗୁଲଜ କରିଥିଲେ। ସନ୍ଧ୍ୟାରେ ପୀଡତାଙ୍କ ମା' ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ନେଇ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି।

# ବିକାଶ ପାଇଁ ସମନ୍ୱୟ, ପ୍ରତିବଦ୍ଧତା ଜରୁରୀ

**କେନ୍ଦ୍ରାପଡ଼ା ଅଫିସ, ୧୧**

ଗୋଟିଏ ଦିନ ପରେ ୨୦୨୩ ଆରମ୍ଭ ହେବ। ୨୦୨୨ର ପୃଷ୍ଠଭୂମିରେ ପ୍ରସ୍ତୁତ କେନ୍ଦ୍ରାପଡା ଜିଲାର ଭିତ୍ତିଭୂମି ସୁଦୃଢ଼ ହେବ। ସାଧାରଣ ନିର୍ବାଚନ ନିକଟତର ହେଉଥିବାରୁ ଯୋଜନା ପ୍ରଣୟନକୁ ଗୁରୁତ୍ୱ ଦିଆଯିବ। ଶିକ୍ଷା, ସ୍ୱାସ୍ଥ୍ୟ, କର୍ମନିଯୁକ୍ତି, ଉପକୂଳ ସୁରକ୍ଷା, ପାନୀୟ ଜଳ ଆଦି ଯୋଜନା କାର୍ଯ୍ୟକାରୀ ହେବ। ଜିଲାର ଦୀର୍ଘସ୍ଥାୟୀ ବିକାଶ ପାଇଁ ଆସନ୍ତା ୨୦୨୩ ମସିହାରେ ଜନତା, ରାଜନେତା ଓ ପ୍ରଶାସକଙ୍କ ମଧ୍ୟରେ ପ୍ରତିବଦ୍ଧତା ଓ ସମନ୍ୱୟ ଜରୁରୀ ହୋଇପଡିଥିବା ମତପ୍ରକାଶ ପାଇଛି।

## କର୍ମନିଯୁକ୍ତିକୁ ଗୁରୁତ୍ୱ



ପ୍ରାୟ ୧୬ ଲକ୍ଷ ଜନସଂଖ୍ୟା ବିଶିଷ୍ଟ କେନ୍ଦ୍ରାପଡ଼ା ଜିଲାରେ ଜଳ ପରିଚାଳନା ଆମ ପାଇଁ ଆହ୍ୱାନ ପାଲଟିଛି। ପ୍ରତି ଘରକୁ ଟ୍ୟାପ ଯୋଗେ ପାନୀୟ ଜଳ ଯୋଗାଣ ସହ କୃଷି କ୍ଷେତର ସମୃଦ୍ଧି ପାଇଁ ଜଳ ସେଚନ ଓ ନିଷ୍କାସନ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ଯୋଜନା ଅଛି। ଯୁବବର୍ଗଙ୍କ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦିଆଯାଉଛି। ପଲ୍ଲୀରେ ପ୍ରଶାସନକୁ ବ୍ୟାପକ କରାଯିବ। ଶିଳ୍ପ ପ୍ରତିଷ୍ଠା, ମହିଳା ସଶକ୍ତୀକରଣ ଦ୍ୱାରା ଜିଲାର ଅର୍ଥନୀତି ଆସନ୍ତା ୨୦୨୨ରେ ଚଳଚଞ୍ଚଳ ହେବ।

**– ଅମୃତ ଋତୁରାଜ, ଜିଲାପାଳ, କେନ୍ଦ୍ରାପଡ଼ା**

## ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଯୁକ୍ତି ମିଳିଛି



ଶାମଗୁଡିଆସ୍ଥିତ ନବନିର୍ମିତ ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆବର୍ଷର ପ୍ରଥମ ସପ୍ତାହରେ ଚଳଚଞ୍ଚଳ ହେବ। ସେଠାରେ ସମସ୍ତ ପ୍ରକାର ଚିକିତ୍ସା ଭିତ୍ତିଭୂମିକୁ ସୁଦୃଢ଼ କରାଯାଉଛି। ସମ୍ଭାବ୍ୟ କୋଭିଡ୍ ୧୯ର ୪ର୍ଥ ଲହରର ମୁକାବିଲା ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ସଜାଗ ହୋଇଛି। ଚିକିତ୍ସା କେନ୍ଦ୍ରରେ ଚିକିତ୍ସା, ଆମ୍ବୁଲାନ୍ସ ଓ ବୋଟ ଆମ୍ବୁଲାନ୍ସ ସେବାକୁ ଗୁରୁତ୍ୱ ଦିଆଯାଇଛି। ଏହାବ୍ୟତୀତ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ବହୁ ପଦବୀ ପୂରଣ ହେଉଥିବାରୁ ସ୍ୱାସ୍ଥ୍ୟ ସେବା ଉନ୍ନତ ରହିବ।

**– ଡା. ସଚ୍ଚିଦାନନ୍ଦ ମିଶ୍ର, ଏଡିଏମ୍‌ଓ, କେନ୍ଦ୍ରାପଡ଼ା**

## ରାଜନୀତିରେ ଯୁବବର୍ଗ



ସାଧାରଣ ନିର୍ବାଚନ ନିକଟତର ହେଉଛି। ଏଥିପାଇଁ ସମସ୍ତ ରାଜନୈତିକ ଦଳ ତତ୍ପର ହୋଇଛନ୍ତି। ରଣନୀତିରେ ତୃଣମୂଳ ସମସ୍ୟା ସହିତ ବିଭିନ୍ନ ଯୋଜନାର ରୂପାୟନ ଅଛି। ଖରସ୍ରୋତା ଜଳ ବିବାଦ, କୃଷି କ୍ଷେତକୁ ଜଳ ପରିଚାଳନା, ଗମନାଗମନ, ସେତୁ, ମେଡିକାଲ କଲେଜ, ଶିଳ୍ପ ପ୍ରତିଷ୍ଠା, ମେଡିକାଲ କଲେଜ ଆଦି ପ୍ରସଙ୍ଗ ହେବ। ଆସନ୍ତା ନିର୍ବାଚନ ପାଇଁ ଯୁବବର୍ଗ ଉତ୍ସାହିତ ଅଛନ୍ତି। ଏହା ଏକ ଶୁଭ ଲକ୍ଷଣ। ରାଜ୍ୟ ବୃହତ ୩ ରାଜନୈତିକ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ଅଛି। ଏହାର ପ୍ରଭାବ ଆସନ୍ତାବର୍ଷ ଦେଖିବାକୁ ମିଳିବ।

**– ଅମରବର ବିଶ୍ୱାଳ, ରାଜନୈତିକ ସମୀକ୍ଷକ, କେନ୍ଦ୍ରାପଡ଼ା**

## କରୋନା ସଂକ୍ରମଣ ସାହିତ୍ୟକୁ ରୋକିନାହିଁ



ଦୁଇବର୍ଷ ଧରି କରୋନା ସଂକ୍ରମଣ ସାରା ବିଶ୍ୱକୁ କବଳିତ କରିଛି। ଏଥିରେ କେବଳ ଅର୍ଥନୀତି ନୁହେଁ, ସାହିତ୍ୟ ଓ ସଂସ୍କୃତି ପ୍ରଭାବିତ ହୋଇଛି। ଏହି ମହାମାରୀରେ ମଧ୍ୟ ସାହିତ୍ୟ ସର୍ଜନା ମରିନାହିଁ। ବହୁ ତରୁଣ କଥାକାର ନିଜ କଲମ ମୁନରେ ଏହାର ବାସ୍ତବତାକୁ ଟୋଳି ଧରିଥିବା ବେଳେ ଅଭିଜ୍ଞଙ୍କର ନୂତନ ସୃଷ୍ଟି ସମାଜକୁ ଦିଗ୍‌ଦର୍ଶନ ଦେଇଛି। ଏହି ଧାରା ଆଗାମୀ ବର୍ଷ ଜାରି ରହିବ।

**– କବି ଅପର୍ଣ୍ଣା ମହାନ୍ତି, କେନ୍ଦ୍ରାପଡ଼ା**

## ଉପକୂଳ କେନାଲ ଏବେ ପ୍ରସଙ୍ଗ



ଭିତରକନିକା ମଧ୍ୟ ଦେଇ ଉପକୂଳ ରାଜପଥ, ଜାତୀୟ ଜଳପଥ ୫, ମହାକାଳପଡ଼ାରେ ନଦୀଭିତ୍ତିକ ବନ୍ଦର, ଶିଳ୍ପ ପ୍ରତିଷ୍ଠା ଆଦି ଯୋଜନା ରହିଛି। ସେହିପରି ଖରସ୍ରୋତା ଜଳ ବିବାଦ, ଧାମରା ପୋର୍ଟରେ ଜାହାଜ, ହୁଇଲର ଦ୍ୱୀପରେ ବିରଳ ଅଲିଭ୍‌ରିଡ୍‌ଲେଙ୍କ ପ୍ରଜନନ ସମୟରେ ମିଶାଇଲ ପରୀକ୍ଷା, ବେଆଇନ ଚିଙ୍ଗୁଡ଼ି ଘେରି, ଜଙ୍ଗଲ ଜମିକୁ ଜବରଦଖଲ ଆଦି ଜାତୀୟ ଉଦ୍ୟାନ ଉପରେ ବିପଦ ଆଣିଛି। ଏହାର ନିରାକରଣ ପାଇଁ ସାମୁଦ୍ରିକ ତଟାଞ୍ଚଳରେ ହେନ୍ତାଳବଣ ଆବଶ୍ୟକ। ଗୋପାଳପୁରଠାରୁ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ସହ କେନାଲ ନିର୍ମାଣ ହେଲେ ଉପକୂଳ ଅଞ୍ଚଳରେ ପାନୀୟଜଳ, କୃଷି ସହିତ ହେନ୍ତାଳବଣ ସୃଷ୍ଟି ହୋଇପାରିବ।

**– ଶ୍ରୀକାନ୍ତ ନାୟକ, ପରିବେଶବିତ୍, କେନ୍ଦ୍ରାପଡ଼ା**



ନୂଆବର୍ଷ ଅବସରରେ ରବିବାର କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ।

## କୃଷି ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର

**ମାର୍ଶାଘାଇ,୧୧(ଡି.ଏନ୍.ଏ.)**

ମାର୍ଶାଘାଇ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକର ବିକାଶ ପାଇଁ ତୃଣମୂଳସ୍ତରରେ କାମ କରୁଥିବା କୃଷକ ସାଥୀମାନଙ୍କୁ ନେଇ ଏହା ଆୟୋଜନ କରାଯାଇଥିଲା। କୃଷକ, କୃଷି, ଉଦ୍ୟାନ କୃଷି, ଗୋପାଳନ, ମତ୍ସ୍ୟ ଚାଷ ଯୋଜନା ଆଦି ସମ୍ପର୍କରେ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ବ୍ଲକ୍ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଜିଲା କୃଷି ଅଧିକାରୀ ହିମାଂଶୁ ମିଶ୍ର, ମାର୍ଶାଘାଇ କୃଷି ଜିଲା ଅଧିକାରୀ ସଞ୍ଜୀବ କୁମାର ମୁଦୁଲି, ଆତ୍ମାର ସହ ପ୍ରକଳ୍ପ ନିର୍ଦ୍ଦେଶକ ମନୋରଞ୍ଜନ ରାଉଳ, କୃଷି ଇଞ୍ଜିନିୟର ଅବିନାଶ ପ୍ରଧାନ, ମୃତ୍ତିକା ସଂରକ୍ଷଣ ବିଭାଗର ଅଶୋକ ସାମଲ, ବ୍ଲକ ସ୍କିମ ଅଧିକାରୀ ଅନିରୁଦ୍ଧ ତରାଇ, ସହକାରୀ କୃଷି ଅଧିକାରିଣୀ ପ୍ରଣତି ମହାନ୍ତି ଓ ପ୍ରଦୀପ୍ତ ଘୋଷ ପ୍ରମୁଖ ଯୋଗ ଉପସ୍ଥିତ ଥିଲେ। ମାର୍ଶାଘାଇ, ମହାକାଳପଡ଼ା ଓ ଗରଦପୁର ବ୍ଲକର ଶତାଧିକ କୃଷକ ସାଥୀ ଏଥିରେ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଧୋଡ଼ାଞ୍ଚଳରେ ବାଛୁରୀ ଗଳା ଫୁଲା ରୋଗରେ ଆକ୍ରାନ୍ତ

ପଟ୍ଟାମୁଣ୍ଡାଇ,୧୧(ସ୍ୱ.ପ୍ର.): ପଟ୍ଟାମୁଣ୍ଡାଇ ବ୍ଲକର ଧୋଡ଼ାଞ୍ଚଳର ଅଣରା, ଅମୃତମଣୋହି, ବଲୁରିଆ, ସିଂହଗାଁ, ପେଣ୍ଠପାଳ, ତରଡ଼ିପାଳ ଓ ଅଲପୁଆ ପଞ୍ଚାୟତରେ ଅଧିକାଂଶ ଗାଁରେ ବାଛୁରୀମାନେ ଏକ ମାସ ହେବ ଗଳା ଫୁଲା ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହି ରୋଗରେ କେତେକ ବାଛୁରୀ ମୃତ୍ୟୁ ମୁଖରେ ପଡିଲେଣି ସମବାୟବିତ ଚିତ୍ତରଞ୍ଜନ ମଲ୍ଲିକ, ଅଗ୍ରଣୀ କୃଷକ ଉଲାସ ମଲ୍ଲିକ, ଅଲେଖ ମଲ୍ଲିକ, ପ୍ରଫୁଲ୍ଲ ପ୍ରଧାନ, ପ୍ରତାପ ବିଶ୍ୱାଳ, ରଞ୍ଜିତ ନାୟକ, ଦିଲୀପ ବିଶ୍ୱାଳ, ଅନ ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି। ଅଣରା, ଡାଣ୍ଡିସାହି ଓ ଅଲପୁଆଠାରେ ପ୍ରାଣୀ ସ୍ୱାସ୍ଥ୍ୟ ସହାୟକ କେନ୍ଦ୍ର ଅଛି। ହେଲେ ଚିକିତ୍ସା ସୁବିଧା ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ସରକାରଙ୍କ ଦ୍ୱାରା ନିଯୁକ୍ତ ଗୋ-ମିତ୍ରମାନେ ରୋଗ ଜାଣି ପାରୁ ନଥିବାରୁ, ଆନୁମାନିକ ଚିକିତ୍ସା କରୁଥିଲେ ହେଁ ରୋଗ ଉପଶମ ହେଉନାହିଁ। ଏଭଳି ଘଟଣା ପାଇଁ ଧୋଡ଼ାଞ୍ଚଳର ଗୋପାଳକମାନେ ଭୟଭୀତ ହୋଇ ପଡିଲେଣି। ପ୍ରାଣୀ ସମ୍ପଦ ବିଭାଗ ବିହିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

### ଓକିଲପାଳ ନବଗ୍ରହ ନୂଆ ସାପ୍ତାହିକ ହାଟ ଉଦ୍‌ଘାଟିତ

ରାଜନଗର, ୧୧(ଡି.ଏନ.ଏ.): ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ ଓକିଲପାଳ ନବଗ୍ରହ ବଜାରରେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାପ୍ତାହିକ ହାଟକୁ ଉଦ୍‌ଘାଟିତ କରିଥିଲେ। ଗୁପ୍ତି ସରପଞ୍ଚଙ୍କ ପ୍ରତିନିଧି ସାଗର ପରିଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଡେରା ସରପଞ୍ଚ ନିରଞ୍ଜନ ରାଉତ, କଣ୍ଡିରା ପଞ୍ଚାୟତ ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ସପ୍ତାହର ପ୍ରତି ରବିବାର ଦିନ ଏହି ହାଟ ବସିବ।

## ପୋଖରୀ ଜଳ ମେଣ୍ଟାଉଛି ଶୋଷ



ତେନ୍ତୁଳୀକନ୍ଧା ଗାଁରେ ଯୁବକମାନେ ଠାକୁରାଣୀ ପୋଖରୀରୁ ଦଳ କାଢୁଛନ୍ତି।

**ମହାକାଳପଡ଼ା,୧୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତର ତେନ୍ତୁଳୀକନ୍ଧା ଗାଁରେ ଜଳ ମୁନ୍ଦେ ପାଇଁ ଲୋକେ ବିଭିନ୍ନ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି। ଗାଁରେ ଖନନ କରାଯାଇଥିବା ନଳକୂପରୁ ବାହାରୁଛି ଲୌହ ମିଶ୍ରିତ ହଳଦିଆ ରଙ୍ଗର ଲୁଣା ପାଣି। ଫଳରେ ଗାଁରେ ଦୀର୍ଘବର୍ଷ ହେବ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଗାଁରେ ୫୦୦ରୁ ଅଧିକ ଲୋକ ବସବାସ କରୁଛନ୍ତି। ନଳକୂପରୁ ବାହାରୁଥିବା ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରି ହେଉନାହିଁ। ଏହି ଜଳ ପିଇବା ଦ୍ୱାରା ଅନେକ ସମୟରେ ପେଟ ରୋଗ ସମସ୍ୟା ଦେଖାଯାଉଛି। ଫଳରେ ଲୋକେ ବାଧ ହୋଇ ଗାଁ ଠାକୁରାଣୀ ପୋଖରୀ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରିବାକୁ ପଡ଼େ ବୋଲି ଯୁବକମାନେ କହିଛନ୍ତି। ଗାଁର ଯୁବକମାନେ ମିଳିତ ହୋଇ ପୋଖରୀକୁ ଦଳ ସଫା କରିବା ସହ ବିଶୋଧନ ପାଇଁ ଚୁନ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ଯୁବକମାନଙ୍କ କହିବା କଥା ଦଳ ଭର୍ତ୍ତି ପୋଖରୀରୁ ପାଣି ପିଇବା ଦ୍ୱାରା ବିଭିନ୍ନ ପେଟ ରୋଗର ସମସ୍ୟା ସୃଷ୍ଟି ହେଉଛି ବୋଲି ସୁଧାଂଶୁ ନଳିନୀ ସେନାପତି, ପବିତ୍ର କୁମାର ସାହୁ, ଚୈତନ୍ୟ ସ୍ୱାଇଁ, ଶଶଧର ରାଉତ, ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି।

## ଧାନମଣ୍ଡି ଖୋଲିଲା ନାହିଁ, ଚିନ୍ତାରେ ଚାଷୀ

**ରାଜକନିକା,୧୧(ଡି.ଏନ.ଏ.)**

ରାଜକନିକା ବ୍ଲକର ହାଟସାହି କୃଷି ସମବାୟ ସମିତି, ଚରପଡ଼ା କୃଷି ସମବାୟ ସମତି, ସିହୋପଡ଼ା କୃଷି ସମବାୟ ସମିତି, ନହୁଣି ସମବାୟ ସମିତି, ଦେଉଳସାହି ସମବାୟ ସମିତିରେ ଆଜି ପର୍ଯ୍ୟନ୍ତ ଧାନମଣ୍ଡି ଖୋଲିନାହିଁ। ଫଳରେ ଧାନ ଗମିଯାଇ ଶୁଖି ଯାଉଛି। କିଆରୀରେ ପଡି ରହିଥିବା ଧାନ ଖରା କାକରରେ ନଷ୍ଟ ହେବାକୁ ବସିଛି। ତୁରନ୍ତ ଉପରୋକ୍ତ ସ୍ଥାନରେ ଧାନମନଣ୍ଡି ଖୋଲିବାକୁ ହାଟସାହି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବଦତ୍ତ ଦାସ, ଚରପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଅୟସ ସାମଲ, ନହୁଣି କୃଷି ସମବାୟ ସଭାପତି ନିମାଇଁ ଚରଣ ଦାସ, ସିହୋପଡା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ନିରଞ୍ଜନ ପରିଡା, ଦେଉଳସାହି ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଡମ୍ବରୁ ଦାସ ପ୍ରମୁଖ କେନ୍ଦ୍ରାପଡ଼ା ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି । ଏଥିନେଇ ଚାଷୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## କସ୍ତୁରୀ କଳା ନିକେତନର ୩୦ତମ ବାର୍ଷିକୋତ୍ସବ



ବିଧାୟକ ଧ୍ରୁବ ସାହୁ ସାମାଜିକ କର୍ମୀ ପ୍ରମୋଦ ପ୍ରତାପଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ପଟ୍ଟାମୁଣ୍ଡାଇ,୧୧(ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ କସ୍ତୁରୀ କଳା ନିକେତନର ୩୦ ତମ ବାର୍ଷିକ ଉତ୍ସବ ପୋଖରିଆପଡ଼ା ପୁରୁଣା କୋର୍ଟ ଛକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ନବକିଶୋର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଓଡ଼ିଶାର ବହୁ ପ୍ରତିଷ୍ଠିତ ସୁନାମଧନ୍ୟ କଳାକାର ଦିବଂଗତ ଭଜନ ସମ୍ରାଟ ଭିକାରୀ ବଳ, ନାଟ୍ୟକାର ଅନନ୍ତ ଓଝା, ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ମହାନ୍ତିଙ୍କୁ ଜନ୍ମ ଦେଇ କେନ୍ଦ୍ରାପଡ଼ା ମାଟି ଗୌରବାନ୍ୱିତ ହୋଇଛି। ପ୍ରତ୍ୟେକ ପିଲାଙ୍କ ମଧ୍ୟରେ ଈଶ୍ୱର ଦତ୍ତ କଳା ଭରି ରହିଛି। କଳା ନିକେତନର ଶିକ୍ଷକ ଓ ଅଭିଭାବକ ଏ ଦିଗରେ ନିଘା ଦେଲେ ସୁନାମଧନ୍ୟ କଳାକାର ସୃଷ୍ଟି ହୋଇପାରିବ। ପଟ୍ଟାମୁଣ୍ଡାଇର ସଂସ୍କୃତି ପୁରୁଷ ଦିବଂଗତ ଦିବାକର ବିଶ୍ୱାଳ ସ୍ୱପ୍ନର କୋଣାର୍କ କସ୍ତୁରୀ କଳା ନିକେତନକୁ ଆଗେଇ ନେବାକୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ବିଧାୟକ ଘୋଷଣା କରିଥିଲେ। ଶିକ୍ଷକ ନେତା ହେମନ୍ତ କୁମାର ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ପଟ୍ଟାମୁଣ୍ଡାଇର କଳା ସଂସ୍କୃତି ଋଦ୍ଧିମନ୍ତ ହେଲେ ଦିବାକରଙ୍କ ଅଧୁରା ସ୍ୱପ୍ନ ସାକାର ହୋଇପାରିବ କହିଥିଲେ। ପଟ୍ଟାମୁଣ୍ଡାଇ ପୌରାଧ୍ୟକ୍ଷ ହେମନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଲୁପ୍ତ କଳା ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଦିଗରେ ଅନୁଷ୍ଠାନର ଭୂମିକାକୁ ପ୍ରଶଂସା କରିଥିଲେ। ଜିଲା କଳା ସାହିତ୍ୟ ସଂସ୍କୃତି ସଂଘ ସଭାପତି ସୁବ୍ରତ କୁମାର ରାଉତ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଅଧିକାରୀ ତ୍ରିଲୋଚନ ବରାଳ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କସ୍ତୁରୀ କଳା ନିକେତନ ସମ୍ପାଦକ କୃପାସିନ୍ଧୁ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଚିତ୍ତରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶରତ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ଏଇ ଅବସରରେ ସାମାଜିକ କର୍ମୀ ପ୍ରମୋଦ ପ୍ରତାପଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଳା ନିକେତନର ପିଲାଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହାକୁ ଆଇନଜୀବୀ ପ୍ରମୋଦସାହୁ, କାଉନସିଲର ଗୋପୀବଲ୍ଲଭ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## 'ମଉଳି ଯାଇଥିବା ଡିମିରିଫୁଲର ବାସ୍ନାରେ ଏବେ ବି ମହକ ଅଛି'

### ନାଟ୍ୟକାର ଅନନ୍ତ ଓଝାଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ପାଳିତ

**ଡେରାବିଶ,୧୧(ସ୍ୱ.ପ୍ର.)**

ମଉଳି ଯାଇଥିବା ଡିମିରି ଫୁଲର ବାସ୍ନାରେ ଏବେ ବି ମହକ ଅଛି ବୋଲି କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ ବୀରନୀଳକଣ୍ଠପୁର ଗାଁରେ ବିଶିଷ୍ଟ ନାଟ୍ୟକାର ଅନନ୍ତ ଓଝାଙ୍କ ପଞ୍ଚମ ଶ୍ରଦ୍ଧବାର୍ଷିକୀରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶନିବାର ଆୟୋଜିତ ସ୍ମୃତିସଭା ଅନନ୍ତ ଓଝା ମେମୋରିଆଲ୍ ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମାଜିକ କର୍ମୀ ହଳଧର ଦାଶ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ, ମୁଖ୍ୟବକ୍ତା ଭାବେ ସଂସ୍କୃତି ଗବେଷକ ଶରଣାରବିନ୍ଦ ଓଝା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ପ୍ରାଧାପକ ଅଜୟ କୁମାର ରାଉତ, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ ପ୍ରମୁଖ ଯୋଗଦେଇ ଓଝାଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ ଯାତ୍ରା କଳାକାର କୈଳାସ ବେହେରା, ରଞ୍ଜିତା ମହାନ୍ତି ଓ ଖଳନାୟକ ଲୋକନାଥ ଲେଙ୍କାଙ୍କ ଯାତ୍ରା ସଂଳାପ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲାରେ ଚଳିତ ମାଟ୍ରିକ ପରୀକ୍ଷାରେ ଟପ୍ପର ହୋଇଥିବା ମୋନାଶ୍ରୀ ବିଶ୍ୱାଳ ଓ ଇସ୍ରୋ ଯିବା ପାଇଁ ଓଡ଼ିଶାରୁ ମନୋନୀତ ହୋଇଥିବା ଡେରାବିଶ ବ୍ଲକ ଦାନପୁର ସ୍ୱସ୍ତିପ୍ରଜ୍ଞା ରଥଙ୍କ ସହ ବିଶିଷ୍ଟ ଯାତ୍ରା କଳାକାର, ନାଟ୍ୟକାର ଓ ନିର୍ଦ୍ଦେଶକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇନ୍ଦୁପୁର ପାୟଲ ମ୍ୟୁଜିକ୍ ସ୍କୁଲର କଳାକାରଙ୍କ ଦ୍ୱାରା ନୃତ୍ୟଗୀତ ପରିବେଶିତ ହୋଇଥିଲା। ଟ୍ରଷ୍ଟର ସମ୍ପାଦକ ବିଜୟ ନାୟକ ସ୍ୱାଗତ ଭାଷଣ, ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ଅତିଥି ପରିଚୟ ଓ ଅଧ୍ୟାପକ ଗୋଲଖ ଚନ୍ଦ୍ର ମହାଭୋଇ ଧନ୍ୟବାଦ ଦେଇଥିଲେ। ଏହାକୁ ଅଧ୍ୟାପକ ପ୍ରଭାକର ସାମଲ, ହୃଷୀକେଶ ଦାସ, ଭବାନୀ ପ୍ରସାଦ ଓଝା ପ୍ରମୁଖ ପରିଚାଳନା କରିଥିଲେ।

## ଯୁବପିଢ଼ି ଚାହିଁଲେ ଗ୍ରାମାଞ୍ଚଳ ସାହିତ୍ୟର ଉନ୍ନତି ହେବ

**ଆଳି,୧୧(ଡି.ଏନ.ଏ.)**

ଯୁବପିଢ଼ି ଚାହିଁଲେ ଗ୍ରାମାଞ୍ଚଳ ସାହିତ୍ୟର ଉନ୍ନତି ହେବ। ସବୁ ସାହିତ୍ୟ ହିଁ ଗାଁରେ ଅଛି ବୋଲି ପରାଗ ସାହିତ୍ୟ ସଂସଦର ବର୍ଷାନ୍ତ କବିତା ପାଠୋତ୍ସବ ଓ ଆଲୋଚନାଚକ୍ରରେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକମାନେ ଏହା ପ୍ରକାଶ କରିଛନ୍ତି । ରବିବାର ପୂର୍ବାହ୍ନରେ ମେଣ୍ଢପୁର ପଂଚାୟତ ଉଚ୍ଚ ବିଦ୍ୟାଳୟ ସଭାଗୃହ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପରାଗ ସାହିତ୍ୟ ସଂସଦର ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଗାଳ୍ପିକ ଜ୍ଞାନରଞ୍ଜନ ନାୟକ ଓ ମୁଖ୍ୟବକ୍ତା ଭାବେ କବି ହେମନ୍ତ ରାଉତ ଯୋଗଦେଇ ଗ୍ରାମାଞ୍ଚଳ ସାହିତ୍ୟ ହିଁ ସାହିତ୍ୟକୁ ବଞ୍ଚାଇ ରଖିଛି ବୋଲି କହିଥିଲେ। ଗ୍ରାମାଞ୍ଚଳ ହେଉଛି ସାହିତ୍ୟର ଗନ୍ତାଘର। ଗାଁକୁ ଛାଡିଲେ ସାହିତ୍ୟ ହୋଇପାରିବ ନାହିଁ। ତେଣୁ ଗ୍ରାମାଞ୍ଚଳ ଯୁବପିଢ଼ି ଚାହିଁଲେ ସାହିତ୍ୟ ଆଗକୁ ଯାଇପାରିବ ବୋଲି କହିବା ସହ ପରାଗକୁ ସହଯୋଗ କରି ସାହିତ୍ୟକୁ ଆଗେଇ ନେବାକୁ ସେମାନେ ଆହ୍ୱାନ ଦେଇଥିଲେ। ସଂସଦର ସମ୍ପାଦକ ବନମାଳୀ ସେନାପତି ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆଲୋଚନା ପରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଊର୍ଦ୍ଧ୍ୱ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରଥିଲେ। କବି ଅଶୋକ ବିଶ୍ୱାଳ, ପ୍ରଭଞ୍ଜନ ଷଡଙ୍ଗୀ, ରଶ୍ମିତା ସେନାପତି, ସସ୍ମିତା ଦାସ, ରତିକାନ୍ତ ପାତ୍ର, ଧନେଶ୍ୱର ରାଉତ, ଶିବ ପ୍ରସାଦ ସାହୁ, ବିଜୟ କୁମାର ବୋଇତି ପ୍ରମୁଖ କବିତା ପାଠ କରିଥିଲେ।



ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ହଜାରେ ପର୍ଯ୍ୟଟକଙ୍କୁ ବଣ୍ଟାଗଲା କାଗଜ ବ୍ୟାଗ

### ଭିତରକନିକା ଜୈବ ବିବିଧତା ସୁରକ୍ଷା ପାଇଁ ପ୍ରୟାସ

**ରାଜନଗର,୧୧(ଡି.ଏନ.ଏ.)**

ଭିତରକନିକା ଜାତୀୟ ଉଦ୍ୟାନ କେବଳ ପ୍ରକୃତିର ଗନ୍ତାଘର ନୁହେଁ, ଜୈବ ବିବିଧତା, ଆଦ୍ରଭୂମି, ଆମ ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରୁଛି। ପଲିଥିନ ବ୍ୟବହାର ଦ୍ୱାରା ପରିବେଶ ଉପରେ କୁପ୍ରଭାବ ପଡୁଛି। ରାଜନଗର ବନ ବିଭାଗ ପକ୍ଷରୁ ଜାତୀୟ ଉଦ୍ୟାନକୁ ପଲିଥିନ ମୁକ୍ତ କରିବାକୁ ନୂଆବର୍ଷଠାରୁ ପ୍ରୟାସ ଆରମ୍ଭ ହୋଇଛି। ରବିବାର ନୂଆବର୍ଷରେ ବନ ବିଭାଗ ଏବଂ ରାହା ଫାଉଣ୍ଡେଶନର ମିଳିତ ସହଯୋଗରେ ହଜାରେ ପର୍ଯ୍ୟଟକଙ୍କ ପଲିଥିନ ମୁକ୍ତ କାଗଜ ବ୍ୟାଗ ବଣ୍ଟା ଯାଇଛି। ବନ ବିଭାଗର ଏହି ଅଭିନବ ପ୍ରୟାସକୁ ଆଗନ୍ତୁକ ପର୍ଯ୍ୟଟକମାନେ ପ୍ରସଂଶା କରିବା ସହିତ ଆଗ୍ରହର ସହିତ କାଗଜ ବ୍ୟାଗକୁ ସାଙ୍ଗରେ ଧରି ଜାତୀୟ ଉଦ୍ୟାନ ମଧ୍ୟକୁ ପ୍ରବେଶ କରିଥିଲେ। ପୂର୍ବରୁ ଜାତୀୟ ଉଦ୍ୟାନ ମଧ୍ୟକୁ ଆସୁଥିବା ପର୍ଯ୍ୟଟକ ବହୁଳ ମାତ୍ରାରେ ପଲିଥିନ ବ୍ୟବହାର ଯୋଗୁ ଏହା ମଧ୍ୟରେ ବସବାସ କରୁଥିବା ବାରହା, ହରିଣ, ନଦୀରେ ବାସ କରୁଥିବା ବଉଳା କୁମ୍ଭୀରଙ୍କ ପେଟରୁ ପଲିଥିନ ବାହାରିଛି। ପରିବେଶବିତ୍‌ଙ୍କ ମଧ୍ୟରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇ ଆସୁଥିଲା। ନୂଆବର୍ଷରେ ଭିତରକନିକାରେ ୩୯୧୭ ପର୍ଯ୍ୟଟକ ଶୋଭା ଉପଭୋଗ କରିଛନ୍ତି। ଭିତରକନିକା ଆସିଥିବା ପର୍ଯ୍ୟଟକଙ୍କୁ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରାଯାଇଛି।




ଭିତରକନିକାକୁ ଆସୁଥିବା ପର୍ଯ୍ୟଟକମାନଙ୍କୁ ଦିଆଯିବା ଲାଗି ରଖାଯାଇଥିବା କାଗଜ ବ୍ୟାଗ।

ବନ ବିଭାଗର କର୍ମଚାରୀମାନେ ପର୍ଯ୍ୟଟକମାନଙ୍କୁ ସଚେତନ କରାଇଛନ୍ତି। ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ବିଭିନ୍ନ ପ୍ଲାକାର୍ଡ ଧରି ସଚେତନ କରାଇ ଥିଲେ। ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ କରିବାକୁ ଆହ୍ୱାନ ଦେଇଛନ୍ତି। ଭିତରକନିକାର ଡାଙ୍ଗମାଳ ମୁଖ୍ୟ ଫାଟକ ଓ ଖୋଳା ଚେକ୍‌ଗେଟ ନିକଟରେ ପର୍ଯ୍ୟଟକମାନଙ୍କୁ ସଚେତନ କରାଯିବା ସହ କାଗଜ ବ୍ୟାଗ ବଣ୍ଟନ କରାଯାଇଛି। ପଲିଥିନ ବଦଳରେ କାଗଜ ବ୍ୟାଗରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଜାତୀୟ ଉଦ୍ୟାନ ମଧ୍ୟକୁ ନେବାକୁ ସଚେତନ କରାଯାଇଛି। ଏଥିସହ ଯେଉଁମାନେ ପ୍ଲାଷ୍ଟିକ ପାଣି ବୋତଲ ଭିତରକୁ ନେଉଥିଲେ, ସେମାନଙ୍କୁ ଏକ ଟୋକନ ଦିଆଯାଇ ବୋତଲ ପିଛା ୧୦ ଟଙ୍କା ଲେଖାଏ ରଖାଯାଉଥିଲା। ପର୍ଯ୍ୟଟକମାନେ ଭିତରକନିକା ବୁଲି ଫେରିବା ପରେ ଗେଟ ନିକଟରେ ବୋତଲ ଯେତିକି ପ୍ଲାଷ୍ଟିକ ବୋତଲ ନେଇଥିଲେ ସେତିକି ହ ଟୋକନ ଫେରାଇ ସେମାନେ ଦେଇଥିବା ୧୦ ଟଙ୍କା ଫେରସ୍ତ ନେଉଥିଲେ। ପରୀକ୍ଷା ମୂଳକ ଭାବେ ଭିତରକନିକାକୁ ପଲିଥିନ ମୁକ୍ତ କରିବାକୁ ବନ ବିଭାଗ ପକ୍ଷରୁ ୨୦୨୩ର ଆହ୍ୱାନ ଭାବେ ଏହାକୁ ଗ୍ରହଣ କରାଯାଇଛି। ଆଗାମୀଦିନରେ ଭିତରକନିକାକୁ ସମ୍ପୂର୍ଣ୍ଣ ଭାବେ ପଲିଥିନ ମୁକ୍ତ କରିବାକୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯିବ ବୋଲି ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବ କହିଛନ୍ତି। ବନ ବିଭାଗର କନିକା ଗହୀରମଥା ରେଞ୍ଜ ଅଫିସର ମାନସ କୁମାର ଦାସ, ଫରେଷ୍ଟ ଗାର୍ଡ ସୁନିଲ କୁମାର ରାଉତରାୟ ସହ ବନ ବିଭାଗର କର୍ମଚାରୀମାନେ ଏହି ପଲିଥିନ ମୁକ୍ତ ଅଭିଯାନରେ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଦେବାନନ୍ଦ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ

ଓଡ଼ିଶା ମୋ ପରିବାରର ସମ୍ପାଦକ ନୀଳମଣି



ହିଞ୍ଜିଳିକାଟୁ,୧।୧(ଡିଏନଏ): ହିଞ୍ଜିଳିକାଟୁର ବରିଷ୍ଠ ନେତା ଦେବାନନ୍ଦ ମହାପାତ୍ରଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ସେହିପରି ଆସିକା ଏମ୍‌ପିଙ୍କ ବ୍ୟକ୍ତିଗତ ରାଜନୈତିକ ସହାୟକ ଥିବା ହିଞ୍ଜିଳିକାଟୁର ନୀଳମଣି ପଟ୍ଟନାୟକଙ୍କୁ ଓଡ଼ିଶା ମୋ ପରିବାରର ସମ୍ପାଦକ ମନୋନୀତ କରାଯାଇଛି। ରାଜ୍ୟ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ରାଜ୍ୟ ସଙ୍ଗଠନ ସାଧାରଣ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଖବର ଜଣାପଡିବା ପରେ ବହୁ ଦଳୀୟ ନେତା ଓ କର୍ମୀ ଉଭୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ପୂର୍ବତନ ଭାଜପା ଉପସଭାପତି ତଥା ୨ ଥର ହିଞ୍ଜିଳି ବିଧାନସଭାରେ ଭାଜପା ପ୍ରାର୍ଥୀ ହୋଇଥିବା ଦେବାନନ୍ଦ ଗତବର୍ଷ ଏପ୍ରିଲ ମାସରେ ନିଜ ସମର୍ଥକଙ୍କ ସହ ଭାଜପା ଛାଡ଼ି ବିଜେଡ଼ିରେ ମିଶିଥିଲେ।

### ଶାମ୍ବ ଦଶମୀ ପାଳିତ

ବୁଗୁଡ଼ା,୧।୧(ଡି.ଏନ.ଏ.)-ଓଡ଼ିଶାର କାଷ୍ଠ ଅର୍କକ୍ଷେତ୍ର ତଥା ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ଲାଭ କରିଥିବା ଶ୍ରୀବିରଞ୍ଚି ନାରାୟଣ ମନ୍ଦିରରେ ରବିବାର ଶାମ୍ବ ଦଶମୀ ପର୍ବ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ମଙ୍ଗଳ ଆଳତି, ଅବକାଶ ନୀତି, ବାଲ ସୂର୍ଯ୍ୟ ପୂଜା, ତ୍ରିକାଳ ପୂଜା ନୀତି ଅନୁଷ୍ଠିତ ହୋଇଥିଲା। ମଧାହ୍ନରେ ପୁରୋହିତ ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ବୈଷ୍ଣବ ଚରଣ ଦାଶ, ଚିନ୍ମୟ ଦାଶ, ଶିବ ପ୍ରସାଦ ଦାଶ, ଶ୍ରୀକାନ୍ତ ମିଶ୍ର, ପ୍ରଶାନ୍ତ ମିଶ୍ର ପ୍ରମୁଖ ଯୋଗଦେଇ ହୋମ କାର୍ଯ୍ୟ ସମ୍ପାଦନ କରିଥିଲେ। ମହନ୍ତ ରବିନାରାୟଣ ଦାସ ହୋମ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ତ୍ରିକାଳ ସନ୍ଧ୍ୟାରେ ଚନ୍ଦ୍ର ପୂଜା, ଆଳତି, ରାଜ ଭୋଗ, ବଡ ସିଙ୍ଘାର ନୀତି ଆଦି ପୂଜକ ଉମାକାନ୍ତ ଦାଶଙ୍କ ଦ୍ୱାରା ଯଥାବିଧି ପ୍ରକାରେ ସମ୍ପନ୍ନ ହୋଇଥିଲା।

### ମକା ବାଡ଼ରୁ ନାବାଳକର ମୃତଦେହ ଜବତ

ରାମଗିରି,୧।୧(ଡି.ଏନ.ଏ.)-ଗଜପତି ଜିଲା ଆର.ଉଦୟଗିରି ବ୍ଲକ ରାମଗିରି ପଞ୍ଚାୟତ ନୁଆସାହି ଗ୍ରାମର କୁରା ଦଳେଇଙ୍କ ୧୩ ବର୍ଷର ନାବାଳକ ପୁଅ ଛେଳି ଚରାଇବାକୁ ଗାଁ ନିକଟ ଏକ ମକା ବାଡ଼କୁ ଯାଇଥିଲା। କୌଣସି କାରଣ ବଶତଃ ସେଠାରେ ଥିବା ଏକ ପାଳଗଦାରେ ନିଆଁ ଲାଗି ଯାଇଥିଲା। ପିଲାଟି ଚିତ୍କାର କରିବାରୁ ସେଠାରେ ଥିବା କିଛି ଲୋକ ଆସି ନିଆଁ ଲିଭେଇବାକୁ ଚେଷ୍ଟା କରିଥିଲେ। ସେହି ସମୟରେ ପିଲାଟି ନିକଟରେ ଥିବା ଏକ ପଣସ ଗଛରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା କିଛି ଲୋକ ଦେଖିବାକୁ ପାଇଥିଲେ। ଲୋକେ ତାଙ୍କୁ ଗଛରୁ ଓହ୍ଲାଇ ରାମଗିରି ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅକୁ କେହି ମନ୍ଦ ଉଦ୍ଦେଶ୍ୟ ନେଇ ହତ୍ୟା କରିଛନ୍ତି ବୋଲି ନାବାଳକର ବାପା ଗଣମାଧ୍ୟମକୁ କହିଛନ୍ତି। ରାମଗିରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲ ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ ତଦନ୍ତ କରାଯିବ ବୋଲି ଥାନା ଅଧିକାରୀ ଲୋକନାଥ ବେହେରା ସୂଚନା ଦେଇଛନ୍ତି।

# ଦାରିଙ୍ଗବାଡ଼ିକୁ ପରିଚୟ ଦେଇଛି କଫି ବଗିଚା

ଦାରିଙ୍ଗବାଡ଼ି,୧।୧(ଡି.ଏନ୍.ଏ.)

ଓଡ଼ିଶାର କଶ୍ମୀର କୁହାଯାଉଥିବା କନ୍ଧମାଳ ଜିଲାର ଦାରିଙ୍ଗବାଡ଼ିକୁ ପ୍ରଥମେ ପରିଚୟ ଦେଇଥିଲା କଫି ବଗିଚା। ପର୍ଯ୍ୟଟକମାନେ କଫି ବଗିଚା ଦେଖିବା ପାଇଁ ଦାରିଙ୍ଗବାଡ଼ି ଆସୁଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୦ ମସିହାରେ ବ୍ଲକ ପ୍ରଶାସନ ପକ୍ଷରୁ ହିଲଭିୟୁ ପାର୍କ କରାଯାଇଥିବା ବେଳେ ୨୦୧୫ରେ ଉକ୍ତ ପାର୍କର ରୁପାନ୍ତରଣ କରାଯାଇଥିଲା। ଏବେ ପୁଣି ରୁପାନ୍ତରୀକରଣ କାର୍ଯ୍ୟ ଚାଲିଛି। ସେହିପରି ବନ ବିଭାଗ ପକ୍ଷରୁ ନେଚର ପାର୍କ ମଧ କରାଯାଇଥିଲା। ଦାରିଙ୍ଗବାଡ଼ିକୁ ପ୍ରକୃତି ଅନେକ କିଛି ଦେଇଛି। ଜଳପ୍ରପାତ, ବଣଜଙ୍ଗଲ ଓ ପାହାଡ଼ ଆଦି ଦେଖିବାକୁ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକମାନେ ଆସିବା ଆରମ୍ଭ କଲେ। ଦାରିଙ୍ଗବାଡ଼ିର ଥଣ୍ଡା ପରିବେଶ ଏଠାକାର ଜଳବାୟୁ ଅନ୍ୟ ଜିଲା ତଥା ସହରଠାରୁ ଭିନ୍ନ। ୨୦୧୫ରେ ପ୍ରଥମଥର ପାଇଁ ଜିଲା ପ୍ରଶାସନ ଉଦ୍ୟମରେ ସରକାରଙ୍କ ପକ୍ଷରୁ ଶୀତ ଉତ୍ସବ ପାଳନ କରାଯାଇଥିଲା। ସେବେଠାରୁ ଦାରିଙ୍ଗବାଡ଼ି ସାରା ବିଶ୍ୱରେ ପରିଚିତ ହେଲା। ଏବେ ବିଭିନ୍ନ ଦେଶ, ବିଦେଶରୁ ଏଠାକୁ ପର୍ଯ୍ୟଟକମାନେ ଆସୁଛନ୍ତି। ପର୍ଯ୍ୟଟକ ଏଠାକାର କଫି ବଗିଚାକୁ ଅଧିକ ପସନ୍ଦ କରୁଛନ୍ତି।



ଜଣେ ମହିଳା କଫି ଫଳ ସଂଗ୍ରହ କରୁଛନ୍ତି।

ପୂର୍ବରୁ ଏହାକୁ ମୃତ୍ତିକା ସଂରକ୍ଷଣ ବିଭାଗ ଘରୋଇ ସଂସ୍ଥାକୁ ଟେଣ୍ଡର ଆକାରରେ ଦେଇଥିବାରୁ କଫି ବଗିଚାର କୌଣସି ବିକାଶ ହୋଇପାରୁ ନଥିଲା। ଏବେ ରାଜ୍ୟ ସରକାରଙ୍କ (ଟିଡିସିସିଓଏଲ) ଟ୍ରାଇବାଲ୍ ଡେଭଲପମେଣ୍ଟ କୋ-ଅପେରେଟିଭ କର୍ପୋରେଶନ ଅଫ ଓଡ଼ିଶା ଲିମିଟେଡ଼ କଫି ବଗିଚାକୁ ବିକାଶ କରିବା ଏବଂ କଫିକୁ ପ୍ରସ୍ତୁତ କରି ବିକ୍ରି କରିବା ଆଦି ପଦକ୍ଷେପ ନେଇଛି। କନ୍ଧମାଳ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ବିଡିଓ ଗଦାଧର ପାତ୍ର, ମୃତ୍ତିକା ସଂରକ୍ଷଣ ବିଭାଗ ବାଲିଗୁଡ଼ାର ପ୍ରକଳ୍ପ

- ପ୍ରଥମ ଥର ଆରମ୍ଭ ହେଲା କଫି ପ୍ରକ୍ରିୟା
- କଫି ମିଶନରେ ଖର୍ଚ୍ଚ ହେଉଛି ୫୦ଲକ୍ଷ

ନିର୍ଦ୍ଦେଶକ ପ୍ରଶାନ୍ତ ତ୍ରିପାଠୀ ପ୍ରମୁଖ ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ପୂର୍ବରୁ କଫି ତୋଳାଯାଇ ପ୍ରସ୍ତୁତି ପାଇଁ କୋରାପୁଟ କିମ୍ବା ଭୁବନେଶ୍ୱରସ୍ଥିତ ଓୟୁଏଟିକୁ ପଠାଯାଉଥିଲା। ପ୍ରଥମଥର ପାଇଁ ଏବେ ଦାରିଙ୍ଗବାଡ଼ି କଫି ବଗିଚା ପରିସରରେ ହିଁ କଫି ପ୍ରସ୍ତୁତ କରାଯାଉଛି। ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କଫି ପ୍ରସ୍ତୁତି କାର୍ଯ୍ୟ ସମ୍ପର୍କରେ ତାଲିମ ଦିଆଯାଇଛି। ସେମାନଙ୍କ ଦ୍ୱାରା କଫି ମଞ୍ଜି ତୋଳିବା ଠାରୁ ଆରମ୍ଭ କରି ତାକୁ ପଚାଇବା, ଶୁଖାଇବା ଆଦି କରାଯାଉଛି। ପରବର୍ତ୍ତୀ ସମୟରେ ଏହାକୁ କୋରାପୁଟ ନିଆଯିବ ବୋଲି କୋରାପୁଟ କଫିର କର୍ମଚାରୀ ଚିନ୍ମୟ ପାତ୍ର କହିଛନ୍ତି। ଏବେ ସୁଦ୍ଧା ପ୍ରାୟ ୬ରୁ ୭ ଟନ୍ କଫି ମଞ୍ଜି ସଂଗ୍ରହ କରି ପ୍ରସ୍ତୁତ କରାଯାଇଥିବା ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର କହିଛନ୍ତି। ଚଳିତବର୍ଷ ପ୍ରାୟ ୧୦ରୁ ୧୫ ଟନ ମଞ୍ଜି ସଂଗ୍ରହ କରାଯିବା ସମ୍ଭାବନା ରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି।

କଫି ମିଶନ ଜରିଆରେ ଏବେ ନୂତନ କଫି ବଗିଚା ସୃଷ୍ଟି କରାଯାଉଛି। ପ୍ରାୟ ୭୦ ହେକ୍ଟର ଜମିରେ ଏହି ଚାଷ କରାଯିବ। ଏଥିସହ ଏବେ ୫୦ଲକ୍ଷ ଟଙ୍କା ବିନିମୟରେ କାଫେ ନିର୍ମାଣ କାର୍ଯ୍ୟ ଚାଲିଛି। ସେଠାରେ ଶିଶୁଙ୍କ ପାଇଁ ଉଦ୍ୟାନ, ରାସ୍ତା ମରାମତି, ପୋଖରୀ ସୌନ୍ଦର୍ଯ୍ୟକରଣ ଆଦି କରାଯାଉଛି। ଏଥିପାଇଁ ପର୍ଯ୍ୟଟନ ବିଭାଗ ୩୦ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ବେଳେ ଏମଜିଏନଆରଇଜିଏସରେ ୨୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ସେହିପରି ଆଗକୁ ଆହୁରି ୫୦ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଉଥିବା ବିଡିଓ ପାତ୍ର କହିଛନ୍ତି। ଏହା ଦ୍ୱାରା କଫି ବଗିଚାକୁ ଆସୁଥିବା ପର୍ଯ୍ୟଟକ ଜୈବିକ କଫି ପିଇବା ସହ ଶିଶୁ ପର୍ଯ୍ୟଟକ ମାନେ ମଜା ନେଇପାରିବେ। ସୌନ୍ଦର୍ଯ୍ୟକରଣ ହେଲେ ଅଧିକ ପର୍ଯ୍ୟଟକ ଆସିବେ ବୋଲି ସେ କହିଛନ୍ତି। ସେହିପରି ସ୍ଥାନୀୟ କଫି ଗତ କିଛିବର୍ଷ ହେଲା ତାକୁ ପାଉଡର, ମଞ୍ଜିକୁ ଭଜାଯାଇ ବିକ୍ରି କରାଯାଉଥିବା ବେଳେ ଚଳିତ ବର୍ଷ ଏହି ବ୍ୟବସାୟ ବୃଦ୍ଧି ପାଇଛି। ଗ୍ରିନ କଫି, ଭଜା ମଞ୍ଜି ଏବଂ ପାଉଡର କଫିକୁ ପର୍ଯ୍ୟଟକ କିଣୁଛନ୍ତି।

## କାର୍ ଦୁର୍ଘଟଣାରେ ଶିକ୍ଷକଙ୍କ ମୃତ୍ୟୁ, ଝିଅ ଓ ଭାଣିଜୀ ଗୁରୁତର

ଦିଗପହଣ୍ଡି,୧।୧(ଡି.ଏନ.ଏ.)

ଦିଗପହଣ୍ଡି ଆସିକା ମୁଖ୍ୟ ରାସ୍ତା ଚୁଡଙ୍ଗପୁର ନିକଟରେ ରବିବାର ଅପରାହ୍ନରେ ଏକ କାର ଧକ୍କାରେ ଜଣେ ଶିକ୍ଷକଙ୍କ ମୃତ୍ୟୁ ହୋଇଥିବା ବେଳେ ତାଙ୍କ ଝିଅ ଓ ଭାଣିଜୀ ଗୁରୁତର ଆହତ ହୋଇଛନ୍ତି। ମୃତ ଶିକ୍ଷକ ଜଣକ ହେଲେ ସାନଖେମୁଣ୍ଡି ବ୍ଲକ ରାଧାଦେଇପୁର ପଞ୍ଚାୟତ ଉସ୍ତା ଜଗନ୍ନାଥପୁର ଗ୍ରାମର ଅରୁଣ ପ୍ରଧାନ। ସେହିପରି ଝିଅ ଅଙ୍କିତା ପ୍ରଧାନ ଓ ଭାଣିଜୀ ନିବେଦିତା ଜେନା ବୋଲି ସୂଚନା ମିଳିଛି। ରବିବାର ନବବର୍ଷ ଅପରାହ୍ନରେ ଶିକ୍ଷକ ଜଣକ ନିଜ ବାଇକ ଯୋଗେ ଝିଅ ଏବଂ ଭାଣିଜୀକୁ ନେଇ ଦିଗପହଣ୍ଡି ଅଭିମୁଖେ ଆସୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ କାର ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ୩ ଜଣଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିବା ବେଳେ ଶିକ୍ଷକ ଅରୁଣ ପ୍ରଧାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଝିଅ ଓ ଭାଣିଜୀଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଦିଗପହଣ୍ଡି ପୋଲିସ ଏସଆଇ ଗୌତମ ସାହୁ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ମୃତଦେହ ଜବତ କରି ଏକ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାପଡିଛି।

## ଚକରା ବିଷୋୟୀ ଜୟନ୍ତୀ ସମାରୋହ

ଜି.ଉଦୟଗିରି,୧।୧(ଡି.ଏନ.ଏ.)

ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ନିଖିଳ ଉତ୍କଳ କୁଇ ସମାଜର ମିଳିତ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ନିଖିଳ ଉତ୍କଳ କୁଇ ସମାଜ ୟୁନିଅନ କାର୍ଯ୍ୟାଳୟଠାରେ ଭାରତର ମୁକ୍ତି ସଂଗ୍ରାମର ପ୍ରଥମ ଗରିଲା ଯୋଦ୍ଧା ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ଚକରା ବିଷୋୟୀଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଉପଜିଲାପାଳ ତଥା ବିଡ଼ିଓ ଆଶିଷ କୁମାର ତ୍ରିପାଠୀ ଜି.ଉଦୟଗିରି ବନ୍ଧ ଛକ ଠାରେ ଥିବା ବୀର ଚକରା ବିଷୋୟୀ ଓ ସହରର ମଧ ଭାଗରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। କୁଇ ସମାଜ ସଭାଗୃହଠାରେ ପ୍ରଶାସନ ତରଫରୁ ଆଲୋଚନା ଚକ୍ର ଓ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ



ବୀର ଚକରା ବିଶୋଇଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ସମିତି ଅଧକ୍ଷା ସୁଷମା ପ୍ରଧାନ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବେ ପ୍ରେସ କ୍ଲବର ସଭାପତି ସମୀର କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଭୀମସେନ୍ ପ୍ରଧାନ ଯୋଗଦେଇ ଚକରା ବିଶୋୟୀଙ୍କ ବୀରତ୍ୱର ଗାଥା ବର୍ଣ୍ଣନା କରିଥିଲେ। ଶାନ୍ତନୁ ପ୍ରଧାନ, ପ୍ରଦୀପ କହଁର, କୁଇ ସମାଜ ନେତା ମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ସୁଦର୍ଶନ ବେହେରା ପ୍ରାରମ୍ଭିକ ଭାଷଣ ଦେବା ସହ ସଭା ପରିଚାଳନା କରିଥିଲେ ଏବଂ ଶେଷରେ କୁଇ ସମାଜର ନେତା ତଥା ଆଇନଜୀବୀ ପ୍ରଦୀପ କହଁର ଧନ୍ୟବାଦ ଅର୍ପଣ କରିଥିଲେ।

## ମଥୁରା ଗ୍ରାମରେ ଧାନମଣ୍ଡି ଉଦ୍‌ଘାଟିତ

ଖଲ୍ଲିକୋଟ,୧।୧(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ମଥୁରା ଗ୍ରାମରେ ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟଙ୍କ ଦ୍ୱାରା ଧାନମଣ୍ଡି ଉଦଘାଟିତ ହୋଇଯାଇଛି। ଶନିବାର ମା' ମହାଲକ୍ଷ୍ମୀ ଏସ୍‌ଏଚ୍‌ଜି ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଯୋଗ ଦେଇଥିବା ବେଳେ ବ୍ଲକ ଯୋଗାଣ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଦାଶ, ଖଲ୍ଲିକୋଟ ବ୍ଲକ ଅଧକ୍ଷ ଦୈତାରୀ ବେହେରା, ଖଲ୍ଲିକୋଟ ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ରାମମୋହନ ପଣ୍ଡା, ଖଲ୍ଲିକୋଟ ବ୍ଲକ ବିଜେଡି ସଭାପତି ଗଙ୍ଗାଧର ଖୁଣ୍ଟିଆ, ମହିଳା ବିଜେଡି ସଭାପତି ମିତାଞ୍ଜଳି ମିଶ୍ର, ଆସ୍କା ସାଂସଦ ପ୍ରତିନିଧି ରତ୍ନାକର ସାହୁ, ଜିଲା ପରିଷଦ ସଭ୍ୟା ଚନ୍ଦନା ସେଠୀ, ସରପଞ୍ଚ ହେମନ୍ତ ସେଠୀ, ବିପିସି ଦୀପିକା ସେଠୀ, ଏମବିକେ ମାଧୁରୀ ସାହୁ, ସମ୍ପାଦିକା ମମତା କୁମାରୀ ସେଠୀ, ସଭାପତି ଶୁଶୁଳା ପ୍ରଧାନ, କୃଷି ମିତ୍ର ଚନ୍ଦନା କୁମାରୀ ନାହାକ, ଏସ୍‌ଏଚ୍‌ଜି ସଦସ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌କେସିଜି କଲେଜ ଅଧକ୍ଷଙ୍କ ଦାୟିତ୍ୱ ଗ୍ରହଣ



ନୂତନ କଲେଜ ଅଧକ୍ଷ ଅଜୟ କୁମାର ତ୍ରିପାଠୀଙ୍କୁ ସ୍ୱାଗତ କରାଯାଉଛି।

ପାରଳାଖେମୁଣ୍ଡି,୧।୧(ଡି.ଏନ୍.ଏ.)

ପାରଳାଖେମୁଣ୍ଡିସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ଭାବେ ଉଚ୍ଚଶିକ୍ଷା ବିଭାଗର ବରିଷ୍ଠ ପ୍ରଧାପକ ଡ. ଅଜୟ କୁମାର ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଏହି ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର। ଛାତ୍ର ଜୀବନରୁ ଜଣେ ସାହିତ୍ୟ ସଂଗଠକ ପତ୍ରିକା ସଂପାଦକ ତଥା ବକ୍ତା ଭାବେ ସୁନାମ ଅର୍ଜନ କରିଛନ୍ତି। ଓଡିଶା ଲୋକସେବା ଆୟୋଗଦ୍ୱାରା ଚୟନ ହୋଇ ସେ ପ୍ରଥମେ ଏହି ମହାବିଦ୍ୟାଳୟରେ ଅଧାପକ ଭାବେ ଯୋଗ ଦେଇଥିଲେ। ପରେ ଛତ୍ରପୁର ବିଜ୍ଞାନ କଲେଜ ଓ ପାରଳାଖେମୁଣ୍ଡିସ୍ଥିତ ଅଦର୍ଶ ମହାବିଦ୍ୟାଳୟରେ ମଧ ଅଧାପକ ରହିଥିଲେ। ପାରଳାଖେମୁଣ୍ଡିରେ ମାନସିକ ଅନଗ୍ରସର ଅନୁଷ୍ଠାନ 'ନିୟତି'ର ପ୍ରତିଷ୍ଠାତା ସଭାପତି ଭାବେ ଅନେକ ଶିଶୁଙ୍କ ମୁହଁରେ ହସ ଫୁଟାଇବା ନିମନ୍ତେ ସେ ସଫଳ ହୋଇଛନ୍ତି। ଏମ୍‌କେସିଜି କଲେଜ ଅଧକ୍ଷ ଦାୟିତ୍ୱ ଗ୍ରହଣ କରିବାପରେ ସମସ୍ତ କର୍ମଚାରୀ, ଅଧାପିକା ଅଧାପିକ ଓ ଜନସାଧାରଣ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ପୁରାତନ ଛାତ୍ର ସଂସଦ ତରଫରୁ ଅଧକ୍ଷ ଡ. ତ୍ରିପାଠୀଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ଭଲିବଲ ପ୍ରତିଯୋଗିତା ଉଦ୍‌ଯାପିତ



ଟୁର୍ନାମେଣ୍ଟ ଅବସରରେ ଉପସ୍ଥିତ ଅତିଥି ଓ ଖେଳାଳି।

ରାମଗିରି,୧।୧(ଡି.ଏନ.ଏ.)

ଗଜପତି ଜିଲା ଆର.ଉଦୟଗିରି ବ୍ଲକ ସୁବଲଡା ପଞ୍ଚାୟତସ୍ଥିତ ଫୁକା ଗ୍ରାମରେ ପଞ୍ଚାୟତସ୍ତରୀୟ ଭଲିବଲ ପ୍ରତିଯୋଗିତା ଶନିବାର ଉଦଯାପିତ ହୋଇଛି। ଏହି ପଞ୍ଚାୟତର ୧୧ଟି ୱାର୍ଡ ମଧ୍ୟରୁ ୮ଟି ୱାର୍ଡକୁ ନେଇ ପ୍ରତିଯୋଗିତା ଆୟୋଜନ ହୋଇଥିବା ବେଳେ ଏଥିରେ ଫୁକା ୱାର୍ଡ ବିଜୟୀ ହୋଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆର.ଉଦୟଗିରି ବ୍ଲକ ଅଧକ୍ଷ ଲକ୍ଷ୍ମୀନାରାୟଣ ଶବର ଯୋଗଦେଇଥିଲେ। ସୁବଲଡା ସରପଞ୍ଚ, ମଙ୍ଗରାଜପୁର ସରପଞ୍ଚ, ସୁବଲଡା ସମିତି ସଭ୍ୟ ଓ ପୂର୍ବତନ ଜିଲା ପରିଷଦ ଯୁଧିଷ୍ଠିର ବଡମୁଣ୍ଡି ଯୋଗ ଦେଇଥିଲେ। ନରେନ୍ଦ୍ର କୁମାର ବେହେରା ପରିଚାଳନା କରିଥିବା ବେଳେ ତାପସ କୁମାର ରଇତ, ଶ୍ୟାମଘନ ରଇତ, ମନୋଜ କୁମାର ବେହେରା, ମାର୍କଣ୍ଡ ଜାନୀ, ଲିଟୁ ଏବଂ ଫୁକା ସ୍ପୋର୍ଟିଙ୍ଗ କ୍ଲବ ସଦସ୍ୟ ସହଯୋଗ କରିଥିଲେ।

## ଅନାଥ ପିଲାଙ୍କ ସହ ନୂଆବର୍ଷ ପାଳିଲେ ଅତିରିକ୍ତ ଜିଲାପାଳ

ପାରଳାଖେମୁଣ୍ଡି,୧।୧(ଡି.ଏନ.ଏ.)

ଗଜପତି ଜିଲାର ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ରବିବାର ଗୋଷାଣି ବ୍ଲକ ଅନ୍ତର୍ଗତ ବି.ସୀତାପୁର ଠାରେ ଥିବା ପ୍ରାଉଡ ଚାଇଲ୍ଡ କେୟାର ଅନୁଷ୍ଠାନର ଅନାଥ ପିଲାଙ୍କ ସହ ମିଶି ନୂଆବର୍ଷର ପ୍ରଥମ ଦିନ କାଟିଛନ୍ତି। ଶିଶୁମାନଙ୍କୁ ସେ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ପରେ ପିଲାଙ୍କୁ ମିଷ୍ଟାନ୍ନ, ବିସ୍କୁଟ ଓ ଖାଦ୍ୟ ସାମଗ୍ରୀ ବଣ୍ଟନ କରିବା ସହ କେକ କାଟିଥିଲେ। ପିଲାମାନେ ନୃତ୍ୟଗୀତ ଆଦି କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଶିଶୁଙ୍କୁ ଫୁଲତୋଡା ଦେଉଛନ୍ତି ଅତିରିକ୍ତ ଜିଲାପାଳ।

## ଜିଏନ୍‌ପିଏଲ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ମହାବୀର ଲିଜେଣ୍ଡ ଚାମ୍ପିୟନ

ଗୋପାଳପୁର,୧।୧(ଡି.ଏନ.ଏ.)

ରବିବାର ଗୋଳନ୍ଥରା ଥାନା ଅଧୀନସ୍ଥ ଗୋବିନ୍ଦ ନଗର ଗ୍ରାମରେ ଜିଏନ୍‌ପିଏଲ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ମହାବୀର ଲିଜେଣ୍ଡ ଓ ଆର.କେ ଏକାଦଶ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବୀର ଲିଜେଣ୍ଡ ବିଜୟୀ ହୋଇଛି। ଆରକେ ଏକାଦଶ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିବା ବେଳେ ମହାବୀର ଲିଜେଣ୍ଟ ପ୍ରଥମ ବ୍ଯାଟିଂ କରିଥିଲା। ନିର୍ଦ୍ଧାରିତ ୧୫ ଓଭରରେ ୬ ୱିକେଟ ବିନିମୟରେ ମହାବୀର ଲିଜେଣ୍ଡ ୧୪୩ ରନ କରିଥିଲା। ଦ୍ୱିତୀୟ ଇନିଂସରେ ଆର.କେ-ଏକାଦଶର ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲା। ଆର୍.କେ ଏକାଦଶ ୧୫ ଓଭରରେ ମାତ୍ର ୧୩୩ରନ୍‌ରେ ସମସ୍ତ ୱିକେଟ ହରାଇଥିଲା। ଏହି ମ୍ୟାଚରେ ୧୦ ରନରେ ମହାବୀର ଲିଜେଣ୍ଡ ବିଜୟ ଲାଭ କରିଥିଲା। ମ୍ୟାଚପରେ ଅପରାହ୍ନରେ ଉଦ୍‌ଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଗୋବିନ୍ଦନଗର ସରପଞ୍ଚ କୃଷ୍ଣଚନ୍ଦ୍ର ସାହୁ, ସମାଜସେବୀ ଦିବାକର ଗୌଡ଼, ରୁନା ସାହୁ ଯୋଗଦେଇ ବିଜୟୀ ଟିମକୁ ଟ୍ରଫି ସହ ୫୫୦୦ ଟଙ୍କା ଆର୍ଥିକ ରାଶି ପ୍ରଦାନ କରିଥିଲେ। ସେହିପରି ରନର ଟିମକୁ ୪୫୦୦ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଶିବଶଙ୍କର ଦାସଙ୍କୁ 'ମ୍ୟାନ ଅଫଦି ମ୍ୟାଚ' ଓ 'ମ୍ୟାନ ଅଫ ଦି ସିରିଜ' ପ୍ରଦାନ କରାଯାଇଥିଲା। ଏହି ଅବସରରେ ମନୋରଞ୍ଜନ ସାହୁ, ସରୋଜ ସାହୁ, ପ୍ରଶାନ୍ତ ସାହୁ, ନାରାୟଣ ସାହୁ, ସୁମନ ସାହୁ, ଶିବାଜୀ ସାହୁ, ନବୀନ ଦୋରା, ଗଣେଶ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ

# ୫୦ଲକ୍ଷ କ୍ଷତିପୂରଣ ଦାବିକଲେ ପରିବାର

ଛତ୍ରପୁର,୧।୧(ଡି.ଏନ୍.ଏ)

**ଆବାସିକ ସ୍କୁଲରେ ଛାତ୍ରୀଙ୍କ ମୃତ୍ୟୁ ଘଟଣା**

- ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ଗଞ୍ଜାମ ଜିଲା ଛତ୍ରପୁର ଟିକାପଲ୍ଲୀସ୍ଥିତ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟରେ ତରେଇପାଟପୁର ଗ୍ରାମର କୈଳାଶ ଚନ୍ଦ୍ର ବେହେରାଙ୍କ ଝିଅ ରୋଜା ବେହେରା(୧୫)ଙ୍କ ଗତ୧୮ ତାରିଖରେ ମୃତ୍ୟୁ ଘଟିଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଆସୁଛନ୍ତି। ପୋଲିସ ତଦନ୍ତ କରିଥିଲେ ହେଁ ପ୍ରଶାସନ ଓ ଶିକ୍ଷା ବିଭାଗ ନୀରବ ରହିଛି। ଏନେଇ ଶନିବାର ପରିବାର ସଦସ୍ୟ ଏବଂ ଗ୍ରାମବାସୀ ଅତିରିକ୍ତ ଜିଲାପାଳ ଲିନା କୁମାରୀ ଖେସ୍‌ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହିତ ୫୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି ପରିବାର ଲୋକେ। ରୋଜା ବେହେରାଙ୍କ ବାପା କୈଳାଶ ଚନ୍ଦ୍ର ବେହେରାଙ୍କ ଅଭିଯୋଗ ମୁତାବକ, ଝିଅ ରୋଜାର ଦେହ ସେହିଦିନ ଭୋର ୪.୩୦ରେ ଅସୁସ୍ଥ ହୋଇଥିଲା। ସ୍କୁଲ କର୍ତ୍ତୃପକ୍ଷ ଡାକ୍ତରଙ୍କ ପରାମର୍ଶ ନ ନେଇ କୌଣସି ଏକ ଔଷଧ ଖାଇବାକୁ ଦେଇଥିଲେ, କିଛି ସମୟ ପରେ ସ୍କୁଲରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଯଦି ଝିଅର ଦେହ ଅସୁସ୍ଥ ହେଲା ସ୍କୁଲରୁ ଛତ୍ରପୁର ମେଡିକାଲକୁ ମାତ୍ର ଏକ ଶହ ମିଟର ହୋଇଥିବା ବେଳେ କାହିଁକି ସଙ୍ଗେ ସଙ୍ଗେ ନ ନିଆଯାଇ ୬.୩୦ ରେ ଅଣାଯାଇଥିଲା? ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଏହି ଘଟଣାକୁ ନେଇ ପରିବାରକୁ ଅବଗତ କରାଇଥିଲେ। ତେଣୁ ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳା ପାଇଁ ଝିଅର ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରିଛନ୍ତି। ଏପରିକି ବିଦ୍ୟାଳୟରେ ୧୫୦ଜଣ ଛାତ୍ରୀ ରହୁଥିବା ବେଳେ ଦୀର୍ଘ ଦିନ ହେଲା ୱାର୍ଡନ ପଦ ସମେତ ସ୍ଥାୟୀ ପ୍ରଧାନଶିକ୍ଷକ କିମ୍ବା ରାତ୍ର ଜଗୁଆଳ ନାହାନ୍ତି। ମାତ୍ର ଜଣେ ପିଅନରେ ୧୫୦ ଝିଅଙ୍କ ସୁରକ୍ଷା ବ୍ୟବସ୍ଥା କରାଯାଉଛି।

ଏପରିକି ସ୍କୁଲ ସଂଯୋଜକ ଦାୟିତ୍ୱରେ ଥିବା ବ୍ୟକ୍ତି ଘଟଣା ଘଟିବା ପରେ କିମ୍ବା ପୂର୍ବରୁ ମଧ୍ୟ ପରିଦର୍ଶନରେ ଆସିନଥିଲେ। ସେଠାରେ ଏପରି ବ୍ୟାପକ ଅନୟମିତତା ହେଉଥିବା ଅଭିଯୋଗ କରିଛନ୍ତି। ଏପରିକି ଝିଅ ମୃତ୍ୟୁର କିଛି ଦିନ ପୂର୍ବରୁ ସ୍କୁଲରେ ରହୁଥିବା ଦୁଇରୁ ତିନିଟି ଝିଅଙ୍କ ଦେହ ଅସୁସ୍ଥ ହୋଇଥିଲା। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ଏବଂ ଅବହେଳା ପାଇଁ ଝିଅର ମୃତ୍ୟୁ ହୋଇଛି ବୋଲି ତାଙ୍କ ବାପା ଅଭିଯୋଗ କରିଛନ୍ତି। ସ୍କୁଲ ମାତ୍ର ୧୦ ହଜାର ଟଙ୍କା ଦେଇ ତାର କାମ ସାରିଦେଇଛି। ତେଣୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ଦାବି କରିଛନ୍ତି ପରିବାର ଲୋକ। ଏହି ଘଟଣା ସମ୍ପର୍କରେ ଜିଲା ଶିକ୍ଷାଧିକାରୀଙ୍କୁ ପଚାରି ବୁଝିବେ ବୋଲି ଅତିରିକ୍ତ ଜିଲାପାଳ କହିଛନ୍ତି। ଏହାର ନକଲ ମାନବ ଅଧିକାରୀ ଆୟୋଗ ଭୁବନେଶ୍ୱର ଓ ଜାତୀୟ ମାନବ ଅଧିକାରୀ ଆୟୋଗଙ୍କୁ ମଧ୍ୟ ପ୍ରଦାନ କରାଯାଇଥିବା ଓକିଲ ପି.ଧର୍ମା ରେଡ୍ଡି କହିଛନ୍ତି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ମୃତ ଝିଅର ବାପା କୈଳାସ ଚନ୍ଦ୍ର ବେହେରା, ମା' ଅନୁସୟା ବେହେରା, ଗ୍ରାମ୍ୟ ସଭାପତି ଯୋଗେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୩ ଗୁରୁତର

ଚଣ୍ଡିଖୋଲ,୧।୧(ଡି.ଏନ୍.ଏ.): ୧୬ ନଂ. ଜାତୀୟ ରାଜପଥରେ ଦୁର୍ଘଟଣା ଘଟି ଦୁଇଟି ସ୍ଥାନରେ ୩ଜଣ ଗୁରୁତର ହୋଇଛନ୍ତି। ବଡ଼ଚଣା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ବନ୍ଦାଲୋ ଛକ ନିକଟରେ ଶନିବାର ରାତି ପ୍ରାୟ ୯ଟାରେ ବାଇକ ଚାଳକ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେବା ଫଳରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଥାନା ଗାଡ଼ିରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ପରେ ସେ ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କିରଥିଲେ। ସେ ହେଲେ ଜେନାପୁର ଥାନା ଅଣ୍ଟିଆ ଗ୍ରାମର ପଙ୍କଜ ଜେନା(୫୦)। ପଙ୍କଜ ତାଙ୍କ ଶଶୁର ଘର ବନ୍ଦାଲୋକୁ ଆସିଥିଲେ। ଏହି ସମୟରେ କୌଣସି କାରଣ ବଶତ ସେ ରାସ୍ତା ପାର ହେଉଥିବା ବେଳେ କଟକ ଆଡୁ ଆସୁଥିବା ଜଣେ ବାଇକ୍ ଚାଳକ ତାଙ୍କୁ ଧକ୍କା ଦେଇଥିଲେ। ପଙ୍କଜଙ୍କ ଗୋଟିଏ ଗୋଡ଼ ଭାଙ୍ଗି ଚୁରମାର ହୋଇଯାଇଛି। ପୋଲିସ ବାଇକୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ରବିବାର ସକାଳେ ୧୬ନଂ. ଜାତୀୟ ରାଜପଥ ବଡ଼ଚଣା ଛକ ନିକଟରେ ଅଚ୍ୟୁତ ବସନ୍ତ ଗ୍ରାମର ଶିବସୁନ୍ଦର ସାହୁ (୨୫) ବାଇକ୍ ଯୋଗେ ପୁରୀରୁ ଫେରୁଥିବାବେଳେ ସେଠାରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପିଟି ଦେଇଥିଲେ। ଘଟଣା ସ୍ଥଳରେ ସେ ପଡ଼ି ଯାଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବଡ଼ଚଣା ଡାକ୍ତରଖାନା ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସେହିଭଳି ବୈରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଏସ୍ଆର ପେଟ୍ରୋଲ ପମ୍ପ ନିକଟରେ ରବିବାର ଅପରାହ୍ଣରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ଚଣ୍ଡିଖୋଲ ଆଡୁ ଏକ ବାଇକରେ ଯାଉଥିବାବେଳେ ପେଟ୍ରୋଲ ସରିଯିବାରୁ ଜାତୀୟ ରାଜପଥ କଡ଼ରେ ବାଇକ୍ ରଖି ଅନ୍ୟପଟରେ ଥିବା ପେଟ୍ରୋଲ ଟାଙ୍କିକୁ ତେଲ ପାଇଁ ଯାଉଥିଲେ। ଏହି ସମୟରେ ଦ୍ରୁତ ଗତିରେ ଆସୁଥିବା ଏକ କାର୍ ତାଙ୍କୁ ପିଟିଦେବାରୁ ସେ ସେଠାରେ ପଡ଼ି ଯାଇଥିଲେ। ଛତିଆ ଫାଣ୍ଡି ଅଧିକାରୀ ନାରାୟଣ ବେହେରା ପହଞ୍ଚି ତାଙ୍କୁ ପିସିଆର ଭ୍ୟାନ ଯୋଗେ ବଡ଼ଚଣା ଡାକ୍ତରଖାନା ପଠାଇଥିଲେ। ପରେ ତାଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ।

### ଗୁରୁ ଗୋବିନ୍ଦ ସିଂଙ୍କ ଜୟନ୍ତୀ

କଳିଙ୍ଗନଗର,୧।୧(ଡି.ଏନ.ଏ.): ବ୍ୟାସନଗର ସହରର ବ୍ୟାଙ୍କ୍ ଷ୍ଟ୍ରିଟ୍ ମୁଖ୍ୟ ରାସ୍ତା ପଞ୍ଜାବୀ ଗୁରୁଦ୍ୱାରରେ ଶିଖମାନଙ୍କର ୧୦ମ ଗୁରୁ ଗୋବିନ୍ଦ ସିଂଙ୍କ ୩୫୭ତମ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ବ୍ୟାସନଗର ଓ କଳିଙ୍ଗନଗର ଶିଳ୍ପାଞ୍ଚଳରେ ବସବାସ କରୁଥିବା ଶିଖ୍(ପଞ୍ଜାବୀ) ସମାଜର ଲୋକମାନେ ମୁଖ୍ୟତଃ ଏହି ଉତ୍ସବରେ ସାମିଲ ହୋଇଥିଲେ। ପ୍ରାତଃ ସମୟରେ ଶିଖମାନଙ୍କର ଧର୍ମ ଗ୍ରନ୍ଥ 'ଗୁରୁ ଗ୍ରନ୍ଥ ସାହେବ' ଗୁରୁଦ୍ୱାରର ବାବା(ପୂଜକ)ଙ୍କ ଦ୍ୱାରା ଗୁରୁବାଣୀ ପାଠ କରାଯାଇଥିଲା। ତତ୍‌ପଶ୍ଚାତ ସମୂହ ଅରଦାସ (ପ୍ରାର୍ଥନା) ଓ ଶିଖ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ ୩୦୦ରୁ ଊର୍ଦ୍ଧ୍ୱ ଶିଖ ପରିବାର ସାମିଲ ହୋଇଥିଲେ।

# ଜନବସତି ଉପରେ ୧୧ କେ.ଭି. ବିଦ୍ୟୁତ୍ ତାର

ରସୁଲପୁର,୧।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅଧୀନ କୁଆଖିଆ ବାଜରର ଜନବହୁଳ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ସ୍ଥିତି ଦୟନୀୟ ଅବସ୍ଥାରେ ରହିଛି। ଏଠାରେ ଜନବସତି ଉପରେ ୧୧ ଓ ୩୩ କେ.ଭି. ବିଦ୍ୟୁତ୍ ତାର ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ଝୁଲି ରହିଛି। ବିଦ୍ୟୁତ୍ ବିଭାଗର ଟାଳଟୁଳନୀତି ଯୋଗୁ ବଜାରର ଅନେକ ସ୍ଥାନରେ ବିଦ୍ୟୁତ୍ ସେବା ପ୍ରଦାନ ଆଳରେ ଧନଜୀବନ ବିପଦ ମଧ୍ୟକୁ ଠେଲି ହୋଇଯାଇଛି। ଏଭଳି ସମସ୍ୟା ସମ୍ପର୍କରେ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଉଛି। ହେଲେ ଏହାର ପ୍ରତିକାର ଦିଗରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ ଆଶୁ ପଦକ୍ଷେପ ନିଆଯାଉ ନାହିଁ। ବିଭାଗ ପକ୍ଷରୁ ବିଦ୍ୟୁତ୍ ଦେୟ ଆଦାୟରେ ଅଧିକ ଗୁରୁତ୍ୱ ଦିଆଯାଉଛି। ହେଲେ ସେହି ପରିମାଣରେ ମରାମତି ଓ ବିଦ୍ୟୁତ୍ ସେବା ପ୍ରଦାନ କରାଯାଉ ନ ଥିବାରୁ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଉଛି। ବଜାର ଅଞ୍ଚଳରେ ବିଦ୍ୟୁତ୍ ସରବରାହକୁ ମାଟିତଳେ କେବୁଲ ଜରିଆରେ ସଞ୍ଚାଳନ କରିବା ସହ ଖୋଲା ଆକାଶ ଓ ବାସସ୍ଥାନ ଉପରେ ଯାଇଥିବା ବିଦ୍ୟୁତ୍ ତାରକୁ କେବୁଲିଙ୍ଗ କରାଯାଇ ଧନଜୀବନକୁ ସୁରକ୍ଷା ଦେବା ଦିଗପେଦକ୍ଷେପ ଗ୍ରହଣ କରିବାକୁ ବଜାର ବ୍ୟବସାୟୀ, ସ୍ଥାୟୀ ବାସିନ୍ଦା ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

ସୂଚନା ମୁତାବକ, ୧ ଏପ୍ରିଲ ୨୦୨୧ରୁ ଟାଟା ପାୱାର ହାତକୁ ବିଦ୍ୟୁତ୍ ବିଭାଗକୁ ଟେକି ଦିଆଯାଇଛି। ବିଦ୍ୟୁତ୍ ସରବରାହ କାର୍ଯ୍ୟ କମ୍ପାନୀ ହାତକୁ ନେବା ଅବଧି ୨୧ ମାସ ବିତିସାରିଲାଣି। ମାତ୍ର ସେବାରେ ସେଭଳି କିଛି ଆଖିଦୃଶିଆ ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ। ଟାଟା ପାୱାର ବିଦାୟୀ କମ୍ପାନୀ ନେସ୍କୋ ପକ୍ଷରୁ ଉପଭୋକ୍ତାଙ୍କ ନାଁରେ ଥିବା ବକେୟା ବିଲକୁ ଆଦାୟ କରିବାରେ ଅଧିକ ଗୁରୁତ୍ୱ ଦେଉଛି। କମ୍ପାନୀ ସହ ଚୁକ୍ତି ବେଳେ ନିରନ୍ତର ବିଦ୍ୟୁତ୍ ସେବା, ଜନବସତି, ଛକ ବଜାର, ସହରାଞ୍ଚଳ ଆଦି ସ୍ଥାନରେ ସୁରକ୍ଷିତ ବିଦ୍ୟୁତ୍ ସଞ୍ଚାଳନ, ବିଦ୍ୟୁତ୍ ଚୋରିକୁ ରୋକିବା ପାଇଁ ବିଦ୍ୟୁତ୍‌କୁ କେବୁଲିଂ କରିବା, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟକେନ୍ଦ୍ର, ଅଙ୍ଗନୱାଡି କେନ୍ଦ୍ର, ହାଟ, ବାଜର, ଜଙ୍ଗଲ, ନଦୀ, କୃଷିକ୍ଷେତ ଆଦି ସ୍ଥାନରେ ସୁରକ୍ଷିତ ବିଦ୍ୟୁତ୍ ସରବରାହକୁ ଗୁରୁତ୍ୱ ଦିଆଯିବାକୁ ନିୟମ ରହିଛି। ହେଲେ ଏ ଦିଗରେ ଟାଟା ପାୱାର ଆଦୌ ଯତ୍ନବାନ ରହିଥିବା ଭଳି ମନେ ହେଉନାହିଁ। ବଡ଼ ଗଛ ଭିତରେ ଦେଇ ଯାଇଥିବା ବିଦ୍ୟୁତ୍ ତାରକୁ ସୁରକ୍ଷିତ ରଖିବା ପାଇଁ ବିଭାଗ କଣ୍ଡକ୍ଟର ବ୍ୟବହାର କରିବା ବଦଳରେ ଗଛକୁ କାଟି ସଫା କରିଦେଇ ପରିବେଶ ପ୍ରତି ପ୍ରତିକୂଳ ସ୍ଥିତି ସୃଷ୍ଟି କରୁଛି। ବଜାର ଅଞ୍ଚଳରେ ବିଦ୍ୟୁତ୍ ତାର ତଳେ ବହୁ ଜନବସତି ଗଢି ଉଠିଲାଣି। ଅନେକ ସ୍ଥାନରେ ବିଦ୍ୟୁତ୍ ତାର ଛାତ ଉପର ଦେଇ ଗତି କରିଛି। ଉକ୍ତ ଘରେ ବସବାସ କରୁଥିବା ଜନସାଧାରଣ ଛାତ ଉପରକୁ ଆସିଲେ ସେମାନଙ୍କ ଜୀବନ ପ୍ରତି ଭୟ ରହୁଛି। ଦୁର୍ବଳ ବିଦ୍ୟୁତ୍ ତାରରୁ ନିଆଁ ଝୁଲ ଉଡି ଅଗ୍ନିକାଣ୍ଡ ଭଳି ଅବସ୍ଥା ଉପୁଜୁଛି। ଏହାର ପ୍ରତିକାର ପାଇଁ ବାରମ୍ବାର ବିଭାଗର ଦୃଷ୍ଟି ଆକର୍ଷଷଣ କରାଯାଉଛି। ଏ ଦିଗରେ ବିଭାଗ ସହଯୋଗ କରିବା ବଦଳରେ ଅଭିଯୋଗକାରୀଙ୍କୁ ନିଜସ୍ୱ ଖର୍ଚ୍ଚରେ ମରାମତି କରିବାକୁ ପରାମର୍ଶ ଦେଇ ଚୁପ୍ ବସିଯାଉଛି। ଜନବସତି ସ୍ଥାନରେ ବିଦ୍ୟୁତ୍ ତାରଗୁଡିକୁ କେବୁଲିଂ କରିବାକୁ ନିୟମ ରହିଛି। ତାକୁ ବିଭାଗ ପକ୍ଷରୁ ଆଦୌ କାର୍ଯ୍ୟକାରୀ କରାଯାଉ ନାହିଁ। ବଜାର ଅଞ୍ଚଳରେ ବିପଦ ସଂକୁଳ ଅବସ୍ଥାରେ ଝୁଲୁଥିବା ବିଦ୍ୟୁତ୍ ମିଟର ବକ୍ସଗୁଡିକୁ ଠିକ୍ ଭାବେ ସ୍ଥାନିତ କରାଯାଇ ପାରିନାହିଁ। କୁଆଖିଆ ବଜାରଠାରୁ ମାତ୍ର ୫୦୦ମିଟର ଦୂରରେ ବିଦ୍ୟୁତ୍ ଡିଭିଜନ ଓ ସବଡିଭିଜନ କାର୍ଯ୍ୟାଳୟ ଏବଂ ବଜାର ଉପରେ କୁଆଖିଆ ସେକ୍ସନ ଅବସ୍ଥିତ। ଏହିଭଳି ତ୍ରୁଟି ବିଚ୍ୟୁତି ସର୍ବଦା ବିଭାଗୀୟ ଅଧିକାରୀଙ୍କ ନଜରରେ ପଡୁଛି। ହେଲେ ସେଥିରେ ସୁଧାର ଆଣିବାରେ ବିଭାଗ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଉ ନାହିଁ। ଏନେଇ ଟାଟା ପାୱାରର କୁଆଖିଆ ସବ୍‌ଡିଭିଜନର ସହକାରୀ ଯନ୍ତ୍ରୀ ସୀତାଂଶୁ ଶତପଥୀଙ୍କୁ ପଚାରିବାରୁ ସେ କହିଛନ୍ତି, ବଜାର ଅଞ୍ଚଳ ଘର ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଝୁଲୁଥିବା ତାରଗୁଡ଼ିକୁ ଘର ମାଲିକମାନେ ନିଜସ୍ୱ ଖର୍ଚ୍ଚରେ ସ୍ଥାନାନ୍ତର କରିବେ। ସେମାନେ ତା'ର ତଳେ କାହିଁକି ଘର କରୁଥିଲେ ବୋଲି ସେ ଓଲଟା ପ୍ରଶ୍ନ କରିବା ସହ ଲୋକେ ଯଦି ଭାବୁଛନ୍ତି ବିଭାଗ କରୁନାହିଁ ତେବେ ସେମାନେ କୋର୍ଟର ଆଶ୍ରୟ କାହିଁକି ନେଉନାହାନ୍ତି ବୋଲି ଶତପଥୀ ପ୍ରକାଶ କରିଛନ୍ତି।



ଏକ ଘର ଉପରେ ଝୁଲି ରହିଥିବା ବିଦ୍ୟୁତ୍ ତାର।

### ନୂଆବର୍ଷରେ ଗାଁ ବୁଲିଲେ, ଗୁରୁଜନଙ୍କୁ ଭେଟିଲେ ସରପଞ୍ଚ



ବିଞ୍ଝାରପୁର,୧।୧(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଅଧୀନ ସିଂହପୁର ସରପଞ୍ଚ ଶଶାଙ୍କ ଶେଖର ଖିଲାର ନୂଆ ବର୍ଷ ଅବସରରେ ରବିବାର ପଞ୍ଚାୟତ ପରିକ୍ରମା କରି ବରିଷ୍ଠ ନାଗରିକଙ୍କ ଆଶୀର୍ବାଦ ନେବା ସହ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ସରପଞ୍ଚ ଖିଲାର ପଞ୍ଚାୟତର ମଳୟ ଥଟୋଇ, ପଦ୍ମନାଭ ଦାଶ, ଘନଶ୍ୟାମ ଦାସ, କୃଷ୍ଣ ମଳିକ, ରବୀନ୍ଦ୍ର ଖିଲାର, ଅମରେନ୍ଦ୍ର ଜେନା, ନୀଳମଣି ସାହୁ ସୁଜ୍ଞାନ ଥଟୋଇ, ନାଏବ ସରପଞ୍ଚ ରଞ୍ଜିତା ବାରିକ, ଅରୁଣ ସାହୁ, ଅଞ୍ଜନ ସାହୁ, ଅମରେନ୍ଦ୍ର ଜେନା, ନୀଳମଣି ସାହୁ ସୁଜ୍ଞାନ ଥଟୋଇ, ସମରେନ୍ଦ୍ର ବେଉରିଆ, ଭଗବାନ ମଳିକ, ଅଜୟ ମଳିକ, ସନ୍ନ୍ୟାସୀ ସାହୁ, ଗୟାଧର ଦାସ, ଇନ୍ଦ୍ରମଣି ନାୟକ, ଅମୀୟ ଧଳ ଓ ପ୍ରଦୀପ ସେଠୀଙ୍କ ସମେତ ପଞ୍ଚାୟତବାସୀଙ୍କୁ ଭେଟି ନୂତନ ବର୍ଷର ଅଭିନନ୍ଦନ ଓ ଶୁଭ କାମନା ଜଣାଇଥିଲେ। ଏଥିସହିତ ପଞ୍ଚାୟତକୁ ଆଦର୍ଶ ଓ ସମୃଦ୍ଧ ଭାବେ ଗଢି ତୋଳିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

## ସୁସ୍ଥ ପଞ୍ଚାୟତ ଗଠନ ଉପରେ ଗୁରୁତ୍ୱାରୋପ

ରସୁଲପୁର,୧।୧(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଡ଼ରମ୍ପୈଇ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ଜନ ଆରୋଗ୍ୟ ସମିତି ଗଠନ କରାଯାଇଛି। ଏଥିସହିତ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସୁସ୍ଥ ଓ ସ୍ୱଚ୍ଛ ପଞ୍ଚାୟତ ଗଠନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପଞ୍ଚାୟତରେ ମହିଳା ଓ ଶିଶୁ ସ୍ୱାସ୍ଥ୍ୟର ଯତ୍ନ ଓ ପ୍ରତିଷେଧକ ଉପରେ ବିଶଦ ଭାବରେ ଆଲୋଚନା ହୋଇଛି। ସୁସ୍ଥ ପଞ୍ଚାୟତ ଗଠନ ପାଇଁ ପଞ୍ଚାୟତରେ ଶତପ୍ରତିଶତ ଟିକାକରଣ, ଗାଁରେ ନିୟମିତ ଭାବରେ ଜନସାଧାରଣଙ୍କ ରକ୍ତଚାପ, ବହୁମୂତ୍ର ରୋଗ, ଓରାଲ କ୍ୟାନସର ଓ ବ୍ରେଷ୍ଟ କ୍ୟାନସର ଭଳି ଅଣ ସଂକ୍ରାମକ ରୋଗକୁ ଚିହ୍ନଟ କରାଯାଇ ସେ ଦିଗରେ ଆବଶ୍ୟକୀୟ ପରାମର୍ଶ ପ୍ରଦାନ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ପଞ୍ଚାୟତରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଜନସାଧାରଣଙ୍କୁ ପ୍ରାଥମିକ ଚିକିତ୍ସା ଓ ମାଗଣା ଔଷଧ ବିତରଣ କରାଯିବ। ରକ୍ତହୀନତା ଦୂର ଉପରେ ପଦକ୍ଷେପ ନିଆଯିବ। ବିଦ୍ୟାଳୟଗୁଡ଼ିକରେ ମଧ୍ୟାହ୍ନ ଭୋଜନ ସମୟରେ ପିଲାଙ୍କୁ ଆଇରନ ବଟିକା ବଣ୍ଟାଯିବାକୁ ସୁନିଶ୍ଚିତ କରାଯିବ, କମ୍ ଓଜନର ପିଲା, ଗର୍ଭବତୀ ଓ ପ୍ରସୂତିଙ୍କୁ ଚିହ୍ନଟ କରାଯାଇ ସେ ଦିଗରେ ପ୍ରତିକାର ଏବଂ ପ୍ରତିଶେଧକମୂଳକ ପଦକ୍ଷେପ ନିଆଯିବା ଉପରେ ନିଷ୍ପତ୍ତି ହୋଇଛି।

ବୈଠକରେ ସମିତିସଭ୍ୟ ରଞ୍ଜିତ ସାହୁ, କମିଟି ଉପାଧକ୍ଷା ତଥା ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ସଂଘମିତ୍ରା ଦାଶ, ବ୍ଲକ ପ୍ରୋଗ୍ରାମ ପରିଚାଳିକା ଜ୍ୟୋସ୍ନାମ୍ବରୀ ସାହୁ, ସମ୍ପାଦିକା କମ୍ୟୁନିଟ୍ ସ୍ୱାସ୍ଥ୍ୟ ଅଧିକାରୀ ରଞ୍ଜିତା ଦାଶ, ଏଏନ୍ଏମ୍ ସାବିତ୍ରୀ ସୁନ୍ଦରୀ ସେଠୀ, ପିଅର ଏଡୁକେଟର ଅମୂଲ୍ୟ କୁମାର ଦାସ, ସ୍ୱାସ୍ଥ୍ୟଦୂତ ଶିକ୍ଷକ ନବଘନ ସାହୁ, ଗ୍ରାମପଞ୍ଚାୟତସ୍ତରୀୟ ଫେଡରେଶନର ସଭାନେତ୍ରୀ ସଂଯୁକ୍ତା ପଣ୍ଡା, ସ୍ୱୟଂସହାୟିକା ଗୋଷ୍ଠୀ ସଭାନେତ୍ରୀ ଉମା ସେଠୀ, ଗାଁ କଲ୍ୟାଣ ସମିତି ସଭାପତି, ୱାର୍ଡ ସଭ୍ୟାସଭ୍ୟ, ଆଶାକର୍ମୀ ଅଂଶଗ୍ରହଣ କରି ନାନା ମତପୋଷଣ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ ରାଉତ ଓ ଜିଆର୍ଏସ୍ ପ୍ରଶାନ୍ତ ଘଡେଇ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ବୈଠକରେ ଜନ ଆରୋଗୀ ସମିତିର କର୍ମକର୍ତ୍ତା ଓ ଅନ୍ୟମାନେ।

## ବିଷ୍ଣୁମୋହନ, ବର୍ଣ୍ଣାଳିଙ୍କ ଗୀତରେ ଝୁମିଲେ ଦର୍ଶକ

### ଧର୍ମଶାଳା ମହୋତ୍ସବର ଅଷ୍ଟମ ସନ୍ଧ୍ୟା

ଧର୍ମଶାଳା,୧।୧(ଡି.ଏନ.ଏ.): ଧର୍ମଶାଳା ମହୋତ୍ସବର ଅଷ୍ଟମ ସନ୍ଧ୍ୟାରେ ରବିବାର ମୁକ୍ତାକାଶ ରଙ୍ଗମଞ୍ଚରେ ବିଷ୍ଣୁମୋହନ କବି ଓ ବର୍ଣ୍ଣାଳୀ ହୋତା ନାଇଟ୍ ଶୋ' ଦ୍ୱାରା ପରିବେଷିତ ଗୀତ ବେଶ ଚିତାକର୍ଷକ ଥିଲା। ଦର୍ଶକ ଏହାର ଭରପୁର ମନୋରଞ୍ଜନ କରିଥିଲେ। ଅନେକ ଦର୍ଶକ କଣ୍ଠଶିଳ୍ପୀଙ୍କ ଗୀତର ତାଳେତାଳେ ଝୁମିବାରେ ଲାଗିଥିଲେ। ନୂତନ ବର୍ଷର ପ୍ରଥମ ସନ୍ଧ୍ୟା ହୋଇଥିବାରୁ ମହୋତ୍ସବ ପଡ଼ିଆରେ ହଜାରହଜାର ସଂଖ୍ୟାରେ ଦର୍ଶକଙ୍କ ଭିଡ ଲାଗିଥିଲା। ଦର୍ଶକମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ସହିତ ମୀନାବଜାରରୁ ମନପସନ୍ଦର ଜିନିସ କିଣାକିଣି କରିଥିଲେ। ଅନ୍ୟପକ୍ଷରେ ମହୋତ୍ସବ ଅବସରରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଓ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଭୁବନେଶ୍ୱର ମିଳିତ ଆନୁକୂଲ୍ୟରେ ଏଠାରେ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାର ଆୟୋଜନ କରାଯାଇଛି। ଯେଉଁଥିରେ ୩୦ଟି ବିଭିନ୍ନ ପ୍ରକାର ଷ୍ଟଲ ସ୍ଥାନ ପାଇଛି। ଦୁରଦୁରାନ୍ତରୁ ଆସୁଥିବା ଦର୍ଶକମାନେ ଏହି ପ୍ରଦର୍ଶନୀମେଳାରେ ବୁଲିବା ସହ ବିଭିନ୍ନ ସାମଗ୍ରୀ କିଣୁଛନ୍ତି। ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲୁ ରହିବ ବୋଲି ସହକାରୀ ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରକାଶଚନ୍ଦ୍ର ମହାନ୍ତି ପ୍ରକାଶ କରିଛନ୍ତି। ସୋମବାର ସନ୍ଧ୍ୟାରେ ମହୋତ୍ସବ ରଙ୍ଗ ମଞ୍ଚରେ ପ୍ରଭୁପାଦ ଓ ଲୋପାମୁଦ୍ରା ନାଇଟ୍ ଶୋ' ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ରାଜ୍ୟପାଳଙ୍କ ଦ୍ୱାରା ୨ ପୁସ୍ତକ ଉନ୍ମୋଚିତ



ରାଜ୍ୟପାଳ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ରସୁଲପୁର,୧।୧(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ବିଶିଷ୍ଟ ସାହିତ୍ୟିକ, କବି, ଗାଳ୍ପିକ ଡ. ଚିତ୍ତରଞ୍ଜନ ମହାନ୍ତିଙ୍କ ଦ୍ୱାରା ଲିଖିତ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ୨ ଭକ୍ତିଭାବପୂର୍ଣ୍ଣ କବିତା ସଂକଳନ ପୁସ୍ତକକୁ ଶୁକ୍ରବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚନ କରାଯାଇଛି। ଭକ୍ତି ରସାମୃତ କବିତା ପୁସ୍ତକ 'ଭାବ ବିନୋଦିଆ' ଓ 'ଭକ୍ତି ନୈବେଦ୍ୟ'କୁ ରାଜ୍ୟପାଳ ଉନ୍ମୋଚନ କରିବା ସହ ଜନଗନ୍ନାଥଙ୍କ ସଂସ୍କୃତିକୁ କବିତା ଜରିଆରେ କିଭଳି ନିଖୁଣ ଭାବରେ ବର୍ଣ୍ଣନା କରାଯାଇଛି, ତାହା ଜାଣି ଖୁସିବ୍ୟକ୍ତ କରିଛନ୍ତି। ରାଜ୍ୟପାଳ ଜଗନ୍ନାଥଙ୍କ ଭକ୍ତ ଓ ଜଗନ୍ନାଥ ସଂସ୍କୃତିକୁ ଭଲ ପାଉଥିବା ମଣିଷ। ଜଗନ୍ନାଥ ସଂସ୍କୃତିକୁ ପ୍ରଚାର ପ୍ରସାର ଦିଗରେ କବି ଡ. ମହାନ୍ତିଙ୍କ ଅନବରତ ଉଦ୍ୟମକୁ ସେ ପ୍ରଶଂସା କରିଛନ୍ତି। ତାଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଲୋକ ସମ୍ପର୍କ ଅଧିକାରୀ ରକ୍ଷକ ନାୟକ, ଯୁବ ପ୍ରତିଭା ସିଦ୍ଧାର୍ଥ ସ୍ୱୟଂଦୀପ୍ତ ମହାନ୍ତି, ଅର୍ପିତା ପଟ୍ଟନାୟକ, ଲତିକା ପଟ୍ଟନାୟକ, ଶିଶୁ ପ୍ରତିଭା ଶିତିକଣ୍ଠ ମହାନ୍ତିଙ୍କ ସମେତ ରାଜଭବନର ଅନ୍ୟକର୍ମଚାରୀ ସାମିଲ ହୋଇଥିଲେ। ରାଜ୍ୟପାଳ ୨୦୨୦ରେ ସାହିତ୍ୟିକ ମହାନ୍ତିଙ୍କ ଦୁଇଟି ପୁସ୍ତକକୁ ଲୋକାର୍ପିତ କରିଥିଲେ। ସାହିତ୍ୟିକ ମହାନ୍ତି ୧୪ରୁ ଅଧିକ ପୁସ୍ତକ ରଚନା କରିବାର ଗୌରବ ଅର୍ଜନ କରି ରାଜ୍ୟର ବିଭିନ୍ନ ପାଠିକାପାଠକଙ୍କ ନିକଟରେ ଆଦୃତ ହୋଇପାରିଛନ୍ତି।

## ଜେନାପୁର ଜୁନିୟର କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଧର୍ମଶାଳା,୧।୧(ଡି.ଏନ.ଏ.): ଜେନାପୁର କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧକ୍ଷ ରବୀନ୍ଦ୍ର କୁମାର ଦାସ ବାର୍ଷିକ କ୍ରୀଡ଼ାକୁ ଉଦ୍‌ଘାଟନ କରିଥିଲେ। ଖେଳକୁ କ୍ରୀଡ଼ା ଶିକ୍ଷକ ଅବିରାମ ପାତ୍ର ଓ ଶଙ୍କର୍ଷଣ ଡୋରା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷ ଦାସ ଯୋଗଦେଇ କ୍ରୀଡ଼ା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରତ୍ନାକର ନାୟକ, କାର୍ତ୍ତିକେଶ୍ୱର ଦାସ, କିଶୋର କୁମାର ମିଶ୍ର, ଡ. ସୁରେଶ ଚନ୍ଦ୍ର ଦ୍ୱିବେଦୀ, ଅଶୋକ କୁମାର ବରାଳ ପ୍ରମୁଖ ଯୋଗଦେଇ କଲେଜସ୍ତରରେ କ୍ରୀଡ଼ାକୁ ବ୍ୟାପକ କରାଯିବାର ଅବଶ୍ୟକତା ରହିଛି ବୋଲି କହିଥିଲେ। କ୍ରୀଡ଼ାରେ ବାଳକ ବିଭାଗରେ ସଞ୍ଜୟ ସେଠୀ ଓ ବାଳିକା ବିଭାଗରେ ରୁପାଲୀ ମଲିକ ଚାମ୍ପିୟନ ହୋଇଥିବା ବେଳେ ବିଭିନ୍ନ କ୍ରୀଡାରେ କୃତିତ୍ୱ ହାସଲ କରିଥିବା ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅଧ୍ୟାପକ ସୁରେନ୍ଦ୍ର କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

## ୟଙ୍ଗ୍‌ଷ୍ଟାର କ୍ଲବ୍ କ୍ରିକେଟ: ଭୁବନେଶ୍ୱର ଚାମ୍ପିୟନ

ବ୍ରହ୍ମବରଦା,୧।୧(ଡି.ଏନ.ଏ.): ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ହାଜିରହିମିଆଁ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୧୪ତମ ରାଜ୍ୟସ୍ତରୀୟ ୟଙ୍ଗଷ୍ଟାର କ୍ଲବ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଏମ୍‌ସି କ୍ରିକେଟ କ୍ଲବ ଗୋଲକୁଣ୍ଡ(ଯାଜପୁର)କୁ ହରାଇ ପ୍ରଗତି ସ୍ପୋର୍ଟିଂ କ୍ଲବ୍ ଭୁବନେଶ୍ୱର ଚାମ୍ପିୟନ ହୋଇଛି।

ବିଏମ୍‌ସି କ୍ରିକେଟ କ୍ଲବ୍ ଟସ୍ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ଉଇକେଟ ହରାଇ ୧୬୬ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଶିବସୁନ୍ଦର ଦାସ ୪୫ ବଲ ଖେଳି ୬୧ ରନ ସଂଗ୍ରହ କରିଥିଲେ। ଅପରପକ୍ଷର ବୋଲର ସୁମନ ଦାସ ୫ ଓଭର ବୋଲିଂ କରି ୨୦ ରନ ଦେଇ ୩ ଉଇକେଟ ହାସଲ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ କ୍ଲବ୍ ୨୧.୧ ଓଭର ଖେଳି ୬ ଉଇକେଟ ହରାଇ ଚାମ୍ପିୟନ ହୋଇଥିଲା। ଦଳ ତରଫରୁ ମିଳନ ସାମଲ ୩୦ ବଲ ଖେଳି ୫୭ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ବୋଲର ଶିବସୁନ୍ଦର ଦାସ ୫ ଓଭର ବୋଲିଂ କରି ୨୮ରନ ଦେଇ ୨ ଉଇକେଟ ଅକ୍ତିଆର କରିଥିଲେ। ବିଏମ୍‌ସି କ୍ରିକେଟ କ୍ଲବର ଶିବସୁନ୍ଦର ଦାସଙ୍କୁ ମ୍ୟାନ ଅଫଦି ମ୍ୟାଚ୍ ଓ ପ୍ରଗତି ସ୍ପୋର୍ଟିଂର ଟୁକୁନା ସାହୁଙ୍କୁ ମ୍ୟାନ ଅଫଦି ସିରିଜ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ସମ୍ମାନିତ ଅତିଥିଭାବେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ସମିତିସଭ୍ୟା ରକସାନା ପରୱିନ, ବିଡ଼ି ଶ୍ରମିକ ସଂଘ ସଭାପତି ପ୍ରଦୀପ ଦାସ, ପ୍ରଫୁଲ୍ଲ କୁମାର ଗିରି, ପୂର୍ବତନ ସରପଞ୍ଚ ବିପିନ ବିହାରୀ ଦେଓ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ପୁରସ୍କୃତ କରିଥିଲେ। ଆୟୋଜକ କ୍ଲବ୍ ସଭାପତି ରାକେଶ ଦେଓ, ସମ୍ପାଦକ ଅମୂଲ୍ୟ ରାଉତ, ସହସମ୍ପାଦକ ସଂଗ୍ରାମ ମହାନ୍ତି, କୋଷାଧ୍ୟକ୍ଷ ଉଦୟଭାନୁ ଦେଓ ଏବଂ ବିରେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ମ୍ୟାଚରେ (ଏସ୍.ଜି. ସିକ୍ୟୁରିଟି ସର୍ଭିସେସ୍)ର ପ୍ରୋପାଇଟର ଚିତ୍ତରଞ୍ଜନ ବେହେରା ପ୍ରାୟୋଜକ ଥିଲେ।



ଚାମ୍ପିୟନ ଦଳକୁ ଅତିଥି ପୁରସ୍କୃତ କରୁଛନ୍ତି।

## ଆରମ୍ଭରୁ ରାସ୍ତାକାମ ବନ୍ଦ

### ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ

ଚଣ୍ଡିଖୋଲ,୧।୧(ଡି.ଏନ୍.ଏ.): ବଡ଼ଚଣା ବ୍ଲକ ଅନ୍ତର୍ଗତ ଜାତୀୟ ରାଜପଥ ୫୩ନଂର ବନ୍ଦରେଶ୍ୱର ଛକଠାରୁ କେଶରାଇପୁରସ୍ଥିତ ଖାଣ୍ଡୋଲାଇଟ୍ ଖଣି ପର୍ଯ୍ୟନ୍ତ ରାସ୍ତା ନର୍ମାଣ କାମ ଆରମ୍ଭରୁ ବନ୍ଦ ହୋଇଯାଇଛି। ଠିକାଦାର ବିଭିନ୍ନ ସ୍ଥାନରେ ଖନନ କରି ଗାର୍ଡ ୱାଲ ଓ କଲଭର୍ଟ ନିର୍ମାଣ କରୁଥିବାବେଳେ ଏହାକୁ ବିଭାଗ ପୂର୍ତ୍ତ ବିଭାଗ ତରଫରୁ ବନ୍ଦ କରାଯାଇଛି, ଯାହାକୁ ନେଇ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ତୁରନ୍ତ କାମ ଆରମ୍ଭ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଚୌଦ୍ୱାରସ୍ଥିତ ଚାରିବାଟିଆ ପୂର୍ତ୍ତବିଭାଗ ଡିଭିଜନ୍‌ର ବଡ଼ଚଣା ସବ୍‌ଡିଭିଜନ୍ ଅନ୍ତର୍ଗତ ଏହି ରାସ୍ତା ନିର୍ମାଣ ଜୁଲାଇ ୩ରେ ଆରମ୍ଭ ହୋଇଥିଲା। ରାସ୍ତା କାର୍ଯ୍ୟ ଆସନ୍ତା ଏପ୍ରିଲ ୧ରେ ଶେଷ ହେବାରଥିଲା। ୧. ୨୦ କିଲୋମିଟର ଏହି ରସ୍ତା ପାଇଁ ୩କୋଟି ୯୧ଲକ୍ଷ୫ହଜାର ୧୩୭ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ରାସ୍ତା କାର୍ଯ୍ୟକୁ ଜାରକାର ଜଣେ ଠିକାଦାର ନେଇଥିଲେ। ରାସ୍ତାରେ ୬ଟି ବକ୍ସ କଲଭର୍ଟ ସହିତ ୮୧୭ମିଟର ଗାର୍ଡ ୱାଲ ନିର୍ମାଣ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯେହେତୁ ଏହି ରାସ୍ତା ଦେଇ ଓଡ଼ିଶା ମାଇନିଂ କର୍ପୋରେସନ୍(ଓଏମ୍‌ସି)ର ଖାଣ୍ଡୋଲାଇଟ୍ ପଥର ଖଣିରୁ ପଥର ଖନନ କରାଯାଇ ପୁରୀ ଯିବା ଆବଶ୍ୟକତା ଥିଲା, ତେଣୁ ଓଏମ୍‌ସି ତରଫରୁ ସେଠାରେ ପଥର କାଟିବା ପାଇଁ କାରଖାନା ବସାଯାଇଛି। ହଠାତ୍ ନଭେମ୍ବରରେ ରାସ୍ତା କାମ ବନ୍ଦ କରିବାକୁ ପୂର୍ତ୍ତବିଭାଗ ତରଫରୁ ଠିକାଦାରଙ୍କୁ ନିର୍ଦ୍ଦେଶ ଆସିଥିଲା। ଏହାପରେ ଠିକାଦାର ଅଧାରୁ କାମ ବନ୍ଦ କରିଦେଇଛନ୍ତି। ଏହି ରାସ୍ତା ଉପରେ ନିର୍ଭର କରୁଥିବା କେଶରାଇପୁର ଓ ଲଳିତଗିରି ରାଜସ୍ୱ ଗ୍ରାମର ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ବେହେରାଙ୍କୁ ପଚାରିବାରେ ସେ କୁହନ୍ତି, ଓଏମ୍‌ସି ତରଫରୁ ସିଏସ୍ଆର ଫଣ୍ଡରେ ଏହି ରାସ୍ତା ନିର୍ମାଣ ପାଇଁ ଯାଜପୁର ଜିଲାପାଳ ୨୦୨୨ ଜାନୁୟାରୀ ୭ରେ ପୂର୍ତ୍ତବିଭାଗକୁ ଚିଠି କରିଥିଲେ। ସେହି ଅନୁପାତରେ ସର୍ଭେ କରି ଏଷ୍ଟିମେଟ ଦେଇଥିଲୁ। ଏବେ ଓଏମସି ପଇସା ଦେବାକୁ ମନା କରିଦେଇଛି। ସେଥିପାଇଁ ବିଭାଗ ତରଫରୁ ଠିକାଦାରଙ୍କୁ କାମ ବନ୍ଦ ପାଇଁ କୁହାଯାଇଛି। ପୁନଃର୍ବାର ଗତ ଅକ୍ଟୋବର ୧୮ରେ ଜିଲାପାଳ ଚକ୍ରବର୍ତ୍ତିସିଂହ ରାଠୋର ଓଏମ୍‌ସିକୁ ଚିଠି ଲେଖିବା ସହ ଆଉଥରେ ଏସ୍‌ଟିମେଟ କରି ପଠାଇବା ପାଇଁ ଚାରିବାଟିଆ ଅଧୀକ୍ଷଣ ଯନ୍ତ୍ରୀ ପ୍ରଦୀପ ମହାନ୍ତିଙ୍କୁ ଚିଠି କରିଛନ୍ତି। ଫଳରେ ଏହି ଚଠି ଦିଆନିଆରେ ସ୍ଥାନୀୟ ଲୋକେ ପେଶୀ ହୋଇ ଯାଉଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଓଏମ୍‌ସିର ଆଞ୍ଚଳିକ ପ୍ରବନ୍ଧକ ଗଙ୍ଗାଧର ନାୟକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।



କେଶରାଇପୁର ରାସ୍ତା କାମ ବନ୍ଦ ରହିଛି।

**ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ**

ରାଜନଗର, (ଡି.ଏନ.ଏ.):ରାଜନଗର ବ୍ଲକ ଈଶ୍ୱରପୁର ପଞ୍ଚାୟତ ଦିଘିସ୍ଥିତ ବୀଣାପାଣି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯିବ। ଏଥିପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ସାମନ୍ତରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଶିକ୍ଷକ ସୀତାକାନ୍ତ ରାଉଳ, ପୁରାତନ ଛାତ୍ର ବୀର କିଶୋର ସ୍ୱାଇଁ, ଶୁଭ୍ରକାନ୍ତ ଭ୍ରମର ରାୟ, ଜିତେନ୍ଦ୍ର ବିଶ୍ୱାଳ, ବସନ୍ତ କୁମାର ବେହେରା, ହେମନ୍ତ କୁମାର ମହାରଣା, ହୃଷୀକେଶ ପ୍ରଧାନ, ଲକ୍ଷ୍ମୀକାନ୍ତ ପାହାଡି, ଭରତ ଜେନା, ସୋମନାଥ ବାରିକ, ସନାତନ ଲେଙ୍କା, ଗୌରାଙ୍ଗ ରାଉତ, ଗଦାଧର ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ। ଲକ୍ଷ୍ମୀକାନ୍ତ ପାହାଡି ଧନ୍ୟବାଦ ଦେଇଥିଲେ।

# ନାଉଗାଁ ବ୍ଲକରେ ବସୁଧା ଯୋଜନା ଦିଗହରା

ନାଉଗାଁ,୧୧ (ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ପ୍ରତି ଘରକୁ ବସୁଧା ଯୋଜନା ମାଧ୍ୟମରେ ପାଇପ ସଂଯୋଗ କରାଯାଇ ପାନୀୟ ଜଳ ଯୋଗାଇବାର ବ୍ୟବସ୍ଥା କରାଯାଉଛି। ଏହି ଯୋଜନା ନାଉଗାଁ ବ୍ଲକରେ କାର୍ଯ୍ୟକାରୀ କରାଯାଉଥିବା ବେଳେ ଏହା ଦିଗହରା ହେଉଥିବା ଅଭିଯୋଗ ହେଉଛି। ଏହି ଯୋଜନାରେ ସରକାରଙ୍କ ପକ୍ଷରୁ ଅର୍ଥ ବ୍ୟୟ କରାଯାଉଥିବା ବେଳେ ଅନେକ ସ୍ଥାନରେ ନିମ୍ନମାନର କାର୍ଯ୍ୟ ହେଉଥିବା ଜଣାଯାଇଛି। ଏହି ଯୋଜନାରେ କାର୍ଯ୍ୟକୁ ତଦାରଖ କରିବା ପାଇଁ ଗ୍ରାମ୍ୟଜଳ ପରିମଳ ବିଭାଗ ରହିଛି। କିନ୍ତୁ ଏହି ବିଭାଗ ଠିକ୍ ଭାବେ ତଦାରଖ କରୁ ନ ଥିବାରୁ କାମ କରୁଥିବା ଠିକାଦାର ମନଇଚ୍ଛା ଏହା କରୁଥିବା କୁହାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ



ନୂଆଗାଁ ପଞ୍ଚାୟତସ୍ଥିତ ବାଲିସାହିଠାରେ ପାନୀୟ ଜଳ ପାଇପ୍ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ଖୋଳାଯାଉଛି।

ବିଷୟ ଏହି ଯୋଜନାରେ ଉକ୍ତ ବ୍ଲକର ନାଉଗାଁ ପଞ୍ଚାୟତରେ ଅବଦଲପୁର, ନାଉଗାଁ, ନାଉଗାଁ ବ୍ଲକ ଛକ ନିକଟରେ ୩ ଟି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଉଛି। କିନ୍ତୁ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପୂର୍ବରୁ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଯାହାଫଳରେ ଜନସାଧାରଣ ଉକ୍ତ ପ୍ରକଳ୍ପ ବିଷୟରେ କୌଣସି ତଥ୍ୟ ପାଇ ପାରୁନାହାନ୍ତି। ସେହିପରି ପ୍ରକଳ୍ପରେ ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାରୁ ସ୍ଥାନୀୟ ସରପଞ୍ଚ ପ୍ରାଚୀ ସାଗରୀକା ନାୟକ ଓ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ସେହିପରି ଘରକୁ ବିଛା ଯାଉଥିବା ପାଇପଗୁଡିକ ନିମ୍ନମାନର ହେଉଥିବା ବେଳେ ବିଭିନ୍ନ ସ୍ଥାନରେ ଗ୍ରାମ୍ୟ ରାସ୍ତା, ପୂର୍ତ୍ତ ବିଭାଗ ରାସ୍ତା ଓ ଗ୍ରାମ୍ୟ ଉନ୍ନୟନ ରାସ୍ତା ଖୋଳା ଯାଉଥିବା ଦେଖାଯାଇଛି। ରାସ୍ତା ଖୋଳାଯିବା ଫଳରେ ଜନସାଧରାଣ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି।

ସୂଚନା ଯୋଗ୍ୟ କୋକିଡିହ-ତେଲସରା ରାସ୍ତା ପାର୍ଶ୍ୱରେ କେକିଡିହ, ବାଲିସାହି,ଠାରେ ବର୍ତ୍ତମାନ ପାଇପ ବିଛା କାମ ଜାରି ରହିଛି। ନିୟମାନୁସାରେ ପୂର୍ତ୍ତ ବିଭାଗ ରାସ୍ତାରୁ ୩.୭୫ ମିଟର ବାଦ ଦେଇ ପାଇପ ବିଛା କାମ କରାଯିବ। କିନ୍ତୁ ନିଯୁକ୍ତ ଠିକାଦାର ରାସ୍ତା ଉପରେ ଥିବା ଢଳେଇ ଫଟାଇ ପାଇପ ବିଛା କାମ ଜାରି ରଖିଛନ୍ତି। ସେହିପରି ପାଇପ ୩ ଫୁଟ ତଳେ ବିଛାଯିବାର ନିୟମ ରହିଥିବା ବେଳେ ମାତ୍ର ଦେଢ ଫୁଟ ଖୋଳାଯାଇ ପାଇପ ବିଛା କାମ କରାଯାଉଛି। ବର୍ତ୍ତମାନ ପୂର୍ତ୍ତ ବିଭାଗର ଉକ୍ତ ରାସ୍ତା ନବୀକରଣ କରାଯିବା ପାଇଁ କାର୍ଯ୍ୟାରମ୍ଭ କରାଯାଇଛି। ନବୀକରଣ କାମ କରାଗଲେ ଉକ୍ତ ରାସ୍ତା ଖୋଳାଯାଇ ପୁନର୍ବାର କରାଯିବ। ଅଳ୍ପ ଖୋଳାଯାଇ ପାଇପ ବିଛା ଯାଉଥିବାବେଳେ ଉକ୍ତ ରାସ୍ତା କାମ ସମୟରେ ଖୋଳା ଗଲେ ପାଇପ ଫାଟିବାର ସମ୍ଭାବନା ମଧ୍ୟ ରହିଛି। ତେଣୁ ଯେଉଁ ଅର୍ଥ ଖର୍ଚ୍ଚ କରାଯାଇ ପାଇପ ବିଛା ଯାଉଛି ସେଥିରେ କେତେଦୂର ପାଣି ଜନସାଧରାଣଙ୍କ ନିକଟରେ ପହଞ୍ଚି ପାରିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଗ୍ରାମ୍ୟ ଜଳ ପରିମଳ ବିଭାଗର ଯନ୍ତ୍ରୀ ରଶ୍ମିରଞ୍ଜନ ଦାସଙ୍କୁ ପଚାରିବାରେ ତଳେ ବିଏସ୍ଏନ୍ଏଲ୍ ଲାଇନ ଯାଇଥିବାରୁ ଅଧିକ ଖୋଳା ଯାଇପାରୁନାହିଁ। ଯେଉଁ ସ୍ଥାନରେ ଢଳେଇ ଫଟା ଯାଇ କାମ କରାଯାଉଛି ସେଠାରେ ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କ ଉପସ୍ଥିତିରେ ନିୟମାନୁସାରେ ଢଳେଇ କରାଯିବ ବୋଲି ସେ କହିଥିଲେ।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ବାଲିକୁଦା,୧୧(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ ସଂଗ୍ରାମପୁର ପଞ୍ଚାୟତ ଗୋଗୋଳ ଗାଁରେ ରବିବାର ଅପରାହ୍ନରେ ଅଗ୍ନିକାଣ୍ଡ ଘଟି ଦୀନବନ୍ଧୁ ସାହୁଙ୍କ ୩ ବଖରା ଚାଳ ପୋଡ଼ି ପାଉଁଶ ହୋଇଯାଇଛି। ଏଥିରେ ତାଙ୍କ ଘରର ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ ବିଦ୍ୟୁତ୍ ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ଖବରପାଇ ବାଲିକୁଦା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଥିଲା।

### ମନ୍ଦିରରୁ ବାଇକ ଚୋରି: ଥାନାରେ ଅଭିଯୋଗ

**ବାଲିଆ,୧୧(ସ୍ୱ.ପ୍ର.):** ବିରିଡି ଧାନକୁଦ ଜଗନ୍ନାଥ ମନ୍ଦିରରୁ ବାଇକ୍ ଚୋରି ହୋଇଯାଇଛି। ଏନେଇ ନୂଆଗାଁର ଶୋଭାକାନ୍ତ ସାହୁ ବିରିଡି ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ମନ୍ଦିରରେ ବାଇକ ରଖି ପୂଜା କରିବାକୁ ଯାଇଥିଲେ। ମାତ୍ର ଫେରିବା ବେଳକୁ ଉକ୍ତ ସ୍ଥାନରେ ବାଇକ୍ ନ ଥିଲା। ବହୁ ଖୋଜାଖୋଜି ପରେ ମଧ ବାଇକ୍ ନ ମିଳିବାରୁ ଶେଷରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବୋଲି ସାହୁ କହିଛନ୍ତି।

### ରବୀନ୍ଦ୍ର ମଣ୍ଡପରେ ଚମକିଲେ ପାରାଦୀପର ଛାତ୍ରୀଛାତ୍ର

**ପାରାଦୀପ,୧୧(ସ୍ୱ.ପ୍ର.):** ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଆୟୋଜିତ ଆନ୍ତର୍ଜାତିକ ଓଡ଼ିଶୀ ମହୋତ୍ସବରେ ପାରାଦୀପ ସାଗରିକା କଳା ନିକେତନ ଛାତ୍ରୀଛାତ୍ରମାନେ ସେମାନଙ୍କ ନୃତ୍ୟରେ ଆୟୋଜକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏନେଇ କଳା ନିକେତନ ସଂପାଦକ ନିରୋଜ କୁମାର ପଟ୍ଟନାୟକ ସୂଚନା ଦେଇଛନ୍ତି। ନୃତ୍ୟ ଗୁରୁ ବ୍ରଜକିଶୋର ମଲ୍ଲିକ ଓ ଅଧକ୍ଷ ପ୍ରଫୁଲ୍ଲ ବଳଙ୍କ ତତ୍ତ୍ୱାବଧାନରେ ଏହି ଟିମ୍ କଳା ପରିବେଷଣ କରିଥିଲେ।

### ରକ୍ତଦାନ ଶିବିର: ୧୫୨ ୟୁନିଟ୍ ରକ୍ତ ସଂଗହ

**ପାରାଦୀପ,୧୧(ସ୍ୱ.ପ୍ର.):** ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଆହ୍ୱାନ କମ୍ପାଇନ୍ସ ପକ୍ଷରୁ ଇଂଲିଶ୍ ନବବର୍ଷ ଉପଲକ୍ଷେ ମଧୁବନ ବିର୍ସାମୁଣ୍ଡା ସ୍କୁଲ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବଗୋଷ୍ଠୀ ପକ୍ଷରୁ ୧୫୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏଥିସହ ପାରାଦୀପର କେତେଜଣ କୃତି ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟତମ ଅତିଥି ଭାବେ ବନ୍ଦର ଯନ୍ତ୍ରୀ ଗଙ୍ଗାଧର ସେଠୀ, ପ୍ରଶାନ୍ତ ମହାରଣା, ଶ୍ରୀମନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହାକୁ ସଙ୍ଗଠନର ସଭାପତି ସାଗର ବିଶ୍ୱାଳ, ସମ୍ପାଦକ ପ୍ରଭାତ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

### ୪୧ ଦିନରେ ପହଞ୍ଚିଲା ଅଙ୍ଗନୱାଡି କର୍ମୀଙ୍କ ଧାରଣା

**ପାଟକୁରା,୧୧ (ଡି.ଏନ.ଏ.):** ଅଙ୍ଗନୱାଡି କର୍ମୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା, ବେତନ ବୃଦ୍ଧି, ମୃତ୍ୟୁକାଳିନ ସହାୟତା ରାଶି ପ୍ରଦାନ ଇତ୍ୟାଦି ୮ ଦଫା ଦାବି ପୂରଣ ପାଇଁ କର୍ମଚାରୀମାନେ ନଭେମ୍ବର ୨୧ରୁ ଦୀର୍ଘ ୪୨ ଦିନ ହେବ ଧାରଣାରେ ବସିଛନ୍ତି। ରାଜ୍ୟ ଅଙ୍ଗନୱାଡୀ ସଂଘ ଆହ୍ୱାନରେ ଗରଦପୁର ବ୍ଲକରେ ଥିବା ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ଧାରଣା ଚାଲୁ ରଖିଛନ୍ତି। ବ୍ଲକ ଅଞ୍ଚଳରେ ଥିବା ୧୭୪ ଅଙ୍ଗନୱାଡି କର୍ମୀ ଓ ୧୨୦ ସହାୟିକା ମଧ ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଚାଲୁ ରହିବ ବୋଲି ବ୍ଲକ ସଂଘର ସଭାନେତ୍ରୀ ଶୈଳବାଳା ସାହୁ ଓ ସମ୍ପାଦିକା ମେନକା ପାତ୍ର ସୂଚନା ଦେଇଛନ୍ତି।

# ଆବେଦନକୁ ବର୍ଷେ ବିତିଲା, ଚାଷୀଙ୍କୁ ମିଳୁନି କ୍ଷତିପୂରଣ

## ରାଜସ୍ୱ, କୃଷି ବିଭାଗ ମଧ୍ୟରେ ସମନ୍ୱୟର ଅଭାବ

କୁଜଙ୍ଗ,୧୧(ଡି.ଏନ୍.ଏ.)

କୁଜଙ୍ଗ ବ୍ଲକରେ ରାଜସ୍ୱ ଓ କୃଷି ବିଭାଗ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁ ବହୁ ଚାଷୀ କ୍ଷୟକ୍ଷତି ପାଇବାରୁ ବଞ୍ଚିତ ହୋଇଛନ୍ତି। ୨୦୨୧ରେ ବାତ୍ୟା ଜୱାଦ୍ ଓ ପ୍ରବଳ ବର୍ଷା ଯୋଗୁ ଧାନ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ିଯାଇଥିଲା। ଫଳରେ କ୍ଷୁଦ୍ର ଓ ମଧ୍ୟମ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ିଯାଇଥିଲା। କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିବା କୃଷକଙ୍କୁ ସହାୟତା ଦେବାପାଇଁ ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲେ। ବିଜ୍ଞପ୍ତି ଅନୁଯାୟୀ ଚାଷୀମାନେ ଅନ୍‌ଲାଇନରୁ ପଟ୍ଟା ବାହାର କରିବା ସହ ପାଉତି କାଟି କ୍ଷୟକ୍ଷତି ପାଇବା ପାଇଁ ରାଜସ୍ୱ ବିଭାଗର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦରଖାସ୍ତ କରିଥିଲେ। ଏନେଇ ୨୦୦ରୁ ୫୦୦ ଟଙ୍କା ଖର୍ଚ୍ଚ କରିଥିଲେ।

ମାତ୍ର ଏହାର ବର୍ଷକ ପରେ ସରକାର କ୍ଷୟକ୍ଷତି ରାଶି ପ୍ରଦାନ ପ୍ରକ୍ରିୟା ଆରମ୍ଭ କଲେ। କିନ୍ତୁ କୁଜଙ୍ଗର ବହୁ ଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏସମ୍ପର୍କରେ ରାଜସ୍ୱ ବିଭାଗ ପକ୍ଷରୁ କୁହାଯାଇଛି ବିଭାଗ ପକ୍ଷରୁ କେବଳ ଦରଖାସ୍ତ ଗ୍ରହଣ କରାଯାଇଥିଲା। ମାତ୍ର ଚାଷୀ ଚିହ୍ନଟ ଦାୟିତ୍ୱ କୃଷି ବିଭାଗର। ଏ ସମ୍ପର୍କରେ ବ୍ଲକ କୃଷି ଅଧିକାରିଣୀ ଅସୀମା ମିଶ୍ର କହିଛନ୍ତି, ତାଙ୍କ ପାଖକୁ ଯେଉଁ ଫର୍ମ ଆସିଛି ତାକୁ ପଠାଇ ଦିଆଯାଇଛି। ଯେହେତୁ ଟଙ୍କା ଦେବା ଦାୟିତ୍ୱ ରାଜସ୍ୱ ବିଭାଗର, କାହିଁକି ଦେଇନାହାନ୍ତି ସେସମ୍ପର୍କରେ ସେ କିଛି କହିପାରିବେ ନାହିଁ। ଏ ପ୍ରସଙ୍ଗରେ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ପଚାରିବାରେ କୁହନ୍ତି, କେତେଜଣ ଚାଷୀ କାହିଁକି କ୍ଷତି ପୂରଣ ପାଇଲେ ନାହିଁ ସେ ସମ୍ପର୍କରେ ଆଲୋଚନା ହେବା ପରେ ସ୍ପଷ୍ଟ ହେବ। ସୂଚନାଯୋଗ୍ୟ, କ୍ଷତି ପୂରଣ ରାଶି ପାଇବା ପାଇଁ ଯେଉଁ ଦରଖାସ୍ତ ହୋଇଥିଲା ତା'ର ପ୍ରମାଣ ପତ୍ର ରାଜସ୍ୱ ବିଭାଗ ପକ୍ଷରୁ କୃଷକଙ୍କୁ ଦିଆଯାଇନାହିଁ। ତେଣୁ ସମସ୍ତ ଦରଖାସ୍ତର ଭଲ ଭାବେ ଯାଞ୍ଚ କରି ଚାଷୀମାନେ କିପରି କ୍ଷୟକ୍ଷତି ପାଇପାରିବେ ସେଥିପାଇଁ ଉଭୟ ବିଭାଗ ତତ୍ପରତା ପ୍ରକାଶ କରି ପରବର୍ତ୍ତୀ ପଦକ୍ଷେପ ନେବାକୁ ପୂର୍ବତନ ସରପଞ୍ଚ ବିଜୟ ଖଟେଇ, ଯୁବନେତା ଶୁଭ୍ରକାନ୍ତ ସାମନ୍ତରାୟ ଓ ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ ଦାବି କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ପ୍ରତି ସମ୍ବେଦନଶୀଳ ହୁଅ



ସାଧାରଣ ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟମାନେ।

ଏରସମା,୧୧(ସ୍ୱ.ପ୍ର.)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏରସମା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ପାଇଥିବା ଗାୟକ ଶେଖର ଜଗନ୍ନାଥ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ସଂଘ ସଭାପତି ତଥା ଠାକୁର ରାଜା ଭାବେ ପରିଚିତ ନିରଞ୍ଜନ ପ୍ରସାଦ ଦାସ ଅସୁସ୍ଥ ଥିବାରୁ ତାଙ୍କ ଆରୋଗ୍ୟ ପାଇଁ ଜଗନ୍ନାଥଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା। ଗାୟକ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଅବସରରେ ସେ ବରିଷ୍ଠ ନାଗରିକମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଥିରେ ଯୁଗଳ କିଶୋର ତ୍ରିପାଠୀ, ନିରଞ୍ଜନ ଜେନା, ବାସୁଦେବ ମହାରଣା, ଅରୂପାନନ୍ଦ ସ୍ୱାଇଁ, ନିବାରଣ ନାୟକ, ପ୍ରଭାକର ପଣ୍ଡା, ନିମାଇଁ ଚରଣ ମନ୍ତ୍ରୀ, ଶଙ୍କର ଚରଣ ପରିଡା, ବାସନ୍ତୀଲତା ସ୍ୱାଇଁ, ଶିବସୁନ୍ଦର ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

# ବାବା ମଧୁସୂଦନ କ୍ରିକେଟ ଟୁର୍ନାମେଣ୍ଟ

ବାଲିଆ,୧୧ (ସ୍ୱ.ପ୍ର.)

ବିରିଡି ବ୍ଲକ ୨୨ ମୌଜା ମଙ୍ଗୁଲି ମିନି ଷ୍ଟାଡିୟମରେ ମଙ୍ଗୁଲିର ବାବା ମଧୁସୂଦନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୪୯ତମ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ ଟିମ୍ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ଚାନ୍ଦପୁର ଓ ଟିଙ୍ଗାପଡା ମଧ୍ୟରେ ଖେଳାଯାଇଥିଲା। ପ୍ରଥମେ ଚାନ୍ଦପୁର ଟସ୍ ଜିତି ନିର୍ଦ୍ଧାରିତ ୮ ଓଭରରେ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ଟିଙ୍ଗାପଡା ଦଳ ୮ ଓଭର ମଧ୍ୟରେ ୮୦ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା। ଫଳରେ ଚାନ୍ଦପୁର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ମଙ୍ଗୁଲି ସମବାୟ ସମିତି ସଭାପତି ରବୀନ୍ଦ୍ର କୁମାର ସାହୁ, ସରପଞ୍ଚ ନିରଞ୍ଜନ ସେଠୀ, ଗୟାଧର ମହାନ୍ତି ପ୍ରମୁଖ ଅତିଥିଭାବେ



ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ଓ ଅନ୍ୟମାନେ।

## ଟିଙ୍ଗାପଡ଼ାକୁ ହରାଇ ଚାନ୍ଦପୁର ଚାମ୍ପିୟନ

ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ବାବା ମଧୁସୂଦନ କ୍ରିକେଟ କ୍ଲବର ଲଜପତ ମହାନ୍ତି, ଦେବାଶିଷ ମହାନ୍ତି, ଆଲୋକ ବେହେରା, ରିଷି ରଞ୍ଜନ ମହାନ୍ତି, ପ୍ରଦୀପ୍ତ ପଣ୍ଡା, ରୋହନ ପରିଜା, ଶୁଭମ୍ ମହାନ୍ତି, ସୁମନ୍ ମହାନ୍ତି ଓ ସତ୍ୟଜିତ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।

## ମା'ବାପାଙ୍କ ପରେ ଝିଅ ଅଙ୍ଗଦାନ ଅଭିଯାନରେ ସାମିଲ

ବାଲିଆ,୧୧(ସ୍ୱ.ପ୍ର.)

ବିରିଡି ବ୍ଲକ ଅଲାଣ୍ଡ ଗ୍ରାମର ସମାଜିକ କର୍ମୀ ପ୍ରତିମା ମହାରଣା ଓ ସ୍ୱାମୀ ମନୋରଞ୍ଜନ ଓଝା ଗତବର୍ଷ ଅଙ୍ଗଦାନ ଅଭିଯାନରେ ସାମିଲ ହୋଇ ଅନ୍ୟମାନଙ୍କ ପାଇଁ ଉଧାହରଣ ସୃଷ୍ଟି କରିଥିଲେ। ତାଙ୍କ ଏକ ମାତ୍ର ଝିଅ ପାୟଲ ପ୍ରିୟଦର୍ଶନୀ ଏବେ ଏହି ଅଭିଯାନରେ ସାମିଲ ହୋଇଛନ୍ତି। ଏନେଇ ପାୟଲ କଟକ ସ୍ଥିତ ବଡି ଆଣ୍ଡ ଅର୍ଗାନ ଡୋନେଶନ ସୋସାଇଟି ଅଫ ଇଣ୍ଡିଆ (ଓଡିଆଇ)ର ଓଡିଶା ଶାଖାର ସଭାପତି ଡ.ପ୍ରଭାସ ଆଚାର୍ଯ୍ୟଙ୍କ ନିକଟରେ ପହଞ୍ଚି ଅଙ୍ଗଦାନ କରିବାକୁ ଜଣାଇଛନ୍ତି। ଏଥିପାଇଁ ତାଙ୍କୁ ଆଚାର୍ଯ୍ୟ ଏକ ପ୍ରମାଣପତ୍ର ଓ କାର୍ଡ ପ୍ରଦାନ କରିଥିଲେ। ପାୟଲ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀ ହୋଇଥିବାବେଳେ ଏଭଳି ମହତ କାର୍ଯ୍ୟ ପାଇଁ ପ୍ରଶଂସିତ ହୋଇଛନ୍ତି।

## ଖବରକାଗଜ ବିତରକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ

ପାରାଦୀପ,୧୧(ସ୍ୱ.ପ୍ର.)

ପାରାଦୀପ ଖବରକାଗଜ ବିତରକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଓ ନୂଆବର୍ଷ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମଧୁବନ ଶ୍ରମିକ ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ବିତରକମାନଙ୍କ ଏକତା ଯଥାର୍ଥ ବୋଲି କହିଥିଲେ। ଏଥିସହ ନୂତନ ସଭାପତି ହୋଇଥିବା ପ୍ରଦୀପ କୁମାର ଜେନାଙ୍କୁ ଆଇନଜୀବୀ ସଞ୍ଜୟ ମିଶ୍ର ଶପଥପାଠ କରାଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିତରକ ଓ ପାରାଦୀପର ଖବରଦାତାମାନେ ସାମିଲ ହୋଇଥିଲେ।

# ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଶୁଭାରମ୍ଭ

ଜଗତ୍‌ସିଂହପୁର ଅଫିସ, ୧୧

ଜଗତ୍‌ସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୨୦ନଂ. ୱାର୍ଡରେ ମକୁନ୍ଦପୁରଠାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଶନିବାର ଶୁଭାରମ୍ଭ ହୋଇଛି। ଏଥିରେ ନିୟୋଜିତ ଡାକ୍ତର ଓ କର୍ମଚାରୀମାନେ ୨୦ରୁ ଅଧିକ ମହିଳା ଓ ପୁରୁଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ଦେଇଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲିଙ୍କ ସମେତ ଜିଲାପାଳ ପାରୁଲ ପଟୱାରୀ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶତ୍ରୁଘ୍ନ ଦାଶ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରମୋଦ କୁମାର ବାରିକ, ଏଡିଏମ୍‌ଓ (ମେଡିକାଲ) ଡା. ନିମାଇଁ ଚରଣ ନାୟକ, ଡା. ଅଜୟ କୁମାର ସ୍ୱାଇଁ, ଜିଲା ଆକାଉଣ୍ଟସ୍ ମ୍ୟାନେଜର ନିଳମାଧବ ରଥ, ଡେପୁଟି ମ୍ୟାନେଜର ସୁକାନ୍ତ ପ୍ରଧାନ, ଡିଡିଏମ୍ ଜ୍ୟୋତିରଞ୍ଜନ ପରିଡ଼ା, ଆସିଷ୍ଟାଣ୍ଟ ଇଞ୍ଜିନିୟର ଚନ୍ଦନ କୁମାର ସାହୁ, ଭିବିଡି କନ୍‌ସଲଟାଣ୍ଟ ଅସିତ କୁମାର ଦାଶ, ସହରାଞ୍ଚଳ ସ୍ୱାସ୍ଥ୍ୟ ପରିଚାଳିକା ମମତା ଦାଶ ଓ ସହକାରୀ ପରିଚାଳକ ସ୍ୱସ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ଦିର, ପର୍ଯ୍ୟଟନ ସ୍ଥଳରେ ଲୋକଙ୍କ ଭିଡ଼

## ଇଂଲିଶ୍ ନୂଆ ବର୍ଷ ୨୦୨୩କୁ ସ୍ୱାଗତ

ଜଗତ୍‌ସିଂହପୁର ଅଫିସ, ୧୧

ଇଂଲିଶ୍ ନୂଆବର୍ଷ ୨୦୨୩ ଲୋକଙ୍କ ଭିତରେ ନୂଆ ଆଶା ଓ ଉତ୍ସାହ ଭରି ଦେଇଛି। ବିଶେଷକରି ଚଳିତ ନୂଆବର୍ଷ ହିନ୍ଦୁ ପରମ୍ପରା ଅନୁଯାୟୀ ଶାମ୍ବ ଦଶମୀରୁ ଆରମ୍ଭ ହୋଇଥିବାରୁ ସକାଳୁ ଲୋକେ ଜିଲାର ବିଭିନ୍ନ ଦେବଦେବୀ ମନ୍ଦିରରେ ଭିଡ ଜମାଇଥିଲେ। ପରିବାରର ସୁଖ ଓ ସମୃଦ୍ଧି ପାଇଁ ପୂଜାପାଠ ସାଙ୍ଗକୁ ପିଠାପଣା ଆଦି ସୁସ୍ୱାଦୁ ଖାଦ୍ୟ କରି ଖୁସି ମନାଇଛନ୍ତି। ଜିଲାର ଅଧିଷ୍ଠାତ୍ରୀ ଦେବୀ ମା'ଶାରଳା ଓ ଗୋରେଖନାଥ ଆଦି ପୀଠରେ ସକାଳୁ ଜନଗହଳି ଦେଖିବାକୁ ମିଳିଥିଲା। ଏଥିସହ ଜିଲା ମୁଖ୍ୟାଳୟରେ ଥିବା ଗୋପାଳଜୀଉ ମନ୍ଦିର, ସୋମନାଥ ମନ୍ଦିର, ମାର୍କଣ୍ଡେଶ୍ୱର ମନ୍ଦିର, ସାଇ ମନ୍ଦିର, ବାରଙ୍ଗ ଜଗନ୍ନାଥ ମନ୍ଦିର, ବରାହୀ ମନ୍ଦିର ଓ ଦୁର୍ଗା ମନ୍ଦିର ଆଦିରେ ଭିଡ ଜମିଥିଲା। ବିଜେଡି, ଭାଜପା ଓ କଂଗ୍ରେସ ରାଜନେତାମାନଙ୍କ କାର୍ଯ୍ୟାଳୟରେ ଦଳୀୟ ନେତା ଓ କର୍ମୀମାନଙ୍କ ସମାଗମ ହୋଇଥିଲା। ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ସେମାନଙ୍କ ତଳପଦସ୍ଥ କର୍ମଚାରୀମାନେ ଅଭିନନ୍ଦନ ଜଣାଇଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ନେତାମାନେ ଏହାକୁ ଏକ ପର୍ବ ଭାବରେ ପାଳନ କରିଛନ୍ତି। ମୋଟାମୋଟି ଭାବରେ କହିବାକୁ ଗଲେ ରାଜନୈତିକ ପରିବେଶ ବେଶ୍ ଚଳଚଞ୍ଚଳ ହୋଇପଡିଛି। ପୋଷ୍ଟର, ବ୍ୟାନର ସମେତ ହ୍ୱାଟ୍ସଆପ୍ ଓ ଫେସବୁକ୍ ଆଦି ସାମାଜିକ ଗଣମାଧ୍ୟମ ଜରିଆରେ ମଧ୍ୟ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି। ଫୁଲ ଦୋକାନୀମାନେ କୋଭିଡ୍ ମହାମାରୀ ସମୟରେ ଯେଉଁଭଳି ନିରାଶ ହୋଇଥିଲେ ଚଳିତବର୍ଷ କିନ୍ତୁ ସେମାନଙ୍କ ମନରେ ହରସ ଦେଖିବାକୁ ମିଳିଛି। ଶନିବାର ରାତିରେ ଲୋକେ ଭୋଜି ସାଙ୍ଗକୁ ଜିରୋ ନାଇଟ୍ ସେଲିବ୍ରେସନ୍ କରିଥିଲେ। ନୂଆବର୍ଷ ଉପଲକ୍ଷେ ଧଳତଙ୍ଗଗଡ଼ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ, ସିଆଳି, ପାରାଦୀପ ସମୁଦ୍ରକୂଳ ସମେତ ଜିଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକମାନଙ୍କ ଭିଡ ଜମିଛି।







ନୂଆବର୍ଷ ଉପଲକ୍ଷେ କେରେକେରାସ୍ଥିତ ଗୋରେଖନାଥ ପୀଠ, ଧାନକୁଦସ୍ଥିତ ଜଗନ୍ନାଥ ମନ୍ଦିର ଓ ଝଙ୍କଡ଼ସ୍ଥିତ ମା' ଶାରଳାଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଛି।

# ଭଣ୍ଡାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଶରଣକୁଳ,୧।୧(ଡି.ଏନ.ଏ.)

ରବିବାର ଶରଣକୁଳ ଭଣ୍ଡାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଶରଣକୁଳ ଅଞ୍ଚଳର ୧୫ ସ୍କୁଲର ଛାତ୍ରୀଛାତ୍ର ବିଭିନ୍ନ ନୃତ୍ୟ,ସଙ୍ଗୀତ,ନାଟକ ପରିବେଷଣ କରିଥିଲେ । ଶିଶୁ କଳାକାରମାନଙ୍କ କଳାରେ ଦର୍ଶକମାନେ ବହୁ ସମୟ ପର୍ଯ୍ୟନ୍ତ ମହୋତ୍ସବ ମଞ୍ଚ ନିକଟରେ ବାନ୍ଧି ହୋଇ ରହିଥିଲେ । ମୁଖ୍ୟଅତିଥି ଭାବେ ଭାଜପାର ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ଏବଂ ସମ୍ମାନୀତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସୁରମା ପାଢୀ ଯୋଗଦେଇ ଶରଣକୁଳ ଏକ ଐତିହାସିକ ସ୍ଥାନ ଏବଂ ପ୍ରଭୁ ଲଡୁବାବାଙ୍କ କ୍ଷେତ୍ର ହୋଇଥିବାରୁ ଏଠାରେ ଭକ୍ତମାନେ ସଦାସର୍ବଦା ଦର୍ଶନ କରିବାକୁ ଆସି ସାନିଧ୍ୟ ଲାଭ କରିଥାନ୍ତି। ବିଶିଷ୍ଟ ସାହିତିକ ପଣ୍ଡିତ ବିନାୟକ ମିଶ୍ର ଏବଂ କବି ସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ସମେତ ବହୁ ପଣ୍ଡିତ,ସାହିତିକ ଏହି ମାଟିରେ ଜନ୍ମ ଗ୍ରହଣ କରି ଶରଣକୁଳର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିଛନ୍ତି ବୋଲି ଅତିଥିମାନେ କହିଥିଲେ । ଏହି ମହୋତ୍ସବରେ ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, ଗୋଡିପଡ଼ା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ, ପୂର୍ବତନ ଜିଲା ପରିଷଦ ସଭ୍ୟ ମଦନ ନନ୍ଦ ଉପସ୍ଥିତ ଥିଲେ । ମହୋତ୍ସବର ସମ୍ପାଦକ ରବିନ୍ଦ୍ର ମହାପାତ୍ର, ସହ ସମ୍ପାଦକ ବଳଭଦ୍ର ସ୍ୱାଇଁ, କୋଷାଧକ୍ଷ ରବିନ୍ଦ୍ର ଚୌଧୁରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ମହୋତ୍ସବ ଅନୁଷ୍ଠିତ ହୋଇଥିଲା ।



ଭଣ୍ଡାର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଶ୍ରୀଜୀଉଙ୍କ ଚିତ୍ର ଗୀତି ଶତକ ପୁସ୍ତକ ଲୋକାର୍ପିତ

ନୟାଗଡ଼ ଅଫିସ,୧।୧

ଶ୍ରୀଜଗନ୍ନାଥ ଚିତ୍ର ଗୀତି ଶତକ ପୁସ୍ତକ କାଳିଆ କଳା ନବବର୍ଷ ୨୦୨୩ର ପୂର୍ବାହ୍ନରେ ଲୋକାର୍ପିତ ହୋଇଛି । ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ପ୍ରେମୀ ଉପସ୍ଥିତ ଥିଲେ । ଏହି ପୁସ୍ତକରେ ଜଗନ୍ନାଥଙ୍କ ବିଭିନ୍ନ ବେଶର ୧୦୪ ଫଟୋ ସହ ପ୍ରତ୍ୟେକ ବେଶକୁ ନେଇ ଶ୍ଳୋକ ସ୍ଥାନିତ କରାଯାଇଛି । ଲୋକାର୍ପିତ ଉତ୍ସବରେ ମୁଖ୍ୟ ଉଦ୍ୟୋକ୍ତା ପ୍ରମୋଦ ପଟ୍ଟନାୟକ, ନାଟ୍ୟ ଭୂଷଣ ବିଜୟ ଚୌଧୁରୀ, ଅବସର ପ୍ରାପ୍ତ ଶିକ୍ଷକ ଗୋଦାବରିଶ ମିଶ୍ରଙ୍କ ସମେତ ନୟାଗଡ଼ କଲେଜର ଅଧକ୍ଷ ସୁରେଶ କୁମାର ପ୍ରଧାନ, ପ୍ରଫେସର ଗୋବିନ୍ଦ ଚନ୍ଦ୍ର ଦାଶ ଓ କୈଳାଶ ବାଣ୍ଡ, ସିପିଆଇ(ଏମ) ନେତା ବିଶ୍ୱନାଥ ମହାପାତ୍ର, ଆଇନଜିବୀ ରଣଜିତ୍ ଦାଶ, ମନୋରଞ୍ଜନ ମହାପାତ୍ର, ପ୍ରତାପ ନନ୍ଦ, ଚନ୍ଦ୍ର ବିଜୟୀ ମିଶ ଓ ପ୍ରତାପ ନନ୍ଦ, ସାମାଜିକ କର୍ମୀ ଦାମୋଦର ସାହୁ ପ୍ରମୁଖ ସାମିଲ ଥିଲେ ।



ପୁସ୍ତକ ଉନ୍ମୋଚନ ଉତ୍ସବରେ ଯୋଗ ଦେଇଥିବା ଅତିଥି।

## ସଂକ୍ଷେପରେ

### ଦାରିଙ୍ଗବାଡ଼ି: ସନ୍ଧ୍ୟା ଯାଏ ରହିଲା ଗହଳି

ଦାରିଙ୍ଗବାଡ଼ି,୧।୧(ଡି.ଏନ.ଏ)- ଦାରିଙ୍ଗବାଡ଼ିର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ରବିବାର ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ପାଟାବାନ୍ଧା ଜଳପ୍ରପାତ ସମେତ ମିଡ଼ିୟୁବାନ୍ଧା ଜଳପ୍ରପାତ, ଲଭର୍ସ ପଏଣ୍ଟ, ହିଲଭିୟୁ ପାର୍କ, କଫି ବଗିଚା, ନେଚର ପାର୍କ ଆଦି ଅଞ୍ଚଳରେ ହଜାର ସଂଖ୍ୟାରେ ପର୍ଯ୍ୟଟକ ଭିଡ଼ ଜମାଇଥିଲେ । ଡୁଲୁରୀ ପାଇନ ବଣ ଓ ଲଭର୍ସ ପଏଣ୍ଟରେ ପର୍ଯ୍ୟଟକ ବଣଭୋଜି କରି ନୂତନ ବର୍ଷକୁ ସ୍ୱାଗତ କରିଥିଲେ । ଦାରିଙ୍ଗବାଡ଼ିର ବଣ ଜଙ୍ଗଲଘେରା ପ୍ରଦୂଷଣ ମୁକ୍ତ ଅଞ୍ଚଳକୁ ପର୍ଯ୍ୟଟକମାନେ ପସନ୍ଦ କରିଛନ୍ତି। ସେହିପରି ଇକୋ ରିଟ୍ରିଟରେ ମଧ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସି ରାତ୍ରିଯାପନ କରି ସେଠାକାର ସୌନ୍ଦର୍ଯ୍ୟ ଓ ପରିବେଶକୁ ପ୍ରଶଂସା କରିଛନ୍ତି।

### ନବବର୍ଷରେ ତାରାତାରିଣୀ ପୀଠ ଲୋକାରଣ୍ୟ

**ପୁରୁଷୋତ୍ତମପୁର,୧।୧(ଡି.ଏନ.ଏ.):** ନୂତନବର୍ଷ ଅବସରରେ ଗଞ୍ଜାମ ଜିଲାର ପ୍ରସିଦ୍ଧ ଇଷ୍ଟଦେବୀ ମା' ତାରା ତାରିଣୀଙ୍କ ପୀଠରେ ପ୍ରବଳ ଜନସମାଗମ ହୋଇଥିଲା। ମାଙ୍କୁ ରାଜରାଜେଶ୍ୱରୀ ଆବେଶରେ ସଜ୍ଜିତ କରାଯାଇ ସକାଳ ୪.୩୦ରୁ ମନ୍ଦିରରେ ସାହାଣ ମେଳା ହୋଇ ମା' ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ପର୍ଯ୍ୟଟକମାନେ ମା'ଙ୍କୁ ଦର୍ଶନ କରିବା ସାଙ୍ଗକୁ ପ୍ରାକୃତିକ ମନୋରମ ଦୃଶ୍ୟ ଉପଭୋଗ କରି ପାହାଡ ପାଦଦେଶରେ ଥିବା ଜଙ୍ଗଲରେ ବଣଭୋଜି କରି ମଜା ନେଇଥିଲେ। ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ସାମଲ ଓ ଆଇଆଇସି ପ୍ରିୟୁଷ ରଞ୍ଜନ ଛୋଟରାୟଙ୍କ ସମେତ ପୋଲିସ ଫୋର୍ସ ମୁତୟନ ରହି ଆଇନ ଶୃଙ୍ଖଳା ଓ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ କରିଥିଲେ।

### 'ଅଳି' ପୁସ୍ତକ ଉନ୍ମୋଚିତ

**ପାତ୍ରପୁର,୧।୧(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ବୁରୁପଡ଼ା ଭାଗବତ ଟୁଙ୍ଗି ପ୍ରାଙ୍ଗଣଠାରେ ଜାଡ଼ି ପ୍ରଧାନଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ପାଳନ ଅବସରରେ କବି ତ୍ରିପତି ପ୍ରଧାନଙ୍କ ଦ୍ୱାରା ରଚିତ ପୁସ୍ତକ 'ଅଳି' ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁଦୀପ୍ତ କୁମାର ପଟ୍ଟନାୟକ ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟବକ୍ତା ଭାବେ ମାନସ କସ୍ତୁରୀ ଗଣେଶ ପ୍ରସାଦ ପଣ୍ଡା ଯୋଗଦେଇ ଅଭିଭାଷଣ ପ୍ରଦାନ କରିଥିଲେ। ଉପସଭାପତି ଶଶାଙ୍କ କୁମାର ପ୍ରଧାନ, ସାହିତ୍ୟ ସମ୍ପାଦକ ଦଣ୍ଡାସି ପ୍ରଧାନ, କାହ୍ନୁ ଚରଣ ପ୍ରଧାନ, ରଞ୍ଜନ କୁମାର ବ୍ରହ୍ମା ଓ ମୁରଲୀ ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି ଅଭିଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ମାଧବ ବାଡ଼ତ୍ୟା ପରିଚାଳନା କରିଥିଲେ।

### ଅସହାୟଙ୍କୁ ଖାଦ୍ୟ, କମ୍ବଳ ବଣ୍ଟନ

**ଫୁଲବାଣୀ ଅଫିସ, ୧।୧:** ନୂତନ ବର୍ଷ ଉପଲକ୍ଷେ କନ୍ଧମାଳ ସ୍ୱଇଚ୍ଛା ସେବା ସମିତି ପକ୍ଷରୁ ସହରରେ ବସବାସ କରୁଥିବା ଅସହାୟ ବୃଦ୍ଧାବୃଦ୍ଧ, ଗରିବମାନଙ୍କୁ ରନ୍ଧାଖାଦ୍ୟ ଓ କମ୍ବଳ ବଣ୍ଟାଯାଇଛି । ସଂଘ ସଭାପତି ଭବାନୀଶଙ୍କର ହଂସ, କୃତିଦୀପନ ଭୋଇ, ସୁନୀଲ ଦିଗାଲ, ସରୋଜ ସାହୁଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ସଂଗଠନର କାର୍ଯ୍ୟକୁ ସବୁଠି ପ୍ରସଂଶା କରାଯାଇଛି ।

# ଯୋଗୀଯୋଗିଆଣୀ ପୀଠରେ ସାଧୁ ମେଳା



ଯୋଗୀଯୋଗିଆଣୀ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଖଣ୍ଡପଡ଼ା,୧।୧(ସ୍ୱ.ପ୍ର.)

ରବିବାର ନବବର୍ଷର ପ୍ରଥମ ଦିନରେ ନୟାଗଡ଼ ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ତଥା ଏକମାତ୍ର ବୌଦ୍ଧ ପୀଠରୂପେ ପରିଚିତ ଖଣ୍ଡପଡ଼ା ବ୍ଲକ୍ ଅଧୀନ କୋସକା ପଞ୍ଚାୟତର ରାମଚନ୍ଦ୍ରପୁର ଓ ଅଁଳାପଟ୍ଟା ସନ୍ନିକଟ ଯୋଗୀଯୋଗିଆଣୀ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ସାଧୁସନ୍ଥ ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସାଧୁ ପ୍ରକାଶ ଚନ୍ଦ୍ରଦାସଜୀ ମହାରାଜଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମେଳାରେ ଆଖପାଖ ମୌଜାରୁ ୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଉକ୍ତ ପୀଠରେ ନବମ ଓ ଦଶମ ଶତାବ୍ଦୀର ୪ ବୌଦ୍ଧ ମୂର୍ତ୍ତି ପୂଜା ପାଉଛନ୍ତି । ଓଡ଼ିଶାର ବିଭିନ୍ନ ସ୍ଥାନରୁ ୬୦ରୁ ଊର୍ଦ୍ଧ୍ୱ ସାଧୁସନ୍ଥ ଏହି ମେଳାରେ ଯୋଗଦେଇଥିଲେ। ଏହି ଅବସରରେ ଅନ୍ନଦାନ, ପୂଜାର୍ଚ୍ଚନା, ନାମଯଜ୍ଞ ସହ ସଂସାରର ମଙ୍ଗଳ ନିମନ୍ତେ ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଆଞ୍ଚଳିକ ଯୁବଛାତ୍ର ସଙ୍ଗଠନ କର୍ମକର୍ତ୍ତା ଓ ଯୋଗୀଯୋଗିଆଣି ଉନ୍ନୟନ ପରିଷଦ ସଦସ୍ୟଙ୍କ ମିଳିତ ସହଯୋଗରେ ସାଧୁମେଳା ସୁଚାରୁ ରୂପେ ସମ୍ପନ୍ନ ହୋଇଥିଲା । ଏଥିରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ଉକ୍ତ ପୀଠର ଉନ୍ନତି ଦିଗରେ ଉଦ୍ୟମ କରିବେ ବୋଲି କହିଥିଲେ । ସାଧୁସନ୍ଥଙ୍କ ମେଳା ପାଇଁ ଘଞ୍ଚ ବନାନୀ ଓ ପାହାଡର ପାଦ ଦେଶ ଉତ୍ସବମୁଖର ହୋଇ ଉଠିଥିଲା ।

# ଶୀତକାଳୀନ ଶିବିର ଉଦ୍‌ଯାପିତ

ନୟାଗଡ଼ ଅଫିସ,୧।୧

ନୟାଗଡ଼ ବ୍ଲକର ହରିପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୨୫ରୁ ଆରମ୍ଭ ହୋଇଥିବା ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସ୍ୱତନ୍ତ୍ର ଶୀତକାଳୀନ ଶିବିର ଶନିବାର ଉଦ୍‌ଯାପିତ ହୋଇଛି । ଶିବିରାର୍ଥୀମାନେ କୋଭିଡ୍ ସଚେତନତା କାର୍ଯ୍ୟକ୍ରମ, ସ୍ୱଚ୍ଛ ଭାରତ ଅଭିଯାନରେ ମନ୍ଦିର, ନଳକୂପ, ପୋଖରୀ ସଫେଇ, ଆଜାଦ୍‌କୀ ଅମୃତ ମହୋତ୍ସବ, ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଉପରେ ସଚେତନତା ସୃଷ୍ଟି କରାଇଥିଲେ । ମହାବିଦ୍ୟାଳୟ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଶୋକ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ହରିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତି ଦେଇ, ଅଧକ୍ଷ ସୁରେଶ କୁମାର ମହାପାତ୍ର, ଅଧାପକ ଆଦିତ୍ୟ କୁମାର ଦାଶ, କେଶବ ଚନ୍ଦ୍ର ରାଉତରାୟ ଓ ରାଜ କିଶୋର ପାତ୍ର ପ୍ରମୁଖ ଯୋଗଦେଇ ଥିଲେ । ସସ୍ମିତା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



ଶୀତକାଳୀନ ଶିବିରରେ ଯୋଗଦେଇଥିବା ଶିବିରାର୍ଥୀ।

# ସରକାରୀ ଦରରେ ଧାନ କିଣିବା ପାଇଁ ଦାବିପତ୍ର

ଗଞ୍ଜାମ,୧।୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକରେ ପଞ୍ଜିକୃତ ଚାଷୀଙ୍କ ଧାନ ସରକାରୀ ଦରରେ କିଣିବା ପାଇଁ ଋଷିକୁଲ୍ୟା ରୟତ ମହାସଭା ତରଫରୁ ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ପୃଥକ ଭାବେ ଦାବିପତ୍ର ପ୍ରଦାନ କରାଯାଇଛି । ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତ୍ୟେକ ରାଜସ୍ୱ ଗ୍ରାମରେ ଧାନ କିଣା କେନ୍ଦ୍ର ଖୋଲି ଧାନ ନିୟମିତ କିଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ, ଚାଷୀଙ୍କ ଅଖା ଟଙ୍କା ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଉ, ଏଫଏକ୍ୟୁ ନାମରେ କଟନି ଛଟନି ବନ୍ଦ କରାଯାଉ, ପ୍ରତି ଗ୍ରାମରେ ଚାଷୀ କମିଟି ଗଠନ କରି ତାଙ୍କ ପରାମର୍ଶରେ ଧାନ କିଣାଯାଉ, ପ୍ରତି ସୋସାଇଟି ଓ ଗ୍ରୁପରେ ପାନୀୟ ଜଳ, ଜରି ପାଲ, ଗ୍ରେଡିଙ୍ଗ ଓଜନ ମେସିନ ଏବଂ ଗୋଦାମ ଗୃହର ବ୍ୟବସ୍ଥା କରିବାକୁ ବାଧ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି ।

# ୨୫ରୁ କନ୍ଧମାଳ ମହୋତ୍ସବ
## ଭାଗ ନେବାକୁ ଜୋରଦାର ଲବି

ଫୁଲବାଣୀ ଅଫିସ, ୧।୧

ଆସନ୍ତା ୨୫ ତାରିଖରୁ କନ୍ଧମାଳ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଆରମ୍ଭ ହେବ । ଏହାକୁ ନେଇ ବିଭିନ୍ନ କମିଟି ଗଠନ କରାଯାଇ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ବୈଠକ ବସୁଛି । ହେଲେ କେତେକ ଅନୁଷ୍ଠାନ ଏଥିରେ ସଭ୍ୟ ରହି ସେମାନଙ୍କ ସାଂସ୍କୃତିକ ଦଳ କିପରି ଭାଗନେବ, ତାହାକୁ ନେଇ ଲବି ଆରମ୍ଭ କରି ଦେଇଛନ୍ତି। ନିର୍ଦ୍ଦିଷ୍ଟ ୨/୩ଟି ସାଂସ୍କୃତିକ ଦଳ ଜୁନିୟର, ସିନିୟର ଗ୍ରୁପ କରି ସରକାରୀ ଅର୍ଥ ହରିଲୁଟ କରିବା ପାଇଁ ମସୁଧା ଚଳାଇଛନ୍ତି। ସେମାନେ ଜିଲାର କେତେଜଣ ଅଫିସରଙ୍କୁ ଧରି କିପରି ତାଙ୍କ ଦଳ ଭାଗ ନେବ ସେଥିପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ଫଳରେ ଜିଲାରେ ଆହୁରି ଅନେକ ଭଲ ଅନୁଷ୍ଠାନ ଥିଲେ ମଧ ସେମାନେ ଭାଗ ନେବା ନେଇ ପ୍ରଶ୍ନ ଉଠିଛି । ଗୋଟିଏ ସାଂସ୍କୃତିକ ପ୍ରୋଗ୍ରାମ ପାଇଁ ୫୦୦୦ ଟଙ୍କା ବ୍ୟବସ୍ଥା ରହିଛି। କିଛି ନିର୍ଦ୍ଦିଷ୍ଟ ଗ୍ରୁପ ଜୁନିୟର, ସିନିୟର ବିଭାଗ କରି ଅତିକମରେ ୫ଟି ପ୍ରୋଗ୍ରାମ କରିବାକୁ ଲବି କରିଛନ୍ତି। ଉପଯୁକ୍ତ ଦକ୍ଷତା ନ ଥାଇ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଭାଗ ନେବା ହାସ୍ୟାସ୍ପଦ ଛଡା ଆଉ କିଛି ନୁହେଁ ବୋଲି ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି।

# ବୀର ଚକରା ବିଷୋୟୀଙ୍କ ୨୦୦ତମ ଜୟନ୍ତୀ

ଭଞ୍ଜନଗର,୧।୧(ଡି.ଏନ୍.ଏ.)

ଘୁମୁସର ମାଟିର ମହାନ ବିପ୍ଳବୀ ବୀର ଚକରା ବିଷୋୟୀଙ୍କ ୨୦୦ତମ ଜୟନ୍ତୀ ରବିବାର ସନ୍ଧ୍ୟାରେ ସ୍ଥାନୀୟ ବାଇପାସ ଛକରେ ପାଳିତ ହୋଇଯାଇଛି। ୧୭୫୩ରେ ଫରାସୀମାନଙ୍କ ବିରୋଧରେ ପ୍ରଥମେ ଘୁମୁସର ବିଦ୍ରୋହ ଆରମ୍ଭ ହୋଇଥିଲା। ଏହି ଆନ୍ଦୋଳନ ୧୭୬୭ ପର୍ଯ୍ୟନ୍ତ ଚାଲିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ବ୍ରିଟିଶମାନଙ୍କ ବିରୋଧରେ ୧୭୬୭ରୁ ୧୮୫୬ ପର୍ଯ୍ୟନ୍ତ ଆନ୍ଦୋଳନ ହୋଇଥିଲା। ସେଥିମଧ୍ୟରେ ଶେଷ ଯୋଦ୍ଧା ଭାବେ ଚକରା ବିଷୋୟୀ ୧୮୩୬ ରୁ ୧୮୫୬ ପର୍ଯ୍ୟନ୍ତ ବ୍ରିଟିଶ ଶାସକଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ଏହାପରେ ୧୮୫୭ରେ ସିପାହୀ ବିଦ୍ରୋହ ଆରମ୍ଭ ହୋଇଥିଲା। ଏହା ପୂର୍ବରୁ ଚକରା ବିଷୋୟୀ କେଉଁ ଆଡ଼େ ଉଭାନ ହୋଇଗଲେ। ଚକରା ବିଷୋୟୀ ଭଞ୍ଜ ରାଜବଂଶର ସୁରକ୍ଷା ପାଇଁ ବ୍ରିଟିଶମାନଙ୍କ ବିରୋଧରେ ଲଢେଇ କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କହିଥିଲେ। ଘୁମୁସର ବିଦ୍ରୋହକୁ ପ୍ରଥମ ଆନ୍ଦୋଳନ ଭାବେ ଘୋଷଣା କରିବା ପାଇଁ କିଛି ବକ୍ତା ଦାବି କରିଛନ୍ତି। ଆୟୋଜିତ ସଭାରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଜ୍ୟୋତି ଶଙ୍କର ରାୟ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ବ୍ଲକ ଉପାଧକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ସାଂସଦ ପ୍ରତିନିଧି ପଞ୍ଚାନନ ପାଳ, ଅବସରପ୍ରାପ୍ତ ପ୍ରାଧାପକ କୃତିବାସ ବିଶାଳ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ।



ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଉଦବୋଧନ ଦେଉଛନ୍ତି।

# ନୂଆବର୍ଷରେ ବିଜୁ ପାର୍କରେ ଭିଡ଼

## ବାସଭବନରେ ବାଚସ୍ପତିଙ୍କୁ ଅଭିନନ୍ଦନ ଜଣାଇଲେ

ଭଞ୍ଜନଗର,୧।୧(ଡି.ଏନ୍.ଏ.)

ନୂତନ ବର୍ଷର ପ୍ରଥମ ଦିନ ରବିବାର ଭଞ୍ଜନଗର ଅଞ୍ଚଳର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ହଜାର ହଜାର ଲୋକଙ୍କ ଭିଡ଼ ଜମିଥିଲା। କେଉଁଠି ଭୋଜିଭାତ ଓ କେଉଁଠି ନାଚଗୀତର ଆସର ଚାଲିଥିଲା। ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ଏବଂ ନିକଟରେ ଥିବା ବେଲେଶ୍ୱର ପୀଠରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଭିଡ ନିୟନ୍ତ୍ରଣ କରିବା ପାଇଁ ଭଞ୍ଜନଗର ପୋଲିସ ଏବଂ ବିଡେକା କର୍ମଚାରୀ ସହଯୋଗ କରିଥିଲେ। ସେହିପରି ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଅଗଝୋଳସ୍ଥିତ ତାଙ୍କ ବାସଭବନରେ ସକାଳୁ ଅପରାହ୍ନ ପ୍ରାୟ ୨ଟା ପର୍ଯ୍ୟନ୍ତ ଶୁଭେଚ୍ଛୁମାନେ ଭିଡ ଜମାଇଥିଲେ। ଜିଲା ଏବଂ ଜିଲା ବାହାରୁ ଶୁଭେଚ୍ଛୁମାନେ ଆସିଥିଲେ। ପୋଲିସ ପକ୍ଷରୁ ଭିଡ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା।



ବାଚସ୍ପତିଙ୍କୁ ଅଞ୍ଚଳବାସୀ ଅଭିନନ୍ଦନ ଜଣାଉଛନ୍ତି।

# ବିଜେଡି ପକ୍ଷରୁ ଜିରୋ ନାଇଟ୍ କାର୍ଯ୍ୟକ୍ରମ

ଆସିକା, ୧।୧ (ଡି.ଏନ୍.ଏ.)

ଆସିକା ଟାଉନହଲ୍ ପଡ଼ିଆରେ ଶନିବାର ରାତିରେ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳି ବିଜୁ ଜନତା ଦଳ ପକ୍ଷରୁ ନବବର୍ଷକୁ ସ୍ୱାଗତ ଜଣାଇ ଜିରୋ ନାଇଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସଙ୍ଗୀତ ଆସର ସହିତ କେକ୍ କାଟି ନୂଆ ବର୍ଷକୁ ସ୍ୱଗତ କରାଯାଇଥିଲା । ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବ୍ଲକ ଅଧକ୍ଷା ତ୍ରିବେଣୀ ନାହାକ, ଏନଏସି ଅଧକ୍ଷା ବିନେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ସତ୍ୟନାରାୟଣ ସ୍ୱାଇଁ, ଦିଲ୍ଲୀପ ପାଣିଗ୍ରାହୀ, ମନୋଜ ଦୋରା, ଅଭିମନ୍ୟୁ ନାହାକଙ୍କ ସମେତ ବହୁ ସରପଞ୍ଚ ଓ ସମିତିସଭ୍ୟ ସାମିଲ ଥିଲେ ।



ନୂଆବର୍ଷ କେକ୍ କାଟିବା ଅବସରରେ ଏମ୍‌ପି. ଓ ବିଧାୟିକା।

# ଇକୋ ପାର୍କ ଖୋଲିବାକୁ ଅପେକ୍ଷା

ଜି.ଉଦୟଗିରି,୧।୧(ଡି.ଏନ୍.ଏ.)

ଜି.ଉଦୟଗିରି ସହରରେ ଚଳିତ ବର୍ଷ ଶୀତ ଲୁଚକାଳି ଖେଳିବା ପରି ମନେହେଉଛି। ରବିବାର ସର୍ବନିମ୍ନ ତାପମାତ୍ରା ୧୩ ଡିଗ୍ରୀ ରହିଥିବା ବେଳେ ଶନିବାର ୭.୪ ଡିଗ୍ରୀ ରହିଥିଲା। ଶୁକ୍ରବାର ୬ଡିଗ୍ରୀ ସେଲସିୟସ ରହିଥିଲା ବେଳେ ଗୁରୁବାର ତାପମାତ୍ରା ୧୨ ଡିଗ୍ରୀ ଥିଲା। ଦିନେ ଶୀତ ବଢୁଥିବା ବେଳେ ଦିନେ କମୁଛି। ଅନ୍ୟପଟେ ସିର୍କି ଇକୋ ପାର୍କ ସର୍ବସାଧାରଣଙ୍କ ପାଇଁ ଖୋଲିବାରେ ବିଳମ୍ବ ହେଉଥିବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଇକୋ ପାର୍କ ଭିତରେ କଟେଜ ନିର୍ମାଣ କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବ ଓ ଆୟର ପନ୍ଥା ବଢିବ। ଯା'ଫଳରେ ପାର୍କର ରକ୍ଷଣାବେକ୍ଷଣ ଠିକ ଭାବେ ହୋଇପାରିବ ବୋଲି ଅନେକ ଗାଇଡ କହୁଛନ୍ତି। ପାର୍କରେ ବୋଟିଙ୍ଗ ବ୍ୟବସ୍ଥା ରହିଛି କିନ୍ତୁ ଦୂରରୁ ଆସୁଥିବା ପର୍ଯ୍ୟଟକମାନେ ରହିବା ପାଇଁ କଟେଜ ବ୍ୟବସ୍ଥା ଓ ପାର୍କର ଉନ୍ନତିକରଣ ପାଇଁ ବନ ବିଭାଗର ଅନୁଦାନ ବୃଦ୍ଧି କରାଗଲେ ପାର୍କର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ। ୧ କୋଟି ୨୨ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ପାର୍କକୁ ଲୋକଙ୍କ ମନୋରଞ୍ଜନ କରିବା ପାଇଁ ଅଧିକ ଅର୍ଥ ଆବଶ୍ୟକ ବୋଲି ଉଦ୍ୟାନପ୍ରେମୀମାନେ କହୁଛନ୍ତି। ପାର୍କଟି ସର୍ବସାଧାରଣଙ୍କ ପାଇଁ ଅତିଶୀଘ୍ର ଖୋଲାଯିବ ବୋଲି ବନ ବିଭାଗ ଅଧିକାରୀ ମୀନାକ୍ଷି କୁମୁରା କହିଛନ୍ତି।




ଇକୋ ପାର୍କ

## ସଂକ୍ଷେପରେ

### ଟ୍ରେଲର ଧକ୍କାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ପାଣିକୋଇଲି,୧।୧(ଡି.ଏନ.ଏ.): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଶର୍ମା ପେଟ୍ରୋଲ ପମ୍ପ ଅନତୀ ଦୂରରେ ଶନିବାର ରାତିରେ ଏକ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଯାଜପୁର ସଦର ଥାନା ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ ଭଗତପୁର ଗ୍ରାମର ଜଗନ୍ନାଥ ସେଠୀ(୩୪)। ସେ ଏକ ବାଇକ୍ ନଂ.(ଓଡି-୦୪-ଏଫ-୭୬୩୨) ଯୋଗେ ଘରକୁ ଫେରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଘଟଣାସ୍ଥଳରେ ଏକ ଟ୍ରେଲର ନଂ.(ଟିଏନ୍-୩୭-ଡିଏଚ-୭୨୪୮)ତାଙ୍କୁ ଧକ୍କା ଦେବା ସହ ତାଙ୍କ ମୁଣ୍ଡ ଉପରେ ଚଢି ଯାଇଥିଲା। ଫଳରେ ସେଠାରେ ଜଗନ୍ନାଥଙ୍କ ମୃତ୍ୟୁ ହୋଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପରେ ବାଇକ୍ ଓ ଟ୍ରକକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି।

### ଡିଭାଇଡରରେ ପିଟି ହୋଇ ବାଇକ୍ ଚାଳକ ଗୁରୁତର

ପାଣିକୋଇଲି,୧।୧(ଡି.ଏନ.ଏ.): ପାଣିକୋଇଲି ଥାନା ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ରାଇସମିଲ ସମ୍ମୁଖରେ ରବିବାର ଅପରାହ୍ନରେ ଡିଭାଇଡରରେ ପିଟି ହୋଇ ଜଣେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳି ପାରିନାହିଁ। ସମ୍ପୃକ୍ତ ଯୁବକ ଯାଜପୁରରୋଡରୁ ବାଇକ ଯୋଗେ କୌଣସି କାର୍ଯ୍ୟରେ ପାଣିକୋଇଲି ଆଡେ ଆସୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରେ ପିଟି ହୋଇଥିଲେ। ଫଳରେ ସେ ସେଠାରେ ସଂଜ୍ଞାହୀନ ହୋଇ ପଡ଼ିଥିଲେ। ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ସଙ୍ଗଠନର ସଦସ୍ୟମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁରରୋଡ କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କେନ୍ଦୁଝର ଜିଲା ଆନନ୍ଦପୁରର ବୋଲି କୁହାଯାଉଛି।

### ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ନୂତନ ବର୍ଷ ପାଳିତ

କାଳିଆପାଣି,୧।୧(ଡି.ଏନ.ଏ.): କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ କମ୍ପାନୀ, ସଙ୍ଗଠନ ପକ୍ଷରୁ ନୂତନ ବର୍ଷ ପାଳିତ ହୋଇଛି। ଖଣି ଅଞ୍ଚଳରେ ଥିବା ଟାଟା ଷ୍ଟିଲ ମାଇନିଂ, ଫେକର ବେଦାନ୍ତ, ଇମ୍ଫା ଏବଂ ଓଏମ୍‌ସି ପକ୍ଷରୁ ନୂତନ ବର୍ଷ ପାଳନ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କର୍ମଚାରୀ ଓ ଶ୍ରମିକଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇଥିଲେ। କାଳିଆପାଣି ଶ୍ରମିକ ସଂଘ କାର୍ଯ୍ୟାଳୟରେ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସୁକିନ୍ଦା ପଞ୍ଚାୟତ ସମିତିର ୧୦ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଓ ମୁରବୀମାନେ ଯୋଗଦେଇ ପୂର୍ବତନ ଅର୍ଥମନ୍ତ୍ରୀ ଘଡ଼ାଇଙ୍କୁ ଫୁଲ ତୋଡା ଦେଇ ନୂତନ ବର୍ଷ ୨୦୨୩ ପାଇଁ ସ୍ୱାଗତ ଜଣାଇଥିଲେ। ପରେ ବିଭିନ୍ନ କମ୍ପାନୀ ପ୍ରତିନିଧି ଫୁଲ ତୋଡା ଅଭିନନ୍ଦନ ଜଣାଇଥିଲେ। କାର୍ଯ୍ୟକ୍ରମକୁ ସୁକିନ୍ଦା ବ୍ଲକ ପୂର୍ବତନ ଅଧକ୍ଷା ଭଗବତୀ ମହାନ୍ତ ପରିଚାଳନା କରିଥିଲେ। ବିଦ୍ୟାଧର ପାତ୍ର ସହଯୋଗ କରିଥିଲେ।

# ହକି ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶୀ ନାଚିବେ ସିମରନ

କେନ୍ଦ୍ରାପଡ଼ା ଅଫିସ, ୧।୧

କଟକଠାରେ ଆସନ୍ତା ୧୧ ତାରିଖରେ ହକି ବିଶ୍ୱକପ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଦେଶର ବହୁ କଳାକାର ଯୋଗ ଦେବାକୁ ଥିବାବେଳେ ଓଡ଼ିଶୀ ନୃତ୍ୟ ପାଇଁ କେନ୍ଦ୍ରାପଡ଼ା ସହର ଖଡିଅଙ୍ଗ ଗାଁର ସିମରନ ଜମାନ ମନୋନୀତ ହୋଇଛନ୍ତି। ଦେଶ ବିଦେଶରେ ପ୍ରସଂଶା ସାଉଣ୍ଟି ଥିବା ଏହି ପ୍ରତିଭାଙ୍କ ପାଇଁ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ କଳାକାର ସଙ୍ଗଠନ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ଶୁଭେଚ୍ଛା ମିଳୁଛି। ସିମରନଙ୍କ ବାପା ମହମ୍ମଦ ସମସୁଜ ଜମାନ ନୂଆଦିଲ୍ଲୀର ସାକେତ ଅଞ୍ଚଳରେ ରୁହନ୍ତି। ମା’ ସହିଦା ତୟେବ ନୂଆଦିଲ୍ଲୀ ପଟିଆଲା କୋର୍ଟରେ ଓକିଲାତି କରନ୍ତି। ୨୩ ବର୍ଷିୟା ସିମରନ ଇତିମଧ୍ୟରେ ଇକ୍ୱେଡର, ମାଲେସିଆ, ଦୁବାଇ ଆଦିରେ ନିଜର ଓଡ଼ିଶୀ ନାଚ ପ୍ରତିଭା ଦେଖାଇଛନ୍ତି। ଏଥିସହ ୨୦୧୬ ନ୍ୟାଶନାଲ ୟୁଥ କନକ୍ଲେଭସରେ ରନର୍ସ ଅପ ଓ ୨୦୧୭ରେ ଓଡ଼ିଶୀ ନାଚି ଗୋଲଡ ମେଡାଲ ପାଇଛନ୍ତି। ସେହିପରି ଗତ ଡିସେମ୍ବର ୩୦ ତାରିଖରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ରବୀନ୍ଦ୍ର କଳା ମଣ୍ଡପରେ ଆୟୋଜିତ ଓଡ଼ିଶୀ ଡ୍ୟାନ୍ସ ଫେଷ୍ଟିଭାଲରେ ନୃତ୍ୟ ପ୍ରଦର୍ଶନ କରି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଓଡ଼ିଶୀ ପ୍ରତି ଆକୃଷ୍ଟ ହେବା ଓ ଏହାର ପ୍ରଚାର ପ୍ରସାର ସମ୍ପର୍କରେ ସିମରନ କୁହନ୍ତି ଯେ, ପିଲାବେଳେ ଟିଭିରୁ ଦେଖି ନାଚ ଆରମ୍ଭ ହୋଇଥିଲା। ନାଚ ପ୍ରତି ଆକୃଷ୍ଟ ପରେ ବାପା ସମସୁଜ ଏହାକୁ କ୍ୟାରିୟର କରିବା ପାଇଁ ପ୍ରେରଣା ଯୋଗାଇଥିଲେ। କ୍ଲାସିକାଲ ଡ୍ୟାନ୍ସ ସ୍କୁଲରେ ନାମ ଲେଖାଇବା ପରେ ଓଡ଼ିଶୀର ଛନ୍ଦ, ତାଳ, ଲୟ ଆଦି ଖୁବ୍ ଭଲ ଲାଗିଥିଲା। ଗୁରୁ ଡ. ପୀତାମ୍ବର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ରହି ଓଡ଼ିଶୀ ନାଚରେ ସଫଳ ହୋଇଛି। ଇତିମଧ୍ୟରେ ଦେଶ ବିଦେଶରେ ଓଡ଼ିଶୀ ନାଚି ଓଡ଼ିଆ ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚିତି କରିବା ପାଇଁ ଚେଷ୍ଟା କରିଛି। ମାଆଙ୍କ ପ୍ରେରଣା ପାଇ ଗ୍ରାଜୁଏଶନ ପରେ ଜାମିଆ ମିଲିଆ ସେଣ୍ଟ୍ରାଲ ୟୁନିଭରସିଟିରୁ ଆଇନର ସ୍ନାତୋକୋତର ଡିଗ୍ରି ହାସଲ କରିଛି। ଓଡ଼ିଶୀ ନାଚର ପ୍ରଚାର ପ୍ରସାର ପାଇଁ ଲାସ୍ୟାୟନ କଳା ଅନୁଷ୍ଠାନ ଖୋଲିଥିବା ବେଳେ ଏଥିରେ ଶତାଧିକ ଛାତ୍ରୀଛାତ୍ର ଓଡ଼ିଶୀ ଶିକ୍ଷା କରୁଛନ୍ତି। ଆଗାମୀଦିନରେ ଓଡ଼ିଶୀ ନୃତ୍ୟର ପ୍ରଚାର ସହ ଓକିଲାତି ବୃତ୍ତି ରହିବ। ହକି ବିଶ୍ୱକପ ଉଦ୍‌ଘାଟନ ଉତ୍ସବରେ ବଡ କଳାକାରଙ୍କ ସହ ସାମିଲ ହୋଇଥିବାରୁ ଖୁବ୍ ଖୁସି ଲାଗୁଥିବା ସେ କହିଛନ୍ତି।



# ପେଣ୍ଠ ବେଳାଭୂମିରେ ୨୦ ହଜାର ପର୍ଯ୍ୟଟକ



ନୂଆବର୍ଷ ପାଇଁ ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି।

ରାଜନଗର, ୧।୧(ଡି.ଏନ.ଏ.)

୨୦୨୩ ନୂତନ ବର୍ଷ ଧରା ପୃଷ୍ଠରେ ପାଦ ଥାପିଛି। ଅନେକ ସ୍ୱପ୍ନ, ସମ୍ଭାବନା ଓ ସଂକଳ୍ପ ଭିତରେ ପ୍ରକୃତି କୋଳରେ ମଜା ନେବା ପାଇଁ ପର୍ଯ୍ୟଟକଙ୍କର ଅଭୁତପୂର୍ବ ଭିଡ ପେଣ୍ଠ ବେଳାଭୂମିରେ ଦେଖିବାକୁ ମିଳିଥିଲା। ରବିବାର ସକାଳୁ ପର୍ଯ୍ୟଟକମାନଙ୍କର ଶୁଅ ଛୁଟିଥିଲା, ପେଣ୍ଠର ବିସ୍ତୀର୍ଣ୍ଣ ବେଳାଭୂମିକୁ। ପ୍ରତ୍ୟୁଷରୁ ସକାଳର ସୂର୍ଯ୍ୟ ଉଦୟ ଦେଖିବା ସହ ସମୁଦ୍ରରେ ସ୍ନାନ କରିଥିଲେ। ବରୁଣେଇ ମୁହାଣକୁ ସଂଯୋଗ କରୁଥିବା ଏହି ବିସ୍ତୀର୍ଣ୍ଣ ବେଳାଭୂମିରେ ପର୍ଯ୍ୟଟକମାନେ ବୁଲିବା ସହିତ ବଣଭୋଜିରେ ମସଗୁଲ ଥିଲେ। ପ୍ରାୟ ୨୦ ହଜାରରୁ ଉର୍ଦ୍ଧ୍ୱ ପର୍ଯ୍ୟଟକଙ୍କ ସମାଗମ ବେଳାଭୂମିରେ ହୋଇଥିଲା। ପର୍ଯ୍ୟଟକମାନେ ବେଳାଭୂମିରେ ବୁଲିବା ସହିତ ଜିଓ ସିନ୍ଥେଟିକ ୱାଲ, ଇକୋ ଗ୍ରିଟ୍, ୱାଚ ଟାୱାର, ସମୁଦ୍ରରେ ସ୍ପିଡ ବୋଟର ମଜା, ଡଲଫିନଙ୍କ ଜଳକ୍ରୀଡା ପ୍ରଭୃତି ପର୍ଯ୍ୟଟକଙ୍କ ପ୍ରମୁଖ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା। ପର୍ଯ୍ୟଟକମାନେ କେବଳ ପେଣ୍ଠ ବେଳାଭୂମିରେ ବୁଲି ନ ଥିଲେ। ପେଣ୍ଠରେ ଥିବା ବହୁ ପୁରାତନ ଜଗନ୍ନାଥ ମନ୍ଦିର ଶ୍ରୀବନବିହାରୀଜୀଉଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ବରୁଣେଇ ସଂରକ୍ଷିତ ଜଙ୍ଗଲରେ ଥିବା ମା’ ବରୁଣେଇଙ୍କ ମଧ୍ୟ ଦର୍ଶନ କରିଥିଲେ। ପର୍ଯ୍ୟଟକମାନଙ୍କୁ ଶୃଙ୍ଖଳାର ସହିତ ବେଳାଭୂମିରେ ବୁଲିବାର ସୁଯୋଗ ଦେବାକୁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯିବା ସହ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ। ରାଜନଗର ଆଇଆଇସି ଶ୍ରୀକାନ୍ତ କୁମାର ବାରିକ, ରାଜନଗର ବନ ବିଭାଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେଉରା, ବିଜୟ ପାତ୍ର ପ୍ରମୁଖ ବନ କର୍ମଚାରୀ ଉପସ୍ଥିତ ରହି ଶୃଙ୍ଖଳା ରକ୍ଷା କରିଥିଲେ। ଅପରପକ୍ଷରେ ଭିତରକନିକା ଜାତୀୟ ଉଦ୍ୟାନକୁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ନୂଆବର୍ଷ କଟାଇବା ପାଇଁ ୩୧୧୭ ପର୍ଯ୍ୟଟକ ପରିଭ୍ରମଣରେ ଆସିଥିଲେ। ସ୍ଥଳପଥରେ ମୁଖ୍ୟ ଫାଟକ ଦେଇ ୨୯୩୦ ପର୍ଯ୍ୟଟକ ଆସିଥିବା ବେଳେ ଜଳପଥରେ ୧୭୭ ପର୍ଯ୍ୟଟକ ପରିଭ୍ରମଣ କରିଥିଲେ।

### ବିଧାୟକ ଏକାଦଶ ବିଜୟୀ
### ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍

ଯାଜପୁର ଟାଉନ,୧।୧(ଡି.ଏନ.ଏ.): ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ ଦିବସରେ ରବିବାର ନୂତନ ବର୍ଷ ଉପଲକ୍ଷେ ଏକ ପ୍ରଦର୍ଶନୀ ମ୍ୟାଚ୍ ବିଧାୟକ ଏକାଦଶ ଏବଂ ଓକିଲ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଏକାଦଶ ବିଜୟୀ ହୋଇଛି। ଯାଜପୁର ବ୍ଲକ୍ ଅନ୍ତର୍ଗତ ଚଇନପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ଓକିଲ ଏକାଦଶ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭର ଖେଳି ୮ ଉଇକେଟ୍ ହରାଇ ୧୦୦ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପାର୍ଥ ରାୟ ୫୬ରନ୍ ସଂଗ୍ରହ କରିଥିଲେ। ବିଧାୟକ ଏକାଦଶ ୧୪.୪ ଓଭର ଖେଳି ୯ ଉଇକେଟ୍ ହରାଇ ୧୦୩ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ରଣା ୨୭ ଓ ଅୟସ କାନ୍ତ ଧଳ ୧୭ରନ୍ ସଂଗ୍ରହ କରିଥିଲେ। ମ୍ୟାଚ୍‌ରେ ପାର୍ଥ ରାୟଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରଯାଇଥିଲା। ବିଜୟୀ ଦଳକୁ ସ୍ଥାନୀୟ ସରପଞ୍ଚ ବୈଷ୍ଣବ ରାଉତ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ଅଭୟ ବଲ୍ଲଭ ପଣ୍ଡା, ଶ୍ରୀଜୟ ମହାପାତ୍ର, ବିଜୟ ପାଣି, କାଶୀନାଥ ମିଶ୍ର, ଆଶିଷ ମହାନ୍ତି, ସଞ୍ଜୟ ବେହେରା,ସ୍ୱସ୍ତିକ୍ ପହି, ବିଶ୍ୱଜିତ୍ ଦାସ, ଯୁବନେତା ମନୋଜ ସାହୁ, ବୁଲୁ ସିଂ, ଜିଲା ପରିଷଦ ସଭ୍ୟ ପ୍ରେମାନନ୍ଦ ଜେନା, ଶିବ ଜେନା, ଦିବାକର କର, ଉମାକାନ୍ତ ସିଂ ପ୍ରମୁଖ ଖେଳ ପରିଚାଳନା କରିଥିଲେ।

# ଠିକା କମ୍ପାନୀର ଅତିଥି ଭବନରେ ଗୁଳିମାଡ଼

ପାରାଦୀପ,୧।୧(ସ୍ୱ.ପ୍ର.)

ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ତାରିଣୀଗଡାରେ ରବିବାର ଗୁଳିମାଡ଼ ହୋଇଛି। ଦୁଇଜଣ ଅପରିଚିତ ଯୁବକ ଠିକାସଂସ୍ଥା ବ୍ରିଜ ଆଣ୍ଡ ରୁଫ କମ୍ପାନୀର ଅତିଥି ଭବନରେ ପଶି ଦୁଇ ରାଉଣ୍ଡ ଗୁଳିମାଡ଼ କରିଛନ୍ତି। ଏଥିସହ ସେଠାରେ ଥିବା ରୋଷେୟା ଶିବାଶିଷ ଜାନାଙ୍କୁ ମାଡ଼ମାରି ଆହତ କରିଛନ୍ତି। ଏହାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କମ୍ପାନୀର ମ୍ୟାନେଜର ଅଭିଜିତ ରାୟ ଗୋସ୍ୱାମୀଙ୍କ ସୂଚନା ମୁତାବକ, ରବିବାର ନୂଆବର୍ଷ ଥିବାରୁ ଦୁଇଜଣ ଯୁବକ ସକାଳେ ଆସି

**ରୋଷେୟା ଆହତ**

ରୋଷେୟା ଜାନାଙ୍କୁ ଫୁଲତୋଡ଼ା ଦେଇଥିଲେ। କହିଥିଲେ ତୁମ ସାରଙ୍କୁ ଦେଇଦେବ। ପୁଣି ଅପରାହ୍ନ ୨ଟା ୧୫ରେ ଆସି ଗୋସ୍ୱାମୀଙ୍କୁ ଖୋଜିବା ସହ ରୋଷେୟାଙ୍କୁ ମାଡ଼ ମାରିଥିଲେ। ଏଥିସହ ଘର ଭିତରେ ପଶି ଦୁଇ ରାଉଣ୍ଡ ଗୁଳି ଚଳାଇଥିଲେ। ଗୋଟିଏ ଝରକା କବାଟରେ ବାଜିଥିଲା ବେଳେ ଅନ୍ୟଟି ମ୍ୟାନେଜର ବସୁଥିବା ଚେୟାରରେ ଲାଗିଛି। ରୋଷେୟା ଜାନାଙ୍କ ମୁଣ୍ଡରେ ମାଡ଼ ଯୋଗୁ ଆଘାତ ଲାଗିଛି। ଏନେଇ ଥାନାରେ ମାମଲା (ନଂ.୨/୨୩) ରୁଜୁ ହୋଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରଶ୍ମିତା



@ ଲୋପାମୁଦ୍ରା



@ ରାକେଶ



@ ଐଶ୍ୱର୍ଯ୍ୟା



@ ସ୍ୱାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଡାକ୍ତର ହେବାରେ ସହାୟକ ହେଲା ଜ୍ୟୋତି ମେଧାବୃତ୍ତି

କଳିଙ୍ଗନଗର,୧।୧(ଡି.ଏନ.ଏ.) :



ଅତିଥିଙ୍କ ଗହଣରେ ଡାକ୍ତରୀ ଛାତ୍ର ସୁରେନ୍ଦ୍ର ହାଂସଦା।

ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଲେମ୍ବୁ ପଞ୍ଚାୟତ ଅନ୍ତର୍ଗତ ଗିରିଧାରିଡ଼ାହି ଗ୍ରାମର ରୁପେଇ ହାଁସଦା ଏବଂ ମାତା ଦୁଲି ହାଁସଦାଙ୍କ ପୁଅ ସୁରେନ୍ଦ୍ର ହାଁସଦା ସ୍କୁଲରେ ପାଠ ପଢୁଥିବା ସମୟରୁ ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖିଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଆର୍ଥିକ ସମସ୍ୟା ତାଙ୍କ ସ୍ୱପ୍ନରେ ପ୍ରତିବନ୍ଧକ ସାଜିଥିଲା। ମାତ୍ର ସେ ଏଥିରେ ହତୋତ୍ସାହିତ ନ ହୋଇ ପାଠପଢ଼ା ଉପରେ ଧ୍ୟାନ ଦେଇଥିଲେ। ଏହା ପରେ ଟାଟା ଷ୍ଟିଲ ଫାଉଣ୍ଡେଶନ (ଟିଏସ୍‌ଏଫ୍) ପକ୍ଷରୁ ତାଙ୍କୁ ଜ୍ୟୋତି ମେଧାବୃତ୍ତିରେ ସମ୍ମାନିତ କରାଯାଇଥିଲା। ଏହି ମେଧାବୃତ୍ତି ସୁରେନ୍ଦ୍ରଙ୍କ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ାରେ ସହାୟକ ହୋଇଥିଲା। ଶେଷରେ ସବୁ ପ୍ରତିବନ୍ଧକକୁ ଏଡ଼ାଇ ମେଡିକାଲ୍ ପ୍ରବେଶିକା ପରୀକ୍ଷାରେ ୨୦୨୧ରେ ଉତ୍ତୀର୍ଣ୍ଣ ହେବା ସହିତ ଦୃଢ଼ ମନୋବଳର ପରିଚୟ ଦେଇଥିଲେ। ବର୍ତ୍ତମାନ ସେ କଟକର ଏସ୍‌ସିବି ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ରେ ଏମ୍‌ବିବିଏସ୍ (ୟୁଜି) ପାଠ ପଢୁଛନ୍ତି। ସେ ଏବେବି ଜ୍ୟୋତି ମେଧାବୃତ୍ତି ପାଉଛନ୍ତି।

ନିଜ ଯାତ୍ରା ସମ୍ପର୍କରେ ସୁରେନ୍ଦ୍ର କହିଛନ୍ତି, ତାଙ୍କ ଉଚ୍ଚଶିକ୍ଷା ପାଇଁ ଟାଟା ଷ୍ଟିଲ ଫାଉଣ୍ଡେଶନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ସ୍କୁଲ ପାଠପଢ଼ା ସମୟରୁ ଜ୍ୟୋତି ମେଧାବୃତ୍ତି ଜରିଆରେ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ଟିମ୍ ଦ୍ୱାରା ସହାୟତା ପ୍ରଦାନ କରାଯାଇଥିଲା। ସ୍ୱପ୍ନ ପୂରଣ କରିବାରେ ଏହି ମେଧାବୃତ୍ତି ସହାୟକ ହୋଇଥିଲା। କଠିନ ପରିଶ୍ରମ କରିବା ଏବଂ ନିଜ କ୍ୟାରିୟର ଲକ୍ଷ୍ୟ ହାସଲରେ ସଫଳ ହେବା ପାଇଁ ଆମ ଅଞ୍ଚଳର ଆହୁରି ଅଧିକ ପିଲାଙ୍କୁ ଏହା ଅନୁପ୍ରାଣିତ କରିବ। ଜ୍ୟୋତି ମେଧାବୃତ୍ତି ଅନୁସୂଚିତ ଜାତି(ଏସସି) ଏବଂ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ଆର୍ଥିକସ୍ତରରେ ଅନଗ୍ରସର ଛାତ୍ରୀଛାତ୍ରଙ୍କ ଅଷ୍ଟମ ଓ ତାଠାରୁ ଅଧିକ ପାଠପଢ଼ା ପାଇଁ ସହାୟତା ପ୍ରଦାନ କରୁଛି। ଚଳିତ ବର୍ଷ ଆର୍ଥିକ ଅନଗ୍ରସର ଏସ୍‌ସି/ଏସଟି ପରିବାରର ସମୁଦାୟ ୫୩୮ ପ୍ରତିଭାବାନ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ପ୍ରଦାନ କରାଯାଇଥିଲା। ଏହି ମେଧାବୃତ୍ତିରେ ପ୍ରାୟ ୬୭ ଲକ୍ଷ ଟଙ୍କା ବଣ୍ଟନ କରାଯାଇଛି। ଏହା ବ୍ୟତୀତ ୩୯ ଜଣ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ପାଠପଢ଼ାରେ ସହଯୋଗ ପାଇଁ ଟାବ୍‌ଲେଟ୍ ପ୍ରଦାନ କରାଯାଇଛି।

# ନୂଆବର୍ଷ ପ୍ରଥମ ଦିନ ଜମିଲା

**ବିରଜା ମନ୍ଦିର ରାସ୍ତା ଜାମ**

ଯାଜପୁର ଅଫିସ୍,୧।୧

ନୂଆବର୍ଷ ୨୦୨୩ର ପ୍ରଥମ ଦିନକୁ ଲୋକେ ଆନନ୍ଦ ଉଲ୍ଲାସରେ କଟାଇବା ପାଇଁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ତତ୍ପର ହୋଇପଡ଼ିଥିଲେ। ଏଥିପାଇଁ ପୂର୍ବ ରାତିରୁ ଉତ୍ସବ ଆରମ୍ଭ ହୋଇଥିଲା। ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆ ବର୍ଷକୁ ସ୍ୱାଗତ ପାଇଁ ବିଭିନ୍ନ ସ୍ଥାନରେ ଆୟୋଜନ ହୋଇଥିଲା ‘ଜିରୋ ନାଇଟ୍ ସେଲିବ୍ରେଶନ’। ରଙ୍ଗିନ୍ ଆଲୋକ ଓ ଅନ୍ୟାନ୍ୟ ଆକର୍ଷଣୀୟ ସାମଗ୍ରୀରେ ସାଜସଜ୍ଜା ସାଙ୍ଗକୁ ନାଚ, ଗୀତ ଓ ଖାଦ୍ୟ ପସରାର ଆସର ଜମିଥିଲା। ଅନେକେ ଏଥିରେ ସାମିଲ ହେଇ ଖୁସି ମନାଇଥିଲେ। ଘଡ଼ିରେ ରାତି ୧୨ଟା ହେବା କ୍ଷଣି ଆତସବାଜି, ହୋହଲ୍ଲା ହେବା ସାଙ୍ଗକୁ ନୂଆବର୍ଷର ଶୁଭେଚ୍ଛା ଜଣାଇବାର ମୁହୂର୍ତ୍ତ ଆରମ୍ଭ ହୋଇଥିଲା। ସେହିପରି ଯୁବକମାନେ ରାତି ଅନିଦ୍ରା ରହି ରାସ୍ତା ଓ ବିଭିନ୍ନ ସ୍ଥାନରେ ଲେଖିଥିଲେ ‘ହ୍ୟାପି ନ୍ୟୁ ଇୟର ୨୦୨୩’। ଘରଗୁଡ଼ିକର କାନ୍ଥରୁ କ୍ୟାଲେଣ୍ଡର ବଦଳିଥିବାବେଳେ ସବୁଠି ଦେଖିବାକୁ ମିଳିଛି ନୂଆବର୍ଷ ପାଇଁ ଉତ୍ସାହର ପରିବେଶ।



ନୂଆବର୍ଷ ପାଇଁ ବିରଜା ମନ୍ଦିର ରାସ୍ତା ଜାମ।

ନୂଆବର୍ଷର ପ୍ରଥମ ସକାଳେ ହାଲୁକା ଶୀତ ଥିବାବେଳେ ନିଜ ଆରାଧ୍ୟଙ୍କ ପାଖରେ ନତମସ୍ତକ ହୋଇ ଶୁଭ କାମନା ପାଇଁ ଲୋକେ ଆରାଧନାସ୍ଥଳ ଅଭିମୁଖେ ବାହାରି ପଡ଼ିଥିଲେ। ଏଥିପାଇଁ ପୂର୍ବାହ୍ନରୁ ରାତିଯାଏ ବିଭିନ୍ନ ରାସ୍ତାରେ ଭିଡ଼ ଜମି ଟ୍ରାଫିକ୍ ସମସ୍ୟା ଉପୁଜିଥିଲା। ବିଭିନ୍ନ ମନ୍ଦିର ଲୋକାରଣ୍ୟ ହୋଇପଡ଼ିଥିଲା। ଲୋକେ ଭିଡ଼ ଭିତରେ ଦୀପ ଜାଳି, ନଡ଼ିଆ ବାଢ଼େଇ ନୂଆବର୍ଷ କିପରି ଶାନ୍ତି ଓ ଖୁସିରେ କଟିବ ସେନେଇ ପ୍ରାର୍ଥନା କରିଥିଲେ। ତେବେ ଯାଜପୁର ଟାଉନ୍‌ରେ ଭିଡ଼ ପ୍ରବଳ ଥିଲା। କୁସୁମା ପୋଖରୀଠାରୁ ବିରଜା ମନ୍ଦିର ପର୍ଯ୍ୟନ୍ତ ଯିବାକୁ ପ୍ରାୟ ୧ ଘଣ୍ଟା ସମୟ ଲାଗୁଥିଲା। ଟ୍ରାଫିକ ସମସ୍ୟା ଯୋଗୁ ବସ୍ ଯାତ୍ରୀମାନେ ବିଶେଷ ହଇରାଣ ହୋଇଥିଲେ। ପୋଲିସ ପକ୍ଷରୁ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ପୂର୍ବ ଯୋଜନା ନଥିଲା ଭଳି ମନେ ହେଉଥିଲା।

ଅନ୍ୟପକ୍ଷରେ ନୂଆବର୍ଷ ରବିବାର ଦିନ ଶାମ୍ବ ଦଶମୀ ଥିବାରୁ ସେତେଟା ଭୋଜିଭାତର ଆୟୋଜନ ଦେଖିବାକୁ ମିଳି ନ ଥିଲା। ତଥାପି ମାଂସ ଦୋକାନରେ ଭିଡ଼ ଥିଲା। ଅନ୍ୟପକ୍ଷରେ ପନିର ଏବଂ ଛତୁ ଦର ଆକାଶଛୁଆଁ ହୋଇଥିଲା। ପନିର କିଲୋ ୫୦୦ଟଙ୍କାକୁ ପହଞ୍ଚିଥିବାବେଳେ ଛତୁ ଦର ୪୦୦ ଟଙ୍କା ହୋଇଥିଲା। ବ୍ୟାସ ସରୋବରଠାରୁ ବୈତରଣୀ ନଦୀକୂଳ, ଉଦୟଗିରି, ରତ୍ନଗିରି, ଲଳିତଗିରି, ଓଳାଶୁଣୀ, ଚଣ୍ଡୀମନ୍ଦିର, ମହାବିନାୟକ ପାହାଡ଼, ଧର୍ମଶାଳା ବୌଦ୍ଧପୀଠ, ବ୍ରାହ୍ମଣୀ ଓ ଖରସ୍ରୋତା ନଦୀକୂଳ ଆଦି ସ୍ଥାନରେ ପିକ୍‌ନିକ ଭିଡ଼ ଦେଖିବାକୁ ମିଳିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୨ ଜାନୁୟାରୀ, ୨୦୨୩



## ସଂକ୍ଷେପରେ

### ଫେରାର ଅଭିଯୁକ୍ତ ଗିରଫ

**ଭାପୁର,୧।୧(ଡି.ଏନ.ଏ.):** ନୟାଗଡ଼ ଜିଲା ଫତେଗଡ଼ ଥାନା ରାଣୀଛେଲି ପଞ୍ଚାୟତ ଅଧୀନ ମର୍ଦ୍ଦରାଜପ୍ରସାଦ ଗ୍ରାମର ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ସେ ହେଲେ ମର୍ଦ୍ଦରାଜପ୍ରସାଦ ଗ୍ରାମର କିଶୋର ଦଳେଇ (୫୫) । ପୋଲିସର ସୂଚନା ଅନୁଯାୟୀ, ୧୯୯୯ରେ ମର୍ଦ୍ଦରାଜପ୍ରସାଦ ଗ୍ରାମର ମାନଗୋବିନ୍ଦ ଦଳେଇଙ୍କୁ ସେହି ଗାଁର କିଶୋର ଜମିଜମା ବିବାଦରୁ ହତ୍ୟା ଉଦ୍ୟମ କରିଥିଲା । ମରଣାନ୍ତକ ଆକ୍ରମଣ ଓ ବୋମାମାଡ଼ରେ କିଶୋରଙ୍କ ପରିବାରର ଝୁନା ଦଳେଇଙ୍କ ହାତର ସମସ୍ତ ଆଙ୍ଗୁଠି ଛିଡି ଯାଇଥିଲା । ଏହି ଆକ୍ରମଣ ଘଟଣାରେ କିଶୋରଙ୍କ ସହ ଅନ୍ୟ ୩ ଜଣଙ୍କ ସାମିଲ ଥିଲେ । ସେଦିନଠାରୁ କିଶୋର ଫେରାର ହୋଇଯାଇଥିଲେ । ପୋଲିସ ଅନ୍ୟ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଦୀର୍ଘଦିନ ପରେ ପୋଲିସ କିଶୋର ସମ୍ପର୍କରେ ଖବରପାଇ ବୌଦ୍ଧରୁ ତାଙ୍କୁ ଗିରଫ କରିଥିଲା । କିଶୋର ବୌଦ୍ଧ ଜିଲା ହରଭଙ୍ଗା ଥାନା ଅଧୀନ ନାଏକପଡ଼ା ଗ୍ରାମରେ କିଶୋର ଚୌଧୁରୀ, ପିତା ଲୋଚନ ଚୌଧୁରୀ ନାମରେ ରହିଆସୁଥିଲେ ।

### ବନ୍ଧୁମିଳନରେ ଅଞ୍ଚଳର ବିକାଶ ଚିନ୍ତା

**ଖଣ୍ଡପଡ଼ା,୧।୧(ସ୍ୱ.ପ୍ର.):** ନୂଆବର୍ଷ ଅବସରରେ ରବିବାର କଣ୍ଟିଲୋ ଶ୍ମଶାନ ଚଣ୍ଡୀ ପୀଠରେ ଖଣ୍ଡପଡ଼ାର ବହୁ ବରିଷ୍ଠ ନାଗରିକ, ରାଜନୈତିକ ବ୍ୟକ୍ତି ଏବଂ ଜନପ୍ରତିନିଧିମାନଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଯୋଗଦେଇଥିବା ବ୍ୟକ୍ତିମାନେ ଅଞ୍ଚଳର ବିକାଶ ଉପରେ ଆଲୋଚନା କରିଥିଲେ । ଅଖିଳ କୁମାର ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ବନ୍ଧୁ ମିଳନ ସମାବେଶରେ ବିଶିଷ୍ଟ ଅତିଥି ଭାବେ ଖଣ୍ଡପଡ଼ା ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗ ଦେଇ ମା'ମାଟିର ସ୍ୱାଭିମାନ ବଜାୟ ରଖିବା ପାଇଁ ପଞ୍ଚାୟତସ୍ତରରୁ ସହର ପର୍ଯ୍ୟନ୍ତ ସମସ୍ତ ଯୁବପିଢ଼ୀ ଆଗେଇ ଆସିବା ସହ ବିକାଶ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଏ ପରିପ୍ରେକ୍ଷୀରେ କଣ୍ଟିଲୋର ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ପୂର୍ବତନ କିଆଝରେ ସରପଞ୍ଚ ଚନ୍ଦ୍ରକାନ୍ତ ବଳିୟାର ସିଂ, ବୋଦସା ପୂର୍ବତନ ସରପଞ୍ଚ ସର୍ବେଶ୍ୱର ସ୍ୱାଇଁ, ବାଣପୁର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, ସୁରେନ୍ଦ୍ର ନାଥ ସାହୁ, ଶୁଭ୍ରାଂଶୁ ମହାରଣା, ଅଶୋକ କୁମାର ମହାରଣା, ପରିବେଶବିତ୍ ଅନ୍ତର୍ଯ୍ୟାମୀ ସାହୁ, ପୂର୍ବତନ ଜିଲା ପରିଷଦ ଅଧକ୍ଷା ବୈଜୟନ୍ତବାଳା ମହାନ୍ତି, ପୂର୍ବତନ ଜିଲା ପରିଷଦ ସଭ୍ୟ ରମାକାନ୍ତ ସେଠୀ, ଅବସରପ୍ରାପ୍ତ ଅଧାପକ ଜନ୍ମେଜୟ ନାୟକ, ଓ ପ୍ରଭାକର ଶିରୋମଣି ପ୍ରମୁଖ ଯୋଗଦେଇ ଗ୍ରାମର ବିକାଶ ଦିଗରେ ସମସ୍ତେ ଦଳମତ ନିର୍ବିଶେଷରେ ଏକ ହୋଇ କାମ କରିବାକୁ ନିବେଦନ କରିଥିଲେ ।

### 'ଜଙ୍ଗଲ ସୁରକ୍ଷା ପାଇଁ ଜୀବନ ଦେଇଥିଲେ ଚନ୍ଦ୍ରମଣି'

**ନୟାଗଡ଼ ଅଫିସ,୧।୧:** ଜଙ୍ଗଲ ସୁରକ୍ଷା ପାଇଁ ଜୀବନ ଦେଇଥିବା ଚନ୍ଦ୍ରମଣି ନାୟକଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ନୟାଗଡ଼ ଜଙ୍ଗଲ ସୁରକ୍ଷା ମହାସଂଘ ପକ୍ଷରୁ ସ୍ଥାନୀୟ ତ୍ରିନାଥ ମନ୍ଦିରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମହାସଂଘର ସଭାପତି ଶରତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଦାମୋଦର ସାହୁ, କାମାକ୍ଷ ପ୍ରସାଦ, ଭଗବାନ ସାହୁ ପ୍ରମୁଖ ଯୋଗ ଦେଇ ଜଙ୍ଗଲ ସୁରକ୍ଷାରେ ଚନ୍ଦ୍ରମଣିଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ ଥିଲା । ସେ ଠେଙ୍ଗାପାଳିରେ ଗାଁ ଜଙ୍ଗଲକୁ ସୁରକ୍ଷା ଦେଉଥିଲେ । ତେବେ କେତେଜଣ କାଠ ଚୋର ଚନ୍ଦ୍ରମଣିଙ୍କୁ ୨୦୦୩ରେ ହତ୍ୟା କରି ଜଙ୍ଗଲରେ ଫୋପାଡି ଦେଇଥିଲେ । ଏହାପରେ ସେମାନେ ଜଙ୍ଗଲରୁ କାଠ ନେଇ ଫେରାର ହୋଇଯାଇଥିଲେ । ଜଙ୍ଗଲକୁ ସୁରକ୍ଷା ପାଇଁ ଚନ୍ଦ୍ରମଣିଙ୍କ ଜୀବନ ଯିବା ପରେ ଠେଙ୍ଗାପାଳିକୁ ଅଧିକ ତ୍ୱରାନ୍ୱିତ କରାଯାଇଥିଲା ବୋଲି ବକ୍ତାମାନେ କହିଥିଲେ । ଅପରପକ୍ଷେ ଜଙ୍ଗଲ ସୁରକ୍ଷା ମହାସଂଘର କାର୍ଯ୍ୟଧାରାକୁ ତ୍ୱରାନ୍ୱିତ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା ।

### ଦୁର୍ଘଟଣାରେ ୩ ପର୍ଯ୍ୟଟକ ଗୁରୁତର

**ପାଟଣା,୧।୧(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଭୀମକୁଣ୍ଡ ପର୍ଯ୍ୟଟନ କେନ୍ଦ୍ରକୁ ବୁଲିବାକୁ ଯାଉଥିବା ଏକ କାର ବାଲିଯୋଡ଼ି ପ୍ରାଥମିକ ବିଦ୍ୟାଳୟ ନିକଟରେ ଭାରସାମ୍ୟ ହରାଇ କଲଭର୍ଟରେ ଧକ୍କା ଦେଇଥିଲା। ଦୁର୍ଘଟଣାରେ ୩ଜଣ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସମସ୍ତଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସମସ୍ତଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

# ନୂଆବର୍ଷରେ ଭିଡ଼ ଜମିଲା

**ନୟାଗଡ଼ ଅଫିସ,୧।୧**

ରବିବାର ନୂଆବର୍ଷରେ ନୟାଗଡ଼ ଜିଲାର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ରରେ ଭରପୁର ଭିଡ଼ ଜମିଥିଲା । ପର୍ଯ୍ୟଟକଙ୍କ ପାଇଁ ଜିଲା ଦେଇ ପ୍ରବାହିତ ମହାନଦୀ ଓ ତାର ସାତକୋଶିଆଗଣ୍ଡର ଜଳରାଶି ସମେତ ବାଲୁକାଶଯ୍ୟାର ମନୋରମ ଦୃଶ୍ୟ ଥିଲା ଆକର୍ଷଣ । ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଉଷ୍ମପ୍ରସବଣ, ମନ୍ଦିର ଓ ବୌଦ୍ଧ ସଂସ୍କୃତି, ସାତକୋଶିଆ ଓ ବାଇଶିପଲ୍ଲୀ ଅଭୟାରଣ୍ୟ ଅପରୂପ ସୌନ୍ଦର୍ଯ୍ୟ ଏବଂ ବିଭିନ୍ନ ପୀଠ ପର୍ଯ୍ୟଟକଙ୍କୁ ବହୁ ସମୟ ଧରି ବାନ୍ଧି ରଖିଥିଲା । ବିଶେଷ କରି ଲଡୁବାବା, ନୀଳମାଧବ, ଦୂତିକେଶ୍ୱର, ରଘୁନାଥ, ଝରଦେଇପୀଠ, ଶିମିଳି ଝରଣା ପ୍ରଭୃତି ପର୍ଯ୍ୟଟନ ସ୍ଥଳୀରେ ଭିଡ଼ ଲାଗି ରହିଥିଲା । ପୁଣି ନୟାଗଡ଼, ରାଜପାଟଣା, ଓଡ଼ଗାଁ ପରି ଅନେକ ପାର୍କରେ ଅନୁରୂପ ଭିଡ଼ ଦେଖିବାକୁ ମିଳିଥିଲା ।

### କୁଆଁରିଆ ଡ୍ୟାମ୍‌ରେ ବଣଭୋଜି

**ଦଶପଲ୍ଲା,୧।୧(ଡି.ଏନ.ଏ.)** ଦଶପଲ୍ଲା ବ୍ଲକର ବିଭିନ୍ନ ସ୍ଥାନରେ ନବବର୍ଷ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ବିଭିନ୍ନ ସ୍ଥାନରେ ନାଚଗୀତ ଓ ଭୋଜିଭାତର ଆସର ଜମିଥିଲା। ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀ କୁଆଁରିଆ ଡ୍ୟାମ୍‌ରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ପର୍ଯ୍ୟଟକମାନଙ୍କ ସମାଗମ ହୋଇଥିଲା । ସେମାନେ ଭୋଜିଭାତର ମଜା ଉଠାଇଥିଲେ ।

## ନୀଳମାଧବ,ଗୋକୁଳାନନ୍ଦଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଖଣ୍ଡପଡ଼ା,୧।୧(ସ୍ୱ.ପ୍ର.)**

- ସକାଳ ଧୂପ ମାରା ହେଲା
- ଠାକୁରଙ୍କ ମହାସ୍ନାନ,ବିଳମ୍ବରେ ନୀତି ସମ୍ପନ୍ନ


ନୀଳମାଧବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ।

ନୂଆବର୍ଷ ଉପଲକ୍ଷେ କଣ୍ଟିଲୋ ନୀଳମାଧବ ପୀଠ ଓ ସିଧାମୂଳା ମହାନଦୀ କୂଳରେ ଥିବା ଗୋକୁଳାନନ୍ଦ ଜୀଉଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା । ପ୍ରଶାସନିକ ଅବ୍ୟବସ୍ଥା ଯୋଗୁ ଶ୍ରଦ୍ଧାଳୁମାନଙ୍କୁ ନିୟନ୍ତ୍ରଣ କରାଯାଇ ପାରି ନ ଥିଲା । ଫଳରେ ନୀଳମାଧବ ଜୀଉଙ୍କ ସକାଳ ଧୂପ ମାରା ହୋଇଥିଲା । ଏଥିପାଇଁ ଠାକୁରଙ୍କୁ ମହାସ୍ନାନ କରିବା ପରେ ନୂତନ ଭୋଗ ସମ୍ପନ୍ନ କରାଯାଇ ସକାଳ ୭ଟାରେ ହେବାକୁ ଥିବା ସକାଳଧୂପ ନୀତି ମଧ୍ୟାହ୍ନ ୧୨ଟାରେ ସମ୍ପନ୍ନ ହୋଇଥିଲା । ଏଥିପାଇଁ ବହୁ ଯାତ୍ରୀ ଠାକୁରଙ୍କୁ ଦର୍ଶନ କରି ନ ପାରି ଫେରିଥିଲେ । ଯାତ୍ରୀମାନଙ୍କ ଭିଡ଼କୁ ଦୃଷ୍ଟିରେ ରଖି ବାରିକେଡ କରାଯିବାର ଆବଶ୍ୟକତା ଥିଲା । ହେଲେ ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଷ୍ଟି ଦିଆଯାଇ ନ ଥିବା ଅଭିଯୋଗ ହେଉଛି ।

ସୂଚନାଯୋଗ୍ୟ, ମହାନଦୀ କୂଳବର୍ତ୍ତୀ ପାହାଡ଼ ଉପରେ ଥିବା ନୀଳମାଧବ ଜୀଉ ଓ ଗୋକୁଳାନନ୍ଦଜୀଉ ପୀଠର ପରିବେଶ ପର୍ଯ୍ୟଟକଙ୍କୁ ବେଶ ଆକୃଷ୍ଟ କରିଥାଏ । ଏଥର ବି ପର୍ଯ୍ୟଟକମାନେ ନୌକାରେ ମହାନଦୀର ବିଶାଳ ବାଲୁକା ଶଯ୍ୟାରେ ବଣ ଭୋଜି କରିବା ପାଇଁ ନଦୀର ଅପରପାର୍ଶ୍ୱକୁ ଯାଇଥିଲେ । ୧୦ ହଜାରରୁ ଊର୍ଦ୍ଧ୍ୱ ପର୍ଯ୍ୟଟକ କେବଳ ବଣ ଭୋଜି ପାଇଁ ଗୋକୁଳାନନ୍ଦ ପୀଠରେ ସମାଗମ ହୋଇଥିଲେ । ଗୋକୁଳାନନ୍ଦ ପୀଠରେ ପ୍ରବଳ ଜନଗହଳିକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ଟ୍ରାଫିକ ଏବଂ ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ଆଶୁ ପଦକ୍ଷେପମାନ ଗ୍ରହଣ କରାଯାଇଥିଲା । ସିଧାମୂଳା ସେତୁଠାରୁ ଗୋକୁଳାନନ୍ଦ ପୀଠକୁ ପଡିଥିବା ରାସ୍ତାର ରକ୍ଷଣାବେକ୍ଷଣ ସହ ନବୀକରଣ ଓ ପ୍ରଶସ୍ତୀକରଣ କରାଯାଉ ନ ଥିବାରୁ ଯାନବାହାନରେ ଆସୁଥିବା ପର୍ଯ୍ୟଟକମାନେ ନାନା ସମସ୍ୟାର ସମ୍ମୁଖୀନ ହୋଇଥିଲେ ।


ଗଣିଆ ନିକଟସ୍ଥ ସାତକୋଶିଆ ଗଣ୍ଡ ଅଞ୍ଚଳରେ ପର୍ଯ୍ୟଟକମାନେ ଭୋଜିର ଆୟୋଜନ କରିଛନ୍ତି ।


ନୟାଗଡ଼ ନିକଟସ୍ଥ ରାଜପାଟଣା ପାର୍କରେ ଲୋକଙ୍କ ଭିଡ଼ ।

# ଭୋଜିଭାତର ମଜା ଉଠାଇଲେ

**ଗଣିଆ,୧।୧(ଡି.ଏନ୍.ଏ.)**

### ଡିଜେ ବଜାଇ ନାଚିଲେ

ନୂଆବର୍ଷ ଉପଲକ୍ଷେ ରବିବାର ସାତକୋଶିଆ ଗଣ୍ଡ ଅଞ୍ଚଳ ବଡ଼ମୂଳ, କଳାପାଟରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥିଲା । ଭୋଜିଭାତର ଆସର ଚାଲିଥିଲା । ଡିଜେର ତାଳେ ତାଳେ ସମସ୍ତେ ନାଚଗୀତରେ ମାତିଥିଲେ । ସାତକୋଶିଆ ଗଣ୍ଡ ବଡମୂଳ, ମଙ୍ଗାନାସୀ ଓ କଳାପାଟରେ ଶତାଧିକ କାର, ବସ୍ ପାର୍କିଂ ହୋଇଥିବା ଦେଖିବାକୁ ମିଳିଥିଲା । ପର୍ଯ୍ୟଟକମାନେ ସାତକୋଶିଆ ଗଣ୍ଡରେ ବୋଟିଂ କରିଥିଲେ । ତେବେ ବଡ଼ମୂଳରେ ଭୋଜିଭାତ ପାଇଁ ହାତଗଣତି ପିଣ୍ଡି ରହିଛି । ଅନ୍ୟ କୌଣସି ସ୍ଥାନରେ ପିଣ୍ଡି କିମ୍ବା ପିଇବା ପାଣିର ବ୍ୟବସ୍ଥା କରାଯାଇନାହିଁ । ଫଳରେ ବହୁ ପର୍ଯ୍ୟଟକ ଭୋଜି ନ କରି ଅନ୍ୟତ୍ର ଚାଲି ଯାଉଥିବା ଦେଖିବାକୁ ମିଳିଥିଲା । ନୂଆବର୍ଷ ପାଇଁ ମାଂସ ,ମାଛ, ଚିକେନ ବଜାରରେ ନାହିଁନ ଥିବା ଭିଡ ଦେଖିବାକୁ ମିଳିଥିଲା । ବହୁ ଶ୍ରଦ୍ଧାଳୁ ସକାଳୁ ମନ୍ଦିର ଯାଇ ଠାକୁରଙ୍କୁ ଦର୍ଶନ କରିବା ସହିତ ପରିବାରର ସୁଖ ସମୃଦ୍ଧି କାମନା କରିଥିଲେ ।

### ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରଶ୍ମିତା


@ ଲୋପାମୁଦ୍ରା


@ ରାକେଶ


@ ଐଶ୍ୱର୍ଯ୍ୟା


@ ସ୍ୱାଗତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଢୁଛି ଧାନକିଣା ବିବାଦ

- ଆନ୍ଦୋଳନ ପରେ ବି ସମସ୍ୟା ସୁଧୁରି ନାହିଁ
- ଜଣେ ମିଲର ଧାନ କିଣିବାକୁ ପାଇଛନ୍ତି ୮ରୁ ୧୦ ପ୍ୟାକ୍ସର ଦାୟିତ୍ୱ
- ମନପସନ୍ଦର ମିଲରଙ୍କୁ ନିଯୁକ୍ତି ପାଇଁ ପ୍ୟାକ୍ସ ସମ୍ପାଦକଙ୍କ ଲବି

**ନୟାଗଡ଼ ଅଫିସ,୧।୧**



ନୟାଗଡ଼ ଜିଲାରେ ଧାନକିଣା ଆରମ୍ଭ ହେବାର ଇତିମଧ୍ୟରେ ୧୦ ଦିନ ବିତିଛି। ଜିଲାରେ ୧୬୭ଟି ମଣ୍ଡିରୁ ଏଯାବତ ମାତ୍ର ୫ଟି ମଣ୍ଡି ଖୋଲିଛି । ଧାନକିଣାରେ ଚାଷୀର ଅସୁବିଧା ହେବନି ବୋଲି ଜିଲାପାଳ ଓ ଜିଲା ଯୋଗାଣ ଅଧିକାରୀ କହୁଥିବାବେଳେ ଗୋଟିଏ ପରେ ଗୋଟିଏ ସମସ୍ୟା ମୁଣ୍ଡ ଟେକିବାରେ ଲାଗିଛି। ଜଣେ ମିଲରଙ୍କୁ ଦିନକୁ ୮ରୁ ୧୦ଟି ପ୍ୟାକ୍ସରେ ଧାନ କିଣିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ତେବେ ଜଣେ ମିଲର ଅତିକମ୍‌ରେ ଦିନକୁ ୨ରୁ ୪ଟି ପ୍ୟାକ୍ସରୁ ଧାନ କିଣି ପାରିବ ବୋଲି ମିଲରମାନେ କହୁଛନ୍ତି। ଅଧିକ ଚାପ ଥିବାରୁ ଚାଷୀ ଧାନ ବିକ୍ରି କରିବାରେ ପୁଣି ହଇରାଣ ହେବେ ବୋଲି ଆଗୁଆ ସୂଚନା ମିଳୁଛି ।

ଧାନକିଣା ଶୀଘ୍ର କରିବାକୁ ଦାବି କରି ଚାଷୀମାନେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ଧାନକିଣାରେ ବିଳମ୍ବ ଓ ଅନ୍ୟାନ୍ୟ ଅସୁବିଧା ହେଲେ ପୁଣିଥରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏଣୁ ବିଭିନ୍ନ ସ୍ଥାନରେ ଚାଷୀ ଆନ୍ଦୋଳନକୁ ଏଡାଇ ଦିଆଯାଇ ନ ପାରେ। ଅନ୍ୟପକ୍ଷେ କେତେଜଣ ପ୍ୟାକ୍ସ ସମ୍ପାଦକ ମନପସନ୍ଦର ମିଲରଙ୍କୁ ନିଯୁକ୍ତି ଦେବାକୁ ଅଡି ବସିଛନ୍ତି । ଏଣୁ ଧାନକିଣାରେ ପୁଣି ଅସୁବିଧା ମୁଣ୍ଡ ଟେକିବାରେ ଲାଗିଛି । ଜିଲାର ଚଳିତ ଖରିଫ ଋତୁ ୨୦୨୨-୨୩ରେ ଧାନ ମଣ୍ଡିର ଶୁଭାରମ୍ଭ ଗତ ୨୩ ତାରିଖରେ ନୟାଗଡ଼ ଜିଲା ସଦର ମହକୁମାରେ କରାଯାଇ ୬୪.୭୦ କୁଇଣ୍ଟାଲ ଧାନ କିଣା ଯାଇଥିଲା। ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଖଣ୍ଡପଡା ରୋଡର ବହୁବିଧ ପଣ୍ୟଦ୍ରବ୍ୟ ବଜାର ପ୍ରାଙ୍ଗଣରେ ଖୋଲିଥିବା ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଜିଲାରେ ୧୫୩ଟି ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଓ ୧୪ଟି ସଂଲଗ୍ନ ମଣ୍ଡିରେ ଧାନ କିଣା ହେବ ବୋଲି କୁହାଯାଇଛି। ଶନିବାର ସୁଦ୍ଧା ୫ଟି ଧାନମଣ୍ଡିରେ ୧୧୯ କୁଇଣ୍ଟାଲ ଧାନ କିଣା ହୋଇଛି ।

### ୧୪ ଲକ୍ଷ ୨୯ କୁଇଣ୍ଟାଲ ଧାନ କିଣା ଟାର୍ଗେଟ

ନୟାଗଡ଼ ଜିଲାରେ ଚଳିତ ଖରିଫ ଋତୁରେ ୧୪ ଲକ୍ଷ ୨୯ ହଜାର ୬୩୨.୩୪ କୁଇଣ୍ଟାଲ ଧାନ କିଣା ହେବାକୁ ସରକାର ଟାର୍ଗେଟ କରିଛନ୍ତି । ଧାନ କିଣା ଟାର୍ଗେଟ ଜିଲାକୁ ଆସିବା ପରେ ଜିଲାର ୧୭ ମିଲର ଓ ପ୍ୟାକ୍ସ ସମ୍ପାଦକଙ୍କୁ ଧାନ କିଣାର ଟାର୍ଗେଟ ବଣ୍ଟନ କରାଯାଇଛି। ଏଣୁ ଧାନ କିଣାରେ ଚାଷୀ ହଇରାଣ ହେବେ ନାହିଁ ବୋଲି କୁହାଯାଇଛି । ଏନେଇ କୃଷକ ନେତା ରଣଜିତ୍ ଦଳବେହେରା କୁହନ୍ତି, ଜିଲାରେ ଧାନ କିଣା ହେଉ ନ ଥିବାରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରିଥିଲୁ। ଉପଜିଲାପାଳଙ୍କ ସହ ଆଲୋଚନା ସହ ସ୍ମାରକପତ୍ର ଦେଇଛୁ। ତେବେ ଧାନ କିଣାରେ ଅସୁବିଧା ହେବନି, ପୁଣି ଶୀଘ୍ର ଧାନ କିଣା ହେବ ବୋଲି ପ୍ରତିଶ୍ରୁତି ମିଳିଛି । ପ୍ରତିବର୍ଷ ପ୍ରତିଶ୍ରୁତି ମିଳୁଥିଲେ ହେଁ ଧାନ କିଣାରେ ଅବ୍ୟବସ୍ଥାକୁ ପ୍ରଶାସନ ରୋକି ପାରୁନି। ଚଳିତ ବର୍ଷ କଟ୍‌ନୀଛଟନୀ ବନ୍ଦ ହେବ। ଅଖାବସ୍ତାରେ ଧାନ କିଣା ହେବ। ଟାର୍ଗେଟ ଆସିନି ବୋଲି ଚାଷୀଙ୍କୁ ବାରମ୍ବାର ଦୌଡିବାକୁ ପଡିବ ନାହିଁ ବୋଲି କୁହାଯାଇଛି। ଚାଷୀ ପରିସ୍ଥିତିକୁ ଦେଖି ପଦକ୍ଷେପ ନେବ ବୋଲି ସେ କହିଛନ୍ତି।

### ମିଲରଙ୍କ ରହିଛି ସମସ୍ୟା

ମିଲର ସଂଘ ଜିଲା ସଭାପତି ସୁବାସ ପଣ୍ଡା କୁହନ୍ତି, ମିଲର ଧାନ କିଣିବାକୁ ଅରାଜି ନୁହନ୍ତି। ତେବେ ସେମାନଙ୍କ ସମସ୍ୟା ସମାଧାନ ହେବା ଜରୁରୀ। ଜଣେ ମିଲରଙ୍କୁ ଦିନକୁ ୮ରୁ ୧୦ଟି ପ୍ୟାକ୍ସରୁ ଧାନ କିଣିବାକୁ କୁହାଯାଇଛି । ପୁଣି ଗୋଟିଏ ପ୍ୟାକ୍ସରୁ ଜଣେ ନୁହେଁ ୨ରୁ ୪ ମିଲରଙ୍କୁ ଧାନ କିଣିବାକୁ ନିର୍ଦ୍ଦେଶ ରହିଛି । ଜଣେ ମିଲର ଅତି କମରେ ଦିନକୁ ୨ରୁ ୪ଟି ପ୍ୟାକ୍ସରୁ ଧାନ କିଣି ପାରିବ। ଏଣୁ ଆଗକୁ ଏହା ସମସ୍ୟା ହୋଇପାରେ । ଯେଉଁ ଚାଷୀ ଅସୁବିଧାରେ ପଡିବେ ସେମାନେ ପ୍ରତିବାଦ କରି ପାରନ୍ତି । ଅନ୍ୟପକ୍ଷେ ଯାନବାହନ ଓ ଡ୍ରାଇଭରଙ୍କ ସମସ୍ୟା ଦେଖା ଦେଇଛି। ଡ୍ରାଇଭରଙ୍କ ଯୋଗୁ ଧାନ କିଣାରେ ଅସୁବିଧା ଦେଖା ଦେଇପାରେ। ଶ୍ରମିକ ସମସ୍ୟା ମଧ୍ୟ ଚିନ୍ତାର କାରଣ ପାଲଟିଛି । ଆମ ପାଖରେ କାମ କରୁଥିବା ଶ୍ରମିକ ଦିନକୁ ୪୦୦ରୁ ୧ ହଜାର ଟଙ୍କା ରୋଜଗାର କରିପାରିବେ । ତେବେ ସେତିକି କାମ ବାହାର କଲେ ଦେଢ଼ରୁ ଦୁଇ ଗୁଣା ଟଙ୍କା ବାହାରେ ମିଳୁଛି। ଏଣୁ ଶ୍ରମିକମାନେ ବାହାରକୁ ଚାଲି ଯାଉଛନ୍ତି । ଅପରପକ୍ଷେ ଧାନ ୧ କୁଇଣ୍ଟାଲକୁ ଚାଉଳ କଲେ ସରକାର ଦେଉଛନ୍ତି ୨୦ ଟଙ୍କା । ଏଥିପାଇଁ ବିଦ୍ୟୁତ ଦେୟ ମିଲରକୁ ଦେବାକୁ ପଡୁଛି ୩୫ରୁ ୪୦ ଟଙ୍କା । ଯାହାକି ମିଲରକୁ କଷ୍ଟ ଦେଉଛି । ଏପରି କିଛି ସମସ୍ୟାର ସମାଧାନ ପାଇଁ ଜିଲାପାଳ ଓ ଉପଜିଲାପାଳଙ୍କ ସହ ଆଲୋଚନା କରାଯାଇଛି । ଅଖାବସ୍ତାରେ ଧାନ କିଣିବାକୁ ମିଲର ଅରାଜି ନୁହନ୍ତି। ମିଲରଙ୍କ ସମସ୍ୟା ସମାଧାନ ହେବା ଦରକାର ବୋଲି ସେ କହିଛନ୍ତି।

ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ତିଳୋତ୍ତମା ପ୍ରଧାନ କୁହନ୍ତି, ଚାଷୀ ହଇରାଣ ନ ହେବାକୁ ପ୍ରଶାସନ ପକ୍ଷରୁ ସବୁ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । ଟାର୍ଗେଟ ପାଇଁ ଚାଷୀ ଆଉ ହଇରାଣ ହେବନି । ଅଖା ବସ୍ତାରେ ମିଲର ଧାନ କିଣିବ । କଟନୀ ଛଟନୀ ନ କରିବାକୁ କଡା ତାଗିଦ୍ କରାଯାଇଛି । ଜିଲାରେ ଶୀଘ୍ର ଧାନ କିଣିବାର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି । ଉପଜିଲାପାଳ ଶକ୍ତିକାନ୍ତ ରାୟ କୁହନ୍ତି, ମିଲର କେଉଁ ମଣ୍ଡିରୁ କେତେ ଧାନ କିଣିବେ ସରକାର ନିଷ୍ପତ୍ତି ନେଇଛନ୍ତି । ଧାନ କିଣାକୁ ସ୍ୱଚ୍ଛ କରିବାକୁ ପ୍ରଶାସନ ସବୁ ପ୍ରକାର ପଦକ୍ଷେପ ନେଇଛି ବୋଲି ସେ ସୂଚନା ଦେଇଛନ୍ତି ।

# ନୂଆବର୍ଷ ଉତ୍ସାହ





ନୂଆବର୍ଷ: ୨୦୨୩ର ପ୍ରଥମ ଦିନ ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ଭିଡ଼।



ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନବବର୍ଷର ଅଭିନନ୍ଦନ ଜଣାଉଛନ୍ତି ଜଣେ ଦିବ୍ୟାଙ୍ଗ।



ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନର ଏଲିଫ୍ୟାଣ୍ଟ ରେସ୍‌କ୍ୟୁ ସେଣ୍ଟରେ ଥିବା ୩ ହାତୀଙ୍କୁ ରବିବାର ଢେଙ୍କାନାଳ-କପିଳାସ ରାସ୍ତାରେ ଚଲାଇ ନିଆଯାଉଛି। ହାତୀମାନେ ଦୈନିକ ହାରାହାରି ୫୦ କି.ମି. ଚାଲିବା ଜରୁରୀ ଥିବାବେଳେ ସେମାନଙ୍କ ଶାରୀରିକ ସୁସ୍ଥତା ପାଇଁ ଏଭଳି ବ୍ୟବସ୍ଥା କରାଯାଇଛି। ନୂଆବର୍ଷରେ ହାତୀଙ୍କ ଏଭଳି ପରିକ୍ରମାକୁ ପର୍ଯ୍ୟଟକମାନେ ଉପଭୋଗ କରିଥିଲେ।



ଭୁବନେଶ୍ୱର ଜୟଦେବ ବାଟିକାରେ ଲୋକମାନେ ବୁଲାବୁଲି କରୁଛନ୍ତି।





ଭୁବନେଶ୍ୱର ଖଣ୍ଡଗିରି ଓ ଉଦୟଗିରି ପାହାଡ଼କୁ ରବିବାର ନୂଆବର୍ଷ ପାଇଁ ବୁଲି ଆସିଥିବା ଲୋକମାନେ।



ଗଞ୍ଜାମର ତାରାତାରିଣୀ ମନ୍ଦିର।



ଦାରିଙ୍ଗିବାଡ଼ି ୱାଚ୍ ଟାୱାରରେ ପର୍ଯ୍ୟଟକ।



କଟକ ବାରବାଟୀ ଦୁର୍ଗର ପ୍ରାକୃତିକ ପରିବେଶରେ ବୁଲୁଥିବା ଲୋକମାନେ।



ଶାନ୍ତିସ୍ତୂପ ଧଉଳିରେ ନୂଆବର୍ଷ ଗହଳି।



ନୂଆବର୍ଷର ଶୁଭକାମନା କରି କଟକ ଚଣ୍ଡୀମନ୍ଦିରରେ ଦୀପ ଜାଳୁଥିବା ଶ୍ରଦ୍ଧାଳୁ।




ନୂଆବର୍ଷ ପାଇଁ ଭିତରକନିକା ଜାତୀୟ ଉଦ୍ୟାନକୁ ବୁଲିବାକୁ ଆସିଥିବା ଲୋକମାନେ।

# ଏମ୍‌ପି ଭାଜପା ନେତୃତ୍ୱକୁ ଉମା ଭାରତୀଙ୍କ ବିରୋଧ

ଭୋପାଳ,୧୧

ମଧ୍ୟପ୍ରଦେଶରେ ଭାଜପା ନେତୃତ୍ୱକୁ ଦଳର ବରିଷ୍ଠ ନେତ୍ରୀ ଉମା ଭାରତୀ କିଛିଦିନ ହେଲା ଖୋଲାଖୋଲି ବିରୋଧ କରୁଥିବା ଦେଖାଯାଇଛି। ଏପରିକି ଆଗାମୀ ନିର୍ବାଚନରେ ରାଜ୍ୟରେ କଂଗ୍ରେସ ବିଜୟୀ ହେବ ବୋଲି ସେ କହିଛନ୍ତି। ୨୦୧୯ରେ ସେ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିବା ପରଠାରୁ ତାଙ୍କୁ ଦଳରେ ଅଣଦେଖା କରାଯାଉଛି। ଆସନ୍ତା ବର୍ଷ ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନ ଓ ୨୦୨୪ରେ ଲୋକ ସଭା ନିର୍ବାଚନ ଥିବା ବେଳେ ତାଙ୍କୁ ଦଳରେ ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିବା ଉମା ଭାରତୀ ଅନୁଭବ କରୁଛନ୍ତି। ରାଜ୍ୟ ରାଜନୀତିରେ ତାଙ୍କର ପ୍ରବେଶକୁ ଦଳର ଅନ୍ୟ ନେତାମାନେ


ଉମା ଭାରତୀ

ବିରୋଧ କରୁଛନ୍ତି। ତାଙ୍କ ନିର୍ବାଚନ ମଣ୍ଡଳୀ ଖଜୁରାହୋରୁ ଏବେ ଭାଜପା ରାଜ୍ୟ ସଭାପତି ଭି.ଡି. ଶର୍ମା ଏମ୍‌ପି ଥିବାବେଳେ ଭୋପାଳରୁ ପ୍ରଜ୍ଞା ସିଂ ଠାକୁର ଏବଂ ଝାନ୍ସିରୁ ଅନୁରାଗ ଶର୍ମା ପ୍ରତିନିଧିତ୍ୱ କରୁଛନ୍ତି।

ରାମ ଜନ୍ମଭୂମି ଆନ୍ଦୋଳନର ଅନ୍ୟତମ ଅଗ୍ନିବର୍ଷୀ ନେତ୍ରୀ ଉମା ଭାରତୀ ୩ ଦିନ ପୂର୍ବରୁ ଛିନ୍ଦୱାରାଠାରେ ଗଣମାଧ୍ୟମକୁ କହିଥିଲେ, ଭଗବାନ ରାମ ଏବଂ ହନୁମାନ ଭାଜପାର ପେଟେଣ୍ଟ ନୁହନ୍ତି। ସେମାନଙ୍କୁ ଭକ୍ତି କରିବାର ଅଧିକାର ଏହି ଦଳକୁ ମିଳିନାହିଁ ବୋଲି ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କହିଥିଲେ। ଭାଜପା ଏବଂ ଜନସଂଘ ପ୍ରତିଷ୍ଠା ହେବା ପୂର୍ବରୁ ଭଗବାନ ରାମ ଏବଂ ହନୁମାନ ରହିଥିଲେ। ମୋଗଲ ଏବଂ ବ୍ରିଟିଶ ଶାସନ କାଳରେ ମଧ୍ୟ ରାମ, ହନୁମାନଙ୍କ ଅବସ୍ଥିତି ଥିଲା। ବରିଷ୍ଠ କଂଗ୍ରେସ ନେତା କମଲ ନାଥ ତାଙ୍କ ନିର୍ବାଚନ ମଣ୍ଡଳୀ ଛିନ୍ଦୱାରାର ସେମାରିଆଠାରେ ୧୦୧ ଫୁଟ୍ ଉଚ୍ଚତା ବିଶିଷ୍ଟ ହନୁମାନ ମୂର୍ତ୍ତି ସହ ବିଶାଳ ମନ୍ଦିର ନିର୍ମାଣ କରିଥିବାରୁ ଭାଜପା ରାମ ଏବଂ ହନୁମାନଙ୍କ ନାଁରେ ଶପଥ ନେବ କି ବୋଲି ଖବରଦାତାମାନଙ୍କ ପ୍ରଶ୍ନର ଉତ୍ତରରେ ଉମା ଭାରତୀ ଏହା କହିଥିଲେ। ଭଗବାନଙ୍କୁ ପୂଜା କରିବା ଅଧିକାର ସମସ୍ତଙ୍କର ରହିଛି। ଭାଜପାର କେତେଜଣ ରାମ ମନ୍ଦିରକୁ ନେଇ ପରିହାସ କରୁଥିବାବେଳେ ଅଯୋଧ୍ୟାରେ ମନ୍ଦିର ନିର୍ମାଣ ପାଇଁ କଂଗ୍ରେସ ଲୋକେ ମଧ୍ୟ ଚାନ୍ଦା ଦେଇଥିବା ସେ କହିଥିଲେ। ଏହାର ୪ ଦିନ ପୂର୍ବରୁ ଉମା ଭାରତୀ ଓବିସି ଲୋଧି ସମ୍ପ୍ରଦାୟର ଲୋକମାନଙ୍କୁ ସମ୍ବୋଧନ କରି ଭାଜପାକୁ ଭୋଟ ଦେବା ଜରୁରୀ ନୁହେଁ, ଉପଯୁକ୍ତ ପ୍ରାର୍ଥୀଙ୍କୁ ଭୋଟ ଦିଅ ବୋଲି କହିଥିଲେ।

## ତେଲଙ୍ଗାନାରେ ବଦଳିବ ଭାଜପା ନେତୃତ୍ୱ

**ହାଇଦ୍ରାବାଦ,୧୧:** ଭାଜପା ତେଲଙ୍ଗାନା ନେତୃତ୍ୱରେ ପରିବର୍ତ୍ତନ ହେବାକୁ ଯାଉଛି। ଆସନ୍ତା ଫେବୃୟାରୀ କିମ୍ବା ମାର୍ଚ୍ଚରେ ଭାଜପା ନେତା ବଣ୍ଡି ସଞ୍ଜୟଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇପାରେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ହୁଜୁରାବାଦ ବିଧାୟକ ଏଟାଲା ରାଜେନ୍ଦରଙ୍କୁ ଭାଜପା ରାଜ୍ୟ ସଭାପତି ନିଯୁକ୍ତ କରାଯିବା ସହ ଆସନ୍ତାବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନରେ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯାଇପାରେ। ଭାଜପା ରାଷ୍ଟ୍ରୀୟ ଉପସଭାପତି ଡି.କେ. ଅରୁଣା, ପୂର୍ବତନ ଏମ୍‌ପି ଡିଥେନ୍ଦର ରେଡ୍ଡୀ ଏବଂ କୋମଟିରେଡ୍ଡୀ ରାଜଗୋପାଳ ରେଡ୍ଡୀ ରାଜ୍ୟ ନେତୃତ୍ୱ ଦୌଡ଼ରେ ଥିବାବେଳେ କେନ୍ଦ୍ରୀୟ ନେତୃତ୍ୱ ଏଟାଲା ରାଜେନ୍ଦରଙ୍କୁ ସଭାପତି ନିଯୁକ୍ତ କରିବାକୁ ଚାହୁଁଛି।

## ରାହୁଲଙ୍କ ନୂଆ ଅବତାର ଜାରି ରହିଲେ ରାଜନୀତି ବଦଳିବ: ସଞ୍ଜୟ ରାଉତ

ମୁମ୍ବାଇ,୧୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରାକୁ ଶିବସେନା (ଉଦ୍ଧବ ବାଲାସାହେବ ଠାକ୍‌ରେ) ନେତା ସଞ୍ଜୟ ରାଉତ ପ୍ରଶଂସା କରିଛନ୍ତି। ରାହୁଲଙ୍କର ଏହି ଅବତାର ଯଦି ୨୦୨୩ରେ ଜାରି ରହେ, ତେବେ ୨୦୨୪ରେ ରାଜନୀତିରେ ପରିବର୍ତ୍ତନ ଆସିପାରେ ବୋଲି ସଞ୍ଜୟ ଦଳୀୟ ମୁଖପତ୍ର ସାମ୍‌ନାରେ ଲେଖିଛନ୍ତି। ୨୦୨୪ ଲୋକ ସଭା ନିର୍ବାଚନରେ ରାହୁଲ ଗାନ୍ଧୀ ବିରୋଧୀ ଦଳର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ଶିବସେନା ନେତା ତାଙ୍କର ସାପ୍ତାହିକ ସ୍ତମ୍ଭ 'ରୋକ୍‌ଠୋକ୍'ରେ ଲେଖିଛନ୍ତି, କେନ୍ଦ୍ର ସରକାର ମହାରାଷ୍ଟ୍ର ସମେତ ସାରା ଦେଶକୁ ଧୋକା ଦେଇଛନ୍ତି। ଏହା ସତ୍ତ୍ୱେ ରାହୁଲ



ସତ୍ୟ ଓ ସାହସର ଯାତ୍ରା ଆରମ୍ଭ କରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କ ଯାତ୍ରାକୁ ବନ୍ଦ କରିବା ଲାଗି ଅନେକ ଷଡ଼ଯନ୍ତ୍ର କରାଯାଇଛି। ପ୍ରବଳ ଶୀତ ଲହରି ସତ୍ତ୍ୱେ ରାହୁଲ ଟି-ସାର୍ଟ ପିନ୍ଧି ପଦଯାତ୍ରାର ନେତୃତ୍ୱ ନେଉଛନ୍ତି। ୨୦୨୨ ରାହୁଲଙ୍କ ଏକ ନୂଆ ଅବତାର ଦେଖିଛି। ଯଦି ଏହି ଅବତାର ୨୦୨୩ରେ ଜାରି ରହେ ତେବେ ରାଜନୀତିରେ ପରିବର୍ତ୍ତନ ଆସିବ ବୋଲି ଶିବସେନା ଏମ୍‌ପି କହିଛନ୍ତି।

# ସବୁ ଦଳର ଦାବି ୨୦୨୩ରେ ସେମାନଙ୍କର ଭଲ ହେବ

**ଭୁବନେଶ୍ୱର,୧୧(ବ୍ୟୁରୋ):** ୨୦୨୩ ବର୍ଷରେ ରାଜ୍ୟ ରାଜନୀତି ଏକରକମ ସରଗରମ ହେବ ବୋଲି ଅନୁମାନ କରାଯାଉଛି। କାରଣ ଏହିବର୍ଷ ଶେଷଆଡ଼କୁ କିମ୍ବା ୨୦୨୪ ଆରମ୍ଭରୁ ରାଜ୍ୟରେ ସାଧାରଣ ନିର୍ବାଚନ ହୋଇପାରେ। ତେଣୁ ଏହି ବର୍ଷଟି ସବୁ ରାଜନୈତିକ ଦଳ ଲାଗି ଗୁରୁତ୍ୱପୂର୍ଣ୍ଣ। ତେବେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଏବର୍ଷ ସେମାନଙ୍କ ଲାଗି ଭଲ ହେବ ଏବଂ ସେମାନେ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇପାରିବେ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ତେବେ ଶାସକ ଦଳ ଲାଗି ପୁଣିଥରେ ଲୋକଙ୍କ ଆସ୍ଥାଭାଜନ ହୋଇ ସରକାର ବିରୋଧୀ ହାୱାକୁ ପ୍ରତିହତ କରିବା ସହିତ ଆଗାମୀ ନିର୍ବାଚନ ଲାଗି ଟିକେଟ ବଣ୍ଟନ ପ୍ରକ୍ରିୟା ଠିକ୍ ଭାବେ କରିବା ଚ୍ୟାଲେଞ୍ଜିଂ ହେବ। ସେହିପରି ରାଜ୍ୟରେ ଭାଜପା ତୃଣମୂଳସ୍ତରରେ ନିଜ ସଙ୍ଗଠନକୁ ମଜଭୁତ କରି ସରକାରୀ ବିରୋଧୀ ହାୱା ଗାଁ ଗାଁରେ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି। ତେବେ ରାଜ୍ୟରେ ଅତ୍ୟନ୍ତ ଦୁର୍ବଳ ସ୍ଥିତିକୁ ଚାଲିଯାଇଥିବା କଂଗ୍ରେସ ପୁଣିଥରେ ପୂର୍ବାବସ୍ଥାକୁ ଫେରିବ ବୋଲି ଆଶା ରଖିଛି।

ରବିବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଏ ବର୍ଷ ଆମ ପାଇଁ ଥିବା ପ୍ରତ୍ୟେକ ଚ୍ୟାଲେଞ୍ଜଗୁଡିକୁ ସାମ୍ନା କରିବାକୁ କାର୍ଯ୍ୟକର୍ତ୍ତାମାନେ ପ୍ରସ୍ତୁତ ଅଛନ୍ତି। ବିଚାର ଆଧାରିତ ପାର୍ଟିରେ କାମ କରୁଥିବା କାର୍ଯ୍ୟକର୍ତ୍ତାଙ୍କୁ ନା ଚେରାପୁଞ୍ଜିର ବର୍ଷା ଧୋଇଦେବ ନା ତାଙ୍କୁ ଥର୍ ମରୁଭୂମିର ଉଷ୍ମତା ଜଳାଇ ପାରିବ । ମୋଦିଙ୍କୁ ସାରା ବିଶ୍ୱ ରୋଲ୍ ମଡେଲ୍ ମାନୁଛି। ମୋଦି ସରକାରଙ୍କ ସମସ୍ତ କେନ୍ଦ୍ରୀୟ ଯୋଜନାର ଲାଭ ସାରା ଦେଶବାସୀ ପାଉଛନ୍ତି। ହେଲେ ଓଡ଼ିଶା ସରକାରଙ୍କ ପାଇଁ ଏଭଳି ଯୁଗାନ୍ତକାରୀ ଯୋଜନାର ସୁଫଳ ରାଜ୍ୟବାସୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରି ନାହିଁ। ଦାୟିତ୍ୱବାନ୍ ଓ ସଚେତନ ବିରୋଧୀ ଦଳ ଭାବେ ବିଭିନ୍ନ ସମୟରେ ରାଜରାସ୍ତାଠାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ଭାଜପା ସ୍ୱର ଉଠାଇ ପ୍ରତିବାଦ କରିଆସୁଛି। ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ହକ୍ ପାଇଁ ଲଢ଼େଇ କରୁଛୁ। ୨୦୨୩ରେ ମଧ୍ୟ ଏହି ଲଢ଼େଇ ଜାରି ରହିବ ବୋଲି ସମୀର କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ରାଜ୍ୟରେ କୋଟି କୋଟି ଟଙ୍କାର ଦୁର୍ନୀତି ଚାଲିଛି। ଏପରିକି ଚିଟ୍‌ଫଣ୍ଡ ଏବଂ ମାଇନିଂ ସ୍କାମ୍ ଚାଲିଛି। ମୁଖ୍ୟମନ୍ତ୍ରୀ ନିର୍ବାଚନ ଜିତିଯିବା ପରେ ଅଫିସରମାନଙ୍କୁ କ୍ଷମତା ବା ଶାସନ ଭାର ଦେଇ ଦଉଛନ୍ତି। ତେଣୁ ଓଡ଼ିଶାରେ ଅଫିସରରାଜ୍ ଚାଲିପାରିବ ନାହିଁ। ୨୦୨୩ ହେଉଛି କଂଗ୍ରେସ ପାଇଁ ସଂଘର୍ଷ କରିବାର ସମୟ। କଂଗ୍ରେସ ଘରକୁ ଘର ବୁଲିକି ଲୋକଙ୍କ ପାଖକୁ ଯାଇ ସଂଘର୍ଷ କରିବା ସହ ସେମାନଙ୍କ ଆସ୍ଥାଭାଜନ ହେବାକୁ ଚେଷ୍ଟା କରିବୁ।

ବିଜେଡି ନେତ୍ରୀ ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିଜେଡି ପାଇଁ କେତେବେଳେ ହେଲେ ଏଠି ଚ୍ୟାଲେଞ୍ଜ ହୋଇନାହିଁ। ନିର୍ବାଚନ କେବେ ମଧ୍ୟ ବିଜେଡି ପାଇଁ ଚ୍ୟାଲେଞ୍ଜ ହେଇନି। ବିଜେଡିର ନେତାମାନେ ସବୁବେଳେ ଲୋକଙ୍କ ସାଙ୍ଗରେ ରହି ସେମାନଙ୍କ କାମ କରୁଛନ୍ତି। ଦଳ ଭିତରେ କିଛି ଅସନ୍ତୋଷ ନାହିଁ, କାରଣ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଦାୟିତ୍ୱ ଦେଇ ରଖିଛନ୍ତି ବୋଲି ସେ କହିଛନ୍ତି।

## ରାଜ୍ୟରେ ଦୁର୍ନୀତି ବଢ଼ିଚାଲିଛି: ସମୀର

**ଖୋର୍ଦ୍ଧା ଅଫିସ/ଟାଙ୍ଗୀ/ନିରାକାରପୁର, ୧୧ (ଡି.ଏନ୍.ଏ):** ନୂଆବର୍ଷରେ ଆମ ପାଇଁ ଥିବା ପ୍ରତ୍ୟେକ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ କାର୍ଯ୍ୟକର୍ତ୍ତା ପ୍ରସ୍ତୁତ। ଭାଜପା ଏକ ବିଚାର ଆଧାରିତ ଓ ଶୃଙ୍ଖଳିତ ଦଳ। ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟଙ୍କ ଏକାତ୍ମବାଦ ଦର୍ଶନକୁ ଆଧାରକରି ଭାଜପା ଓଡ଼ିଶାବାସୀଙ୍କ ସେବା କରୁଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାରା ବିଶ୍ୱ ରୋଲ୍ ମଡେଲ୍ ମାନୁଛି। କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନାର ଲାଭ ଦେଶବାସୀ ପାଉଥିବାବେଳେ ଓଡ଼ିଶାରେ ଏହାର ସୁଫଳ ରାଜ୍ୟବାସୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚିପାରୁନାହିଁ। ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ହକ୍ ପାଇଁ ଭାଜପା ଲଢେଇ କରୁଛି। ୨୦୨୩ରେ ମଧ୍ୟ ଏହି ଲଢ଼େଇ ଜାରି ରହିବ। ଆଗାମୀ ଦିନରେ ନୂତନ ଆଶା, ଉତ୍ସାହ ଓ ସମ୍ଭାବନା ନେଇ ଦଳ ନିର୍ବାଚନ ମଇଦାନକୁ ଓହ୍ଲାଇବ। ରାଜ୍ୟରେ ଦୁର୍ନୀତି, ଭ୍ରଷ୍ଟାଚାର ବଢ଼ିଚାଲିଛି। ହାତଗଣତି ଦୁର୍ନୀତିର ପର୍ଦ୍ଦାଫାଶ କରି ସରକାର ଜନତାଙ୍କୁ ବୋକା ବନାଇବାର ଅପପ୍ରୟାସ କରୁଛନ୍ତି। ଓଡ଼ିଶାରେ ମହିଳା ସୁରକ୍ଷିତ ନୁହନ୍ତି। ଜେଲ ମଧ୍ୟ ସୁରକ୍ଷିତ ନୁହେଁ। ମମିତା ମେହେର ଆତ୍ମାକୁ ନ୍ୟାୟ ମିଳିପାରିଲା ନାହିଁ। ଗଣତନ୍ତ୍ରରେ ଜନତା ହିଁ ମାଲିକ ଏବଂ ସେମାନେ ରାଜ୍ୟ ସରକାରଙ୍କୁ ଉଚିତ ଜବାବ୍ ଦେବେ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି।

ନବବର୍ଷ-୨୦୨୩ର ପ୍ରଥମ ଦିବସରେ ଭାଜପା ରାଜ୍ୟ ସଭାପତି ଖୋର୍ଦ୍ଧାର ପ୍ରସିଦ୍ଧ ଶକ୍ତିପୀଠ ମା' ଉଗ୍ରତାରାଙ୍କୁ ଦର୍ଶନ କରି ରାଜ୍ୟବାସୀଙ୍କ ସୁଖ, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟର କାମନା କରିଛନ୍ତି। ଭାରତ ଶୀର୍ଷ ସ୍ଥାନରେ ପହଞ୍ଚିବା ଏବଂ ଜି-୨୦ର ସଫଳତା ପାଇଁ ମା' ଉଗ୍ରତାରାଙ୍କ ନିକଟରେ ସେ ପ୍ରାର୍ଥନା କରିଛନ୍ତି। ମହାନ୍ତିଙ୍କ ସହିତ ରାଜ୍ୟ ମୁଖପାତ୍ର ଠାକୁର ରଣଜିତ ଦାସ ଏବଂ ରାଜ୍ୟ ମିଡିଆ ସହସଂଯୋଜକ ସୁଜିତ ଦାସ ଉପସ୍ଥିତ ଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଖଣ୍ଡାୟତରାୟ, କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ, କୋଷାଧ୍ୟକ୍ଷ ବିଶ୍ୱଜିତ ସ୍ୱାଇଁ, ରାଜ୍ୟ ପରିଷଦ ସଦସ୍ୟ ରଘୁନାଥ ସାହୁ, ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର କଳସ ପ୍ରମୁଖ ଯୋଗଦେଇଥିଲେ।














































## ମସ୍ତିଷ୍କକୁ ସକ୍ରିୟ ରଖେ ଭିଟାମିନ୍ 'ଡି'



**ଆ**ମ ଶରୀରରେ ଭିଟାମିନ୍ 'ଡି' ସ୍ତର ସନ୍ତୁଳିତ ରହିବା ନିହାତି ଦରକାର। ବିଶେଷଭାବରେ ଏହାଦ୍ୱାରା ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ହୋଇଥାଏ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡ଼ିଛି। ଭିଟାମିନ୍ 'ଡି'ର କେଉଁ ପ୍ରକାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡୁଛି, ତାହା ଜାଣିବା ଲାଗି ୟୁନିଭର୍ସିଟି ଅଫ୍ ବର୍ଲିନର ପୁଷ୍ଟିବିଜ୍ଞାନୀମାନେ ଏକ ଗବେଷଣା କରିଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ନିୟମିତ ଭିଟାମିନ୍ 'ଡି' ଖାଇବା ଦ୍ୱାରା ଶରୀର ଭିତରେ 'ସେରୋଟୋନିକ୍' ନାମକ ତତ୍ତ୍ୱ ସନ୍ତୁଳିତ ରହିଥାଏ। ଏହାଫଳରେ ମସ୍ତିଷ୍କର କାର୍ଯ୍ୟଧାରା ଆହୁରି ସକ୍ରିୟ ରହେ। ଶରୀରରେ ଭିଟାମିନ୍ 'ଡି' ସ୍ତର କମିଗଲେ ଅସ୍ଥି ଦୁର୍ବଳ ହୋଇଯାଏ। ଏହାସହ କ୍ୟାଲ୍‌ସିୟମ ସ୍ତର ଅସନ୍ତୁଳିତ ରହିଥାଏ। ଏପରି କି ଏହାଦ୍ୱାରା ହାର୍ଟ ଆଟାକ୍ ଏବଂ କିଡ୍‌ନୀରେ ଷ୍ଟୋନ୍ ହେବାର ଆଶଙ୍କା ମଧ୍ୟ ରହିଛି। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଡି'ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ। ମାଛ, ଅଣ୍ଡା, ଦୁଗ୍ଧଜାତୀୟ ଖାଦ୍ୟ ଏବଂ ଛତୁରେ ଏହି ଭିଟାମିନ୍ ଭରି ରହିଛି।

## ଜିନ୍ କାର୍ଯ୍ୟଧାରା ଅସନ୍ତୁଳିତ ହେଲେ...

**ଆ**ମ ଶରୀର ଭିତରେ ଯଦି ଜିନ୍‌ର କାର୍ଯ୍ୟଧାରା ଅସନ୍ତୁଳିତ ହୁଏ, ତେବେ ତାହା ଏକ ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣିଥାଏ। ତାହା କ'ଣ ଜାଣନ୍ତି? ଏହାଦ୍ୱାରା ଜଣେ ବ୍ୟକ୍ତି ମେଦବହୁଳତାର ସମ୍ମୁଖୀନ ହେବାର ଆଶଙ୍କା ରହିଛି ବୋଲି ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। 'ଜିନ୍‌ର ଅସନ୍ତୁଳିତ କାର୍ଯ୍ୟଧାରା ଏବଂ ମେଦବହୁଳତା' ଶୀର୍ଷକ ବିଷୟ ଉପରେ ୟୁନିଭର୍ସିଟି ଅଫ୍ ସିଡ୍‌ନୀର ବିଶେଷଜ୍ଞମାନେ ଏକ ଗବେଷଣା କରିଥିଲେ। ଏହି ସମୟରେ ସେମାନେ ଜାଣିପାରିଥିଲେ ଯେ, ଜିନ୍‌ର କାର୍ଯ୍ୟ ଅସନ୍ତୁଳିତ ରହିଲେ ତାହା ମେଦବହୁଳତାକୁ ଡାକି ଆଣିବାର ଯଥେଷ୍ଟ ଆଶଙ୍କା ରହିଛି। ଅନ୍ୟପକ୍ଷରେ ଏଭଳି ସମସ୍ୟା ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କର ଓଜନ ମାପିବା ସମୟରେ ଏହାଦ୍ୱାରା ସେମାନଙ୍କର ଓଜନ ବଢୁଥିବାର ବିଶେଷଜ୍ଞମାନେ ଜାଣିବାକୁ ପାଇଥିଲେ।



# ଭାରତର ପ୍ରଥମ ଘରୋଇ ରକେଟ୍



ନିକୁଞ୍ଜ ବିହାରୀ ସାହୁ

"ବିକ୍ରମ-ଏସ୍ ରକେଟ୍‌ର ଉତ୍କ୍ଷେପଣ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ଏକ ବିରାଟ ପ୍ରଯୁକ୍ତିଗତ ଉପଲବ୍ଧି ଏବଂ ସେମାନଙ୍କ ଅଫୁରନ୍ତ ପ୍ରତିଭାର ପରିଚୟ। ଘରୋଇ ଉଦ୍ୟୋଗର ଅନ୍ତରୀକ୍ଷ କ୍ଷେତ୍ରରେ ବହୁଳ ଭାଗୀଦାରି ସୁନିଶ୍ଚିତ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଅନ୍ତରୀକ୍ଷ ବିଭାଗ ଅଧୀନରେ 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ସଂବର୍ଦ୍ଧନ ଓ ପ୍ରାଧିକରଣ କେନ୍ଦ୍ର ନାମକ ଏକ ସଂସ୍ଥା ଗଠନ କରାଯାଇଛି। ଏହା ଏପର୍ଯ୍ୟନ୍ତ ଅନ୍ତରୀକ୍ଷ କ୍ଷେତ୍ରରେ କାର୍ଯ୍ୟରତ ୫ଟି ଘରୋଇ ସଂସ୍ଥାକୁ ଭାରତରେ ଅନ୍ତରୀକ୍ଷ ଅନୁସନ୍ଧାନ ନିମନ୍ତେ ପ୍ରାଧିକାର ପ୍ରଦାନ କରିବା ସାଙ୍ଗକୁ ସମୁଦାୟ ୧୬ଟି ରାଜିନାମା ସ୍ୱାକ୍ଷରିତ କରିସାରିଛି।"



**ଗ**ତ ବର୍ଷ ନଭେମ୍ବର ୧୮ ତାରିଖରେ ଭାରତର ଅନ୍ତରୀକ୍ଷ ଅଭିଯାନ କ୍ଷେତ୍ରରେ ଏକ ନୂତନ ଯୁଗର ଅୟମାରମ୍ଭ ହୁଏ। ଏହି ଦିନ ବେସରକାରୀ ଉଦ୍ୟମରେ ନିର୍ମିତ ଏକ ରକେଟ୍ ପ୍ରଥମ ଥର ପାଇଁ ମହାକାଶକୁ ଉତ୍କ୍ଷେପିତ ହୋଇଛି। ଏହି ରକେଟ୍‌ର ନାମ ବିକ୍ରମ-ଏସ୍ (VIKRAM-S), ଯାହାକୁ ଇସ୍ରୋର ଶ୍ରୀହରିକୋଟାସ୍ଥିତ ଉତ୍କ୍ଷେପଣ କେନ୍ଦ୍ରରୁ ସଫଳତାର ସହିତ ପ୍ରେରଣ କରାଯାଇଛି। ପୂର୍ବରୁ ଆମ ଦେଶରେ ଅନ୍ତରୀକ୍ଷ କାର୍ଯ୍ୟକ୍ରମ କେବଳ ସରକାରୀ ଉଦ୍ୟମରେ ପରିଚାଳିତ ଭାରତୀୟ ଅନ୍ତରୀକ୍ଷ ସଙ୍ଗଠନ (ଇସ୍ରୋ, ISRO)ର ଏକଚାଟିଆ ଅଧିକାର ଥିଲା, ଯାହା ୧୯୬୯ ମସିହାରେ ଭାରତୀୟ ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ଡ. ବିକ୍ରମ ସରାଭାଇଙ୍କ ମାର୍ଗଦର୍ଶନରେ ପ୍ରତିଷ୍ଠା ହୋଇଥିଲା।

ଇସ୍ରୋ ନିଜର ଦୀର୍ଘ ୩୩ ବର୍ଷର ସମୟକାଳ ମଧ୍ୟରେ ଆମର ପଡ଼ୋଶୀ ଚନ୍ଦ୍ର ଓ ମଙ୍ଗଳ ଗ୍ରହ ସମେତ ସମଗ୍ର ଅନ୍ତରୀକ୍ଷକୁ ନିଜସ୍ୱ ଯାନ ଜରିଆରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯାନ ପ୍ରେରଣ କରିବା ସାଙ୍ଗକୁ ଅନ୍ୟ ରାଷ୍ଟ୍ରମାନଙ୍କର ଉପଗ୍ରହସବୁକୁ ମଧ୍ୟ ମହାକାଶରେ ଅବସ୍ଥାପିତ କରି ନିଜର ଦକ୍ଷତା ଓ ଉତ୍କର୍ଷର ପରିଚୟ ଦେଇଛି। ଏହା ଭାରତକୁ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ସ୍ୱାବଲମ୍ବୀ କରାଇବା ସାଙ୍ଗକୁ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ କ୍ଷେତ୍ର ଯଥା କୃଷି, ଜଙ୍ଗଲ, ପାଣିପାଗ ନିରୂପଣ, ବିପର୍ଯ୍ୟୟ ପରିଚାଳନା ଇତ୍ୟାଦି କ୍ଷେତ୍ରରେ ନିଜର ଯୋଗଦାନ ସୁନିଶ୍ଚିତ କରି ରାଷ୍ଟ୍ରୀୟ ପ୍ରଗତିକୁ ତ୍ୱରାନ୍ୱିତ କରିଛି। ଏହି ସଂସ୍ଥା ସ୍ୱଳ୍ପ ପୁଞ୍ଜି ବିନିଯୋଗ ଦ୍ୱାରା ଭାରତ ଭଳି ଏକ ବିକାଶଶୀଳ ଦେଶ ପକ୍ଷରେ କିପରି ମହାକାଶ ଅଭିଯାନ କ୍ଷେତ୍ରରେ ମହତ୍ତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିବା ସମ୍ଭବ ତାହା ପ୍ରମାଣିତ କରିଛି।

ମାତ୍ର ଏକ ବ୍ୟବସାୟିକ ସଂସ୍ଥା ରୂପେ 'ଇସ୍ରୋ' ଆଶାନୁରୂପ ସଫଳତା ପ୍ରାପ୍ତ ହୋଇପାରି ନାହିଁ ଏବଂ ବିଶ୍ୱ ଅନ୍ତରୀକ୍ଷ ବଜାରରେ ଏହାର ଆୟ ମାତ୍ର ୨% ମାତ୍ରା ମଧ୍ୟରେ ସୀମିତ ଅଛି। ଏହା ସେତେଟା ଆଖିଦୃଶିଆ ହୋଇ ନ ଥିଲେ ସୁଦ୍ଧା ଇସ୍ରୋ ଆଗାମୀ ଦିନରେ ବେସରକାରୀ



ସଂସ୍ଥାମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଅନ୍ତର୍ଭୁକ୍ତ କରି ନିଜର ଆୟକୁ ୮%କୁ ବୃଦ୍ଧି କରିବାକୁ ଆଶା ରଖିଛି। ଇତିମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିକଟରେ ଘୋଷଣା କରାଯାଇଥିବା ରାଷ୍ଟ୍ରୀୟ ଅନ୍ତରୀକ୍ଷ ନୀତି (NATIONAL SPACE POLICY) ବେସରକାରୀ ସଂସ୍ଥାମାନଙ୍କୁ ଅନ୍ତରୀକ୍ଷ କ୍ଷେତ୍ରରେ ଯୋଗଦାନ କରିବାକୁ ପ୍ରୋତ୍ସାହିତ କରିବ, ଯାହା ଫଳରେ ସେମାନେ ନିଜସ୍ୱ ଯାନ ଓ ଉପଗ୍ରହ ବିକଶିତ କରି ସେସବୁକୁ ଇସ୍ରୋର ଉତ୍କ୍ଷେପଣ ଘାଟିରୁ ମହାକାଶକୁ ପ୍ରେରଣ କରିବା ସାଙ୍ଗକୁ ବ୍ୟବସାୟିକ ଉପଲବ୍ଧି ହାସଲ କରିପାରିବେ। ଅନ୍ତରୀକ୍ଷ କ୍ଷେତ୍ରକୁ ଘରୋଇକରଣ ନିମନ୍ତେ ଆମେରିକୀୟ ମହାକାଶ ସଂସ୍ଥା ନାସା (NASA)କୁ ପ୍ରାୟ ଏକ ଦଶକ ସମୟ ଲାଗିଥିଲାବେଳେ ଇସ୍ରୋ ଏହି ଲକ୍ଷ୍ୟକୁ ଆଗାମୀ ୧୦-୧୫ ବର୍ଷ ସମୟ ମଧ୍ୟରେ ହାସଲ କରିବ ବୋଲି ଆଶା ବାନ୍ଧିଛି। ଘରୋଇ ସଂସ୍ଥାମାନଙ୍କୁ ଭିତ୍ତିଭୂମି ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ନେଇ ଇସ୍ରୋ ଏବେ ଶ୍ରୀହରିକୋଟାଠାରେ ଏକ ତୃତୀୟ ଉତ୍କ୍ଷେପଣ ମଞ୍ଚ (LAUNCH PAD) ଓ ତାମିଲନାଡୁର ତୁତିକୋରିନଠାରେ ଏକ ନୂଆ ଅନ୍ତରୀକ୍ଷ ବନ୍ଦର (SPACE PORT) ସ୍ଥାପନ କରିବାକୁ ପଦକ୍ଷେପ ନେଉଛି।

ବିକ୍ରମ-ଏସ୍ ରକେଟ୍‌କୁ ହାଇଦ୍ରାବାଦସ୍ଥିତ ଏକ ଷ୍ଟାର୍ଟ-ଅପ୍ 'ସ୍କାଇରୁଟ ଏରୋସ୍ପେସ୍' ଦୀର୍ଘ ଦୁଇ ବର୍ଷର ଗବେଷଣା ଓ କଠିନ ପରିଶ୍ରମ କରି ବିକଶିତ କରିଥିଲା। କଠିନ ଇନ୍ଧନରେ ଚାଳିତ ୬ ମିଟର ଲମ୍ବର ନିମ୍ନ-କକ୍ଷପଥୀୟ (SUB-ORBITAL) ଗତି ବିଶିଷ୍ଟ ଏହି ରକେଟ୍ ଉତ୍କ୍ଷେପଣ ପରେ ୫ ମିନିଟ କାଳ ଉଡ୍ଡାଣ ଭରି ଅନ୍ତରୀକ୍ଷରେ ୮୯.୫ କି.ମି. ଦୂରତା ଆରୋହଣ କରିଥିଲା ଏବଂ ଈପ୍ସିତ ଅଭିଯାନର ସମସ୍ତ ଲକ୍ଷ୍ୟ ହାସଲ କରି ବଙ୍ଗୋପ ସାଗରରେ ପତନ ଦେଇଥିଲା। ବିକ୍ରମ-ଏସ୍ ରକେଟ୍‌ର ଏକ ବିଶେଷତ୍ୱ ହେଉଛି ଯେ, ଏହାର ନିର୍ମାଣରେ କିଛି ଅତ୍ୟାଧୁନିକ ପ୍ରଯୁକ୍ତି ଓ ଜ୍ଞାନକୌଶଳ ବ୍ୟବହାର କରାଯାଇଛି, ଯାହା ମଧ୍ୟରେ ଏହାର ଧୂଆଁନଳୀ ରୂପରେଖ ପ୍ରସ୍ତୁତିରେ 3ଡି (3D) ପ୍ରିଣ୍ଟର କୌଶଳ ଏବଂ ମୋଟର ଆବରଣ ଗଠନରେ ନାନୋ-କାର୍ବନ୍ ପ୍ରଯୁକ୍ତି ପ୍ରମୁଖ ଅଟେ। ଏହାର ଉତ୍କ୍ଷେପଣ କାଳୀନ ଓଜନ ୫୪୫ କି.ଗ୍ରା., ଯାହା ୮୦ କି.ଗ୍ରା. ଭାର ବହନ କରି ଅନ୍ତରୀକ୍ଷକୁ ଯାତ୍ରା କରିବାକୁ ସକ୍ଷମ। ସ୍କାଇରୁଟ୍ କମ୍ପାନୀ ଆଗାମୀ ଦିନରେ ଆମ ଦେଶର କେନ୍ଦ୍ରୀୟ ନିୟନ୍ତ୍ରକ ସଂସ୍ଥା 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ସଂବର୍ଦ୍ଧନ ଓ ପ୍ରାଧିକରଣ କେନ୍ଦ୍ର'ଙ୍କ ଅନୁମତି କ୍ରମେ କକ୍ଷରେ ଅବସ୍ଥାପିତ ହୋଇ ଗତି କରିପାରୁଥିବା ବିକ୍ରମ-୧ ଶ୍ରେଣୀର ଉନ୍ନତ ରକେଟ୍ ପ୍ରେରଣ କରି ଅନ୍ତରୀକ୍ଷ ଅଭିଯାନର କିଛି ଜଟିଳ ଜ୍ଞାନକୌଶଳ ପରୀକ୍ଷା କରିବାକୁ ଆଶା ବାନ୍ଧିଛି। ଏହି ଅଭିଯାନକୁ ଭାରତର ଅନ୍ତରୀକ୍ଷ କାର୍ଯ୍ୟକ୍ରମର ଜନକ ଡ. ବିକ୍ରମ ସରାଭାଇଙ୍କ ନାମରେ ନାମିତ କରାଯାଇଛି।

ବିକ୍ରମ-ଏସ୍ ରକେଟ୍‌ର ଉତ୍କ୍ଷେପଣ ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ଘରୋଇ ଉଦ୍ୟୋଗର ଏକ ବିରାଟ ପ୍ରଯୁକ୍ତିଗତ ଉପଲବ୍ଧି ଏବଂ ସେମାନଙ୍କ ଅଫୁରନ୍ତ ପ୍ରତିଭାର ପରିଚୟ। ଘରୋଇ ଉଦ୍ୟୋଗର ଅନ୍ତରୀକ୍ଷ କ୍ଷେତ୍ରରେ ବହୁଳ ଭାଗୀଦାରି ସୁନିଶ୍ଚିତ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଅନ୍ତରୀକ୍ଷ ବିଭାଗ ଅଧୀନରେ 'ରାଷ୍ଟ୍ରୀୟ ଅନ୍ତରୀକ୍ଷ ସଂବର୍ଦ୍ଧନ ଓ ପ୍ରାଧିକରଣ କେନ୍ଦ୍ର ନାମକ ଏକ ସଂସ୍ଥା ଗଠନ କରାଯାଇଛି। ଏହା ଏପର୍ଯ୍ୟନ୍ତ ଅନ୍ତରୀକ୍ଷ କ୍ଷେତ୍ରରେ କାର୍ଯ୍ୟରତ ୫ଟି ଘରୋଇ ସଂସ୍ଥାକୁ ଭାରତରେ ଅନ୍ତରୀକ୍ଷ ଅନୁସନ୍ଧାନ ନିମନ୍ତେ ପ୍ରାଧିକାର ପ୍ରଦାନ କରିବା ସାଙ୍ଗକୁ ସମୁଦାୟ ୧୬ଟି ରାଜିନାମା ସ୍ୱାକ୍ଷରିତ କରିସାରିଛି। ଏହା ମଧ୍ୟ ଇତିମଧ୍ୟରେ ବିଭିନ୍ନ ଘରୋଇ ସଂସ୍ଥାଠାରୁ ଅନ୍ତରୀକ୍ଷ କ୍ଷେତ୍ରକୁ ଉପଯୋଗ ନିମନ୍ତେ ଅନୁରୋଧ, ସୁବିଧା ପ୍ରଦାନ ଓ ସମର୍ଥନ ନିମନ୍ତେ ୧୫୦ଟି ଆବେଦନ ପ୍ରାପ୍ତ ହୋଇସାରିଛି। ଅନ୍ତରୀକ୍ଷ କ୍ଷେତ୍ରର ଘରୋଇକରଣ ପ୍ରକ୍ରିୟା ପ୍ରଥମେ ୨୦୨୦ ଜୁନ୍‌ରେ ଭାରତ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁସାରେ ଆରମ୍ଭ ହୋଇଥିଲା। (କ୍ରମଶଃ..)

- ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ: ୮୦୧୮୭୦୮୮୫୮

## କୁକିଂ ଏକ୍ସପର୍ଟ ରୋବୋ

**ଆ**ଜିକାଲି ବିଭିନ୍ନ କ୍ଷେତ୍ରରେ ରୋବୋର ବ୍ୟବହାର କରାଯାଉଛି। ଏପରି କି ଚିକିତ୍ସା ବିଜ୍ଞାନରେ ପୁଣି ଅପରେଶନ ସମୟରେ ଏହାର ସହାୟତା ନିଆଯାଉଛି। ନିକଟରେ ଜାପାନର ବୈଜ୍ଞାନିକମାନେ ଏଭଳି ଏକ ରୋବୋ ପ୍ରସ୍ତୁତ କରିଛନ୍ତି, ଯାହା ଘରର ଅନେକ କାମକୁ ସୁଚାରୁ ରୂପେ ସମ୍ପାଦନ କରିପାରିବ। ଉନ୍ନତ ଜ୍ଞାନକୌଶଳ ଦ୍ୱାରା ତିଆରି ହୋଇଥିବା ଉକ୍ତ ରୋବୋ ରୋଷେଇ ମଧ୍ୟ କରିପାରିବ। କେବଳ ସେତିକି ନୁହେଁ, ଘରଦ୍ୱାର ସଫା କରିବା ଏପରି କି ବାସନମାଜିବା କାମକୁ ମଧ୍ୟ ତୁଲାଇପାରିବ। ଏହି ରୋବୋରେ ୨୫ଟି ମୋଟର ଏବଂ ୧୩୦ଟି ସେନ୍‌ସର ଲାଗିଛି। ରୋବୋ ରୋଷେଇ କରିବା ସମୟରେ ତାକୁ ପ୍ରାରମ୍ଭିକ କିଛି ସୂଚନା ଦେବା ସହ ଅଳ୍ପ ସମୟ ଅନୁଧ୍ୟାନ କରିବା ପରେ ସେ ଅକ୍ଲେଶରେ ରୋଷେଇ କାମକୁ ସମ୍ପାଦନ କରିପାରିବ ବୋଲି ଉକ୍ତ ୟୁନିଭର୍ସିଟି ପକ୍ଷରୁ ସୂଚନା ଦିଆଯାଇଛି।



## ଷ୍ଟେମ୍ ସେଲ୍ ଓ ଡାଇବେଟିସ୍

**ଜ**ଣେ ବ୍ୟକ୍ତି ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ହେଲେ ଏଥିଲାଗି ସତର୍କ ରହିବାକୁ ପଡିଥାଏ। ବିଶେଷ ଭାବରେ ଖାଦ୍ୟପେୟ, ଦୈନନ୍ଦିନ ଜୀବନଶୈଳୀ, ଔଷଧ ଖାଇବା ଏବଂ ନିୟମିତ ସମୟ ଅନ୍ତରାଳରେ ରକ୍ତରେ ସୁଗାର ପରିମାଣ କେତେ ରହୁଛି ତାହା ପରୀକ୍ଷା କରାଇ ନେବା ପ୍ରତି ନଜର ଦେବାକୁ ହୋଇଥାଏ। ଡାଇବେଟିସ୍‌ରୁ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବା ସମ୍ଭବ ନୁହେଁ। ଏହାକୁ କେବଳ ନିୟନ୍ତ୍ରଣରେ ରଖାଯାଇଥାଏ। ତେବେ ଏଥିଲାଗି ଏକ ନୂଆ ଉପାୟ ଖୋଜି ପାଇଛନ୍ତି ୱାଶିଂଟନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ସେମାନେ ଷ୍ଟେମ୍ ସେଲ୍‌କୁ ତନ୍ନ ତନ୍ନ କରି ତର୍ଜମା କରିବା ପରେ ମତ ଦେଇଛନ୍ତି ଯେ, ଯଦି ଏହି ସେଲ୍‌କୁ ଇନ୍‌ସୁଲିନ୍‌ରେ ରୂପାନ୍ତରିତ କରାଯାଇପାରନ୍ତା, ତେବେ ଏହାଦ୍ୱାରା ଡାଇବେଟିସ୍‌କୁ ନିୟନ୍ତ୍ରଣରେ ରଖାଯାଇପାରନ୍ତା। ତେବେ ଏଭଳି କଥା ପଛରେ ଆହୁରି କେତେ ସତ୍ୟତା ଅଛି, ତାହା ଜାଣିବାକୁ ଆଉ ଗବେଷଣାର ଆବଶ୍ୟକତା ରହିଛି ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ବୁଦ୍ଧିମତ୍ତା ବୃଦ୍ଧି କରିବାର ସହଜ ଉପାୟ

**ବୁ**ଦ୍ଧିମତ୍ତା ବୃଦ୍ଧି କରିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଏଥିପାଇଁ ଆପଣଙ୍କୁ ନିଜର ଜୀବନଶୈଳୀ ପ୍ରତି ଧ୍ୟାନ ଦେବାକୁ ପଡ଼ିବ। ପ୍ରଥମେ ନିତିଦିନିଆ ରୁଟିନ୍‌ରେ ବ୍ୟାୟାମ ସାମିଲ କରନ୍ତୁ। ତା'ସହ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବାକୁ ଭୁଲନ୍ତୁ ନାହିଁ। ଯଦି ଆପଣଙ୍କର ବିଳମ୍ବରେ ଖାଇବାର ଅଭ୍ୟାସ ଅଛି, ତେବେ ତାହାକୁ ତୁରନ୍ତ ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ବିଳମ୍ବରେ ଖାଦ୍ୟ ଖାଇଲେ ତାହା ବୁଦ୍ଧିମତ୍ତାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି ବୋଲି ମତବ୍ୟକ୍ତ କରିଛନ୍ତି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ। ନିୟମିତ ବିଳମ୍ବରେ ଖାଉଥିବା କେତେକ ବ୍ୟକ୍ତିଙ୍କର ବୁଦ୍ଧିମତ୍ତାକୁ ସେମାନେ ଠିକ୍ ସମୟରେ ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କର ବୁଦ୍ଧିମତ୍ତା ସହ ତୁଳନା କରି ସେମାନେ ଏକଥା ଜାଣିବାକୁ ପାଇଥିଲେ। ଠିକ୍ ସମୟରେ ଖାଦ୍ୟ ଖାଇଲେ ତାହା ବୁଦ୍ଧିମତ୍ତା ବିକାଶରେ କେତେକାଂଶରେ ସାହାଯ୍ୟ କରିଥାଏ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ଅଧିକ ଝାଳ ବୋହିଲେ...



**ଆ**ମ ଶରୀରରୁ ଝାଳ ବାହାରିବା ଦରକାର। ହେଲେ କେତେକ ବ୍ୟକ୍ତିଙ୍କ ଦେହରୁ ଆବଶ୍ୟକତାଠାରୁ ଅଧିକ ଝାଳ ବୋହିଥାଏ। ଏଭଳି ସମସ୍ୟା ଦେଖାଦେଲେ ତାହା କେତେକ ରୋଗର କାରଣ ସାଜିଥାଏ ବୋଲି ୟୁନିଭର୍ସିଟି ଅଫ୍ ଲଣ୍ଡନର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଯଦି ଜଣେ ବ୍ୟକ୍ତିଙ୍କର ଶରୀର ଭିତରେ ଇନ୍‌ଫେକଶନ ବା ସଂକ୍ରମଣ ରହିଛି ତେବେ ତାଙ୍କ ଶରୀରରୁ ଆବଶ୍ୟକତାଠାରୁ ଅଧିକ ଝାଳ ବାହାରିଥାଏ। ବିଶେଷଭାବରେ ବୋନ୍ ବା ଅସ୍ଥି ଇନ୍‌ଫେକ୍ଶନ କିମ୍ବା ଏଚ୍ଆଇଭି ଇନ୍‌ଫେକଶନ ଯୋଗୁ ମଧ୍ୟ ଅଧିକ ଝାଳ ବାହାରେ। ତେବେ ଏଭଳି ସମସ୍ୟା ଜଟିଳ ଆକାର ଧାରଣ କରିବା ପୂର୍ବରୁ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ରକ୍ତ ସଞ୍ଚାଳନରେ ଅସନ୍ତୁଳନ ଦେଖାଦେଲେ ଅଧିକ ଝାଳ ବୋହିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣ ଅବସାଦଗ୍ରସ୍ତ ଅଛନ୍ତି, ତେବେ ତାହାକୁ ନେଇ ବିଚଳିତ ହୁଅନ୍ତୁ ନାହିଁ। ବରଂ ସେଥିରୁ କିପରି ମୁକୁଳିବେ ସେ ନେଇ ଉପାୟ ଚିନ୍ତା କରନ୍ତୁ।

➤ଆଜ୍‌ମା ଦ୍ୱାରା ଆକ୍ରାନ୍ତ ବ୍ୟକ୍ତି ସବୁବେଳେ ସଫାସୁତରା ପରିବେଶରେ ରହିବା ଦରକାର। କାରଣ ଧୂଳି ସଂସ୍ପର୍ଶରେ ଆସିବା ଦ୍ୱାରା ଏହି ରୋଗର ପ୍ରକୋପ ବଢ଼ି ଯାଇଥାଏ।

➤ମାନସିକ ଶାନ୍ତି ପାଇବାର ଏକ ସରଳ ଉପାୟ ରହିଛି। ପ୍ରତିଦିନ କିଛି ସମୟ ଯୋଗ କଲେ ଆପଣଙ୍କୁ ଏଭଳି ଫାଇଦା ମିଳିବାର ସମ୍ଭାବନା ରହିଛି।

➤ସବୁବେଳେ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ଏହା ଆପଣଙ୍କୁ ଅନେକାଂଶରେ ରୋଗଠାରୁ ଦୂରେଇ ରଖିଥାଏ।

➤ଦିନତମାମ ଯେତେ ପରିଶ୍ରମ କରୁଛନ୍ତି, ସେହି ଅନୁସାରେ ବିଶ୍ରାମ ନେବା ଜରୁରୀ। ନ ହେଲେ ଏହାର ପ୍ରଭାବ ନିଦ୍ରା ଉପରେ ପଡ଼ିଥାଏ।

➤ବେଳେବେଳେ ମନଲୋଭା ଖାଦ୍ୟ ଦେଖିଲେ ତାହାକୁ ଖାଇବାକୁ ମନ ହୋଇଥାଏ। ତେଣୁ ସବୁବେଳେ ଲୋଭକୁ ନିୟନ୍ତ୍ରଣ କରନ୍ତୁ।

➤ସବୁବେଳେ ଟେନସନ୍‌ଠାରୁ ନିଜକୁ ଦୂରେଇ ରଖନ୍ତୁ। ନ ହେଲେ ଏହାର ପ୍ରଭାବ ରକ୍ତସଞ୍ଚାଳନ ଉପରେ ପଡ଼ିଥାଏ।

➤ଏକାଥରେ ପୁଳାଏ ଖାଦ୍ୟ ଖାଇବା ଅପେକ୍ଷା ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଆନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଝୁମୁକା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# କାର୍ଯ୍ୟରେ ଅବହେଳା ଯୋଗୁ ୧୦ ଶିକ୍ଷୟିତ୍ରୀ/ଶିକ୍ଷକ ଚାକିରିରୁ ବହିଷ୍କୃତ

ମାଲକାନଗିରି,୧୧(ଡି.ଏନ.ଏ.)

ବର୍ଷ ଆରମ୍ଭରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ମାଲକାନଗିରି ଜିଲା ପ୍ରଶାସନ। କାର୍ଯ୍ୟରେ ଅବହେଳା ପାଇଁ ଜିଲାର ବିଭିନ୍ନ ବିଦ୍ୟାଳୟର କାର୍ଯ୍ୟରତ ୧୦ଜଣ କନିଷ୍ଠ ଶିକ୍ଷକଙ୍କୁ ଶନିବାର ଚାକିରିରୁ ବହିଷ୍କୃତ କରିଛି। ଏହି ଶିକ୍ଷକମାନେ ହେଲେ ଅରୁଣାରାଣୀ ବେଉରିଆ, ସନ୍ତୋଷ ସ୍ୱାଇଁ, ଜସ୍ମିନ ଦାସ, ନୀଳିମା ଜେନା, ଜ୍ୟୋତିର୍ମୟୀ ସୁତାର, ରମେଶ ଚନ୍ଦ୍ର ନାୟକ, ସସ୍ମିତା ସାହୁ, ଦେବଶ୍ରୀ ବେହେରା, ସାବିତ୍ରୀ ପାତ୍ର ଓ ରଞ୍ଜନ ବେହେରା। ସେମାନେ ଗତ ୨ ବର୍ଷ ଧରି କାର୍ଯ୍ୟରେ ଯୋଗ ଦେଉ ନ ଥିଲେ। କ୍ରମାଗତ ଭାବେ ଅବହେଳା କରି ଆସୁଥିବାରୁ ଜିଲାର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ଏହି ଶିକ୍ଷକମାନଙ୍କୁ ଜିଲା ଶିକ୍ଷା ଅଧିକାରୀ ମାନସ ଜେନା ପ୍ରଥମେ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ତେବେ ନୋଟିସର କୌଣସି ଉତ୍ତର ଦେଇ ନ ଥିବାରୁ ସେମାନଙ୍କୁ ବହିଷ୍କୃତ କରାଯାଇଛି ବୋଲି ଜେନା କହିଛନ୍ତି।














# ପ୍ରତିବାଦ ସଙ୍ଗୀତ ଗାଇ ନୂଆବର୍ଷ ପାଳିଲେ ଅଙ୍ଗନୱାଡ଼ି କର୍ମୀ

ଭୁବନେଶ୍ୱର,୧୧(ବ୍ୟୁରୋ)

## ୪୧ ଦିନରେ ଧାରଣା

ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡ଼ିଜ୍ ୱାର୍କସ ଆସୋସିଏଶନର ଆହ୍ୱାନକ୍ରମେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ଲୋୟର ପିଏମଜିରେ ଚଳାଇଥିବା ଆନ୍ଦୋଳନ ୪୧ ଦିନରେ ପହଞ୍ଚିଛି। ଧାରଣାସ୍ଥଳରେ ହିଁ ଶନିବାର ମଧ୍ୟରାତିରେ ନୂଆବର୍ଷ ପାଳିଛନ୍ତି। ମୁରୁଜ ପକାଇ ଦୀପ ଜାଳି ୨୦୨୩କୁ ସ୍ୱାଗତ କରିବା ସହ ପ୍ରତିବାଦ ସଙ୍ଗୀତ ଗାଇ ସରକାରଙ୍କ ନିକଟରେ ନିଜର ଦାବି ଜଣାଇଛନ୍ତି। ଅଙ୍ଗନୱାଡ଼ି କର୍ମୀ, ମିନି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନେ ବିଭିନ୍ନ ବ୍ଲକରୁ ଆସି ଥିବାବେଳେ ଏଭଳି ଭିନ୍ନ ଢ଼ଙ୍ଗରେ ପ୍ରତିବାଦ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ବିଭିନ୍ନ ସମସ୍ୟା ଉପରେ ସରକାର ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବା ପାଇଁ ଗୀତ ମାଧ୍ୟମରେ ଦାବି ଉପସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ ସଙ୍ଗୀତ ଗାନ କରିଥିଲେ। ଦିନରେ ପ୍ରବଳ ଖରା ଓ ରାତିରେ ପ୍ରବଳ ଶୀତରେ ମହିଳାମାନେ ରାଜରାସ୍ତାରେ ପଡ଼ିରହିବାର ଯନ୍ତ୍ରଣା ଏହି ଗୀତ ମାଧ୍ୟମରେ ପ୍ରକାଶ କରିଛନ୍ତି କର୍ମୀ। ୮ଦଫା ଦାବି ନେଇ ଦୀର୍ଘ ଦିନ ଧରି ଆନ୍ଦୋଳନ କରୁଥିବା ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରତି ସରକାର ଉଦାସୀନ ରହିଲେ ଭବିଷ୍ୟତରେ ଏହି ଆନ୍ଦୋଳନକୁ ବ୍ୟାପକ କରାଯାଇ ମହିଳା ଓ ଶିଶୁ ବିକାଶ ବିଭାଗକୁ ଅଚଳ କରିଦିଆଯିବ ବୋଲି ରାଜ୍ୟ ସଭାନେତ୍ରୀ ସୁମିତ୍ରା ମହାପାତ୍ର, ସାଧାରଣ ସମ୍ପାଦିକା ଝୁନୁପମା ଶତପଥୀ, ଅଖିଳ ଭାରତୀୟ ସଂଗଠନ ସମ୍ପାଦିକା ଅଞ୍ଜଳି ପଟେଲ ପ୍ରମୁଖ ଚେତାବନୀ ଦେଇଛନ୍ତି।









# ରାଜନୈତିକ ଆକ୍ରୋଶ: ଗୁଳି ମାରିଲେ, ନ ବାଜିବାରୁ ଗୋଡ଼ାଇ ହାଣିଲେ

ବାଲେଶ୍ୱର ଅଫିସ, ୧୧

ରାଜନୈତିକ ଆକ୍ରୋଶରୁ ରବିବାର ରାତିରେ ବାଲେଶ୍ୱର ଜିଲା ରେମୁଣା ଏନଏସି ଅଧୀନ ମନ୍ଦିର ଛକ ଲକ୍ଷ୍ମୀ ମେଡିକାଲ ଷ୍ଟୋର ନିକଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ପ୍ରଥମେ ଦୁର୍ବୃତ୍ତମାନେ ଯୁବକଙ୍କୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ହେଲେ ଗୁଳି ନ ବାଜିବାରୁ ସେମାନେ ଗୋଡାଇ ଗୋଡାଇ ଭୁଜାଲିରେ ହାଣିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉକ୍ତ ଯୁବକଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ୨ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ରେମୁଣା ବିଧାୟକଙ୍କ ଜଣେ ସହଯୋଗୀ ସମ୍ଭବ ସାହୁ (୩୪)। ସେ ରାତିରେ ପ୍ରାୟ ୮ ଟାରେ ମନ୍ଦିର ଛକକୁ କୌଣସି କାମରେ ଆସିଥିବା ବେଳେ ସ୍ଥାନୀୟ ମନ୍ଦାରପୁର ଗ୍ରାମର କେତେଜଣ ଯୁବକ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଗୁଳିଟି ନ ବାଜିବାରୁ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ସମ୍ଭବ ଜୀବନ ବଞ୍ଚାଇବା ପାଇଁ ନିକଟସ୍ଥ ଲକ୍ଷ୍ମୀ ମେଡିକାଲ ଷ୍ଟୋରରେ ପଶିଯାଇଥିଲେ। ଦୁର୍ବୃତ୍ତମାନେ ସେଠାରେ ପହଞ୍ଚି ତାଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ।





**CLASSIFIED DISPLAY** — ALL EDITION - B/W (Everyday)

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

for Booking Contact: 0674-2580385, 8637280816, 7894447167, 9338226625

**ମୁଦ୍ରା ଫାଇନାନ୍ସ**

**PM ମୁଦ୍ରା ଯୋଜନା** ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ। 2% ସୁଧ, 40% ରିହାତି। ମହିଳାଙ୍କ ପାଇଁ ବିଶେଷ ରିହାତି। ଅନ୍‌ଲାଇନ୍ ସୁବିଧା।

**ମୁଦ୍ରା ଫାଇନାନ୍ସ**
Mob. 8985384630

**LOAN**

ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# Classified Everyday
0674-2580101, 2549949



**REAL ESTATE**

**SALE**

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385

3BHK brand new semi furnished apartment for sale in Sahid nagar. Amenities- lift, power backup, covered parking, security. Prime location near Inox. Contact - 9090031234. D-2378

ଭୁବନେଶ୍ୱର ଖଣ୍ଡଗିରି **AMRI Hospital** ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

Schedule Caste ଘରବାରି ପ୍ଲଟ୍ ନଖରା, ବ୍ରାହ୍ମଣଝରିଲୋ। 2400 sqft. 24,00,000/-, IIT, Jatni 5000 Sqft. 15,00,000/- ଯାଆଁଳା 1200 sqft. 9,60,000/-. 8260032051. D-74175

ଭୁବନେଶ୍ୱର **Sum Hospital 4 k.m. RI training Centre** ପାଖରେ **mainroad 100mtr distance boundary plot** ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **Owner- 9090963952.** D-74176

**Duplex sale at Bhubaneswar @ 45 lakhs only. Contact: 9777433701.** D-74171

Rasulgarhଠାରୁ 7 K.M. ଦୂରରେ ଏବଂ 150ft. roadକୁ ଲାଗି ସମସ୍ତ ପ୍ରକାର ସୁବିଧା ଥାଇ gated community ସହ plot ଓ Duplex ମିଳୁଅଛି। 8984025697. D-74172

ଭୁବନେଶ୍ୱର ସାଇମନ୍ଦିର ଟଙ୍କପାଣି ରୋଡ୍ ନଦୀବନ୍ଧକୁ ଲାଗି ଘର କରିବା ଲାଗି ରୋଡ୍ ଇଲେକ୍ଟ୍ରି ସୁବିଧା ଥାଇ **SC plot** ମିଳୁଛି। **9439832956, 9438056978.** D-74164

ଭୁବନେଶ୍ୱର ଜଟଣୀଗେଟ୍ **NH-5** ପାଖରେ ଘରବାରି ପ୍ଲଟ୍ **30'** ରାସ୍ତାଥାଇ **sqft.-400/-, 630/-. 9437607388, 8637269760.** D-74166


ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**ଜନ୍ମଦିନ ଶୁଭେଚ୍ଛା**



**ଶ୍ରୀଲିପ୍ସା ପାଣି (ଝୁମୁକା)**
ବୀରରାମଚନ୍ଦ୍ରପୁର, ସାକ୍ଷୀଗୋପାଳ, ପୁରୀ
ଆଜି ତୋର ଜନ୍ମଦିନରେ ପରମ ପିତା, ପରମେଶ୍ୱର ଶ୍ରୀଜଗନ୍ନାଥ ଓ ମା' ମଣିନାଗ ଦୁର୍ଗାଙ୍କ ପଦ କମଳରେ ଏତିକି ମିନତି ଆଗାମୀ ଚଲାପଥକୁ କୁସୁମିତ କରନ୍ତୁ। ସ୍ୱର୍ଗପୁରରୁ ବାପା ଏବଂ ଅଜାଙ୍କର ଆଶୀର୍ବାଦ ଧାରା ବରଷୁ ଥାଉ।
ଶୁଭେଚ୍ଛା ସହ: ଆଈ, ମମି, ଡାଡି, ମାମା, ପାପା, କୁଟୁଲୁ, ସୁଟୁଲୁ, ବାଘା, ନନା, ବୋଉ, କାକା, ଖୁଡୀ ଓ ଅନ୍ୟାନ୍ୟ ପରିବାରବର୍ଗ।
ଧ-୭୩୫୨୮

**PURCHASE**

Wanted 2/3BHK readymade flat location:- Kalinga Nagar, Andharua, Gothapatana, Bhubaneswar. 6371090682. D-74304




Relax, Refresh your body, Mind at Saikrupa Spa with best therapies. 8984068077. D-2374

**Full body massage by smart I expert therapist @999 only. 9078484455.** D-73670

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ମନେ ପଡ଼ନ୍ତି

**୧୯ତମ ଶ୍ରଦ୍ଧାଞ୍ଜଳି**



**୰ରଶ୍ମି ମଲ୍ଲିକ**
ସ୍ୱା: ଶ୍ୟାମ ସୁନ୍ଦର ମଲ୍ଲିକ
(ଗ୍ରାମ:ଶ୍ୱରଡ଼ିହ, ଯାଜପୁର)
ଆବିର୍ଭାବ: ତା୧୯।୦୪।୧୯୩୯
ତିରୋଧାନ: ତା୦୩।୦୧।୨୦୦୪
ବୋଉ, ଆମକୁ ୧୯ ବର୍ଷ ହେଲା ଛାଡ଼ି ଚାଲିଗଲୁ। କେବଳ ତୋ ସ୍ମୃତିକୁ ସାଇତି ଦିନ ବିତାଉଛୁ। ତୋର ଆତ୍ମା ଶାନ୍ତିରେ ଥାଉ। ଭଗବାନଙ୍କ ନିକଟରେ ଆଜି ଶ୍ରାଦ୍ଧ ଦିବସରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୨୩୮୬

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**୰ସତ୍ୟ ରଞ୍ଜନ ନାୟକ**
ଆବିର୍ଭାବ: ୧୫।୦୬।୧୯୯୪
ତିରୋଧାନ: ୦୨।୦୧।୨୦୨୨
ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁ ଯେଉଁଠି ଥା ଭଲରେ ଥା।
-:ଶୋକସନ୍ତପ୍ତ:-
ମାମା, ବାବା, ଜେଜେ, ଦିଦି, ଭାଇ, ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ, (ସାନୁ ଫାର୍ମ)
ଧ-୨୩୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶଶିମଣି ବିଶୋଇ**
କୁମ୍ଭାରପଡ଼ା, ପୁରୀ
ଆବିର୍ଭାବ: ୦୯।୧୧।୧୯୩୫
ତିରୋଧାନ: ୨୩।୧୨।୨୦୨୨
ସଳିତା ପରି ଜଳି ବୋଉ ତୁ ଆମ୍ଭମାନଙ୍କୁ ଯେଉଁ ଆଲୋକ ଦେଇଛୁ, ତାହା ଜନ୍ମ ଜନ୍ମ ଧରି ଅଭୁଲା ରହିବ। ଆମ୍ଭର ଏତେ ବଡ଼ ପରିବାରକୁ ତୋର କର୍ତ୍ତବ୍ୟନିଷ୍ଠା ଆମ୍ଭର ସବୁଦିନ ପାଇଁ ମନେ ରହିବ। ତୋର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା।
ଶୋକସନ୍ତପ୍ତ ବନ୍ଧୁ, ପରିବାରବର୍ଗ।
ଧ-୭୩୫୨୭

ଧରିତ୍ରୀ DHARITRI
Bhubaneswar, Monday, January 2/2023

**ବଜାର ପୁଞ୍ଜିରେ ୧.୩୫ ଲକ୍ଷ କୋଟିର ଯୋଗ**

ନୂଆଦିଲ୍ଲୀ: ଭାରତୀୟ ପୁଞ୍ଜି ବଜାରରେ ପଞ୍ଜୀକୃତ ନିବେଶକ କମ୍ପାନୀଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ୧୦ କମ୍ପାନୀଙ୍କ ମଧ୍ୟରୁ ୮ଟି କମ୍ପାନୀ ବଜାର ପୁଞ୍ଜିରେ ୧.୩୫ ଲକ୍ଷ କୋଟି ଟଙ୍କା ଯୋଗ କରିଛନ୍ତି। ଏପରିକି ଗତ ସପ୍ତାହର ବଜାର ମୂଲ୍ୟରେ ଉକ୍ତ ୮ ଲାଭବାନ କମ୍ପାନୀ ୧,୩୫,୭୯୪.୦୬ କୋଟି ଟଙ୍କା ବଜାରରେ ଯୋଡ଼ିଥିଲା। ବିଶେଷକରି ଗତ ସପ୍ତାହରେ ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ସର୍ବବୃହତ୍ ଲାଭବାନ୍ କମ୍ପାନୀ ଭାବେ ପରିଗଣିତ ହୋଇଥିଲା। ସେହିପରି ହିନ୍ଦୁସ୍ତାନ ୟୁନିଲିଭର ଲିମିଟେଡ୍ (ଏଚ୍‌ୟୁଏଲ) ଏବଂ ଭାରତୀ ଏୟାରଟେଲ୍ ଶ୍ରେଷ୍ଠ ୧୦ରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ଏସ୍‌ବିଆଇର ବଜାର ମୂଲ୍ୟ ୩୫,୦୨୯.୧ କୋଟି ଟଙ୍କା ବୃଦ୍ଧି ପାଇ ୫,୪୭,୨୫୭.୧୯ କୋଟିରେ ପହଞ୍ଚିଛି।



# ଡିସେମ୍ବରରେ ୧.୪୯ ଲକ୍ଷ କୋଟିର ଜିଏସ୍‌ଟି ସଂଗ୍ରହ

ନୂଆଦିଲ୍ଲୀ,୧।୧

ଦେଶର ଅର୍ଥନୀତିକୁ ସଶକ୍ତ କରିବା ପାଇଁ ସରକାର ଟିକସ ଆଦାୟକୁ ଗୁରୁତ୍ୱ ଦେଉଛନ୍ତି, ଯାହାର ପ୍ରତିଫଳନ ଦେଶର ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଆଦାୟରେ ପରିଲକ୍ଷିତ ହେଉଛି। ଏପରିକି ୨୦୨୨ ଡିସେମ୍ବରର ଜିଏସ୍‌ଟି ସଂଗ୍ରହ ସମ୍ପର୍କରେ ରବିବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଛି। ବିଶେଷକରି ଡିସେମ୍ବର ମାସରେ ଦେଶର ଜିଏସ୍‌ଟି ସଂଗ୍ରହ ୧.୪୯ (୧,୪୯,୫୦୭) ଲକ୍ଷ କୋଟିରୁ ଅଧିକ ରହିଛି। ସେହିଭଳି ୨୦୨୨ ନଭେମ୍ବରରେ ସଂଗୃହୀତ ଟିକସ ତୁଳନାରେ ୧,୪୫,୮୬୭ କୋଟିରୁ ଏହା ୨.୫% ଅଧିକ ବୋଲି ଜଣାପଡ଼ିଛି।




ଅପରପକ୍ଷରେ ୨୦୨୧ ଡିସେମ୍ବରରେ ସଂଗୃହୀତ ଜିଏସ୍‌ଟି ରାଜସ୍ୱ ୧,୨୯,୭୮୦ କୋଟି ରହିଥିଲା, ଯାହା ୨୦୨୨ ଡିସେମ୍ବରର ସଂଗ୍ରହ ତୁଳନାରେ ୧୫% ଅଧିକ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ୨୦୨୨ ବର୍ଷରେ କ୍ରମାଗତ ୧୦ମାସ ପାଇଁ ମାସିକ ଜିଏସ୍‌ଟି ଆୟ ୧.୪ ଲକ୍ଷ କୋଟିରୁ ଅଧିକ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ୨୦୨୨ ଡିସେମ୍ବରରେ ସଂଗୃହୀତ ମୋଟ ଜିଏସ୍‌ଟି ରାଜସ୍ୱ ୧,୪୯,୫୦୭ କୋଟି ରହିଥିବା ବେଳେ ସେଥିମଧ୍ୟରୁ କେନ୍ଦ୍ରୀୟ ଟିକସ (ସିଜିଏସ୍‌ଟି) ୨୬,୭୧୧ କୋଟି ଟଙ୍କା ଥିଲାବେଳେ ରାଜ୍ୟ ଜିଏସ୍‌ଟି (ଏସ୍‌ଜିଏସ୍‌ଟି) ୩୩,୩୫୭ କୋଟି ଟଙ୍କା ରହିଛି। ଅପରପକ୍ଷରେ ଆଇଜିଏସ୍‌ଟି ବାବଦରେ ୭୮,୪୩୪ କୋଟି (ସାମଗ୍ରୀ ଆମଦାନୀରେ ୪୦,୨୬୩ କୋଟି ଟଙ୍କା ଅନ୍ତର୍ଭୁକ୍ତ କରି) ଏବଂ ସେସ୍ ୧୧,୦୦୫ ଟଙ୍କା କୋଟି (ସାମଗ୍ରୀ ଆମଦାନୀ ଉପରେ ୮୫୦ କୋଟି ଟଙ୍କା ସଂଗ୍ରହ କରି) ଟିକସ ଆକାରରେ ଆଦାୟ କରାଯାଇଛି। ସେହିଭଳି ସରକାର ସିଜିଏସ୍‌ଟିକୁ ୩୬,୬୬୯ କୋଟି ଟଙ୍କା ଏବଂ ନିୟମିତ ସମାଧାନ ଭାବେ ଆଇଜିଏସ୍‌ଟିରୁ ଏସ୍‌ଜିଏସ୍‌ଟିକୁ ୩୧,୦୯୪ କୋଟି ଟଙ୍କା ଦେବାକୁ ସ୍ଥିର କରିଛନ୍ତି। ଅପରପକ୍ଷରେ ୨୦୨୨ ଡିସେମ୍ବରରେ ନିୟମିତ ବସତି ପରେ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକର ମୋଟ ରାଜସ୍ୱ ସିଜିଏସ୍‌ଟି ପାଇଁ ୬୩,୩୮୦ କୋଟି ଏବଂ ଏସ୍‌ଜିଏସ୍‌ଟି ପାଇଁ ୬୪,୪୫୧ କୋଟି ଟଙ୍କା ରହିଛି। ସୂଚନାଯୋଗ୍ୟ, ୨୦୨୨ ଡିସେମ୍ବରରେ ଓଡ଼ିଶାରୁ ପ୍ରାୟ ୩,୮୫୪ କୋଟି ଟଙ୍କାର ଟିକସ ଜିଏସ୍‌ଟି ଆକାରରେ ସଂଗ୍ରହ ହୋଇଥିବା ବେଳେ ଗତବର୍ଷ ସମାନ ଅବଧିରେ ୪୦୮୦ କୋଟି ଟଙ୍କା ଜିଏସ୍‌ଟି ବାବଦରେ ଆଦାୟ ହୋଇଥିଲା; ଯାହା ୨୦୨୨ ଡିସେମ୍ବରରେ ପ୍ରାୟ ୬% କମ୍ ବୋଲି ଅର୍ଥ ମନ୍ତ୍ରଣାଳୟ ବିଜ୍ଞପ୍ତିରୁ ସୂଚନା ମିଳିଛି।

# ଆଜିଠୁ ଜୀ-ସାର୍ଥକରେ ନୂଆ ମେଗା ଧାରାବାହିକ 'ମୁଁ ବି ବିଜୟିନୀ'

ଭୁବନେଶ୍ୱର,୧।୧

ରାଜ୍ୟର ପ୍ରମୁଖ ମନୋରଞ୍ଜନଭିତ୍ତିକ ଓଡ଼ିଆ ଘରୋଇ ଚ୍ୟାନେଲ ଜୀ-ସାର୍ଥକ ପକ୍ଷରୁ ନୂଆବର୍ଷରୁ ନୂଆ ମେଗା ଧାରାବାହିକ 'ମୁଁ ବି ବିଜୟିନୀ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ସୋମବାରଠାରୁ ଏହି ମେଗା ଧାରାବାହିକ ଜୀ-ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି। ବିଶେଷକରି ଏକ ଭିନ୍ନ ଧରଣର ବିଷୟବସ୍ତୁକୁ ନେଇ ଉକ୍ତ ଧାରାବାହିକଟି ପ୍ରସ୍ତୁତ କରାଯାଇଛି। ସେହିଭଳି ପ୍ରତିଶୋଧର ଏକ ନୂଆ କାହାଣୀକୁ ସୁନ୍ଦର ଭାବେ ରଚନା ଓ ବର୍ଣ୍ଣନା କରାଯାଇ 'ମୁଁ ବି ବିଜୟିନୀ' ଧାରାବାହିକରେ ପ୍ରସାରଣ କରାଯାଉଛି ବୋଲି ଚ୍ୟାନେଲ ପକ୍ଷରୁ କୁହାଯାଇଛି। ଏପରିକି ଉକ୍ତ କାହାଣୀରେ ଅନେକ ମୋଡ଼ ରହିଛି, ପ୍ରତ୍ୟେକ ମୁହୂର୍ତ୍ତରେ କିଛିନା କିଛି ଅପ୍ରତ୍ୟାଶିତ ଓ ଆଶ୍ଚର୍ଯ୍ୟଜନକ ମୋଡ଼ ଆସୁଛି, ଯାହା 'ମୁଁ ବି ବିଜୟିନୀ'କୁ ଆହୁରି ରୋମାଞ୍ଚ ଓ ରୁଚିପୂର୍ଣ୍ଣ କରିଦେବ ବୋଲି କୁହାଯାଇଛି। ଉଲ୍ଲେଖଯୋଗ୍ୟ, ଉକ୍ତ ଧାରାବାହିକରେ ବୈଭବ ଚରିତ୍ରରେ ଆକାଶ ଓ କାହ୍ନା ଚରିତ୍ରରେ ବିଜୟ ଅଭିନୟ କରିଥିବା ବେଳେ ନାୟିକା ସୁଶ୍ରୀ ଚରିତ୍ରରେ ଦେବିକା ଓ ସିମ୍ରନ ଚରିତ୍ରରେ ରାଧିକା ଅଭିନୟର ଭାର ସମ୍ଭାଳିଛନ୍ତି। ଉକ୍ତ ଧାରାବାହିକରେ




କିଏ କାହା ପାଇଁ ଗଢ଼ା ହୋଇଛି, କିଏ କାହା ସହିତ ସମ୍ପର୍କରେ ରହିବ, ବୈଭବ ସହ ରାଧିକା ନା ଦେବିକା ସହ କ୍ରିଷ୍ଣା ଏହା ହିଁ କାହାଣୀର ଅନ୍ୟତମ ମୁଖ୍ୟ ରହସ୍ୟ ବୋଲି ପ୍ରଯୋଜନ ସଂସ୍ଥା ପକ୍ଷରୁ କୁହାଯାଇଛି। ସେହିଭଳି ଅଭିନେତ୍ରୀ ଦୀପିକା ତ୍ରିପାଠୀ ମଧ୍ୟ ଉକ୍ତ ଧାରାବାହିକରେ ଏକ ବଳିଷ୍ଠ ଭୂମିକାରେ ଅଭିନୟ କରିଛନ୍ତି। ଏପରିକି ଉକ୍ତ କାହାଣୀ ସମ୍ପୂର୍ଣ୍ଣ ଭିନ୍ନ ତଥା ନୂତନ କଥାବସ୍ତୁକୁ ନେଇ ପ୍ରସାରିତ ହେବାକୁ ଯାଉଛି। ଏହି ମେଗା ଧାରାବାହିକଟି ଜାନୁୟାରୀ ୨ରୁ ପ୍ରତି ସୋମବାରରୁ ଶନିବାର ସନ୍ଧ୍ୟା ୬ଟା ୩୦ରେ ଜୀ-ସାର୍ଥକରେ ପ୍ରସାରିତ ହେବ ବୋଲି ଜୀ-ସାର୍ଥକ ପକ୍ଷରୁ ସୂଚନା ଦିଆଯାଇଛି।

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ଗୁଡଖାପଲା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଜିବନୀ ଦାଶ, ସରପଞ୍ଚ
ଶ୍ରୀଯୁକ୍ତ ଲିଙ୍ଗରାଜ ସୁନା, ଇଓ
ଗୁଡଖାପଲା ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ବଡ଼ବନ୍ଧ ତଥା ବନ୍ଧପଡ଼ା ଅଞ୍ଚଳର ସମସ୍ତ ଚାଷୀ ତଥା ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଅମିନ ପଧାନ
ସମ୍ପାଦକ
ବଡ଼ବନ୍ଧ ଓ ବନ୍ଧପଡ଼ା ପେକ୍ସ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ସାଲେପାଲି ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ କଲ୍ଲଭି ସାହୁ
ସରପଞ୍ଚ, ସାଲେପାଲି ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ହାତିସରା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ କେଳୋ ଡାଙ୍ଗ, ସରପଞ୍ଚ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ (ପରମବୀର ଚକ୍ର ବିଜେତା)
ଶ୍ରୀଯୁକ୍ତ ଗୋପାଳ ଷଡ଼ଙ୍ଗୀ, ଇଓ
ହାତିସରା ପଞ୍ଚାୟତ

ନୂତନ ବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ ଧଣ୍ଡାମାଲ ତଥା ରାମଚନ୍ଦ୍ରପୁର ଅଞ୍ଚଳର ସମସ୍ତ ଚାଷୀ ତଥା ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଭଗବାନ ଗଡ଼ତ୍ୟା
ସମ୍ପାଦକ, ଧଣ୍ଡାମାଲ ଓ ରାମଚନ୍ଦ୍ରପୁର ପେକ୍ସ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ଅର୍ଜ୍ଜୁନପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଗୀତା ଜଗଦଲା, ସରପଞ୍ଚ
ଶ୍ରୀଯୁକ୍ତ ବିରେନ୍ଦ୍ର ନାଗ, ଇଓ
ଅର୍ଜ୍ଜୁନପୁର ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ଡୁମେରପିଟା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ବାସନ୍ତି ପଟେଲ, ସରପଞ୍ଚ
ଶ୍ରୀଯୁକ୍ତ ସୂର୍ଯ୍ୟମଣୀ ମେହେର, ଇଓ
ଡୁମେରପିଟା ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ମହଲାଇ ତଥା ଅର୍ଜୁନପୁର ଅଞ୍ଚଳର ସମସ୍ତ ଚାଷୀ ତଥା ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଚତୁର୍ଭୁଜ ସା
ସମ୍ପାଦକ
ମହଲାଇ ଓ ଅର୍ଜୁନପୁର ପେକ୍ସ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ବଡ଼ବନ୍ଧ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ଭୋଇ
ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ବିଜେଡି ନେତା, ଦେଓଗାଁ ବ୍ଲକ୍

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ମହଲାଇ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଚିତ୍ତରଞ୍ଜନ ସାହୁ, ସରପଞ୍ଚ
ଶ୍ରୀଯୁକ୍ତ ବିରେନ୍ଦ୍ର ନାଗ, ଇଓ
ମହଲାଇ ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ଲଣ୍ଡାପଥର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଦେବାନ୍ତି କ୍ଷେତି, ସରପଞ୍ଚ
ଶ୍ରୀଯୁକ୍ତ ଅରୁଣ କୁମାର ନାଗ, ଇଓ
ଲଣ୍ଡାପଥର ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ ଓ ତୁଷୁରା ଅଞ୍ଚଳର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଦୀନଦୟାଲ କେଡିଆ
ବିଶିଷ୍ଟ ସମାଜସେବୀ
ତୁଷୁରା

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ କୁତୁର୍ଲା ଅଞ୍ଚଳର ସମସ୍ତ ଚାଷୀ ତଥା ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଜିତେନ୍ଦ୍ର ନାଗ, ସମ୍ପାଦକ
ଶ୍ରୀଯୁକ୍ତ ନିଳାମ୍ବର ପାଣିଗ୍ରାହୀ, ସଭାପତି
କୁତୁର୍ଲା ପେକ୍ସ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ ଗୌରଗୋଠ ତଥା ଜରାସିଂହା ଅଞ୍ଚଳର ସମସ୍ତ ଚାଷୀ ତଥା ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ରଣା
ଗୌରଗୋଠ ଓ ଜରାସିଂହା ପେକ୍ସ ସମ୍ପାଦକ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ବଡ଼ବାହାଲ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଜ୍ୟୋସ୍ନାମୟୀ ରଣା, ସରପଞ୍ଚ
ଶ୍ରୀଯୁକ୍ତ ଜନ୍ମେଜୟ ମାଝୀ, ଇଓ
ବଡ଼ବାହାଲ ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ବନ୍ଧପଡ଼ା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ମିଶ୍ର, ସରପଞ୍ଚ ତଥା ସରପଞ୍ଚ ସଂଘ ସଭାପତି
ଶ୍ରୀଯୁକ୍ତ ରମେଶ ବାଗ, ଇଓ
ବନ୍ଧପଡ଼ା ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ଜରାସିଂହା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ କୁଶମଣୀ ମେହେର, ସରପଞ୍ଚ
ଶ୍ରୀଯୁକ୍ତ ବୀଣା ପଧାନ, ଇଓ
ଜରାସିଂହା ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ସାରସମାଲ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଗୋପାଳ ବାଗ, ସରପଞ୍ଚ
ଶ୍ରୀଯୁକ୍ତ ନନ୍ଦି କିଶୋର ସାହୁ, ଇଓ
ସାରସମାଲ ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା କୁଲୁତାପଡ଼ା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଲିଙ୍ଗରାଜ ସୁନା, ଇଓ
ଶ୍ରୀଯୁକ୍ତ ଦୁଷ୍ମନ୍ତ ସାହୁ, ସରପଞ୍ଚ
କୁଲତାପଡ଼ା ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ସିଂହାମୁଣ୍ଡା ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଜାହ୍ନବୀ ମାହାଣା, ସରପଞ୍ଚ
ଶ୍ରୀଯୁକ୍ତ ପ୍ରେମାନନ୍ଦ ବୁଡେକ, ଇଓ
ସିଙ୍ଗାମୁଣ୍ଡା ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ବଡ଼ବନ୍ଧ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀଯୁକ୍ତ ଜଗବନ୍ଧୁ ମେହେର, ସରପଞ୍ଚ
ଶ୍ରୀଯୁକ୍ତ ଅରୁଣ କୁମାର ନାଗ, ଇଓ
ବଡ଼ବନ୍ଧ ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ମୁକୁନ୍ଦପୁର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଜାନକୀ ସାହୁ, ସରପଞ୍ଚ
ଶ୍ରୀଯୁକ୍ତ ବିରେନ୍ଦ୍ର ନାଗ, ଇଓ
ମୁକୁନ୍ଦପୁର ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ଉପରଝର ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଯଶୋବନ୍ତୀ ନାଏକ, ସରପଞ୍ଚ
ଶ୍ରୀଯୁକ୍ତ ସୁଦର୍ଶନ ସାଏ, ଇଓ
ଉପରଝର ପଞ୍ଚାୟତ

ନୂତନବର୍ଷ ୨୦୨୩ ସମସ୍ତଙ୍କ ପାଇଁ ଆନନ୍ଦ ଉଲ୍ଲାସର ବର୍ଷ ହେଉ ।
ଦେଓଗାଁ ବ୍ଲକ୍ ତଥା ଦେଷଣ୍ଡ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କୁ ନୂତନ ବର୍ଷର ଅଭିନନ୍ଦନ ।
ଶ୍ରୀମତୀ ଯଶୋଦା ମେହେର, ସରପଞ୍ଚ
ଶ୍ରୀଯୁକ୍ତ ନନ୍ଦିକିଶୋର ସାହୁ, ଇଓ
ଦେଷଣ୍ଡ ପଞ୍ଚାୟତ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଜାନୁୟାରୀ ୨/୨୦୨୩ Bhubaneswar, Monday, January 2/ 2023

# ଚୟନ ପାଇଁ ୟୋ ୟୋ, ଡେକ୍ସା ବାଧ୍ୟତାମୂଳକ

**ମୁମ୍ବାଇ,୧୧(ପି.ଟି.)**

ବିସିସିଆଇ ପକ୍ଷରୁ ଏହାର ଖେଳାଳି ଚୟନ ନିୟମରେ କରାଯାଇଛି ବଡ଼ ପରିବର୍ତ୍ତନ। ରବିବାରର ସମୀକ୍ଷା ବୈଠକ ପରେ ୟୋ ୟୋ ଟେଷ୍ଟ ଓ ଡେକ୍ସା(ବୋନ୍ ମ୍ୟାରୋ) ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଭାରତର ଟି୨୦ ବିଶ୍ୱକପ ପରାଜୟ ସମୀକ୍ଷାକୁ ନେଇ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବିସିସିଆଇ ସମ୍ପାଦକ ଜୟ

**ବିସିସିଆଇର ଟି୨୦ ପରାଜୟ ସମୀକ୍ଷା**

ଶାହ, ସଭାପତି ରୋଜର ବିନ୍ନି, ଅଧିନାୟକ ରୋହିତ ଶର୍ମା, କୋଚ୍ ରାହୁଲ ଦ୍ରାବିଡ୍, ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଏବଂ ଚୟନକର୍ତ୍ତା ଚେତନ ଶର୍ମା ଏହି ସମୀକ୍ଷା ବୈଠକରେ ଅଂଶଗ୍ରହଣ କରିଥିଲେ। ୟୋ ୟୋ ଟେଷ୍ଟ ସହିତ ଯୁବ ଖେଳାଳିଙ୍କ ଜାତୀୟ ଦଳକୁ ଚୟନ ପ୍ରକ୍ରିୟା ପୂର୍ବରୁ ବୟସ ନିର୍ଦ୍ଧାରଣ ପାଇଁ ଡେକ୍ସା ଟେଷ୍ଟ ବା ବୋନ୍ ମ୍ୟାରୋ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ୟୋ ୟୋ ଓ ଡେକ୍ସା ଟେଷ୍ଟକୁ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରି ସମସ୍ତ ଖେଳାଳିଙ୍କ ପାଇଁ ବାଧ୍ୟତାମୂଳକ କରାଯାଇଛି। ଏହାକୁ ଦୃଷ୍ଟିରେ

## ଅଧିନାୟକ ରହିବେ ରୋହିତ ଶର୍ମା



**ମୁମ୍ବାଇ,୧୧(ପି.ଟି.):** ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ପ୍ରତି କୌଣସି ବିପଦ ନାହିଁ। ସେ ଏବେ ବି ଭାରତୀୟ ଟେଷ୍ଟ ଓ ଦିନିକିଆ ଦଳର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏହି ଦୁଇ ଫର୍ମାଟ୍‌ରେ ବିସିସିଆଇ ଅଧିକାରୀଙ୍କୁ କୌଣସି ସମସ୍ୟା ନ ଥିବା ବୋର୍ଡ ସୂତ୍ରରୁ ପ୍ରକାଶ। ଅଧିନାୟକ ରୋହିତ ଶର୍ମା ଓ ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କ ସମେତ ବିସିସିଆଇ ସମ୍ପାଦକ ଜୟ ଶାହ, ସଭାପତି ରୋଜର ବିନ୍ନି, ଏନ୍‌ସିଏ ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣ ଏବଂ ଚୟନକର୍ତ୍ତା ଚେତନ ଶର୍ମା ମଧ୍ୟ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଭାରତ ବର୍ତ୍ତମାନ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଓ ଦିନିକିଆ ବିଶ୍ୱକପ୍ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି। ଦିନିକିଆ ବିଶ୍ୱକପ୍‌କୁ ଧ୍ୟାନରେ ରଖି ୨୦ ଜଣ ଖେଳାଳିଙ୍କୁ ଶର୍ଟଲିଷ୍ଟ କରାଯାଇଛି। ଅକ୍ଟୋବର-ନଭେମ୍ବରର ବିଶ୍ୱକପ୍ ପୂର୍ବରୁ ଏହି ଖେଳାଳିମାନଙ୍କୁ ରୋଟେଟ୍ କରାଯିବା ସହିତ ଏକ କୋର ଗ୍ରୁପ୍ ଗଠନ କରାଯିବ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହ କହିଛନ୍ତି। ସେହିପରି ବିସିସିଆଇ ପକ୍ଷରୁ ଚୟନ କମିଟିକୁ ବରଖାସ୍ତ କରାଯାଇଥିବା ବେଳେ ଚେତନ ଶର୍ମା ଏହି ବୈଠକରେ ଉପସ୍ଥିତ ଥିବାରୁ ସେ ଆଉଥରେ ଦାୟିତ୍ୱ ଗ୍ରହଣ କରିବା ସମ୍ଭାବନା ସୃଷ୍ଟି କରିଛି। ଚୟନ କମିଟି ପାଇଁ ପୂର୍ବାଞ୍ଚଳରୁ ୨୧ ଟେଷ୍ଟ ଖେଳିଥିବା ଶିବସୁନ୍ଦର ଦାସଙ୍କୁ ଫେବରିଟ୍ ଭାବେ ବିବେଚନା କରାଯାଉଛି। ଦକ୍ଷିଣାଞ୍ଚଳରୁ ପେସର୍ ଭେଙ୍କଟେଶ ପ୍ରସାଦଙ୍କ ନାମକୁ ସର୍ବାଧିକ ଗୁରୁତ୍ୱ

**ଦିନିକିଆ ବିଶ୍ୱକପ୍ ପାଇଁ ୨୦ ଖେଳାଳି ଶର୍ଟ ଲିଷ୍ଟ**

ଦିଆଯାଉଛି। ସେହିପରି ୨୦୨୩ ବିଶ୍ୱକପ୍ ପ୍ରସ୍ତୁତି ଆଧାରରେ ଚେତନ ଶର୍ମାଙ୍କୁ ଆଉ ଏକ ସୁଯୋଗ ପ୍ରଦାନ କରାଯିବା ସମ୍ଭାବନା ରହିଛି। ତେବେ ପଶ୍ଚିମାଞ୍ଚଳ ଜୋନ୍ ଲାଗି ଭେଟେରାନ୍ ଗୁଜରାଟ ଖେଳାଳି ମୁକୁନ୍ଦ ପରମାର, ସଲିଲ ଅଙ୍କୋଲା ଓ ସମୀର ଦୀଘେଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବ।

ରଖି କ୍ରିକେଟ ବିଶ୍ୱକପ ୨୦୨୩ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯିବ ଏବଂ ଏନ୍‌ସିଏ ସମସ୍ତ ଆଇପିଏଲ୍ ଫ୍ରାଞ୍ଚାଇଜ୍ ସହିତ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବ। ବିରାଟ କୋହଲିଙ୍କ ଅଧିନାୟକତ୍ୱ ସମୟରେ ଭାରତର ୟୋ ୟୋ ପାସ୍ ସ୍କୋର ୧୬.୧ ରହିଥିବା ବେଳେ ବର୍ତ୍ତମାନ ଏହାକୁ ୧୬.୫କୁ ବୃଦ୍ଧି କରାଯାଇଛି। ଖେଳାଳିଙ୍କ ଉପଲବ୍ଧତା, କାର୍ଯ୍ୟଭାର ମ୍ୟାନେଜ୍‌ମେଣ୍ଟ ଓ ଫିଟ୍‌ନେସ୍ ପରି ମାନକକୁ ଗୁରୁତ୍ୱ ଦିଆଯିବା ସହିତ ୨୦୨୩ ଦିନିକିଆ ବିଶ୍ୱକପ୍ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ଆଲୋଚନା ହୋଇଥିଲା। ନିକଟ ଅତୀତରେ ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ୍ ଦଳ ପାଇଁ ଚିନ୍ତାର କାରଣ ପାଲଟିଛି। ପେସ୍ ବୋଲିଂ ଅଲ୍‌ରାଉଣ୍ଡର ଦୀପକ ଚହର ବାରମ୍ବାର ଆହତ ହେଉଥିବା ବେଳେ ଯଶପ୍ରୀତ ବୁମ୍‌ରା ମଧ୍ୟ ଆହତ ହୋଇ ଆକ୍ସନରୁ ଦୂରରେ ରହିଛନ୍ତି।

# ନୁର୍ ଖାନ୍ ହକି ବିଶ୍ୱକପ୍‌ର ଜନକ



ଚଳିତ ବର୍ଷ ହକି ବିଶ୍ୱକପ୍‌ର ୧୫ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଚଳିତମାସ ୧୩-୨୯ ତାରିଖ ଯାଏ ଭୁବନେଶ୍ୱର-ରାଉରକେଲାରେ ଏହି ଟୁର୍ନାମେଣ୍ଟ ଖେଳାଯିବ। ୧୯୭୧ରେ ପ୍ରଥମ ଥର ହକି ବିଶ୍ୱକପ୍ ଖେଳାଯାଇଥିବା ବେଳେ ଏହାର ଜନକ ଥିଲେ ପାକିସ୍ତାନୀ ଏୟାର ମାର୍ଶାଲ ନୁର୍ ଖାନ୍ ଓ ୱାର୍ଲ୍ଡ ହକି ମାଗାଜିନ୍‌ର ପ୍ରଥମ ସମ୍ପାଦକ ପ୍ୟାଟ୍ରିକ୍ ରୋଲେ। ବିଶ୍ୱକପ୍‌ର ଆଇଡିଆ ନୁରଙ୍କର ଥିବା ବେଳେ ପ୍ୟାଟ୍ରିକଙ୍କ ଜରିଆରେ ଏହା ଅନ୍ତର୍ଜାତୀୟ ହକି ଫେଡେରେଶନ୍ (ଏଫ୍‌ଆଇଏଚ୍) ନିକଟରେ ପହଞ୍ଚିଥିଲା। ୨୬ ଅକ୍ଟୋବର ୧୯୬୯ରେ ଏହି ପ୍ରସ୍ତାବକୁ ଗ୍ରହଣ କରାଯାଇଥିବା ବେଳେ ୧୨ ଏପ୍ରିଲ ୧୯୭୦ ବ୍ରସେଲ୍ସ ବୈଠକରେ ଏହାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ୧୯୭୧ରେ ଏହି ଟୁର୍ନାମେଣ୍ଟ ପାକିସ୍ତାନରେ ଆୟୋଜନ ହେବା ନେଇ ସ୍ଥିର କରାଯାଇଥିଲା। ମାତ୍ର ପାକିସ୍ତାନର ରାଜନୈତିକ ଅସ୍ଥିରତା କାରଣରୁ ଟୁର୍ନାମେଣ୍ଟ ସମ୍ଭବ ହୋଇ ନ ଥିଲା। ବାଂଲାଦେଶ ମୁକ୍ତି ସଂଗ୍ରାମକୁ ନେଇ ଦୁଇ ପଡୋଶୀ ରାଷ୍ଟ୍ର ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧ କାରଣରୁ ଭାରତର ଅଂଶଗ୍ରହଣକୁ କ୍ରିକେଟର ଅବଦୁଲ୍ ହଫିଜ୍ କରଦାର ବିରୋଧ କରିଥିବା ବେଳେ ପାକିସ୍ତାନ ହାତରୁ ଖସି ଯାଇଥିଲା ବିଶ୍ୱକପ୍ ଆୟୋଜନର ଅଧିକାର। ଏପରି ପରିସ୍ଥିତିରେ ମାର୍ଚ୍ଚ ୧୯୭୧ରେ ସ୍ପେନର ବାର୍ସେଲୋନାସ୍ଥିତ ରିୟଲ କ୍ଲବ୍ ଡେ ପୋଲୋକୁ ବିଶ୍ୱକପ୍ ସ୍ଥାନାନ୍ତର କରାଯାଇଥିଲା। ୧୯୭୧ ବିଶ୍ୱକପ୍‌ରେ ମାତ୍ର ୧୦ ରାଷ୍ଟ୍ର ଅଂଶଗ୍ରହଣ କରିଥିଲେ, ଯାହାକୁ ମିନି ବିଶ୍ୱକପ୍ ମଧ୍ୟ କୁହାଯାଏ। ୧୯୭୮ ବିଶ୍ୱକପ୍‌ରେ ୧୪ ରାଷ୍ଟ୍ର ଅଂଶଗ୍ରହଣ କରିଥିବା ବେଳେ ୨୦୦୨ ଓ ୨୦୧୮ରେ ୧୬ ଦେଶ ଅଂଶଗ୍ରହଣ କରିଥିଲେ। ଅନ୍ୟ ସମସ୍ତ ବିଶ୍ୱକପ୍‌ରେ ୧୨ଟି ଲେଖାଏ ରାଷ୍ଟ୍ର ଅଂଶଗ୍ରହଣ କରିଛନ୍ତି। ବିଶ୍ୱକପ୍‌ର ପ୍ରଥମ ତିନି ସଂସ୍କରଣ ପ୍ରତି ଦୁଇ ବର୍ଷରେ ଥରେ ଲେଖାଏ ଅନୁଷ୍ଠିତ ହୋଇଥିଲା। ତେବେ ୧୯୭୮ରେ ଏହି ଅବଧି ୩ ବର୍ଷ ରହିଥିଲା। ଏହା ପରଠାରୁ ଏହି ଟୁର୍ନାମେଣ୍ଟ ପ୍ରତି ୪ ବର୍ଷରେ ଥରେ ଲେଖାଏ ଆୟୋଜିତ ହେଉଛି।

### ଟ୍ରଫି ଡିଜାଇନ



ବିଶ୍ୱକପ୍ ଟ୍ରଫିର ଡିଜାଇନ୍ ବଶିର୍ ମୁଜିଦଙ୍କ ଦ୍ୱାରା କରାଯାଇଥିବା ବେଳେ ପାକିସ୍ତାନୀ ଆର୍ମି ଏହାର ନିର୍ମାଣ କରିଥିଲେ। ୨୭ ମାର୍ଚ୍ଚ ୧୯୭୧ରେ ବ୍ରସେଲ୍ସରେ ପାକିସ୍ତାନର ରାଷ୍ଟ୍ରଦୂତ ଏଚ୍. ଇ. ମାସୁଦ ଏହି ଟ୍ରଫିକୁ ଏଫ୍‌ଆଇଏଚ୍ ସଭାପତି ରେନେ ଫ୍ରାଙ୍କଙ୍କୁ ହସ୍ତାନ୍ତର କରିଥିଲେ। ଏହି ଟ୍ରଫି ନିର୍ମାଣରେ ସୁନା, ରୁପା, ଆଇଭରି (ହାତୀ ଦାନ୍ତରୁ ପ୍ରସ୍ତୁତ ଅଳଙ୍କାର)ଓ ଟିକ୍ କାଠ ବ୍ୟବହାର କରାଯାଇଛି। ଏହି ଟ୍ରଫିର ଉଚ୍ଚତା ୬୫୦ ମିମି ରହିଥିବା ବେଳେ ଏହାର ବେସ୍ ୧୨୦.୮୫ ମିମି ରହିଛି। ଟ୍ରଫିର ଓଜନ ୧୧୫୬୦ ଗ୍ରାମ ରହିଥିବା ବେଳେ ଏଥିରେ ୮୯୫ ଗ୍ରାମ୍ ସୁନା, ୬୮୧୫ ଗ୍ରାମ ରୁପା, ୩୫୦ ଗ୍ରାମ ଆଇଭରି ଓ ୩୫୦୦ ଗ୍ରାମର ଟିକ୍ ଉଡ୍ ବ୍ୟବହାର କରାଯାଇଛି।

**ହକି ବିଶ୍ୱକପ୍**




**ଆଉ ୧୧ ଦିନ**

# ଅଭିଷେକଙ୍କ ସଫଳତା ପଛରେ ହିନ୍ଦୀ ଶିକ୍ଷକ

**ଭୁବନେଶ୍ୱର,୧୧(ସ୍ପୋର୍ଟ୍ସ ବ୍ୟୁରୋ)**



କୋଚ୍ ସମଶେର ସିଂଙ୍କ ସହ ଅଭିଷେକ।

ବିଗତ ବର୍ଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ ଭାରତୀୟ ପୁରୁଷ ହକି ଦଳ ପାଇଁ ପଦାର୍ପଣ କରିଥିଲେ ଫରୱାର୍ଡ ଖେଳାଳି ଅଭିଷେକ। ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ ଓ ସୁଖଜିତ ସିଂଙ୍କ ସହିତ ଭାରତୀୟ ଫରୱାର୍ଡର ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଥିବା ବେଳେ ଚଳିତ ବିଶ୍ୱକପ୍‌ରେ ପ୍ରଥମ ଥର ପାଇଁ ଭାରତୀୟ ଦଳରେ ସାମିଲ ଅଛନ୍ତି। ତେବେ ଅଭିଷେକ ଭାରତୀୟ ଦଳ ପକ୍ଷରୁ ତଥା ହକି ଖେଳିବା ଏକ ସଂଯୋଗ ଥିଲା। ଅଭିଷେକଙ୍କ ଏହି ସଫଳତା ପଛରେ ରହିଛି ଜଣେ ଶିକ୍ଷକଙ୍କ ବଡ ଭୂମିକା। ଜଣେ ହିନ୍ଦୀ ଶିକ୍ଷକ ହକିର ପ୍ରଶିକ୍ଷକ ପାଲଟିଥିବା ବେଳେ ଅଭିଷେକଙ୍କ ପରି ଖେଳାଳିଙ୍କ ସୃଷ୍ଟି ହୋଇଥିଲା। ସାଙ୍ଗ ଦ୍ୱାରା ଅନୁପ୍ରାଣିତ ହୋଇ ଅଭିଷେକ ହକି ଖେଳ ପ୍ରତି ଆକୃଷ୍ଟ ହୋଇଥିଲେ। ପରବର୍ତ୍ତୀ ସମୟରେ ସାଙ୍ଗ ହକି ଖେଳିବା ଛାଡି ଦେଇଥିଲେ ମଧ୍ୟ ଅଭିଷେକଙ୍କ ଖେଳ ପ୍ରତି ଥିବା ଭଲପାଇବା ତାଙ୍କୁ ଆଗକୁ ବଢିବାରେ ସାହାଯ୍ୟ କରିଥିଲା। ପିଲାଦିନେ ଅଭିଷେକ ଅତ୍ୟନ୍ତ ଦୁଷ୍ଟ ସ୍ୱଭାବର ଥିଲେ। ଥରେ ହକି କୋଚ ନ ଥିବା ବେଳେ ଜାମୁ କୋଳି ଗଛ ଉପରୁ ପଡି ନିଜ ହାତ ଭାଙ୍ଗି ଦେଇଥିଲେ। ଏହା ପରେ ପରିବାର ଲୋକଙ୍କ ପକ୍ଷରୁ ହକି ଛାଡିବା ପାଇଁ ଅଭିଷେକଙ୍କ ଉପରେ ରହିଥିଲା ପ୍ରବଳ ଚାପ। ତେବେ କୋଚ୍ ସମଶେରଙ୍କ ହସ୍ତକ୍ଷେପ ପରେ ପରିବାର ଲୋକ ହକି ଖେଳିବାକୁ ଅନୁମତି ଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ପାଲଟିଥିଲା ଇତିହାସ। ଅଭିଷେକ ଭାରତୀୟ ଦଳ ପାଇଁ ୨୮ ଅନ୍ତର୍ଜାତୀୟ ମୁକାବିଲାରେ ୧୧ ଗୋଲ ସ୍କୋର କରିଛନ୍ତି। ଅଭିଷେକଙ୍କ କୋଚ ସମଶେର ପ୍ରାରମ୍ଭରୁ ଜଣେ ହିନ୍ଦୀ ଶିକ୍ଷକ ଭାବରେ ସୋନିପତର ସିଆରଜେଡ୍ ସ୍କୁଲରେ ଯୋଗ ଦେଇଥିଲେ। ସେ ସମୟରେ ସ୍କୁଲରେ ହକି ପାଇଁ କୋଚିଂ ଷ୍ଟାଫ୍ ମଧ୍ୟ ରହିଥିଲେ। ସମଶେରଙ୍କ ନିକଟରେ ହକିର ସାମାନ୍ୟ ଜ୍ଞାନ ଥିଲେ ମଧ୍ୟ ସେ କେବେ ପ୍ରଶିକ୍ଷଣ ଦେଇ ନ ଥିଲେ। ୨୦୦୫ରେ ସାଇ ପକ୍ଷରୁ ହକି କୋଚିଂ ଷ୍ଟାଫ୍‌ଙ୍କୁ ଛଟେଇ କରାଯିବା ପରେ ହିନ୍ଦୀ ଶିକ୍ଷକ ସମଶେର ସ୍କୁଲ ହକି ଦଳର ଦାୟିତ୍ୱ ନିଅନ୍ତି। ୩ ବର୍ଷ ପରେ ସମାନ ସ୍କୁଲକୁ ଆସନ୍ତି ଅଭିଷେକ। ସମଶେର ଶୃଙ୍ଖଳାକୁ ସର୍ବଦା ଗୁରୁତ୍ୱ ଦେଉଥିବା ବେଳେ ଏହାର ନଜିର ଏବେ ମଧ୍ୟ ଅଭିଷେକଙ୍କ ଜୀବନରେ ଦେଖିବାକୁ ମିଳିଥାଏ। ଜାତୀୟ ଦଳ ପାଇଁ ଖେଳିବା ପରେ ମଧ୍ୟ ଅଭିଷେକଙ୍କ ଆଚାର ବ୍ୟବହାରରେ କୌଣସି ପରିବର୍ତ୍ତନ ହୋଇ ନ ଥିବା ଅନ୍ୟ ଖେଳାଳିମାନେ କୁହନ୍ତି ବୋଲି ସମଶେର କୁହନ୍ତି।

# ସାଣ୍ଟୋସରେ ପେଲେଙ୍କ ମରଶରୀର

**ସାଣ୍ଟୋସ,୧୧ (ପି.ଟି.)**

ବ୍ରାଜିଲର କିମ୍ବଦନ୍ତୀ ଖେଳାଳି ପେଲେଙ୍କ ମୃତ ଶରୀର ସାଣ୍ଟୋସରେ ପହଞ୍ଚିଛି। ସାଣ୍ଟୋସରେ ପେଲେଙ୍କ ମୃତ ଶରୀରକୁ ସାଧାରଣ ଦର୍ଶନ ପାଇଁ ସୋମବାର ରଖାଯିବ ଏବଂ ମଙ୍ଗଳବାର ଅନ୍ତିମ ଯାତ୍ରା ସମାପ୍ତ ହେବ। ଗୁରୁବାର କ୍ୟାନ୍ସର ଲଢେଇରେ ପେଲେ ହାରିଯାଇ ପ୍ରାଣ ହରାଇଥିଲେ। ପେଲେଙ୍କ ମୃତ୍ୟୁ ପରେ ଲକ୍ଷ ଲକ୍ଷ ଚିଠି ସାଣ୍ଟୋସ ଉଦ୍ଦେଶ୍ୟରେ ଆସିଥିଲା। ସାଣ୍ଟୋସ କ୍ଲବ୍ ପାଇଁ ପେଲେ ୧୯୫୬-୧୯୭୪ ଯାଏ ଖେଳିଥିଲେ। ଏହି ସମୟରେ ୬୩୬ ମ୍ୟାଚରୁ ସେ ୬୧୮ ଗୋଲ ସ୍କୋର କରିଥିଲେ। ୧୫୪୬ ମସିହା ଜାନୁୟାରୀରେ ପର୍ତ୍ତୁଗୀଜ ଉପନିବେଶବାଦୀ ମାନେ ସାଣ୍ଟୋସ ସହର ପ୍ରତିଷ୍ଠା କରିଥିଲେ। ତେବେ ୪ ଲକ୍ଷ ୩୦ ହଜାର ଜନସଂଖ୍ୟାର ଏହି ସହରକୁ ପ୍ରସିଦ୍ଧି ଆଣି ଦେଇଥିଲେ ୧୫ ବର୍ଷର ଜଣେ ଫୁଟବଲର। ବ୍ରାଜିଲର ଷ୍ଟ୍ରାଇକର ସର୍ଗିନୋ ଚୁଲାପା ଯିଏକି ସାଣ୍ଟୋସ୍ ପାଇଁ ୧୦୦ ଗୋଲ ସ୍କୋର କରିଛନ୍ତି ସେ ମଧ୍ୟ ସମାନ ମତ ରଖିଛନ୍ତି। ପେଲେଙ୍କ ପୂର୍ବରୁ ସାଣ୍ଟୋସ୍ ଥିଲା ଏବଂ ପେଲେଙ୍କ ପରେ ମଧ୍ୟ ସାଣ୍ଟୋସ ରହିବ। ତେବେ ଉଭୟ ସହର ଓ କ୍ଲବକୁ ବ୍ରାଜିଲ ଓ ବିଶ୍ୱ ମାନଚିତ୍ରରେ ସ୍ଥାନିତ କରିବାରେ ପେଲେଙ୍କ ଭୂମିକା ପ୍ରମୁଖ ରହିଥିଲା। ସାଣ୍ଟୋସ୍ ସାଓ ପାଉଲୋ ପରି ମେଟ୍ରୋ ପଲିଟାନ୍ ସହର ନୁହେଁ ଏଠାରେ ଖେଳିବା ପାଇଁ ଅପେକ୍ଷାକୃତ କମ୍ ପଇସା ମିଳିଥାଏ। ମାତ୍ର ପେଲେଙ୍କ ଆଗମନ ପରେ ଏହି ପରସ୍ଥିତି ବଦଳି ଯାଇଥିଲା। ସେ କ୍ଲବ ପାଇଁ ୨୬ ଟାଇଟଲ ଜିତିଥିବା ବେଳେ ଦୁଇଟି ଇଣ୍ଟର କଣ୍ଟିନେଣ୍ଟାଲ କପ୍‌ରେ ମଧ୍ୟ ବିଜୟୀ ହୋଇଥିଲେ। ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାକିଓ ଲୁଲା ଡା ସିଲଭା ଏହି ସହରରେ ରହୁଥିଲେ ମଧ୍ୟ ପେଲେଙ୍କ ମ୍ୟୁଜିୟମ ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ର ରହିଥାଏ। ଦୈନିକ ୧୦ ହଜାରରୁ ଅଧିକ ଲୋକ ଏହି ସ୍ଥାନକୁ ଭ୍ରମଣ କରିଥାନ୍ତି। ସୋମବାର ସାଣ୍ଟୋସ କ୍ଲବରେ ପେଲେଙ୍କ ମରଶରୀରକୁ ସାଧାରଣ ଦର୍ଶନ ପାଇଁ ରଖାଯିବ। ମଙ୍ଗଳବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ଜଣାପଡିଛି।



ସନ୍ତୋଷ ଟ୍ରଫି ଫୁଟବଲ: କ୍ୟାପିଟାଲ ଗ୍ରାଉଣ୍ଡରେ ରବିବାର ଓଡ଼ିଶା ଓ ମେଘାଳୟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ମେଘାଳୟ ସହ ମ୍ୟାଚ ଡ୍ର ରଖିଲା ଓଡ଼ିଶା

**ଭୁବନେଶ୍ୱର, ୧୧ (କ୍ରୀଡ଼ା ପ୍ରତିନିଧି)**

ଏଠାରେ ଚାଲିଥିବା ଜାତୀୟ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟରେ ରବିବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଛି। କ୍ୟାପିଟାଲ ଫୁଟବଲ ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ମେଘାଳୟ ସହ ମ୍ୟାଚ ଡ୍ର ରଖିଛି ଓଡ଼ିଶା। ଉଭୟ ଦଳ ପକ୍ଷରୁ ୨ଟି ଲେଖାଏ ଗୋଲ ସ୍କୋର ହୋଇଥିଲା। ଏଠାରେ ପଣ୍ଡିଚେରୀ ଓ ଆଣ୍ଡାମାନ ଆଣ୍ଡ ନିକୋବର ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ମଧ୍ୟ ୧-୧ ଗୋଲରେ ଡ୍ର ରହିଥିଲା। ତେବେ ୭ମ ବାଟାଲିୟନ ପରିସରରେ ଥିବା ଓଡ଼ିଶା ଫୁଟବଲ ଏକାଡେମୀ ପଡ଼ିଆରେ ସିକ୍କିମ ୩-୦ ଗୋଲରେ ତେଲେଙ୍ଗାନାକୁ ପରାସ୍ତ କରିଛି। ମେଘାଳୟ ପଏଣ୍ଟ ଟେବୁଲର ଶୀର୍ଷରେ ରହି ଗ୍ରୁପ୍ 'ଭି'ରୁ ପରବର୍ତ୍ତୀ ରାଉଣ୍ଡ ପାଇଁ ଯୋଗ୍ୟତା ଅର୍ଜନ କରିଛି। ଦ୍ୱିତୀୟ ସ୍ଥାନରେଥିବା ଓଡ଼ିଶା ଯଦିଓ ଯୋଗ୍ୟତା ପାଇନାହିଁ ତେବେ ଆଶା ଉଜ୍ଜୀବିତ ରହିଛି।

# ବରାହୀପୁର ଫୁଟବଲ: ଗଣ୍ଡରପୁର ଚାମ୍ପିୟନ

**କଣ୍ଟାପଡା, ୧୧(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ବରାହୀପୁର ଗୋପୀନାଥ ଆଥଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ୪୦ ତମ ଦିନିକିଆ ଫୁଟବଲ ଟୁର୍ନାମେଣ୍ଟର ଫାଇନାଲରେ ଦହି ଗାଁ ଫୁଟବଲ ଟିମକୁ ୨-୦ ଗୋଲରେ ହରାଇ ଗଣ୍ଡରପୁର ଚାମ୍ପିୟନ ହୋଇଛି। ପ୍ରଥମ କ୍ୱାର୍ଟରରେ ଉଷୁମାକୁ ହରାଇ ପ୍ରହରାଜପୁର, ୨ୟ କ୍ୱାର୍ଟରରେ ପ୍ରତାପନଗରୀକୁ ହରାଇ ଦହି ଗାଁ, ୩ୟ କ୍ୱାର୍ଟରରେ ଶିବଶକ୍ତି କ୍ଲବକୁ ହରାଇ ଗଣ୍ଡରପୁର ଓ ୪ର୍ଥ କ୍ୱାର୍ଟରରେ ମାରୁ ଫୁଟବଲ କ୍ଲବକୁ ହରାଇ ରକି ଫୁଟବଲ କ୍ଲବ ସେମିଫାଇନାଲରେ ପ୍ରବେଶ କରିଥିଲା। ୧ମ ସେମି ଫାଇନାଲରେ ପ୍ରହରାଜପୁରକୁ ୧-୦ ଗୋଲରେ ହରାଇ ଦହିଗାଁ ଓ ୨ୟ ସେମି ଫାଇନାଲରେ ରକି ଫୁଟବଲ କ୍ଲବକୁ ୧-୦ ଗୋଲରେ ହରାଇ ଗଣ୍ଡରପୁର ଫାଇନାଲରେ ପ୍ରବେଶ କରିଥିଲା। ବିଜୟୀ ଓ ରନରଅପ ଦଳକୁ ଟ୍ରଫିସହ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯାଇଥିଲା। ମ୍ୟାଚଗୁଡିକୁ ସନ୍ଦୀପ ଦାସ, ସଞ୍ଜିବ ଦାସ, ପ୍ରଦୀପ ନାୟକ ଓ ପ୍ରଦୀପ ନାୟକ ପରିଚାଳନା କରିଥିଲେ।



ବରାହୀପୁର ଫୁଟବଲ ଟୁର୍ନାମେଣ୍ଟ ଚାମ୍ପିୟନ ଗଣ୍ଡରପୁର ଦଳ।

# ଚଣ୍ଡିଗଡ଼କୁ ହରାଇଲା ଓଡ଼ିଶା

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି):** ବିସିସିଆଇ ଆନୁକୂଲ୍ୟରେ ସେକ୍ଟର ୧୦ସ୍ଥିତ ବିଏସ୍‌ପି କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ୧୫ ବର୍ଷରୁ କମ୍ ମହିଳା ଦିନିକିଆ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ଚଣ୍ଡିଗଡ଼କୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରିଥିବା ଚଣ୍ଡିଗଡ଼ ୩୪.୫ ଓଭରରେ ୧୦୨ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ତଇଶା ମନ୍‌ଚାଣ୍ଡା ସର୍ବାଧିକ ୪୧ ରନ୍ କରିଥିଲେ। ଓଡ଼ିଶାର ଜାହ୍ନବୀ ଷଡ଼ଙ୍ଗୀ ୪ଟି ଓ ବିଜୟା ବେହେରା ୩ଟି ଉଇକେଟ ନେଇଥିଲେ। ୧୦୩ ରନ୍ ବିଜୟ ଲକ୍ଷ୍ୟ ନେଇ ଓଡ଼ିଶା ୨୯.୫ ଓଭରରେ ୫ ଉଇକେଟ ହରାଇ ୧୦୫ ରନ୍ ସଂଗ୍ରହ କରିନେଇଥିଲା। ଓଡ଼ିଶା ବ୍ୟାଟରଙ୍କ ମଧ୍ୟରେ ବିଜୟା ବେହେରା ୭୦ ବଲ୍‌ରୁ ୯ ଚୌକା ସହାୟତାରେ ସର୍ବାଧିକ ୫୫ ରନ୍ କରି ଅପରାଜିତ ରହିଥିଲେ।

# ସହିଦ ନଗର ଏକାଦଶ ଚାମ୍ପିୟନ

**ଭୁବନେଶ୍ୱର, ୧୧(କ୍ରୀଡ଼ା ପ୍ରତିନିଧି)**

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨୩ତମ ସଂସ୍କରଣରେ ସହିଦ ନଗର ଏକାଦଶ ଚାମ୍ପିୟନ ହୋଇଛି। ସ୍ଥାନୀୟ ଜିଜିପି ହାଇସ୍କୁଲ ପଡ଼ିଆରେ ରବିବାର ଅନୁଷ୍ଠିତ ଫାଇନାଲରେ ସହିଦ ନଗର ଦଳ ୭୩ ରନ୍‌ରେ କଟକର ମ୍ୟାଜିକ୍ ଏକାଦଶକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସହିଦ ନଗର ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ହରାଇ ୨୩୮ ରନ୍ କରିଥିଲା। ଦଳ ପକ୍ଷରୁ ସୁମନ୍ତ ସେଠୀ ୨୩ ବଲ୍‌ରୁ ସର୍ବାଧିକ ୭୨ ରନ୍ କରିଥିଲେ। ବିପକ୍ଷ ଦଳର ସୁନୀଲ ଦଳାଇ ୩ ଓଭରରେ ୩୭ ରନ୍ ଦେଇ ୩ଟି ଉଇକେଟ ନେଇଥିଲେ। ୨୩୯ ରନ୍ ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ମ୍ୟାଜିକ୍ ଏକାଦଶ ୧୨ ଓଭରରେ ୧୬୫ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। କିଶୋର ଦାସ ୨୩ ବଲ୍‌ରୁ ୭୪ ରନ୍‌ର ଦ୍ରୁତ ଇନିଂସ ଖେଳିଥିଲେ ହେଁ ଦଳକୁ ବିଜୟୀ କରାଇପାରି ନ ଥିଲେ। ବିଜୟୀ ଦଳର ବୋଲର ରଞ୍ଜିତ କୁଣ୍ଡୁ ୩ ଓଭରରେ ୩୪ ରନ୍ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ୭୦ ରନ୍ ଓ ୨ ଉଇକେଟ ନେଇ ଅଲ୍ ରାଉଣ୍ଡ ପ୍ରଦର୍ଶନ କରିଥିବା ଚାମ୍ପିୟନ ଦଳର ନିର୍ମଳ ବେହେରା ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ଭୁବନେଶ୍ୱରର ଏଏମ୍‌ଆଇ ଏକାଦଶ ଶ୍ରେଷ୍ଠ ଶୃଙ୍ଖଳିତ ଦଳ ବିବେଚିତ ହୋଇଥିଲା। ଅମ୍ପାୟର କୈଳାସ ରାଉଳ ଓ ରଜତ ଜଗଦେବ ମ୍ୟାଚ୍ ପରିଚାଳନା କରିଥିବାବେଳେ ରେଫରି ଦାୟିତ୍ୱ ସମ୍ପାଦନ କରିଥିଲେ ସମ୍ବିତ୍ ପାଇକରାୟ। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୁରେଶ କୁମାର ରାଉତରାୟ, କର୍ପୋରେଟର ସ୍ମୃତିଶିଖା ବରିସଲ, ବୁଦ୍ଧପ୍ରକାଶ ମହାପାତ୍ର, ସଞ୍ଜୟ ପାଇକରାୟ, ପ୍ରକାଶ ରାଉତରାୟ, ଜାପାନ ରାଉତରାୟ, ପ୍ରଦୀପ ବରିସଲ, ଯଜ୍ଞାଶିଷ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।



ଚାମ୍ପିୟନ ସହିଦ ଦଗର ଏକାଦଶ ଦଳର ଖେଳାଳିମାନେ ଟ୍ରଫି ସହ ଅତିଥିଙ୍କ ଗହଣରେ।



1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ